୪୫
# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ନଭେମ୍ବର ୨୬/୨୦୧୮ (୨୦ ପୃଷ୍ଠା) | Balasore, Monday, November 26/ 2018 | ★★★★

୪୫ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ପ୍ରିୟଙ୍କାଙ୍କୁ ପ୍ରି-ୱେଡ଼ିଂ ପାର୍ଟି**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ଭାବୀ ସ୍ୱାମୀ ନିକ୍ ଜୋନ୍ସଙ୍କୁ 'ଦି ସ୍କାଏ ଇଜ୍ ପିଙ୍କ୍' ଟିମ୍ ଦ୍ୱାରା ଏକ ପାର୍ଟି ଦିଆଯାଇଛି।

୧୪

୨୦

**ଭାରତକୁ ବିଜୟୀ କଲେ କୋହଲି**

ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ୩ୟ ଟି୨୦ରେ ଭାରତ ୬ ଉଇକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହ ସିରିଜ ୧-୧ରେ ଡ୍ର ରଖିଛି।





ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।

# ବାଟବଣା ଅଣପାରମ୍ପରିକ ଶକ୍ତିନୀତି

ଅନୀଲ ଦାସ

ଭୁବନେଶ୍ୱର,୨୫।୧୧

ରାଜ୍ୟରେ ବେଳକୁବେଳ ବିଦ୍ୟୁତ୍ ଶକ୍ତି ଚାହିଦା ବଢ଼ିବାରେ ଲାଗିଛି। ପାରମ୍ପରିକ ଶକ୍ତିଉତ୍ସଗୁଡ଼ିକ ଆଗାମୀ ଦିନରେ କଞ୍ଚାମାଲ ଅଭାବରୁ ଅଚଳ ହୋଇଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶକ୍ତି ସଙ୍କଟକୁ ଟାଳିବା ପାଇଁ ଦୀର୍ଘକାଳୀନ ଶକ୍ତିସମ୍ପଦ ବୃଦ୍ଧି ସକାଶେ ଅଣପାରମ୍ପରିକ ଶକ୍ତିକୁ ଆପଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟରେ ଅଣପାରମ୍ପରିକ ଶକ୍ତି ନୀତି-୨୦୧୬ କାର୍ଯ୍ୟକାରୀ କରାଯାଇଛି। ସୌରଶକ୍ତି, ବାୟୋଗ୍ୟାସ୍, ପବନ ଓ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ସହ ରାଜ୍ୟରେ ଦୀର୍ଘକାଳୀନ ଅଣପାରମ୍ପରିକ ଶକ୍ତିଉତ୍ସ ସୃଷ୍ଟି କରିବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳକୁ ହ୍ରାସ କରିବା ସହ ଦକ୍ଷ ମାନବସମ୍ବଳ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ। ଉକ୍ତ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଏବଂ ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ(ଜେଡ୍‌କଲ)କୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି।

■ ମିଳୁନାହିଁ ପ୍ରୋତ୍ସାହନ

■ ସ୍ଥାପନ ହୋଇପାରୁନି ସୌର, ପବନ, ବାୟୋଗ୍ୟାସ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ



ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ନୀତି ଏକପ୍ରକାର ବାଟବଣା ହୋଇଯାଇଛି। ଜେଡ୍‌କଲ କିମ୍ବା ଓରେଡା ଏ ଦିଗରେ ସେତେଟା ଗୁରୁତ୍ୱ ଦେଉଥିବା ଭଳି ମନେହେଉ ନାହିଁ। ରାଜ୍ୟରେ ପବନଉତ୍ସରୁ କେଉଁଠୁ ଶକ୍ତି ସଂଗ୍ରହ କରାଯାଇ ପାରିବ ସେ ନେଇ ଏ ପର୍ଯ୍ୟନ୍ତ ସର୍ଭେ ହୋଇ ନାହିଁ। ଏପରିକି ୮୪ଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସୁଯୋଗ ରହିଥିଲେ ମଧ୍ୟ ସେ ଦିଗରେ କିଛି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ରାଜ୍ୟରେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଆଗ୍ରହ ଦେଖାଉଥିବା କମ୍ପାନୀଗଡ଼ିକୁ ପ୍ରୋତ୍ସାହନ ମିଳୁନାହିଁ। ଏଥିସହିତ କାର୍ଯ୍ୟାଦେଶ ଠାରୁ ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଥିବା ସର୍ତ୍ତ ଯୋଗୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଏହାଛଡା ସୌରଶକ୍ତିକୁ ବହୁଳ ବ୍ୟବହାର କରିବା ପାଇଁ ଏଥିରେ ବ୍ୟବସ୍ଥା ରହିଥିଲେ ମଧ୍ୟ ସେ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। କେବଳ ବଲାଙ୍ଗୀର ଜିଲା ମନମୁଣ୍ଡା ଠାରେ ୨୦ ମେଗାୱାଟ୍‌ର ଏକ ସୌରଶକ୍ତି ପ୍ରକଳ୍ପ କରିବା ପାଇଁ ଯୋଜନା ହୋଇଥିବା ବେଳେ ବ୍ୟକ୍ତିଗତ ସ୍ତରରେ ଲୋକମାନେ ନିଜ ଛାତ ଉପରେ ସୌର ଶକ୍ତି ଉତ୍ପାଦନ ପାଇଁ ଥିବା ବ୍ୟବସ୍ଥାର ଫାଇଦା ନେଇପାରୁ ନାହାନ୍ତି। ସୌରଶକ୍ତି ବିକ୍ରି ନେଇ କୌଣସି ଫଇସଲା ହୋଇପାରୁ ନ ଥିବାରୁ ଅଣପାରମ୍ପରିକ ଶକ୍ତି ☞ପୃଷ୍ଠା-୪

# ରାତିଅଧିଆ ଏନ୍‌କାଉଣ୍ଟର

ଶ୍ରୀନଗର,୨୫।୧୧(ପି.ଟି.)

ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ରବିବାର ବଡ଼ ସଫଳତା ମିଳିଛି। ଭିନ୍ନ ଭିନ୍ନ ସ୍ଥାନରେ ଯବାନଙ୍କ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୫, ଜୈଶ-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ଜଣେ ଲେଖାଏ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଥିବାବେଳେ ସେନାକୁ ଟାର୍ଗେଟ କରୁଥିବା ଜଣେ ବିକ୍ଷୋଭକାରୀ ଟଳିପଡ଼ିଛନ୍ତି।

■ ୭ ଆତଙ୍କବାଦୀ ନିହତ

■ ଗୁଲିମାଡ଼ରେ ଯବାନ ଶହୀଦ

■ ଟଳିଲେ ବିକ୍ଷୋଭକାରୀ

ଶୋପିଆନ୍ ଜିଲା ହିପୁରା ବାଟାଗୁଣ୍ଡ ଗ୍ରାମରେ ଆତଙ୍କବାଦୀମାନେ ଏକ ବଡ଼ଧରଣର ଆକ୍ରମଣ ଯୋଜନା କରୁଥିଲେ। ସେମାନଙ୍କ ଉପସ୍ଥିତି ନେଇ ଶନିବାର ମଧ୍ୟରାତ୍ରିରେ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ରାଷ୍ଟ୍ରୀୟ ରାଇଫଲ୍ସ (ଆର୍‌ଆର୍), ସ୍ୱତନ୍ତ୍ର ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି), କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍), ଜମ୍ମୁ-କଶ୍ମୀର ପୋଲିସ ଏବଂ ସେନାର ତତ୍ପର ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ। ଯବାନମାନେ ଆତଙ୍କବାଦୀଙ୍କୁ ଏହାର କଡ଼ା ଜବାବ ଦେଇଥିଲେ। ସୁରକ୍ଷା ବଳର ମିଳିତ ଅପରେଶନରେ ଚାଷ ଜମି ସଂଲଗ୍ନ ☞ପୃଷ୍ଠା-୪

## ୩ ଜେକେଆଇଏସ୍ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଜମ୍ମୁ-କଶ୍ମୀରରେ ନିଜ ଉପସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ବଳ ଏହାର ମୁକାବିଲା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ଏହି କ୍ରମରେ ଶ୍ରୀନଗରରୁ ଶନିବାର ରାତିରେ ଜେକେଆଇଏସ୍‌ର ୩ ସଶସ୍ତ୍ର ଆତଙ୍କବାଦୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍। ଗିରଫ ଆତଙ୍କବାଦୀମାନେ ତାହିର ଅଲି ଖାନ୍, ହରିସ୍ ମୁସ୍ତାକ୍ ଖାନ୍ ଓ ଆସିଫ୍ ସୁହେଲ ନଦଫ୍ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମିନି ମାରାଥନବେଳେ ଜଣେ ମୃତ, ୩ ଛାତ୍ରୀ ଅସୁସ୍ଥ

ଖୋର୍ଦ୍ଧା ଅଫିସ/ନିରାକାରପୁର (ଡି.ଏନ.ଏ.)/ବାରିପଦା ଅଫିସ, ୨୫।୧୧

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଛି ପୁରୁଷ ବିଶ୍ୱକପ୍ ହକି। ଏହାର ପ୍ରଚାରପ୍ରସାର ପାଇଁ ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ପଞ୍ଚାୟତରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରବିବାର ପୂର୍ବାହ୍ନରେ ଆୟୋଜିତ ମିନି ମାରାଥନରେ ୨ଟି ଅଭାବନୀୟ ଘଟଣା ଘଟିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁଠାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୟୂରଭଞ୍ଜ ଜିଲା ଚାନ୍ଦୁଆରେ ୩ଜଣ ଛାତ୍ରୀ ଅସୁସ୍ଥ

### ଛାତ୍ରୀଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଲା ଜେଏମ୍‌ଏମ୍

ହୋଇପଡ଼ିଛନ୍ତି। ଅସୁସ୍ଥ ଛାତ୍ରୀମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

ମୃତକ ଜଣକ ହେଲେ କମାଗୁରୁ ବେଲପଦା ଆଦିବାସୀ ସାହିର କୃଷ୍ଣଚନ୍ଦ୍ର ପରିଡା(୫୩)। ଦେଖଣାହାରୀଙ୍କ କହିବାନୁଯାୟୀ, କୃଷ୍ଣ ଅନ୍ୟମାନଙ୍କ ଭଳି ମାରାଥନ ପାଇଁ ମିଳିଥିବା ଟି-ଶାର୍ଟ ପିନ୍ଧି ଦୌଡୁଥିବାବେଳେ ଅସୁସ୍ଥ ହୋଇ ତଳେ ☞ପୃଷ୍ଠା-୪

## ରାମମନ୍ଦିର ପାଇଁ 'ଧର୍ମସଭା'
## କୁମ୍ଭମେଳାକୁ ଅପେକ୍ଷା

ଅଯୋଧ୍ୟା,୨୫।୧୧

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ୧୯୯୨ ପରେ ପୁଣିଥରେ ମୁଣ୍ଡ ଟେକିଛି ଆନ୍ଦୋଳନ। ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି, ଯାହାର ରାୟ ୨୦୧୯ ଜାନୁୟାରୀରେ ପ୍ରକାଶ ପାଇପାରେ। ସଂଯୋଗବଶତଃ ସେହି ସମୟରେ ପ୍ରୟାଗରେ କୁମ୍ଭମେଳା ଅନୁଷ୍ଠିତ ହେବାକୁ ଯାଉଛି। ସାଧୁସନ୍ଥଙ୍କ ଏହି ମହାସମାବେଶରେ ରାମମନ୍ଦିର ନିର୍ମାଣର ତାରିଖ ଘୋଷଣା କରାଯିବ ବୋଲି ରବିବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ 'ଧର୍ମସଭା'ରେ ସାଧୁସନ୍ଥମାନେ ଘୋଷଣା କରିଛନ୍ତି। ଏଥିରେ ଆର୍‌ଏସ୍‌ଏସ୍, ବଜରଙ୍ଗ ଦଳ ଭଳି ଦକ୍ଷିଣପନ୍ଥୀ ସଙ୍ଗଠନ ତଥା ଭାଜପା ଓ ଶିବସେନାର ବହୁସଂଖ୍ୟକ କର୍ମୀ ସାମିଲ ହୋଇଛନ୍ତି।

(ସବିଶେଷ ରିପୋର୍ଟ ପୃଷ୍ଠା-୧୪)

**ଆଜିର ସମ୍ପାଦକୀୟ**

## 'ଅଯୋଧ୍ୟା' ଅସ୍ତ୍ର

**ଆଜିର ମନ୍ତବ୍ୟ**

" ୨୬/୧୧ ଭଳି ଆକ୍ରମଣର କଡ଼ା ମୁକାବିଲା ପାଇଁ ଭାରତୀୟ ନୌସେନା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ।

-ଆଡ୍‌ମିରାଲ ସୁନୀଲ ଲାନ୍‌ବା, ନୌସେନା ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୪-୧୫ରେ ୮୧୧ କୋଟି ଟଙ୍କାର ଖଦି ସାମଗ୍ରୀ ବିକ୍ରି ହୋଇଥିବା ବେଳେ ଏହା ୨୦୧୭-୧୮ରେ ୨୫୦୯ କୋଟି ଟଙ୍କାକୁ ବୃଦ୍ଧି ଘଟିଛି।

– ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ

NECC NATIONAL EGG CO-ORDINATION COMMITTEE | 25.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers






# ସଚିବାଳୟ ସେବା ବର୍ଗରେ ପୁନର୍ବିନ୍ୟାସ ନ ହେବା ନେଇ ଅସନ୍ତୋଷ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ରାଜ୍ୟସଚିବାଳୟସେବାବର୍ଗ(ଓଏସ୍ଏସ୍)ରେ ପଦୋନ୍ନତିବ୍ୟବସ୍ଥାର ପୁନର୍ବିନ୍ୟାସ ହେଉନାହିଁ। ଏଥିପାଇଁ କର୍ମଚାରୀମାନେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ହେଲେ ସରକାର କୌଣସି ସ୍ଥାୟୀ ପଦକ୍ଷେପ ନେଉନାହାନ୍ତି। ସାମୟିକ ଭାବେ ନିଆଯାଉଥିବା ପଦକ୍ଷେପ ଦ୍ୱାରା ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା ଅଭିଯୋଗ ହେଉଛି। ଓଡ଼ିଶା ସଚିବାଳୟ ସେବା ବର୍ଗର କର୍ମଚାରୀମାନେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି) ଦ୍ୱାରା ଚୟନ ହୋଇ ନିଯୁକ୍ତି ପାଇଥାନ୍ତି। ଏହି ସେବା ବର୍ଗ ପାଇଁ ଅତିରିକ୍ତ ଶାସନ ସଚିବ ସ୍ତର ପର୍ଯ୍ୟନ୍ତ ପଦୋନ୍ନତିର ସୁବିଧା ରହିଛି। ହେଲେ ଅଧିକାଂଶ କର୍ମଚାରୀ ଦ୍ୱିତୀୟ ଶ୍ରେଣୀ ପାହ୍ୟାରୁ ଅବସର ନେଇଥାନ୍ତି। ହାତଗଣତି କେତେଜଣ କର୍ମଚାରୀ ଶୀର୍ଷସ୍ତର ପର୍ଯ୍ୟନ୍ତ ପଦୋନ୍ନତି ପାଇଥିବା ଲକ୍ଷ୍ୟ କରାଯାଉଛି। ତୁଳନାତ୍ମକ ଭାବେ ପ୍ରଥମ ଶ୍ରେଣୀ ପାହ୍ୟାରେ ଅତି ନଗଣ୍ୟ ସଂଖ୍ୟକ ପଦ ରହିଛି। ଏହି କାରଣରୁ ଦୀର୍ଘ ୩୦ ବର୍ଷ ଚାକିରି ପରେ ମଧ୍ୟ କର୍ମଚାରୀମାନେ ପ୍ରଥମ ଶ୍ରେଣୀକୁ ପଦୋନ୍ନତି ପାଇପାରୁନାହାନ୍ତି। ଆଉ ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀ ପାହ୍ୟାରେ ଅତିକମ୍‌ରେ ୧୫ ପ୍ରତିଶତ ପଦ ସୃଷ୍ଟି କରିବାକୁ ନିକଟରେ ସରକାରଙ୍କୁ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ସେହିଭଳି ନୂତନ ପଦ ସୃଷ୍ଟି ପାଇଁ ଦାବି ନ କରି ଉପବିଭାଗ ଅଧିକାରୀ ଓ ଡେସ୍କ ଅଫିସରସ୍ତରରେ ଥିବା ବଳକା ପଦକୁ ଉଚ୍ଛେଦ କରି ନୂତନ ପଦ ସୃଷ୍ଟି ପାଇଁ ଦାବି ହୋଇଥିଲା।

ଗୃହ ବିଭାଗର ଉଦ୍ୟମକ୍ରମେ ଗୃହ ସଚିବ, ଅର୍ଥ ସଚିବ ଏବଂ ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଉପରୋକ୍ତ ଦାବି ସମ୍ପର୍କରେ ତର୍ଜମା ମଧ୍ୟ କରିଥିଲା। ସମ୍ପୃକ୍ତ ନଥି ପ୍ରାୟ ୪ ମାସ ଅର୍ଥ ବିଭାଗରେ ପଡ଼ି ରହିଥିଲା। ନିକଟରେ ତାହା ଅର୍ଥ ବିଭାଗର ଅନୁମୋଦନ ପାଇ ସାଧାରଣ ବିଭାଗକୁ ଆସିଛି। ଜନୈକ କର୍ମଚାରୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପ୍ରଥମ ଶ୍ରେଣୀ ପାହ୍ୟାରେ ଖୁବ୍ କମ୍ ପଦ ସୃଷ୍ଟି ପାଇଁ ମଞ୍ଜୁର କରାଯାଇଛି। ଅପରପକ୍ଷରେ ପୂର୍ବରୁ ଉପବିଭାଗ ଅଧିକାରୀ ଓ ଡେସ୍କ ଅଫିସରସ୍ତରରେ ଆବଶ୍ୟକଠାରୁ ଅଧିକ ପଦ ରହିଥିଲେ ହେଁ ପୁନଶ୍ଚ ସେଠାରେ ଅଧିକ ପଦ ସୃଷ୍ଟି ପାଇଁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ଅଧିକ ଏଏସ୍ଓ ପଦ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯଦି ପଦବୀ ଉଚ୍ଛେଦ କରାଯାଏ, ତେବେ ଆଗାମୀ ଦିନରେ ସଚିବାଳୟ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଜନୈକ ପ୍ରଶାସନିକ ସମୀକ୍ଷକଙ୍କ କହିବାନୁଯାୟୀ, ସରକାର ଅନ୍ୟ ବର୍ଗରେ ଉପର ସ୍ତରରେ ନୂତନ ପଦବୀ ସୃଷ୍ଟି କରୁଛନ୍ତି। ଅପରପକ୍ଷରେ ସଚିବାଳୟ ସେବା ବର୍ଗ ପାଇଁ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବିତ କ୍ୟାଡର ପୁନର୍ବିନ୍ୟାସକୁ କର୍ମଚାରୀ ଗ୍ରହଣ କରିପାରୁନାହାନ୍ତି। ନିର୍ବାଚନ ବର୍ଷ ହୋଇଥିବାରୁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ସେବାସଂଘ ଆନ୍ଦୋଳନକୁ ଓହ୍ଲାଇବାର ଯଥେଷ୍ଟ ସମ୍ଭାବନା ରହିଛି।




■ ବାଇକକୁ ଧକ୍କା ଦେଇ ଓଲଟିଲା ବସ

# ୩ ମୃତ, ୨୦ ଗୁରୁତର


ଓଲଟି ପଡିଥିବା ବସ୍

**ବାରିପଦା ଅଫିସ,୨୫।୧୧**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥର ବାଲିଆ ଛକ ନିକଟରେ ରବିବାର ଅପରାହ୍ନ ୩ଟାରେ ଏକ ଘରୋଇ ବସ ବାଇକକୁ ଧକ୍କା ଦେଇ ଭାରସାମ୍ୟ ହରାଇବାରୁ ଓଲଟି ପଡିଥିଲା। ଘଟଣା ସ୍ଥଳରେ ବାଇକ ଚାଳକଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ୨୦ରୁ ଊର୍ଦ୍ଧ୍ୱ ବସ୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

ସ୍ଥାନୀୟ ଲୋକଙ୍କ ସହାୟତାରେ ଦମକଳ ବାହିନୀ ଆହତମାନଙ୍କୁ ବାରିପଦା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଝାରପୋଖରିଆ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ ରାଇରଙ୍ଗପୁର ଅଞ୍ଚଳର ବାଇକ ଚାଳକ ସତ୍ୟ ନାରାୟଣ ବେରା(୩୦) ନିଜ ଖୁଡୀଙ୍କୁ ଧରି ବାରିପଦା ଅଭିମୁଖେ ଆସୁଥିଲେ। ବାରିପଦାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ସ୍ୱର୍ଣ୍ଣଲକ୍ଷ୍ମୀ (ନଂ. ଓଡି୧୧କେ-୨୯୮୫) ବସ୍ ତାଙ୍କୁ ବାଲିଆ ଛକରେ ସତ୍ୟନାରାୟଣଙ୍କ ବାଇକ୍‌କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଘଟଣା ସ୍ଥଳରେ ବାଇକ ଚାଳକ ଓ ବସ ହେଲପରଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଥିବା ବାଇକ୍ ଆରୋହୀଙ୍କ ଖୁଡୀଙ୍କର ବାରିପଦା ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ବସ ଡ୍ରାଇଭରଙ୍କୁ ଗିରଫ କରିବାକୁ ଦାବି କରି ୩ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଝାରପୋଖରିଆ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମୃତ ହେଲପରଙ୍କ ପରିଚୟ ମିଳିପାରି ନାହିଁ।

# ନଦୀରେ ବୁଡ଼ି ୨ ମୃତ

**ତୁମୁଡିବନ୍ଧ,୨୫।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ମାଲିପଡା ଗ୍ରାମ ନିକଟ ରାଉଲ ନଦୀରୁ ରବିବାର ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ହେଲେ ସିର୍ଲା ପଞ୍ଚାୟତ ବିରିମିଲା ଗ୍ରାମର କବି ମୁଠାମାଝୀ (୪୦) ଓ ପ୍ରମୋଦ ପାଢମାଝୀ (୪୦)। ତୁମୁଡିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୨/୧୮ ଓ ୩/୧୮ରେ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନଦୀରେ ବୁଡି ଉଭୟଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

ପ୍ରକାଶ ଯେ, ଶୁକ୍ରବାର କବି ଓ ପ୍ରମୋଦ ମାଲିପଡା ଗ୍ରାମକୁ ମୂଲ ଲାଗିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ରବିବାର ସକାଳୁ ମାଲିପଡା ଗ୍ରାମ ନିକଟ ରାଉଲ ନଦୀରେ କବିଙ୍କ ମୃତଦେହ ଭାସୁଥିବା କେତେଜଣ ଲୋକ ଦେଖିଥିଲେ। ଖବର ପାଇ ବିରିମିଲା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରମୋଦ ମଧ୍ୟ ବୁଡି ଯାଇଥିବା ସନ୍ଦେହ କରି ଲୋକେ ନଦୀରେ ଖୋଜାଖୋଜି କରିବାରୁ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ନଦୀକୁ ଯିବା ରାସ୍ତା ଖାଲଖମା ଥିବାରୁ ଗୋଡ ଖସିଯିବାରୁ ଗଭୀରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଠିକ୍ କାରଣ ଜଣାପଡିବ ବୋଲି ଏଏସ୍ଆଇ ଯୁଗଳ କିଶୋର ନାୟକ କହିଛନ୍ତି।

ଓଡ଼ିଶା କୋଇଲା ରାଜ୍ୟ ଶିଳ୍ପ ପାଇଁ ବିନିଯୋଗ କରାଯାଉ

# ଆଜି ବିସ୍ଥାପିତ ସଚେତନ ସମିତିର ଗଣବିକ୍ଷୋଭ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ଓଡ଼ିଶା କୋଇଲାକୁ ରାଜ୍ୟର ଶିଳ୍ପ ବିନିଯୋଗ କରାଯାଉ। ସି.ଏସ୍.ଆର୍. ଅର୍ଥକୁ ୨ପ୍ରତିଶତରୁ ୨୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବା ଆବଶ୍ୟକ। ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ବିସ୍ଥାପିତ କରାଯାଇଥିବା ଲୋକମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉ ବୋଲି ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଉତ୍କଳ ସାମ୍ବାଦିକ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ଆବାହକ ତଥା ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ନବ କିଶୋର ଦାସ କହିଛନ୍ତି ଯେ, ଏହି ୩ଟି ଦାବି ନେଇ ସୋମବାର ଦିନ ୧୧ଟା ସମୟରେ ଲୋୟର ପିଏମ୍‌ଜିଠାରେ ବିଶାଳ ଗଣବିକ୍ଷୋଭ କରାଯିବ। ଝାରସୁଗୁଡା, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲାର ବହୁ ଲୋକଙ୍କୁ ପ୍ରଥମେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମହାନଦୀ କୋଇଲା ଖଣି ଓ ଅନ୍ୟାନ୍ୟ କାରଣରୁ ବିସ୍ଥାପିତ କରାଯାଇଛି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବାର ଆବଶ୍ୟକତା ଥିବାବେଳେ ତାହା ହେଉନାହିଁ। ବର୍ତ୍ତମାନ ଏହି ଅଞ୍ଚଳରେ ଥିବା ବିଭିନ୍ନ କାରଖାନାଗୁଡିକ କଞ୍ଚାମାଲ ଅଭାବରୁ ବନ୍ଦ ହେବାରେ ଲାଗିଛି। ରାଜ୍ୟରେ ବର୍ଷକୁ ୧୪୦ ମିଲିୟନ୍ ଟନ୍ କୋଇଲା ଉତ୍ତୋଳନ ହେଉଛି। ରାଜ୍ୟରେ ଥିବା ଶିଳ୍ପ ପାଇଁ ସେଥିରୁ ପ୍ରତ୍ୟେକ ବର୍ଷ ୭୬ମିଲିୟନ ଟନ୍ କୋଇଲାର ଆବଶ୍ୟକତା ରହୁଛି, ଯାହା ଏମ୍‌ସିଏଲ ପକ୍ଷରୁ ସହଜରେ ଦିଆଯାଇପାରିବ। ହେଲେ ଏମ୍‌ସିଏଲ ପକ୍ଷରୁ ରାଜ୍ୟକୁ ୪୦ପ୍ରତିଶତ କୋଇଲା ଦିଆଯାଉଥିବା ବେଳେ ବାକି ୧୦୦ପ୍ରତିଶତ କୋଇଲା ବାହାର ରାଜ୍ୟକୁ ପଠାଯାଉଛି। ଶେଷ ୩ରୁ ୪ବର୍ଷ ହେବ କୋଇଲା ଉତ୍ତୋଳନ ମଧ୍ୟ ବୃଦ୍ଧି ପାଇନାହିଁ। ଏଥିରେ ରାଜ୍ୟ ସରକାର ମେକ୍ ଇନ୍ ଓଡିଶା କନକ୍ଲେଭ୍ ଆୟୋଜନ କରି ବାହାର କମ୍ପାନୀକୁ ଏଠାରେ ଅର୍ଥ ନିବେଶ କରିବାକୁ ଆହ୍ୱାନ କରୁଛନ୍ତି। ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ଜୀବିକା ଅର୍ଜନ କରୁଥିବା ଏଠିକାର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଆଗାମୀ ଦିନରେ ପରିସ୍ଥିତି କ'ଣ ହେବ ସେଥିପାଇଁ ଦୁଶ୍ଚିନ୍ତାଗ୍ରସ୍ତ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ତଥା ବିସ୍ଥାପିତ ସଚେତନ ସମିତି ଆବାହକ ନବ କିଶୋର ଦାସ କହିଛନ୍ତି।




## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.):** ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡା ବନାଞ୍ଚଳ ବସନ୍ତୁର ଗ୍ରାମରେ ଭାଲୁ ଆକ୍ରମଣରେ ଗଗନ ବିହାରୀ ଧଳ(୬୦) ଗୁରୁତର ହୋଇଛନ୍ତି। ସକାଳେ ପ୍ରାୟ ୭ଟାରେ ସେ ଘର ପାଖ କାଜୁ ବଗିଚାରେ ସାର ଦେବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଗଗନ ଗୁରୁତର ଅବସ୍ଥାରେ ଘରକୁ ପଳାଇ ଆସିଥିଲେ। ତାଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଛି। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

# ଯୁବକଙ୍କୁ ଗୁଳିକରି ହତ୍ୟା

- ଶ୍ରୀଶ୍ରୀ ୟୁନିଭର୍ସିଟିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ସୁନୀଲ
- ପ୍ରେମ କିମ୍ବା ପୂର୍ବଶତ୍ରୁତା ସନ୍ଦେହ
- ଗୁଳିକାଣ୍ଡରେ ଚିହ୍ନା ପରିଚିତ ଲୋକ ସମ୍ପୃକ୍ତ: ଡିସିପି

**ବାରଙ୍ଗ,୨୫।୧୧(ଡି.ଏନ୍.ଏ.)**

କାର୍ତ୍ତିକେଶ୍ୱର ପୂଜା ପାଇଁ କଟକ ଜିଲା ବାରଙ୍ଗ ଅଞ୍ଚଳ ଚଳଚଞ୍ଚଳ ଥିବା ବେଳେ ରବିବାର ପୂର୍ବାହ୍ନରେ ଗୋଡ଼ିସାହି ଫାଣ୍ଡିଠାରୁ ମାତ୍ର ଅଳ୍ପ କିଛି ଦୂରରେ ଘଟିଛି ଏକ ଗୁଳିକାଣ୍ଡ। କଟକ-ବାଙ୍କୀ ମୁଖ୍ୟରାସ୍ତାର ଗୋଡ଼ିସାହି ଫାଣ୍ଡି ନିକଟ ହନୁମାନ ମନ୍ଦିର ପାଖରେ ଦୁଇଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଉପରକୁ ୩ ରାଉଣ୍ଡ ଗୁଳିକରି ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସମ୍ବଲପୁରର ସୁନୀଲ ରଞ୍ଜନ ସାହୁ, ସେ ସ୍ଥାନୀୟ ଶ୍ରୀଶ୍ରୀ ୟୁନିଭର୍ସିଟିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଖବର ପାଇ କଟକ ଡିସିପି ଅଖିଳେଶ୍ୱର ସିଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୁନୀଲ ତାଙ୍କ ବାଇକ୍(ନଂ. ଓଆର୍୨୮-୧୨୭୯)ରେ ଆସି ଗୋଡ଼ିସାହି ଫାଣ୍ଡି ପାଖ ଛକରେ ଏକ ଦୋକାନରୁ ଚା' ପିଉଥିଲେ। ଏହାର କିଛି ସମୟ ପରେ ଏକ ହୋଣ୍ଡା ଆକ୍ଟିଭା ଗାଡ଼ିରେ ହେଲ୍‌ମେଟ ପିନ୍ଧିଥିବା ଦୁଇଜଣ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ସୁନୀଲଙ୍କୁ ହନୁମାନ ମନ୍ଦିର ପାଖକୁ ଡାକିନେଇ କଥା ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ ଆରମ୍ଭରୁ ଯୁକ୍ତିତର୍କ ହୋଇଥିବା ଏବଂ ପରେ ଘଟଣାସ୍ଥଳରୁ ୩ ରାଉଣ୍ଡ ଗୁଳିଶବ୍ଦ ଶୁଭିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ବ୍ୟବସାୟୀ କହିଛନ୍ତି। ହେଲ୍‌ମେଟ ପିନ୍ଧା ଯୁବକଦ୍ୱୟ ସୁନୀଲଙ୍କ ଉପରକୁ ଗୁଳି ଚଳାଇ ଆଖି ପିଛୁଳାକେ ଫାଣ୍ଡି ରାସ୍ତା ଅତିକ୍ରମ କରି ଫେରାର ହୋଇଯାଇଥିଲେ। ତାଙ୍କ ମୁଣ୍ଡ, ଛାତି ଓ ହାତରେ ୩ଟି ଗୁଳି ବାଜିଥିଲା। ଘଟଣାସ୍ଥଳଠାରୁ ମାତ୍ର ୫୦ମିଟର ଦୂରରେ ଗୋଡ଼ିସାହି ଫାଣ୍ଡି ରହିଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ କିଛି ଜାଣିପାରି ନ ଥିଲା। କେତେଜଣ ବ୍ୟବସାୟୀ ଆସି ସୁନୀଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରାସ୍ତା ଉପରକୁ ଆଣିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସୁନୀଲଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏ ସଂକ୍ରାନ୍ତରେ ନଂ. ୧୯୪/୧୮ରେ ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବଶତ୍ରୁତା କିମ୍ବା ପ୍ରେମଜନିତ କାରଣରୁ ଏହି ଗୁଳିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ସୁନୀଲଙ୍କୁ ତାଙ୍କର ଚିହ୍ନା ପରିଚିତ ଲୋକ ଗୁଳି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଡିସିପି କହିଛନ୍ତି। ଘଟଣାସ୍ଥଳରୁ ତାଙ୍କ ଚପଲ, ହେଲ୍‌ମେଟ ଓ ବାଇକ୍‌କୁ ପୋଲିସ ଜବତ କରିବା ସହ ଶ୍ରୀଶ୍ରୀ ୟୁନିଭର୍ସିଟି ଯାଇ ସେଠାରେ କେତେଜଣ ପିଲାଙ୍କୁ ଏ ନେଇ ପଚରାଉଚରା କରିଛି।




# ୨୦୧୯ ନିର୍ବାଚନ ଲଢ଼ିବ ଏଏଚ୍‌ପି

- ରାମ ମନ୍ଦିର ନିର୍ମାଣରେ କେନ୍ଦ୍ର ସରକାରଙ୍କ ପଛଘୁଞ୍ଚାକୁ ନିନ୍ଦା
- ସମାନ ନାଗରିକ ସଂହିତା ପ୍ରସ୍ତୁତ କରାଯାଉ
- ବାଂଲା ଅନୁପ୍ରବେଶକାରୀଙ୍କୁ ତୁରନ୍ତ ହଟାଯାଉ

**ପୁରୀ ଅଫିସ,୨୫।୧୧**

ହିନ୍ଦୁ ବହୁଳ ରାଷ୍ଟ୍ର ଭାରତରେ ହିନ୍ଦୁମାନେ ସବୁବେଳେ ଉପେକ୍ଷିତ ହେଉଛନ୍ତି। ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଉଦ୍ୟମ ହେଉଛି। ଦୈନିକ ଲକ୍ଷ ଲକ୍ଷ ଗୋରୁଙ୍କୁ ହତ୍ୟା କରାଯାଉଛି। ଅଯୋଧ୍ୟା ରାମ ମନ୍ଦିର ନିର୍ମାଣରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି। ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ମତ ଦେଉ ନ ଥିବାରୁ ଏହାକୁ ତୀବ୍ର ନିନ୍ଦା କରି ଛି ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ (ଏଏଚ୍‌ପି)। ରାମ ମନ୍ଦିର ପାଇଁ ଏଏଚ୍‌ପି ଆନ୍ଦୋଳନକୁ ଓହ୍ଲାଇବା ସହ ଏପରି ଆଭିମୁଖ୍ୟ ରଖୁଥିବା ସରକାରକୁ ଚ୍ୟାଲେଞ୍ଜ ଦେବାକୁ ରାଜନୀତିକୁ ଆପଣାଇବ। ଆସନ୍ତା ୨୦୧୯ରେ ନିର୍ବାଚନ ଲଢ଼ିବାକୁ ଏଏଚ୍‌ପି ପ୍ରସ୍ତୁତ ରହିଛି ବୋଲି ଏଏଚ୍‌ପିର ଅଖିଳ ଭାରତ ସଙ୍ଗଠନ ସମ୍ପାଦକ ମହାବୀର ଜୀ ଓ ବଜରଙ୍ଗ ଦଳର ରାଷ୍ଟ୍ରୀୟ ସହପ୍ରମୁଖ ଯତୀନ ସ୍ୱାଇଁ କହିଛନ୍ତି।

ରବିବାର ପୁରୀର ଗୋଏଙ୍କା ଧର୍ମଶାଳାରେ ଏଏଚ୍‌ପି ଓଡ଼ିଶା ପୂର୍ବପ୍ରାନ୍ତର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ଜୀ କହିଲେ, ଭାରତରେ ସମାନ ନାଗରିକ ସଂହିତା ପ୍ରସ୍ତୁତ କରାଯାଉ। ଜମ୍ମୁ କଶ୍ମୀରରୁ ବିତାଡିତ ହିନ୍ଦୁ ପଣ୍ଡିତଙ୍କୁ ପୁନଃ ଥଇଥାନ ସହ ୩୭୦ ଧାରା ଉଚ୍ଛେଦ ଓ ଦେଶରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ହଟାଯାଉ। ଧାର୍ମିକ ପୀଠ, ମଠ ମନ୍ଦିରକୁ ସରକାରୀ ଅଧୀନ ମୁକ୍ତ କରାଯିବା ସହ ସଂଖ୍ୟାଲଘୁଙ୍କ ନାଁରେ ଆର୍ଥିକ ଅନୁଦାନ ବନ୍ଦ ଓ ସମସ୍ତ ଗରିବ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଉ ବୋଲି ମହାବୀର ଜୀ କହିଛନ୍ତି।

ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଯତୀନ ସ୍ୱାଇଁ କହିଲେ, ରାମ ରାଜ୍ୟ ପରିବର୍ତ୍ତେ ଦେଶରେ ରାବଣରାଜ୍ ଚାଲିଛି। ହଜାର ହଜାର ବର୍ଷର ସନାତନ ସଂସ୍କୃତି ଆଜି ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଅଖଣ୍ଡ ଭାରତର ପରିକଳ୍ପନା ଆଜି ସ୍ୱପ୍ନରେ ରହିଯାଇଛି। ଏଣୁ ଏକ ସୁଦୃଢ଼ ବୈଭବଶାଳୀ ହିନ୍ଦୁ ରାଷ୍ଟ୍ର ନିର୍ମାଣ ପାଇଁ ଏଏଚ୍‌ପିର ପ୍ରତିଷ୍ଠାତା ଡା. ପ୍ରବୀଣ ଭାଇ ତୋଗାଡିଆ ଆସନ୍ତା ଜାନୁୟାରୀରେ ଏକ ହିନ୍ଦୁ ରାଜନୈତିକ ଦଳର ଘୋଷଣା କରିବେ। ୨୦୧୯ ସାଧାରଣ ନିର୍ବାଚନରେ ସାରା ଭାରତରେ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରୀୟ ବିଚାର ପ୍ରାର୍ଥୀ ଦିଆଯିବ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ଛାତ୍ର ପରିଷଦର କ୍ଷେତ୍ରୀୟ ପ୍ରମୁଖ ଲକ୍ଷ୍ମୀ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଯୁବ ସଂଗଠକ କୃଷ୍ଣଚନ୍ଦ୍ର ପାଢ଼ୀ, ଅନିଲ କୁମାର ସାହୁ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ଜିଲା ସଭାପତି ରାମଚନ୍ଦ୍ର ମିଶ୍ର, ପବିତ୍ର ଦାଶ, ଅଭିଷେକ ମିଶ୍ର, ରାଜ ପୂଜାପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ବୈଠକରେ ପ୍ରାନ୍ତର ବିଭିନ୍ନ ଜିଲାର କାର୍ଯ୍ୟକାରିଣୀ ସଦସ୍ୟ, ବୁଦ୍ଧିଜିବୀ, ବିଦ୍ୟାର୍ଥୀ, ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

# ଫୁଲବାଣୀ, ଦାରିଙ୍ଗବାଡ଼ିରେ ଖସୁଛି ପାରଦ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ସାରା ରାଜ୍ୟରେ ଘନ କୁହୁଡ଼ି ସହ ଶୀତ ଅନୁଭୂତ ହେଲାଣି। ସକାଳ ୮ଟା ପର୍ଯ୍ୟନ୍ତ କୁହୁଡି ପଡୁଥିବାବେଳେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ବିଶେଷକରି ଫୁଲବାଣୀ ଏବଂ ଦାରିଙ୍ଗବାଡ଼ିରେ ପାରଦ ଖସିବାରେ ଲାଗିଛି। ଗତ ଶନିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରହିଥିବାବେଳେ ରବିବାର ୯ଡିଗ୍ରୀକୁ ଖସି ଆସିଛି। ଫୁଲବାଣୀରେ ମଧ୍ୟ ସର୍ବନିମ୍ନ ତାପମାତ୍ର ୯ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ଆଗକୁ ପାରଦ ଆହୁରି ନିମ୍ନଗାମୀ ହୋଇ ଶୀତ ବଢ଼ିବା ସମ୍ଭାବନା ରହିଛି। ସେହିପରି କୋରାପୁଟ, ଅନୁଗୋଳ, ଭାବନୀପାଟଣା, ଟିଟିଲାଗଡ଼, ମାଲକାନଗିରି, ସୋନପୁର, ସୁନ୍ଦରଗଡ଼ ଆଦି ସହରରେ ତାପମାତ୍ରା ୧୦ରୁ ୧୨ ଡିଗ୍ରୀ ମଧ୍ୟରେ ରହିଛି। ଆଗାମୀ ୩/୪ ଦିନ ପରେ ଶୀତର ପ୍ରକୋପ ବଢ଼ିବ। ଏପରିକି କେତେକ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀକୁ ଖସି ଆସିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦିଦେବ
ପରିବାରବର୍ଗ


ରିଓ
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

**automobile**

**SALE**

Innova 2012 6+1 Dzire VDI 2015 immediate sale. 8599843131, 8984915715. D-9614

**real estate**

**SALE**

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Hando-ver within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65192

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଆଉ 4ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64383

2000 sqft. plot (10nos) at Sankarpur, Vipul Garden backside, Ghatikia, Bhubaneswar ( Electricity, supply water 30' road): 7381564227. D-65080

**AFFIDAVIT**

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଟକ ସଦରଙ୍କ ନିକଟରେ ତା୨୪।୧୧।୨୦୧୮ ରିଖରେ ଶପଥପାଠରେ ମୋର ସାଙ୍ଗିଆ ପରିବର୍ତ୍ତନକରି Manoj Kumar Naik ପରିବର୍ତ୍ତେ Manoj Kumar Nayak ହୋଇଛି। ଏହା ସମସ୍ତ ଉଦ୍ଦେଶ୍ୟ, ନଥିପତ୍ରରେ କାର୍ଯ୍ୟକାରୀ ହେବ। ଧ-୯୬୬୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**1st Birthday Wish**


(Rio)
**Saharsh Mohanty**
(Bramheswar Bagh, Bhubaneswar)
May God Bless you with lots of love and affection. Happy first Birthday Saharsh (Rio). Wishes from: Papa, Mama, Jeje, Maa, Aja, Aai, Peisa, Peisi, Little, Tapu, Mamuni, Misha, Dipun & Puppet. D-9640

**Birthday Wish**


(Pintu)
**Jyoti Ranjan Lenka**
On your birthday, I wish all your dreams come true and you get everything in life that makes you happy wishing you a Happy Birthday.
**Best wishes from**
**DUFFERI**
D-65199


## ପଲିଥିନମୁକ୍ତ ପରିବେଶ ପାଇଁ ସଚେତନ କଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ରବିବାର ଏନ୍‌ସିସି ଦିବସପାଳିତ ହୋଇଯାଇଛି। ଏହି ଅବସରରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡ. ମୀନକେତନ କ୍ୟାଡେଟ୍‌ମାନଙ୍କୁ ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ନିଷ୍ଠା ଓ ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏନ୍‌ସିସି ଥାର୍ଡ ଅଫିସର ରଶ୍ମି ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ୫୦ କ୍ୟାଡେଟ୍ ପଟିଆ, ଇନ୍‌ଫୋସିସ୍ ରୋଡ୍, ଶିଖରଚଣ୍ଡୀ, କିଟ୍ ଛକ ଦେଇ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ 'ଗୋ ଗ୍ରୀନ୍ ଗୋ କ୍ଲିନ୍' ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କ୍ୟାଡେଟ୍‌ମାନେ ପଲିଥିନମୁକ୍ତ ସ୍ୱଚ୍ଛ ପରିବେଶ ଗଠନ ପାଇଁ ଲୋକଙ୍କୁ ବୁଝାଇଥିଲେ। ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

■ କିଟ୍ କ୍ୟାମ୍ପସ୍‌ରେ ସଂଘର୍ଷ ଘଟଣା

# ପୋଲିସ ନୀରବତାକୁ ଦାୟୀ କଲେ ଛାତ୍ରୀଛାତ୍ର

■ ଖବର ଦେବା ପରେ ତୁରନ୍ତ ପହଞ୍ଚି ନ ଥିଲା ପୋଲିସ
■ ୫ ଛାତ୍ର ଅଟକ, କ୍ୟାମ୍ପସରେ ଉତ୍ତେଜନା ଜାରି

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୨ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା ପାଇଁ ଇନ୍‌ଫୋସିଟି ଥାନା ପୋଲିସକୁ ଦାୟୀ କରିଛନ୍ତି ଅନେକ ଛାତ୍ରୀଛାତ୍ର। ଶନିବାର ଗଣ୍ଡଗୋଳ ଘଟଣାର ଘଣ୍ଟାଏ ପୂର୍ବରୁ କେତେଜଣ ଆଇନ ଛାତ୍ର ଇଞ୍ଜିନିୟରିଂ କଲେଜ କୋଠାକୁ ଟେକାପଥର ମାଡ଼ କରିଥିଲେ। ଏ ନେଇ କେତେଜଣ ଛାତ୍ର ଇନ୍‌ଫୋସିଟି ପୋଲିସକୁ ଖବର ଦେଇଥିଲେ। କିନ୍ତୁ ପୋଲିସ ସେ ସମୟରେ ନ ଆସି ମାରପିଟ୍ ଘଟିବା ପରେ ଆସିଥିଲା ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, କିଟ୍ ଲ' କଲେଜର ଆଇନ ଛାତ୍ରୀଙ୍କୁ ଜଣେ ଇଞ୍ଜିନିୟରିଂ ଛାତ୍ର କମେଣ୍ଟ କରିବାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ଘଟିଥିଲା। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ୧୫ରୁ ଉର୍ଦ୍ଧ୍ୱ ଆଇନ ଛାତ୍ର ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରେ ପହଞ୍ଚି ପ୍ରଥମେ ଭଙ୍ଗାରୁଜା କରିବା ସହ କଲେଜର କାଚ ଝରକା କବାଟକୁ ଟେକା ପଥର ମାଡ଼ ମାରିଥିଲେ। ସେତେବେଳେ ପୋଲିସକୁ ଖବର ଦିଆଯାଇଥିଲେ ହେଁ କେହି ପହଞ୍ଚି ନ ଥିଲେ। ପରେ ଉତ୍ତ୍ୟକ୍ତ ଛାତ୍ରମାନେ ଅପରାହ୍ନ ପ୍ରାୟ ୫ଟାରେ ଉକ୍ତ ଇଞ୍ଜିନିୟରିଂ ଛାତ୍ରଙ୍କୁ କାଠ ଫାଳିଆ, ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଛାତ୍ରମାନେ ଆକ୍ରମଣର ଶିକାର ହୋଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ଥାନା ଅଧିକାରୀ ବିଜୟିନୀ ସିଂ କହିଛନ୍ତି, ଖବର ମିଳିବା ପରେ ପୋଲିସ ଠିକ୍ ସମୟରେ ପହଞ୍ଚିଛି। ପୋଲିସ ପକ୍ଷରୁ କୌଣସି ଅବହେଳା କରାଯାଇ ନାହିଁ।

ରବିବାର ଘଟଣା ସଂକ୍ରାନ୍ତରେ ଥାନାରେ ଦୁଇ ପକ୍ଷଙ୍କ ନାମରେ ପୃଥକ ମାମଲା(୨୦୩/୧୮ ଓ ୨୦୪/୧୮) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ୫ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି। ଫେରାର ଥିବା ଅନ୍ୟ ଛାତ୍ରମାନଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ ଜବତ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଛାତ୍ରଙ୍କ ମଧ୍ୟରେ ଅଧିକାଂଶ ଅଣଓଡ଼ିଆ ହୋଇଥିବାବେଳେ ଗିରଫଦାରି ଭୟରେ ସେମାନେ ଘରକୁ ଚାଲିଯାଇଥିବା ଜଣାପଡ଼ିଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସିସିଟିଭି ଫୁଟେଜ ଆଧାରରେ ଗଣ୍ଡଗୋଳରେ ସମ୍ପୃକ୍ତ ଛାତ୍ରଙ୍କୁ ଗିରଫ କରାଯିବ। ଆମେ କିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗଯୋଗରେ ଅଛୁ। ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଅନ୍ୟପଟେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବିଶ୍ୱବିଦ୍ୟାଳୟକୁ ସାଇନ-ଏ-ଡାଏ ଘୋଷଣା କରାଯାଇ ନାହିଁ। କଲେଜ ସ୍ୱାଭାବିକ ଭାବେ ଚାଲିଛି। ପ୍ରତିଷେଧମୂଳକ ପଦକ୍ଷେପ ଭାବେ କେବଳ ୨ଟି ଛାତ୍ରାବାସକୁ ଖାଲି କରାଯାଇଛି। କୌଣସି ଛାତ୍ର ଆଇସିୟୁରେ ନାହାନ୍ତି। ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ମିଥ୍ୟା। ସମସ୍ତଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି।

## ଏୟାର ଓଡ଼ିଶା ବଦଳରେ ନୂଆ ସଂସ୍ଥା ଖୋଜୁଛି କେନ୍ଦ୍ର

**ଜୟପୁରରୁ ଉଡ଼ାଣ ପ୍ରସଙ୍ଗ**
■ ଜାନୁଆରୀ ସୁଦ୍ଧା ନୂଆ ବିଡ୍ ସରିବ: ଉଷା ପାଢ଼ୀ

ଜୟପୁର,୨୫।୧୧(ନି.ପ୍ର./ଡି.ଏନ୍.ଏ.)

କେନ୍ଦ୍ର ଉଡ଼ାଣ ଯୋଜନାରେ ସାମିଲ ହୋଇ ବିଫଳ ହୋଇଥିବା ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ ପରେ ମୁହଁ ଖୋଲିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ସଚିବ ଉଷା ପାଢ଼ୀ । ରବିବାର ଜୟପୁର ଏୟାରପୋର୍ଟ ଉନ୍ନୟନ କାର୍ଯ୍ୟ ସମୀକ୍ଷା ପରେ ସେ କହିଛନ୍ତି ଯେ ବିଭାଗର ଚୁକ୍ତି ମୁତାବକ ଏୟାର ଓଡ଼ିଶା ସେବା ଯୋଗାଇ ନ ଥିବାରୁ ଲାଇସେନ୍ସ ରଦ୍ଦ କରାଯାଇଛି। ଏହାପରେ ବିଡ୍‌ପ୍ରକ୍ରିୟା ଆରମ୍ଭ କରିଛି ବିଭାଗ। ତୁରନ୍ତ ଏହି ପ୍ରକ୍ରିୟା ସାରି ଜାନୁଆରୀ ପ୍ରଥମ ସପ୍ତାହ ସୁଦ୍ଧା ଯେଉଁ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏଥିରେ ସଫଳ ହୋଇଥିବ, ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ।

ଜୟପୁର ଏୟାରଷ୍ଟ୍ରିପର ଭିତ୍ତିଭୂମି ସେଫ୍ଟି ଓ ଅପରେସନ ମାନୁଆଲ ଦେଖିବା ପରେ ପାଢୀ ଜଣାଇଛନ୍ତି ଯେ ୧୫ ଦିନ ମଧ୍ୟରେ ଏହି କାମ ସରିବ। ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଏକ ଟିମ୍ ୨୦ ଦିନ ଭିତରେ ଆସି ପରିଦର୍ଶନ କରିବା ପରେ ଡିଜିସିଏ ନିକଟରେ ଲାଇସେନ୍ସ ପାଇଁ ଆବେଦନ କରାଯିବ। ସମୀକ୍ଷା ବେଳେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ ସୂଚନା ଦେଇଥିଲେ ଯେ ଜୟପୁର ଏୟାରଷ୍ଟ୍ରିପର ସିଭିଲ କାର୍ଯ୍ୟ ସରି ଫିନିସିଂ କାର୍ଯ୍ୟ ଚାଲିଛି। ବିମାନ ଘାଟିର ଟର୍ମିନାଲ ବିଲ୍ଡିଂରେ ସୁରକ୍ଷା ଏକ୍ସରେ ମେସିନ, ସିସି କ୍ୟାମେରା ଲାଗିବ । ୧୫ରୁ ୨୦ ଦିନ ଭିତରେ କାର୍ଯ୍ୟ ସରିବା ପରେ ବିଭାଗକୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ସଚିବଙ୍କୁ ଭେଟି ଜୟପୁର ଚାମ୍ବର ଅଫ୍ କମର୍ସ ଏକ ଦାବିପତ୍ର ଦେଇଛି। ୧୯୮୦ ବାୟୁଦୂତ ଯେପରି ଜୟପୁରରୁ ଭୁବନେଶ୍ୱର, ବିଶାଖପାଟଣା, ରାଜମହେନ୍ଦ୍ରି, ହାଇଦ୍ରାବାଦ ରୁଟ୍‌ରେ ଚଳାଚଳ କରୁଥିଲା, ସେପରି ଚଳାଚଳ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତାଙ୍କୁ ପାଢ଼ୀ କହିଥିଲେ ଯେ ପ୍ରଥମ ପର୍ଯ୍ୟାୟରେ ଆମେ ଭୁବନେଶ୍ୱରକୁ ବିମାନ ସେବା ଯୋଗାଇବୁ। ଏହି ରୁଟ୍ ବ୍ୟାବସାୟିକ ସଫଳତା ପାଇଲେ ବିଶାଖାପାଟଣା, ହାଇଦ୍ରାବାଦ ରୁଟ୍ କଥା ଚିନ୍ତା କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜୟପୁରରୁ ବିମାନ ଚଳାଚଳ ପାଇଁ ୨୦୧୭ ସେପ୍ଟେମ୍ବର ଲକ୍ଷ୍ୟଧାର୍ଯ୍ୟ ଥିଲାବେଳେ ଭିତ୍ତିଭୂମି ଠିକ୍ ନ ଥିବାରୁ ଏଥିରେ ବିଳମ୍ବ ହୋଇଥିଲା। ପ୍ରଥମେ ରାଜ୍ୟ ସରକାର ସେପ୍ଟେମ୍ବର, ପରେ ଡିସେମ୍ବର ଏବଂ ମାର୍ଚ୍ଚ ୨୦୧୮କୁ ଡେଡ୍ ଲାଇନ୍ ରଖିଥିଲେ ମଧ୍ୟ ବିମାନଘାଟିର କାର୍ଯ୍ୟ ଶେଷ ହୋଇପାରି ନଥିଲା।

## ମିନି ମାରାଥନବେଳେ...

ପ୍ରଥମ ପୃଷ୍ଠାରୁ...

ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ କୃଷ୍ଣଙ୍କ ସ୍ତ୍ରୀ ବାସନ୍ତୀ କହିଛନ୍ତି ଯେ, ତାଙ୍କ ସ୍ୱାମୀ ମିନି ମାରାଥନରେ ପ୍ରାଣ ହରାଇନାହାନ୍ତି। ଅରିସଲ-କମାଗୁରୁ ରାସ୍ତାରେ କୃଷ୍ଣ ଚାଲି ଯାଉଥିବାବେଳେ ମିନି ମାରାଥନ ଯାଉଥିଲା। ସେହି ସମୟରେ ଗୋଡ଼ ଖସିଯିବାରୁ ସେ ରାସ୍ତାରେ ପଡ଼ିଯାଇଥିଲେ ବୋଲି ବାସନ୍ତୀ କହିଛନ୍ତି। ଜଙ୍କିଆ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ୧୫/୧୮ ନମ୍ବରରେ ଏକ ଅପମୃତ୍ୟୁ ମାମଲା କରିଛି।

ଅନ୍ୟପକ୍ଷରେ ଅସୁସ୍ଥ ଛାତ୍ରୀମାନେ ହେଲେ ଚାନ୍ଦୁଆ ହାଇସ୍କୁଲର ୬ଷ୍ଠ ଶ୍ରେଣୀର ରଶ୍ମିରେଖା ସିଂ, ସୋନାଲି ମୁର୍ମୁ ଓ ହୀରାମଣି ମୁର୍ମୁ। ସେମାନେ ହାଇସ୍କୁଲ ଛାତ୍ରୀନିବାସରେ ରୁହନ୍ତି। ଏହି ୩ଜଣଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଚାନ୍ଦୁଆ ଛକଠାରୁ ବ୍ଲକ୍ ଅଫିସ୍ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତା ଦୌଡିଥିଲେ। କିଛି ବାଟ ଯିବା ପରେ ୩ ଛାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଏକ ଅଟୋରିକ୍ସାରେ ନେଇ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ।

ମିନି ମାରାଥନରେ ଛାତ୍ରୀମାନଙ୍କୁ କାହିଁକି ସାମିଲ କରାଯାଇଥିଲା ବୋଲି ପ୍ରଶ୍ନ ଉଠାଇଛି ଜେଏମ୍‌ଏମ୍। ଜେଏମ୍‌ଏମ୍ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଅଭିଯୋଗ କରିଛନ୍ତି ଯେ, ପିଲାମାନଙ୍କୁ ମାରାଥନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ବଡ଼ିଭୋରରୁ ସେମାନଙ୍କୁ ଉଠାଇ ସାମିଲ କରାଯାଇଥିଲା। ଏପରି କି ଦୌଡ଼ ପୂର୍ବରୁ ଡାକ୍ତରୀ ଟିମ୍ ଦ୍ୱାରା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନ ଥିଲା। ସେହିପରି ଅସୁସ୍ଥମାନଙ୍କୁ ଆମ୍ବୁଲାନ୍ସ ବଦଳରେ ଅଟୋରେ ନିଆଯାଇଥିଲା। ଏଭଳି ଛାତ୍ରୀମାନଙ୍କ ଜୀବନ ପ୍ରତି ଖେଳ ଖେଳିଥିବା ସ୍କୁଲ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜେନା ଦାବି କରିଛନ୍ତି।

ଛାତ୍ରୀନିବାସର ସୁପରିଣ୍ଟେଣ୍ଡେଣ୍ଟ ରଶ୍ମିତା ଜେନା କହିଛନ୍ତି ଯେ, ମୁଁ ଛୁଟିରେ ଥିଲି, ଛାତ୍ରୀମାନେ କିପରି ବାହାରକୁ ଗଲେ ଜାଣିନାହିଁ। କିନ୍ତୁ ଛାତ୍ରୀମାନେ ଅସୁସ୍ଥ ହେବା ଜାଣି ମେଡିକାଲକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି। ପ୍ରଧାନଶିକ୍ଷକ ଅଲେଖ ରଞ୍ଜନ ପାଠୀ କହିଛନ୍ତି ଯେ, ମୁଁ ଛୁଟିରେ ଥିଲି, ଛାତ୍ରୀନିବାସ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ବିଦ୍ୟାଧର ସେଠୀଙ୍କ ସହ ଆଲୋଚନା କରିଛି। ବିଜୁ ଯୁବ ବାହିନୀର କେତେଜଣ କର୍ମକର୍ତ୍ତା ସ୍କୁଲକୁ ଆସି ମାରାଥନ ଦୌଡ଼ରେ ଛାତ୍ରୀଙ୍କୁ ସାମିଲ କରିବାପାଇଁ ଶିକ୍ଷକ ସେଠୀଙ୍କୁ କହିଥିଲେ। ଛାତ୍ରୀମାନେ ଏଥିରେ ସାମିଲ ହେବାପାଇଁ ଆଗ୍ରହ ପ୍ରକାଶ କରି ଦୌଡ଼ରେ ସାମିଲ ହୋଇଥିଲେ ବୋଲି ପ୍ରଧାନଶିକ୍ଷକ ପାଠୀ କହିଛନ୍ତି।

## ରାତିଅଧିଆ...

ପ୍ରଥମ ପୃଷ୍ଠାରୁ...

ଆଡ୍ଡାରେ ଲୁଚି ରହିଥିବା ୬ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ସ୍ଥାନୀୟ ଆତଙ୍କବାଦୀ ହୋଇଥିବାବେଳେ ଜଣେ ପାକିସ୍ତାନୀ ବୋଲି ଜଣାପଡ଼ିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ହିଜ୍‌ବୁଲ କମାଣ୍ଡର ଉମର ଜାଭେଦ୍ ଗନାଏ ଓରଫ ହଞ୍ଜାଲା ମଧ୍ୟ ରହିଛନ୍ତି। ହଞ୍ଜାଲା ଗୁରୁବାର ଶ୍ରୀନଗରର ଲାଲଚୌକସ୍ଥିତ ଘଣ୍ଟାଘର ସାମ୍ନାରେ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ ସେ ସେନାକୁ ଆକ୍ରମଣ ପାଇଁ ଧମକ ଦେଉଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ରାତି ପାହିବା ପୂର୍ବରୁ ସଦ୍ୟ ଏନ୍‌କାଉଣ୍ଟର ଖବର ଚାରିଆଡେ ପ୍ରଚାର ହୋଇଯିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମିଳିତ ଅପରେଶନ୍ ଟିମ୍‌କୁ ଟେକାମାଡ଼ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ନୋମାନ୍ ଅଶରଫ୍ ନାମକ ଜଣେ ବିକ୍ଷୋଭକାରୀ ନିହତ ହୋଇଥିବାବେଳେ ୫ ଯୁବକ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୩୪ ଆର୍‌ଆର୍‌ର ୨ ଯବାନ ଆହତ ହୋଇଥିଲେ। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ନାଜିର ଅହମ୍ମଦ ଶହୀଦ ହୋଇଛନ୍ତି। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଶୋପିଆନ୍ ଓ କୁଲଗାମ ଜିଲାରେ ଗୁଜବଜନିତ ଅସ୍ୱାଭାବିକ ସ୍ଥିତିକୁ ଏଡ଼ାଇବା ପାଇଁ ମୋବାଇଲ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି। ସେପଟେ ରବିବାର ସକାଳେ ପୁଲଓ୍ୱାମାର ଖ୍ରେଉ ଅଞ୍ଚଳରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଚତୁର୍ଦ୍ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶାନ୍ତିଲତା ଦାସ**
ଆବିର୍ଭାବ: ୧୨।୬।୧୯୩୯
ତିରୋଧାନ: ୧୩।୧୧।୨୦୧୮
ମଇଁଦିପୁର କମଳପୁର ୨୨ମୌଜା

ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା, ମମତା ଏବଂ ପରୋପକାରିତା ଆମ୍ଭମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଉଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ପରିବାର, ପୁତ୍ର-ରାସବିହାରୀ (ବାବୁ), ପୁତ୍ରବଧୂ-କ୍ରିଷ୍ଣା, ମଧୁସ୍ମିତା, କନ୍ୟା-କଲ୍ୟାଣୀ, ସର୍ମିଷ୍ଠା, ଜ୍ୱାଇଁ-ରାଜେନ୍ଦ୍ର, ସତ୍ୟଜିତ୍, ଗୁନ୍‌ଗୁନ୍, ମୁନ୍‌ମୁନ୍, ସୁନ୍‌ସୁନ୍, ଓମ୍, ସୋମ, ଶ୍ରିଷ୍ଟି। ଧ-୯୬୭୦

**ଏକାଦଶାହ ଉପଲକ୍ଷେ**



**✓ ଡୁଲ ଦେଇ**
ଗ୍ରାମ - ବଢ଼େଇଟିକର, ପୋ - ଶଙ୍ଖଚିଲା
ଜିଲ୍ଲା - ଯାଜପୁର
ଆବିର୍ଭାବ : ୦୪.୦୧.୧୯୨୬
ତିରୋଧାନ : ୧୬.୧୧.୨୦୧୮
ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିରଦିନ ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ**
D-64543

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁଦର୍ଶନ ନାୟକ**
(ଡୁମ୍‌ଡୁମା, ଭୁବନେଶ୍ୱର)
ଆବିର୍ଭାବ: ୨୦।୦୧।୧୯୫୮
ତିରୋଧାନ: ୦୭।୧୧।୨୦୧୭
ଶ୍ରାଦ୍ଧଦିବସ-୨୬।୧୧।୨୦୧୮

ବାପା, ଆମକୁ ଦୁଃଖ ସାଗରରେ ଭସାଇ ଦେଇ ଆପଣ ବାହୁଡିଗଲେ। ମାତ୍ର ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ସର୍ବଦା ଆମକୁ ଦିଗ୍‌ଦର୍ଶନ ଦେଉଥିବ। ଆପଣଙ୍କର ଅମର ଆତ୍ମାର ପରମତୃପ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ-ଅହଲ୍ୟା ନାୟକ, ପୁଅ-ସୁନୀଲ ନାୟକ, ଝିଅ-ମାମା, ସୀମା, ମମତା, ଜ୍ୱାଇଁ-ମାନସ, ଭାଇ-ଗୌରହରି ନାହାକ ଏବଂ ପରିବାରବର୍ଗ। ଧ-୯୬୨୮


## ବାଟବଣା...

ନୀତି ଏକପ୍ରକାର ସ୍ଥାଣୁ ପାଲଟିଛି। ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟ, ହସ୍ପିଟାଲ, ଶିକ୍ଷାନୁଷ୍ଠାନରେ ଛାତ ଉପରେ ସୌରଶକ୍ତି ପ୍ରକଳ୍ପ(ଆର୍‌ଟିଏସ୍) କରିବାକୁ ଯୋଜନା କରାଯାଇଥିଲା। ତେବେ ତାହା ମଧ୍ୟ ଏକପ୍ରକାର ଫେଲ୍ ମାରିଛି। ଯେଉଁ ଘରୋଇ ସଂସ୍ଥା ସୌର ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ସେମାନଙ୍କ ଉତ୍ପାଦିତ ଶକ୍ତି ନେବାକୁ ରାଜ୍ୟ ସରକାର ମଙ୍ଗୁ ନାହାନ୍ତି। ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, କୋଇଲା ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ୟୁନିଟ୍ ପିଛା ୨.୮୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ସୌରଶକ୍ତି ପ୍ରକଳ୍ପରୁ କ୍ରୟ କଲେ ୟୁନିଟ୍ ପିଛା ୪.୮୦ ପଇସା ଦେବାକୁ ପଡ଼ିବ। ଯଦି ରାଜ୍ୟ କିମ୍ବା କେନ୍ଦ୍ର ସରକାର ସୌରଶକ୍ତି ପ୍ରକଳ୍ପକୁ ପ୍ରୋତ୍ସାହନ ଦେଇ ଶକ୍ତି କ୍ରୟ ନ କରିବେ ତେବେ ସୌରଶକ୍ତି ଉତ୍ପାଦନ ସମ୍ଭବ ହେବନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ୧ ମେଗାଓ୍ୱାଟ୍ ସୌରଶକ୍ତି ପ୍ରକଳ୍ପ ପାଇଁ ୧.୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ଯଦି ଜଣେ ବ୍ୟକ୍ତି ନିଜ ଛାତ ଉପରେ ଆର୍‌ଟିଏସ୍ କରନ୍ତି ତେବେ ତାଙ୍କୁ ୧ କିଲୋଓ୍ୱାଟ୍ ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଏଥିଲାଗି କେନ୍ଦ୍ର ସରକାର ୧୮ ହଜାର ଟଙ୍କା ରିହାତି ପ୍ରଦାନ କରିବେ। ଆରଟିଏସ୍ ଏବଂ ସୌରଶକ୍ତି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରକଳ୍ପ ମୂଲ୍ୟର ୩୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ରାଜ୍ୟ ସରକାର କୌଣସି ଆର୍ଥିକ ପ୍ରୋତ୍ସାହନ ଦେଉ ନ ଥିବାରୁ ସାଧାରଣ ଲୋକେ କିମ୍ବା ଘରୋଇ ସଂସ୍ଥା ରାଜ୍ୟରେ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ ଜେଡ୍‌କଲର ନିର୍ଦ୍ଦେଶକ ଏସ.ଏନ୍. ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ, ସୌର ପ୍ରକଳ୍ପ ଦିଗରେ ପଦକ୍ଷେପ ନିଆଯାଉଛି। ମନମୁଣ୍ଡାଠାରେ ୨୦ ମେଗାଓ୍ୱାଟ୍‌ର ଏକ ପ୍ରକଳ୍ପ ସ୍ଥାପନ କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ସବ୍‌ସିଡି ଦେଉଛନ୍ତି। ଆର୍‌ଟିଏସ୍ କଥା ଓରେଡା ଦେଖୁଛି। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚାଲିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ତୃତୀୟ ଭାବରେ ଚନ୍ଦ୍ର ହେତୁ ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭ ହେବ। କିନ୍ତୁ ପାରିବାରିକ ଝଗଡା ଅଥବା ଋଣ କିମ୍ବା ବ୍ୟବସାୟରେ କିଛି ପ୍ରତିବନ୍ଧକ ଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ବିରକ୍ତି ହେତୁ ଆପଣଙ୍କୁ ଭଲ ଲାଗିବ ନାହିଁ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟ ରକ୍ଷା ସକାଶେ କଥାରେ ଜୋର ଦେଇପାରନ୍ତି।

**ବୃଷ**
ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଆର୍ଥିକ ଓ ସାମାଜିକ ସ୍ତରରେ ଉପକୃତ ହେବେ। କୌଣସି ବିବାଦୀୟ ଘଟଣାର ସମାଧାନ ସକାଶେ ଆପଣଙ୍କ ପିଲାମାନେ ଆପଣଙ୍କୁ ସାହାଯ୍ୟ କରିପାରନ୍ତି। ପ୍ରକାଶନ, ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇଯିବେ।

**ମିଥୁନ**
ଚନ୍ଦ୍ରଙ୍କ ସ୍ଥିତି ଭଲ ଥିଲେ ମଧ୍ୟ ଶନିଙ୍କ ଦୃଷ୍ଟି କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ। ଆପଣ ଆଜି ମାନସିକ ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ଭାବରେ କରିପାରିବେ ନାହିଁ। ବନ୍ଧୁମାନଙ୍କୁ କିଛି କଡା ଭାଷା ପ୍ରୟୋଗ କଲେ ଶତ୍ରୁତା ଅର୍ଜନ କରିବେ। କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କଲେ ଅବଶ୍ୟ ଉପକୃତ ହେବେ।

**କର୍କଟ**
କାର୍ଯ୍ୟକ୍ଷେତ୍ରରେ ଜଞ୍ଜାଳ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ସତର୍କରେ କାମ କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡିବ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ, ଅବଶ୍ୟ ସବୁ କଥାରେ ନରମି ରହିପାରିଲେହିଁ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ପଡୋଶିନୀ କ୍ରୋଧ ପ୍ରକାଶ କରିପାରନ୍ତି।

**ସିଂହ**
ଶୁକ୍ରଙ୍କ ତୃତୀୟ ସ୍ଥିତି ଭଉଣୀ କିମ୍ବା ସହକର୍ମୀଙ୍କ ସହଯୋଗରେ ଲକ୍ଷ୍ୟପୂରଣ କରାଇବ। ଅତୀତର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ, କିନ୍ତୁ ଆପଣଙ୍କ ବିଜୟ ଲାଭ ଅବଶ୍ୟମ୍ଭାବୀ। ଆଜି ଅର୍ଥଲାଭର ଯୋଗ ରହିଛି, ଅବଶ୍ୟ ଏହା ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

**କନ୍ୟା**
ଆପଣଙ୍କ କଥା ଓ କାମରେ ଆତ୍ମୀୟସ୍ୱଜନ ଏବଂ ଅଧସ୍ତନ କର୍ମଚାରୀମାନେ ପ୍ରଶଂସାରେ ଶତମୁଖ ହୋଇପାରନ୍ତି। ପାରିବାରିକ କ୍ଷେତ୍ରକୁ ପାଖ ପଡୋଶୀ ମାନେ କାନକୁହା କଥା କହି ସମସ୍ୟାବହୁଳ କରି ପାରନ୍ତି। ଯାନ ବାହାନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ।

**ତୁଳା**
ପାରସ୍ପରିକ ବୁଝାମଣା ଭିତ୍ତିରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଈର୍ଷାପରାୟଣ ବନ୍ଧୁମାନଙ୍କ ପ୍ରାୟୋଜିତ ଚକ୍ରାନ୍ତ, କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ।

**ବିଛା**
ଅଷ୍ଟମସ୍ଥ ଚନ୍ଦ୍ର ମିଥୁନ ରାଶିରେ ଆପଣଙ୍କୁ ବହ୍ୱାଳାପ ଜନିତ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି କରିବ। ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖାସପଢ଼ା, କଳା, ସାହିତ୍ୟ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ଆପଣଙ୍କ କୌଣସି କାମ ଅଟକି ନ ରହିଲେ ମଧ୍ୟ ସହଜ କିମ୍ବା ଶୀଘ୍ର ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆପଣଙ୍କ ଲୋକପ୍ରିୟତା ପାଖ ପଡୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରିପାରେ। କେତେକ ନୂତନ କାମର ପରିକଳ୍ପନା କରିବେ। କୌଣସି ସମସ୍ୟାବହୁଳ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ପ୍ରଦାନ କରିବ।

**ମକର**
ଆଜିର ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ବନ୍ଧୁମାନଙ୍କ ସହ ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ଅନୁକୂଳ ରହିବ। କର୍ମକ୍ଷେତ୍ରରେ ଯୁକ୍ତି ଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। କିନ୍ତୁ ପାରିବାରିକ ସ୍ତରରେ କୌଣସି ପ୍ରତିବନ୍ଧକ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି।

**କୁମ୍ଭ**
ଆପଣ ଆଜି ଯାହାକୁ ଯାହା ନିର୍ଦ୍ଦେଶ ଦେବେ ସେହି ବ୍ୟକ୍ତି ତାହାକୁ କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ । ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବା ଆଶଙ୍କା ଦେଖାଦେବ।

**ମୀନ**
କର୍ମକ୍ଷେତ୍ରରେ ଶନିଙ୍କ ପ୍ରଭାବରେ କାମଟି ପୂର୍ଣ୍ଣାଙ୍ଗ ହେବାର ଖୁବ୍ କମ୍ ଆଶା ରହିଛି। ବନ୍ଧୁଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆନୁଷ୍ଠାନିକ କାମରେ ସଫଳତା ନିଶ୍ଚିତ ପାଇବେ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଥୀ ସୋମବାର, ନଭେମ୍ବର ୨୬ ତାରିଖ,ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦିବା ଘ୧୨।୪୦ମି. ଗତେ ପୁନର୍ବସୁ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ୬।୩୦ମି. ମଧ୍ୟେ ଘ୧୨।୫୭ମି. ଗତେ, ଘ୨।୧୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୩ମି. ଗତେ ଘ୧୦।୧୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୨୭ମି. ଗତେ ଘ୮।୫୦ମି. ମଧ୍ୟେ ରାହୁ କାଳ।




## ସଂକ୍ଷେପରେ

### କାର୍ତ୍ତିକରେ ଶ୍ରୀମନ୍ଦିର ହୁଣ୍ଡି ଆୟ ୯୮ ଲକ୍ଷ ଟଙ୍କା

- ସୁନା ୨୦୩ ଗ୍ରାମ୍, ରୁପା ୧,୫୧୧ ଗ୍ରାମ
- ଗୋଟିଏ ଦିନରେ ସର୍ବାଧିକ ୫, ୬୪, ୮୭୯ ଟଙ୍କା

**ପୁରୀ ଅଫିସ, ୨୫।୧୧:** ଶେଷ ହୋଇଛି ଦାନ ଧର୍ମର ମାସ କାର୍ତ୍ତିକ। ଏହି ପବିତ୍ର ମାସରେ ପ୍ରତିଦିନ ଶ୍ରୀମନ୍ଦିରରେ ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ହୋଇଥାଏ। ଅନ୍ୟ ମାସ ଅପେକ୍ଷା ଶ୍ରୀମନ୍ଦିର ହୁଣ୍ଡିରୁ ଦାନ ଦକ୍ଷିଣା ଆକାରରେ ଅଧିକ ଆୟ ଥାଏ। ଚଳିତବର୍ଷ କାର୍ତ୍ତିକ ମାସରେ ହୁଣ୍ଡିରୁ ମିଳିଛି ୯୮ ଲକ୍ଷ ୮୫ ହଜାର ୫୯୪ ଟଙ୍କା। ଗୋଟିଏ ଦିନରେ ଅର୍ଥାତ୍ ନଭେମ୍ବର ୧୮ରେ ସର୍ବାଧିକ ୫ ଲକ୍ଷ ୬୪ ହଜାର ୮୭୯ ଟଙ୍କା ହୁଣ୍ଡିରୁ ମିଳିଛି। ସେହିପରି ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ହୁଣ୍ଡିରେ ମୋଟ ୨୦୩ ଗ୍ରାମ ୨୦୦ ମିଲିଗ୍ରାମ ସୁନା ଓ ୧ କିଗ୍ରା ୫୧୧ ଗ୍ରାମ ୨୪୦ ମିଲିଗ୍ରାମ ରୁପା ପକାଇଛନ୍ତି। କେବଳ ନଭେମ୍ବର ୨୦ରେ ସର୍ବାଧିକ ୫୫ ଗ୍ରାମ ୧୧୦ ମିଲିଗ୍ରାମ ସୁନା ଓ ନଭେମ୍ବର ୧୦ ତାରିଖରେ ୨୨୮ ଗ୍ରାମ୍ ୫୦୦ ମିଲିଗ୍ରାମ ରୁପା ହୁଣ୍ଡିରୁ ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୩୪ବର୍ଷ ତଳେ ଶ୍ରୀମନ୍ଦିର ନାଟ ମଣ୍ଡପରେ ଏହି ହୁଣ୍ଡି ସ୍ଥାପନ ହୋଇଛି। ଚଳିତବର୍ଷ ଅକ୍ଟୋବର ୨୫ରୁ କାର୍ତ୍ତିକ ମାସ ଆରମ୍ଭ ହୋଇ ନଭେମ୍ବର ୨୩ରେ ସରିଥିଲା। କାର୍ତ୍ତିକ ମାସରେ ଦାନ, ଧର୍ମ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରଖି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଉକ୍ତ ହୁଣ୍ଡିରେ ଟଙ୍କା, ସୁନା, ରୁପା, ବସ୍ତ୍ର ଆଦି ପକାଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢ଼ା ପରିସରରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଶାଖା କାର୍ଯ୍ୟାଳୟରେ ଏହାର ଗଣତି କରାଯାଇ ସର୍ବସାଧାରଣରେ ଅବଗତ କରାଯାଇଥାଏ।

■ ୫ଦିନରେ ବିଧାନସଭା ଅଧିବେଶନ ବନ୍ଦ ହେବା ପ୍ରସଙ୍ଗ

# ସରକାର ପଳାୟନପନ୍ଥୀ: ବିରୋଧୀ

## ସର୍ବସମ୍ମତିକ୍ରମେ ମୁଲତବୀ ଘୋଷଣା କରାଯାଇଛି: ସରକାରୀ ମୁଖ୍ୟ ସଚେତକ

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ପଞ୍ଚଦଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଗତ ୧୬ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ ସର୍ବମୋଟ ୨୩ଟି କାର୍ଯ୍ୟ ଦିବସ ରହିଥିଲା। ମାତ୍ର ୫ଟି କାର୍ଯ୍ୟଦିବସ ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିଦେଇଛନ୍ତି, ଯାହାକୁ ନେଇ ସରକାରୀ ଦଳ ଉପରେ ବର୍ଷିଛନ୍ତି ବିରୋଧୀ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଥିବାବେଳେ ସରକାର ଜାଣିଶୁଣି ପଳାୟନପନ୍ଥୀ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି।

ବିଧାନସଭା ଅଧିବେଶନର ୨୩ଟି କାର୍ଯ୍ୟ ଦିବସକୁ ଶାସକ ବିଜେଡି ୫ଦିନରେ ଶେଷ କରିବା ଦୁର୍ଭାଗ୍ୟଜନକ। ଏହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ବୋଲି ଭାଜପା ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ଚଳିତ ବିଧାନସଭାରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ଥିଲା। ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ନ ମିଳିବା, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରିବା, ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାପକ ଦୁର୍ନୀତି, ଚାଷୀ ସମସ୍ୟା ଏବଂ ବିଜୁ ଯୁବ ବାହିନୀର ଗୁଣ୍ଡାରାଜ ସମ୍ପର୍କରେ ବ୍ୟାପକ ଆଲୋଚନା କରିବାର ଥିଲା। ହେଲେ ସରକାର ହଠାତ୍ ଗୃହ କାର୍ଯ୍ୟ ବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖି ପଳାୟନପନ୍ଥୀର ଭୂମିକା ନିଭାଇଛନ୍ତି । ବିରୋଧୀ ଦଳ ଉଠାଇଥିବା ପ୍ରସଙ୍ଗକୁ ସାମ୍ନା ନ କରିପାରିବାରୁ ସରକାର ବିଧାନସଭା ବନ୍ଦ କରିବା ପାଇଁ ବାଧ୍ୟ ହୋଇଛନ୍ତି। ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ପାଇଁ ଗଛ କଟାଯିବା ପ୍ରସଙ୍ଗକୁ ଭାଜପା ଉଠାଇବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଧ୍ୟ ହୋଇ ଗଛକାଟିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ଆତ୍ମହତ୍ୟା, କୃଷି ଋଣ, ମରୁଡି ପରିସ୍ଥିତି, ମାଟିଆଗୁଣ୍ଡି ପୋକ, ଭାଗଚାଷୀଙ୍କ ସମସ୍ୟା, ପିସି କାରବାର, ବେକାରି ସମସ୍ୟା ବୃଦ୍ଧି, ନାବାଳିକା ବଳାତ୍କାର ବୃଦ୍ଧି ଘଟଣା, ବିଦ୍ୟୁତ ଯୋଗାଣ କମ୍ପାନୀ ସେସୁରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ପ୍ରସଙ୍ଗରେ ଆଲୋଚନା କଲେନାହିଁ। ଏଭଳି ଅନେକ ପ୍ରସଙ୍ଗକୁ ସାମ୍ନା କରିପାରୁ ନ ଥିବା ଭୟରେ ସରକାର ବିଧାନସଭା ବନ୍ଦ କରିଛନ୍ତି ବୋଲି ପ୍ରଦୀପ କହିଛନ୍ତି।

କଂଗ୍ରେସ ବିଧାୟକ ନବ ଦାସ କହିଛନ୍ତି ଯେ, ବିରୋଧୀଙ୍କ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର ଥିଲା। ମାତ୍ର ଏ ସରକାରର ସଂଖ୍ୟା ଗରିଷ୍ଠତା ଥିବାରୁ ୨୩ଦିନର କାର୍ଯ୍ୟ ଦିବସକୁ ୫ଦିନରେ ବନ୍ଦ କରିଦିଆଗଲା। ତିତ୍‌ଲି କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ଆଲୋଚନା ହେବାର ଥିଲା। ଏହାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ଥିଲା ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗରେ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ସହମତି ଭିତ୍ତିରେ ବିଧାନସଭା ବନ୍ଦ ରଖାଗଲା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ସେଥିରେ ସମସ୍ତଙ୍କ ମତାମତ ଲୋଡାଯାଇଥିଲା। କାର୍ଯ୍ୟ ସମ୍ପାଦନ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ନ ଥିଲା। ଏହି ସମୟରେ ସମସ୍ତଙ୍କ ସହମତିରେ ଗୃହ ମତାମତ ନିଆଯାଇ ଅଧିବେଶନ ବନ୍ଦ କରାଯାଇଛି। ଯେତିକି ଦିନ ଗୃହ ଚାଲିଛି ବିରୋଧୀ କେତେମାତ୍ରାରେ ଆଲୋଚନା କରିଛନ୍ତି ସମସ୍ତେ ଦେଖିଛନ୍ତି। ପ୍ରତ୍ୟେକ ଦିନ ଭାଜପାର ୪ଜଣ ସଦସ୍ୟ ଆସୁଥିଲେ ବୋଲି ଶତପଥୀ କହିଛନ୍ତି।

## ପୋଲିସ ଗୁଳିରେ ମାଓବାଦୀ ନିହତ

**ମାଲକାନଗିରି, ୨୫।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ରବିବାର ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ତାଙ୍କ ପରିଚୟ ମିଳିନାହିଁ। କତାବାଲି ଅଞ୍ଚଳରେ ପୋଲିସ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ମାଓବାଦୀଙ୍କ ପକ୍ଷରୁ ଏକ ବଡଧରଣର ହିଂସାକାଣ୍ଡ ଘଟାଇବା ଲାଗି ଯୋଜନା କରାଯାଉଥିବା ସୂଚନା ମିଳିଥିଲା। ନିହତ ମାଓବାଦୀଙ୍କଠାରୁ ରାଇଫଲ, ଟିଫିନ୍ ବୋମା, ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଥିବା ବିଜାପୁର ଏସ୍‌ପି ମୋହନ ଗର୍ଗ କହିଛନ୍ତି।


# ଆଜି ଶ୍ରୀମନ୍ଦିରରେ ପଇତାଲାଗି

**ପୁରୀ ଅଫିସ, ୨୫।୧୧**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ପଇତାଲାଗି ଏବଂ ମଙ୍ଗଳବାର ବନକଲାଗି ନୀତି ଅନୁଷ୍ଠିତ ହେବ। ନୀତି ପାଇଁ ଏହି ଦୁଇଦିନ ଅପରାହ୍ନ ପ୍ରାୟ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର

### ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି ଏବଂ ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ବନକଲାଗି କରିବେ। ପ୍ରାୟ ୪ ଘଣ୍ଟା ଧରି ଏହି ନୀତି ଚାଲିବ। ନୀତି ସମ୍ପନ୍ନ ପରେ ପୁଣି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ।












ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି।
– ଶ୍ରୀଅରବିନ୍ଦ

# ‘ଅଯୋଧ୍ୟା’ ଅସ୍ତ୍ର

ସାଧାରଣ ନିର୍ବାଚନକୁ ୬ ମାସରୁ କମ୍ ସମୟ ଥିବା ବେଳେ ଶୀତଳଭଣ୍ଡାରରୁ ‘ଅଯୋଧ୍ୟା’ ପ୍ରସଙ୍ଗକୁ ପୁଣି କଢ଼ାଯାଇଛି। ଉତ୍ତରପ୍ରଦେଶ ଏଥିପାଇଁ ହିନ୍ଦୁତ୍ୱ ରାଜନୀତିର ପ୍ରୟୋଗଶାଳା ପାଲଟିଛି। ଭାରତୀୟ ଜନତା ପାର୍ଟି (ଭାଜପା) ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ରଣକୌଶଳ ସ୍ଥିର କରୁଥିବା ବେଳେ ତା’ର ଅମାନିଆ ସହଯୋଗୀ ଶିବସେନା ନୂଆ ଗୋଟି ଚଳାଇଛି। ଏହାର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଦଳୀୟ କର୍ମକର୍ତ୍ତା ନଭେମ୍ବର ୨୪ରେ ଅଯୋଧ୍ୟାରେ ପହଞ୍ଚି ରାମ ମନ୍ଦିର ପ୍ରତିଷ୍ଠା ନେଇ ଭାଜପା ତୁରନ୍ତ ତାରିଖ ନିର୍ଦ୍ଧାରଣ କରୁ ବୋଲି ଆହ୍ୱାନ ଦେଇଛନ୍ତି। ନଭେମ୍ବର ୨୫ରେ ଏକ ଶୋଭାଯାତ୍ରା କରି ଉଦ୍ଧବ କହିଛନ୍ତି ଯେ, ଅଯୋଧ୍ୟା ଆସିବାରେ ତାଙ୍କର କୌଣସି ଗୁପ୍ତ କାର୍ଯ୍ୟସୂଚୀ ନାହିଁ। ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଦେଶ ଓ ବିଶ୍ୱରେ ଥିବା ହିନ୍ଦୁଙ୍କ ଭାବାବେଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସେ ଏଠାରେ ଉପସ୍ଥିତ ବୋଲି କହିଛନ୍ତି। ପଛରେ ରହି ନ ଯିବା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ନଭେମ୍ବର ୨୫ରେ ମଧ୍ୟ ଅଯୋଧ୍ୟାରେ ‘ଧର୍ମସଭା’ ଆରମ୍ଭ ହୋଇଯାଇଛି। ଭିଏଚ୍‌ପିର ଅନ୍ତର୍ଜାତୀୟ ସାଧାରଣ ସମ୍ପାଦକ ଚମ୍ପତ୍ତି ରାଏ ଆଉ ପାଦେ ଆଗେଇ ଯାଇ ମତ ଦେଇଛନ୍ତି ଯେ, ଅଯୋଧ୍ୟାର ବିବାଦୀୟ ସମୁଦାୟ ଭୂମି ଉପରେ ରାମ ମନ୍ଦିର ସ୍ଥାପନ କରିବା ସଙ୍ଗଠନର ମୂଳ ଲକ୍ଷ୍ୟ। ଉଲ୍ଲେଖଯୋଗ୍ୟ ଯେ, ରାମ ମନ୍ଦିର ଜମି ବିବାଦ ସଂକ୍ରାନ୍ତ ମାମଲା ଉପରେ ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀରେ ରାୟ ଦେବେ। ଅଦାଲତି ନିଷ୍କର୍ଷ ବିଳମ୍ବ ହେଉଥିବା ଦେଖି ଅଖିଳ ଭାରତୀୟ ସନ୍ଥ ସମିତି ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସମ୍ମିଳନୀରେ ସାରା ଦେଶରୁ ଆସିଥିବା ୩,୦୦୦ରୁ ଊର୍ଦ୍ଧ୍ୱ ସାଧୁଙ୍କ ସମାବେଶରେ ରାମ ମନ୍ଦିର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇଥିଲା। ସରକାର ଏ ନେଇ ତୁରନ୍ତ ଆଇନ ପ୍ରଣୟନ କରନ୍ତୁ, ନଚେତ୍ ଅଧ୍ୟାଦେଶ ଜରିଆରେ ରାମ ମନ୍ଦିର ନିର୍ମାଣ ପଥ ପରିଷ୍କାର କରନ୍ତୁ ବୋଲି ସାଧୁମାନେ ଚେତାବନୀ ଶୁଣାଇଥିଲେ। ଏବେ ଅଯୋଧ୍ୟାରେ ହିନ୍ଦୁ ସଙ୍ଗଠନ ଓ ରାଜନୈତିକ ଦଳର ଉପସ୍ଥିତି ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କଲା ଭଳି ପରିସ୍ଥିତି ଉପୁଜାଇଲାଣି।

ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ସର୍ବଦା କୁହାଯାଉଛି ଯେ, ଦେଶ ଓ ଦେଶ ବାହାରେ ଥିବା ହିନ୍ଦୁମାନେ ରାମ ମନ୍ଦିର ନିର୍ମାଣ ଚାହୁଁଛନ୍ତି। ନିର୍ବାଚନ ଆସିଲେ ଏଭଳି ସ୍ଲୋଗାନ୍ ଶୁଣିବାକୁ ମିଳିଥାଏ। ଆଜିଯାଏ କୌଣସି ସଙ୍ଗଠନ ପକ୍ଷରୁ କଦାପି ପରିସଂଖ୍ୟାନ ଦିଆଯାଇ ନାହିଁ ଯେ କେତେ ପ୍ରତିଶତ ହିନ୍ଦୁ ରାମ ମନ୍ଦିର ପ୍ରତିଷ୍ଠା ଚାହାନ୍ତି। ଅନେକ ରିପୋର୍ଟରୁ ଜଣାଯାଇଛି, ସ୍ଥାନୀୟ ବାସିନ୍ଦା ଏହି ପ୍ରସଙ୍ଗକୁ ନେଇ ଆଉ ଅଶାନ୍ତି ଚାହୁଁ ନାହାନ୍ତି। ଲୋକେ ଯେତିକି ଭୋଗିଲେଣି, ଅଶାନ୍ତିକୁ ଡରି ଏବେ ଦାବି କରୁଛନ୍ତି ବିବାଦୀୟ ସ୍ଥାନରେ ନା ମନ୍ଦିର ନା ମସ୍‌ଜିଦ, ପିଲାଙ୍କ ପାଇଁ ଖେଳପଡ଼ିଆ ହେଉ। ଏଭଳି ସୁନ୍ଦର ପ୍ରସ୍ତାବକୁ ଗମ୍ଭୀରତାର ସହ ନେବାର ସମୟ ଆସିଛି। ଧର୍ମ ଓ ଜାତିବାଦ ନାମରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ରାଜନୈତିକ ଦଳ ଓ ନେତାଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ଏପରି ବାର୍ତ୍ତା ଅନେକ କିଛି ଶିଖାଇପାରିବ। ଉଦ୍ଧବ ଠାକ୍‌ରେଙ୍କ କଥା ଦେଖିଲେ ଗତ ନିର୍ବାଚନରେ ମହାରାଷ୍ଟ୍ରରେ ତାଙ୍କୁ ଆଶାନୁରୂପ ସଫଳତା ମିଳିପାରି ନ ଥିଲା। ମୁଖ୍ୟମନ୍ତ୍ରୀ ହେବା ଆଶା ପୂରଣ ହୋଇ ନ ଥିବାରୁ ‘ଅଯୋଧ୍ୟା ଚାଲ’ ଅଭିଯାନ ଜରିଆରେ ସେ ରାଜନୈତିକ ଫାଇଦା ନେବାକୁ ନୂଆ ଫନ୍ଦି କରିଛନ୍ତି ବୋଲି କୁହାଯାଉଛି। ଆଗତୁରା ରାମ ମନ୍ଦିର ପ୍ରସଙ୍ଗକୁ ଭାଜପାଠାରୁ ଛଡ଼ାଇ ନେଇ ପରୋକ୍ଷରେ ଗୈରିକ ଦଳକୁ ଆସନ ବୁଝାମଣା ପାଇଁ ଚାପ ପ୍ରୟୋଗ ଲକ୍ଷ୍ୟରେ ଉଦ୍ଧବ ଏଭଳି ଚିନ୍ତା କରିଥାଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଶୁଣିବାକୁ ମିଳୁଛି, ନଭେମ୍ବର ୨୫ରେ ଅଯୋଧ୍ୟାରେ ଅନୁଷ୍ଠିତ ଧର୍ମସଭାକୁ ଭାଜପା ଭିତିରି ସମର୍ଥନ କରୁଛି। କାଳେ ହାତରୁ ଭୋଟ ଖସିଯିବ ସେହି ଲକ୍ଷ୍ୟରେ ଏହାର କିଛି ନେତା ଓ କର୍ମୀ ସେଠାରେ ପହଞ୍ଚିଛନ୍ତି।

ଅଯୋଧ୍ୟାର ସମୁଦାୟ ଘଟଣାକ୍ରମକୁ ଦେଖିଲେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ସକାଶେ ରାଜନୈତିକ ଧ୍ରୁବୀକରଣ ଆରମ୍ଭ ହୋଇଯାଇଛି। ସବୁଥର ଭଳି ନିର୍ବାଚନ ସରିଗଲେ ଏହି ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲିଯିବ। ତଥାପି ଯେତେ ଦିନ ଯାଏ ଏହାକୁ ତତକା କରି ରଖାଯାଇପାରିବ ସେତେ ଫାଇଦା ମିଳିପାରିବ ବୋଲି ରାଜନେତାମାନେ ଧରି ନେଇଛନ୍ତି। ଭୋଟ ରାଜନୀତି କରୁଥିବା ବ୍ୟକ୍ତି ଓ ଦଳର ଭିତିରି ଆଭିମୁଖ୍ୟକୁ ସାଧାରଣ ଜନତା ବୁଝିବା ଦରକାର। ୨୦୧୮ ଜାତିସଂଘ ରିପୋର୍ଟ ଅନୁଯାୟୀ, ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୮୯ ଦେଶ ମଧ୍ୟରୁ ୧୩୦ରେ ପହଞ୍ଚିଛି। ଅର୍ଥାତ୍ ଲୋକଙ୍କ ବିକାଶକୁ ଅଣଦେଖା କରାଯାଉଛି। ତଥାକଥିତ ‘ବିକାଶ’କୁ ନେଇ ମୋଦି ସରକାର ଡିଣ୍ଡିମ ପିଟୁଥିବା ବେଳେ ଏହି ରିପୋର୍ଟରୁ ଭାରତୀୟଙ୍କ ଜୀବନଧାରଣ କେଉଁ ସ୍ତରରେ ଅଛି ବୁଝାପଡୁଛି। ରାଜନୈତିକ ଉନ୍ମାଦ ବା ସାମ୍ପ୍ରଦାୟିକତା ଲୋକଙ୍କ ପେଟ ପୂରାଏ ନାହିଁ। କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ଅନେକ ପ୍ରତିଶ୍ରୁତି ଅପୂରଣୀୟ ହୋଇ ରହିଛି। ଆଉ ଗୋଟିଏ ବଡ଼ ନିର୍ବାଚନକୁ ସାମ୍ନା କରିବା ପୂର୍ବରୁ ନିଜ ଦୋଷ ଦୁର୍ବଳତା ଲୁଚାଇ ଲୋକଙ୍କୁ ଭୁଲାଇବା ପାଇଁ ଅଯୋଧ୍ୟାକୁ ଅସ୍ତ୍ର କରା ନ ଯାଉ।

## ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ବାକି ଅଛି ସେ କି, ବୁଝିବାକୁ ତାକୁ
ଭାଷାର ଚାତୁରୀ ଛଳନା କଥା
ବେକ ପରେ ଯା’ର ରହିଛି ମଥା
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | | | | | C | 8 | | | 1 | | 7 | 4 |
| C | | | | | B | E | | | | | | | | 0 |
| B | | | 7 | | 8 | | 1 | 0 | | | | | 3 | |
| | 4 | 8 | 9 | 6 | | | | A | | | | | 5 | |
| | 2 | 0 | C | | | | | | | | | 6 | | D |
| A | | 4 | | | | 8 | | | | 7 | | 9 | | 6 |
| | 3 | C | | | D | | | | | | | | | |
| E | | | | | 6 | | 4 | | | | D | B | | |
| | | | | | 3 | | | E | | 1 | 2 | | | A |
| | | D | B | | 1 | 5 | 7 | 2 | | | | | 0 | 3 |
| | | | | | | 1 | | | | E | C | | | 5 |
| | 5 | | | | | | E | C | 0 | | | | | |
| | | 7 | | | 9 | D | | | | | 4 | 2 | | |
| 3 | | | | D | | | | 9 | 8 | | | | | B |
| 1 | 0 | 2 | | | 5 | 3 | | B | | | | | C | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 3 | A | B | 7 | D | E | 1 | 4 | 5 | 2 | 6 | 8 | C |
| C | 1 | E | 9 | 4 | 0 | A | 3 | 2 | 6 | 7 | 8 | D | B | 5 |
| A | 2 | 8 | D | 5 | C | 4 | 0 | 6 | E | 9 | B | 7 | 3 | 1 |
| 6 | D | B | E | 1 | 8 | 9 | 5 | 7 | 3 | A | C | 2 | 0 | 4 |
| 7 | 5 | 4 | 3 | 6 | 2 | 8 | C | B | 0 | D | 1 | E | 9 | A |
| 5 | C | 1 | 2 | 9 | 6 | 3 | 4 | 0 | D | 8 | A | B | 7 | E |
| B | 4 | 6 | 8 | 0 | E | 1 | 7 | D | C | 3 | 9 | A | 5 | 2 |
| 9 | A | D | C | 3 | B | 6 | 2 | 5 | 7 | E | 0 | 1 | 4 | 8 |
| 3 | E | 7 | 4 | D | A | B | 8 | 9 | 2 | 1 | 5 | 0 | C | 6 |
| 2 | 8 | 0 | 5 | 7 | 1 | C | A | E | B | 6 | 4 | 3 | D | 9 |
| 8 | 6 | 5 | 1 | C | 3 | 2 | D | 4 | A | 0 | 7 | 9 | E | B |
| 4 | 0 | C | 7 | 2 | 5 | E | 9 | A | 1 | B | 3 | 8 | 6 | D |
| E | 7 | 2 | B | A | 9 | 0 | 6 | 8 | 5 | C | D | 4 | 1 | 3 |
| D | B | 9 | 0 | E | 4 | 5 | 1 | 3 | 8 | 2 | 6 | C | A | 7 |
| 1 | 3 | A | 6 | 8 | D | 7 | B | C | 9 | 4 | E | 5 | 2 | 0 |

ଗତକାଲିର ଉତ୍ତର

# ଛେଳି କୁକୁର ଉପାଖ୍ୟାନ



ଡ. ପଦ୍ମାରବିନ୍ଦ ରଥ

ତିନି ତୁଣ୍ଡରେ ଛେଳି କୁକୁର– କାହାଣୀଟି ସମସ୍ତେ ପଢ଼ିଥିବେ। ଗୋଟିଏ ଛେଳିକୁ ହାସଲ କରିବା ପାଇଁ ଅନେକ ଲୋକ କ୍ରମାଗତ ଭାବରେ ଛେଳିଟିକୁ କୁକୁର ବୋଲି କହିଲେ ଏବଂ ଛେଳିର ମାଲିକ ସେମାନଙ୍କ କଥାରେ ଭାସିଯାଇ ଛେଳିଟିକୁ ଛାଡିଦେଇ ଗଲା। କଥାର ସାରାଂଶ ହେଲା, ନିଜେ ଠିକ୍ ଥାଇ ମଧ୍ୟ ଅନ୍ୟମାନଙ୍କର ପ୍ରରୋଚନାରେ ବୁଦ୍ଧି ଭ୍ରଷ୍ଟ ହେଲେ ନିଜ ଉପରୁ ବିଶ୍ୱାସ ତୁଟିଯାଏ ଏବଂ ପରିଣାମ ସ୍ୱରୂପ ନିଜର ହିଁ କ୍ଷତି ହୁଏ। ତେବେ ଏଥିରୁ ଏକଥା ମଧ୍ୟ ସ୍ପଷ୍ଟ ହୁଏ ଯେ କାହାଣୀଟିର ରଚନା ସମୟର ସମାଜରେ ଗୋଟିଏ ଛେଳିର ଆର୍ଥିକ ଏବଂ ସାମାଜିକ ମୂଲ୍ୟ ଗୋଟିଏ କୁକୁରଠାରୁ ଅଧିକ ଥିଲା। ହେଲେ ବର୍ତ୍ତମାନର ସାମାଜିକ ପୃଷ୍ଠଭୂମିରେ ଦେଖିଲେ ଜଣାପଡେ, ବୋଧହୁଏ ସମାଜରେ କୁକୁରମାନଙ୍କର ମୂଲ୍ୟ ଏବଂ ଉପାଦେୟତା ଛେଳି ତୁଳନାରେ ଯଥେଷ୍ଟ ଅଧିକ ହୋଇଯାଇଛି।

ଏଠାରେ ଦିଲ୍ଲୀ ସହରରେ କିଛିଦିନ ତଳେ ଦୃଷ୍ଟିଗୋଚର ହୋଇଥିବା ଗୋଟିଏ ମର୍ମସ୍ପର୍ଶୀ ଘଟଣା ଉଲ୍ଲେଖ କରିବା ଉଚିତ ହେବ। ଅଫିସ କାମ ସାରି ଘରକୁ ଫେରିବା ରାସ୍ତାରେ ଗୋଟିଏ ଟ୍ରାଫିକ୍ ଛକରେ ଗାଡି ଅଟକାଇ ସବୁଜ ସଙ୍କେତକୁ ଅପେକ୍ଷା କରିବାକୁ ପଡିଲା। ଠିକ୍ ସେତିକିବେଳକୁ ପାଖରେ ଗୋଟିଏ ଅଟୋ ଆସି ରହିଲା। ସେ ମଧ୍ୟ ସଙ୍କେତକୁ ଅପେକ୍ଷା କରୁଥାଏ। ତା’ ଭିତରେ ବସିଥିଲେ ସ୍ୱାମୀ–ସ୍ତ୍ରୀ ଦୁଇଜଣ ଏବଂ ସେମାନଙ୍କ ସାଥିରେ ଥିଲା ଗୋଟିଏ ଛେଳି। ବୋଧହୁଏ ଆକାରରେ ବଡ଼ ହୋଇଥିବା କାରଣରୁ ଛେଳିଟିର ମୁଣ୍ଡଟି ବାହାରକୁ ରହିଥାଏ। ଟ୍ରାଫିକ୍ ବନ୍ଦୋବସ୍ତରେ ଥିବା ବାବୁମାନଙ୍କ ଭିତରୁ ଦୁଇଜଣ ଧାଇଁଆସିଲେ ଅଟୋ ପାଖକୁ ଏବଂ ଜେରା କରିବା ଆରମ୍ଭ କରିଦେଲେ। ତୁମେ ଆଇନ ଭଙ୍ଗ କରିଛ। ଏପରି ଭାବରେ ତୁମେ ଅଟୋରେ ଛେଳି ନେଇ ଯାଇପାରିବ ନାହିଁ। ଏଇଟା ଯଦି କୁକୁର ହୋଇଥାନ୍ତା ଆମର କିଛି ଆପତ୍ତି ନ ଥିଲା। ଯେତେ କହିଲେ, ବାବୁ, ଆମେ ଗାଁରୁ ଆସିଛୁ। ଗାଁରେ କାମଧନ୍ଦା କିଛି ମିଳିଲାନି ବୋଲି କାମ ପାଇବା ଆଶାରେ ସହରକୁ ପଳେଇ ଆସିଛୁ। ସମ୍ପତ୍ତି ବୋଲି ଏଇ ଗୋଟିଏ ଛେଳି ଥିଲା ଆମ ପାଖରେ। ପିଲାଟି ବେଳରୁ ଆମ ପାଖରେ ସେ ଅଛି। ବିକିବାକୁ ମନ ବଳିଲାନି, ସେଥିପାଇଁ ନେଇ ଆସିଲୁ। କିଛି ନ ହେଲେ କ୍ଷୀର ଟିକେ ତ ଦେବ! ପୁଣି ବାବୁ କହିଲେ, ସେସବୁ କହିଲେ ହେବନି। ଚାଲାଣ କାଟିବାକୁ ହେବ। ଆଇନ କାନୁନ ଭଙ୍ଗ କଲେ ଦିଲ୍ଲୀରେ ଦଣ୍ଡ ସ୍ୱରୂପ ଯେଉଁ ଅର୍ଥ ଦେବାକୁ ହୁଏ ତାକୁ ଚାଲାଣ କୁହାଯାଏ। ଅନେକ ସମୟରେ ଦେଖାଯାଇଛି, ଚାଲାଣ ନାଁରେ ଅର୍ଥ ନିଆଯାଏ ହେଲେ ପାଉତି ମିଳେନି। ତେବେ ସେ ଯାହା ହେଉ, ନିରୀହ ଦମ୍ପତି କ’ଣ କରିବେ ବୋଲି ଚିନ୍ତାରେ ପଡି ଯାଇଥିଲେ, ଅଟୋଟିକୁ ରାସ୍ତା କଡକୁ ନେଇ ଠିଆ କରାଯାଇଥିଲା, ସ୍ୱାମୀ–ସ୍ତ୍ରୀ ଦୁଇଜଣ କାକୁତି ମିନତି କରୁଥିଲେ ଏବଂ ବାବୁ ଜଣକ ଏକାଗ୍ର ହୋଇ କିଛି ହିସାବ କିତାବ କରିବାରେ ବ୍ୟସ୍ତ ଥିଲେ। ଆମ ପାଇଁ ସବୁଜ ସଙ୍କେତ ହୋଇସାରିଥିଲା। ତେଣୁ ଆଉ ସେଠି ଗାଡି ରଖି ଘଟଣାର ଉପସଂହାର କେମିତି ହେଲା ଦେଖିବାର ସୁଯୋଗ ନ ଥିଲା।

ତେବେ ଘଟଣାଟି ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଦେଲା। ସାଥିରେ ଯାଉଥିବା ସହକର୍ମୀଙ୍କୁ ପଚାରିଲି, ଏମିତି କିଛି ନିୟମ ସତରେ ଅଛି କି? ସେ ବି ନିଜର ଅଜ୍ଞତା ଦେଖାଇ ମୁଣ୍ଡ ହଲାଇଲେ। କିନ୍ତୁ ପରେ ପରେ କହିଲେ, ସେମିତି କିଛି ନିୟମ ଅଛି କି ନାହିଁ ଜାଣି ଅଧିକ କ’ଣ ହେବ? ଛେଳି ଭଳି ଗୋଟିଏ ତୁଚ୍ଛ ପ୍ରାଣୀ କେବେ କ’ଣ କୁକୁର ଭଳି ସମୟୋପଯୋଗୀ ପ୍ରାଣୀର ସମକକ୍ଷ ହୋଇପାରିବ? ଭାବିଲି, ଯଦି ଛେଳିଟି ଜାଗାରେ ଅଟୋ ଭିତରେ କୁକୁରଟିଏ ଥାଆନ୍ତା, ତେବେ ହୁଏତ ପରିସ୍ଥିତି ଭିନ୍ନ ପ୍ରକାରର ହୋଇଥାନ୍ତା। ଅନେକ କୁକୁରଙ୍କୁ (ଅବଶ୍ୟ ସେମାନେ ସବୁ ବିଦେଶୀ ମୂଳରୁ ଆସିଥିବାରୁ ଲେଖକ ସେମାନଙ୍କ ବଂଶ ବା କୁଳ ବିଷୟରେ ଅଜ୍ଞ) ବଡ ବଡ ଗାଡିର କାଚ ଝରକା ବାହାରକୁ ମୁହଁ କରି ଯାଉଥିବାର ଦୃଶ୍ୟ ଅନେକେ ଦେଖିଥିବେ। ସେତେବେଳେ କେଉଁ ଟ୍ରାଫିକ୍ ଛକରେ ତାଙ୍କୁ କେବେ ଅଟକାଯିବାର ନଜିର ପ୍ରାୟତଃ ନାହିଁ।

ଦିଲ୍ଲୀ ସହରରେ ରହୁଥିବା ସ୍ୱାସ୍ଥ୍ୟ ସଚେତନ ଅଧିକାଂଶ ଲୋକ ସବୁଦିନ ସକାଳେ ଚାଲିବାକୁ ଗଲାବେଳେ ଫୁଟ୍‌ପାଥରେ ନିର୍ଦ୍ୱନ୍ଦ୍ୱରେ ଚାଲିପାରନ୍ତି ନାହିଁ। କାରଣ ହେଲା, ଫୁଟ୍‌ପାଥରେ ଚାଲିବାର ଏବଂ ମଳତ୍ୟାଗ କରିବାର ଏକାଧିକାର ଥାଏ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଘରେ ରହୁଥିବା କୁକୁରମାନଙ୍କର। ଏପରି ଅନେକ କୁକୁରଙ୍କୁ ବାହାରେ ବୁଲାଇବା ଦାୟିତ୍ୱରେ ଥାନ୍ତି ୟୁନିଫର୍ମପିନ୍ଧା ବାବୁମାନେ। କୁକୁରମାନଙ୍କର ଯଦି ସେତିକି ଗୁରୁତ୍ୱପୂର୍ଣ୍ଣ ଅବଦାନ ନ ଥାନ୍ତା, ତେବେ କ’ଣ ସେମାନଙ୍କ ମାଲିକମାନେ କୁକୁରଗୁଡାକୁ ଏତେ ସହଜରେ ରାସ୍ତାଘାଟ ମଇଳା କରିବାକୁ ଦିଅନ୍ତେ? ନିଶ୍ଚିତ ଭାବରେ କିଛି ଗୋଟେ ମହାନ୍ କାରଣ ରହିଛି, ଯାହା କି ସାଧାରଣ ମଣିଷ ତା’ ଚର୍ମଚକ୍ଷୁରେ ଦେଖିପାରୁନି। ଦିନେ ଆଗ୍ରହବଶତଃ ଜଣେ କୁକୁର ବ୍ୟବସାୟୀଙ୍କୁ ପଚାରି ବସିଲି, ଭାଇ, ଆଜିକାଲି ବିଦେଶୀ କୁକୁରଙ୍କର ଚାହିଦା ଏତେ ଅଧିକ ବଢିଯିବାର କାରଣ କ’ଣ? ଉତ୍ତର ଦେବାକୁ ଯାଇ ବ୍ୟବସାୟୀ ଜଣକ ଯାହା ସବୁ କହିଲେ ସେଥିରୁ ଅନେକ କାରଣ ଆମଦାନି–ରପ୍ତାନି ଭଳି ଦୁର୍ବୋଧ୍ୟ ଅର୍ଥନୈତିକ ବିଷୟମାନଙ୍କ ଉପରେ ନିର୍ଭର କରୁଥିଲା। ହେଲେ ତା’ ସହିତ ସେ ମୁଖ୍ୟତଃ କେତୋଟି ସାମାଜିକ କାରଣ ଉପରେ ମଧ୍ୟ ଆଲୋକପାତ କଲେ। କହିଲେ ସମାଜରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଏବଂ ତା’ ସହିତ ସଂପୃକ୍ତ ଅସୁରକ୍ଷାର ଭାବନା ହିଁ ଏହାର ମୁଖ୍ୟ କାରଣ। ତାଙ୍କ କହିବା ଅନୁସାରେ ଘରେ କୁକୁରଟିଏ ଥିଲେ ମଣିଷକୁ ଅନ୍ୟ ହାନିକାରକ ମଣିଷମାନଙ୍କଠାରୁ ସୁରକ୍ଷା ମିଳେ। ଆଜି ମଣିଷର ବିଶ୍ୱସନୀୟତା ହ୍ରାସ ପାଇଛି ଏବଂ କୁକୁର ଉପରେ ବିଶ୍ୱାସ ବଢିଛି। କେବଳ ସେତିକି ନୁହେଁ, ଉଭୟ ମା’ ଏବଂ ବାପା କର୍ମଜୀବୀ ହୋଇଥିଲେ ଘରେ ଥିବା ଛୋଟ ପିଲାମାନଙ୍କ ପାଇଁ କୁକୁରଟିଏ ହିଁ ସବୁଠାରୁ ବଡ ବନ୍ଧୁ ହୋଇଥାଏ। ଏପରି ଅନେକ କାରଣ ସେ କହିଗଲେ। ପୁଣି ପଚାରିଲି, ତେବେ ବିଦେଶୀ କୁକୁର କ’ଣ ପାଇଁ? ଆମ ଦେଶରେ କ’ଣ କୁକୁର ଅଭାବ? ପ୍ରଶ୍ନଟିର ଉତ୍ତର ଦେବାକୁ ବ୍ୟବସାୟୀ ବନ୍ଧୁ ଜଣକ ପ୍ରଥମେ କୁଣ୍ଠା ପ୍ରକାଶ କଲେ, ପରେ କହିଲେ, ବିଦେଶୀ କୁକୁର ଅଧିକ ବିଶ୍ୱାସୀ, ବୁଦ୍ଧିମାନ ଏବଂ ସ୍ନେହୀ ହୋଇଥାନ୍ତି। ତା’ ଛଡା ଏହା ପ୍ରତିଷ୍ଠା ଏବଂ ପ୍ରତିପତ୍ତିର ଏକ ଅଘୋଷିତ ପ୍ରମାଣପତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।

ମୋତେ ମୋ ପ୍ରଶ୍ନର ଉତ୍ତର ମିଳି ସାରିଥିଲା। କେବଳ ପଶୁଙ୍କ ବର୍ଗୀକରଣରେ ନୁହେଁ, ମଣିଷ ନିଜ ନିଜ ଭିତରେ ମଧ୍ୟ ଏମିତି ଅନେକ ପ୍ରାଚୀର ଠିଆ କରିରଖିଛି। ଆମେ ସବୁବେଳେ ନିଜକୁ ନିଜ ପାଖ ପଡିଶାଙ୍କଠାରୁ ସାମାଜିକ ପ୍ରତିପତ୍ତିରେ ବଡ ବୋଲି ପ୍ରମାଣିତ କରିବାକୁ ଚାହୁଁ। ସେଇଥିପାଇଁ ହୁଏତ ଆମେ ଛେଳି ତୁଳନାରେ କୁକୁରକୁ ଏବଂ ଦେଶୀ କୁକୁର ତୁଳନାରେ ବିଦେଶୀ କୁକୁରକୁ ଅଧିକ ପ୍ରାଧାନ୍ୟ ଦେଉ। ଏଠାରେ ପଶୁମାନଙ୍କର କୌଣସି ଗୋଟିଏ ପ୍ରଜାତିକୁ ନ୍ୟୂନ କରିବା କିମ୍ବା ଅନ୍ୟ କାହାକୁ ବ୍ୟଙ୍ଗ କରିବାର ଉଦ୍ଦେଶ୍ୟ ନାହିଁ। ହେଲେ ଭାବିଲେ ଦୁଃଖ ଲାଗେ ଯେ ଆମେ ନିଜର ନିଜତ୍ୱକୁ ଭୁଲି ଏତେ ତଳକୁ ଚାଲି ଆସିଲୁଣି ଯେ ନିଜକୁ ବଡ ବୋଲି ପ୍ରମାଣିତ କରିବା ପାଇଁ ଆମେ ଏହିପରି ଅନେକ ଆଶାବାଡିମାନଙ୍କର ସହାୟତା ନେଉଛୁ। ଆମ ଭିତରେ ଯେତେ ମେଧାବୀ ଲୋକ ଥିଲେ ମଧ୍ୟ ଯେ ପର୍ଯ୍ୟନ୍ତ ତାକୁ କୌଣସି ବିଦେଶୀ ସଂସ୍ଥା ତରଫରୁ ମାନ୍ୟତା ନ ମିଳିଛି ସେତେବେଳ ଯାଏଁ ତା’ର ମେଧା ଆମପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆମ ଶାସ୍ତ୍ରମାନଙ୍କ ଭିତ୍ତିରେ ଯଦି କେହି ଭାରତୀୟ କୌଣସି ବୈଜ୍ଞାନିକ ସିଦ୍ଧାନ୍ତ ଉପସ୍ଥାପନ କରନ୍ତି ତେବେ ତାକୁ ଆମେ ହସରେ ଉଡାଇଦେଉ। ହେଲେ ସେହି ସିଦ୍ଧାନ୍ତ ଯେତେବେଳେ କୌଣସି ବିଦେଶୀ ତର୍କ ଉପରେ ଆଧାରିତ ହୋଇ ପ୍ରକାଶିତ ହୁଏ ଆମେ ତା’ର ସପକ୍ଷରେ ଶତମୁଖ ହୋଇପଡୁ। ହୁଏତ ଛେଳିଟିକୁ ଅଟୋରେ ଆଣି ଆସୁଥିବା ଦମ୍ପତିଟି ପାଖରେ ସେଇ ଆଶାବାଡିଟି ନ ଥିଲା ବୋଲି ସେ ହନ୍ତସନ୍ତ ହେଲେ ଏବଂ ଅନୁରୂପ ପରିବେଶରେ ବିଦେଶୀ କୁକୁରଟିଏ ଥିଲେ ସେ ହୁଏତ ବିନା ପରିଚୟପତ୍ରରେ ମଧ୍ୟ ଆମର ପରିଚୟ ଦେଇଦିଏ।

ଅନ୍ୟମାନଙ୍କର ପ୍ରରୋଚନାରେ ଛେଳିଟିକୁ କୁକୁର ଭାବି ଛାଡିଦେଇ ଯାଇଥିବା ଲୋକଟି ଭଳି ଆଜି ଆମେ ବି ବୁଦ୍ଧିଭ୍ରଷ୍ଟ ହୋଇଛେ ଏବଂ ଅନ୍ୟମାନଙ୍କଠାରୁ ପ୍ରମାଣପତ୍ର ଆଶା କରୁଛେ। ଯେମିତି ଦୁନିଆଟିଏ ମୁଁ ଦେଖିବାକୁ ଚାହୁଁଛି, ପ୍ରଥମେ ମୋତେ ହିଁ ସେମିତି ହେବାକୁ ହେବ। ଯଦି ମୁଁ ଚାହୁଁଛି ସମସ୍ତେ ମୋତେ ବଡ ବୋଲି ଭାବନ୍ତୁ, ମୋର ସମ୍ମାନ କରନ୍ତୁ, ତେବେ ମୋତେ ହିଁ ପ୍ରଥମେ ସମସ୍ତଙ୍କର ସମ୍ମାନ କରିବାକୁ ହେବ। କୌଣସି ଆଶାବାଡିର ସାହାରାରେ ଆମେ ବଡ଼ ହୋଇ ପାରିବା ନାହିଁ।

ମୋ– ୮୮୦୦୬୩୬୫୭୬,
rath2005@gmail.com

# ପ୍ଲାଷ୍ଟିକ୍‌ର ବିକଳ୍ପ

ଡ. ସୁଶାନ୍ତ କୁମାର ସାହୁ

ଭାରତର ବିଭିନ୍ନ ରାଜ୍ୟ ସହ ଆମ ରାଜ୍ୟ ଓଡ଼ିଶା ପ୍ଲାଷ୍ଟିକ ନିର୍ମିତ ନିତ୍ୟ ବ୍ୟବହୃତ ଦ୍ରବ୍ୟ ଯଥା ଜରି, ଥଳି ଓ ଅନ୍ୟାନ୍ୟ ବସ୍ତୁ ଉପରେ ନିଷେଧାଦେଶ ଜାରି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାକୁ ଚାରିଆଡୁ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ୨୦୧୮ ବିଶ୍ୱ ପରିବେଶ ଦିବସ ଅବସରରେ ଜାତିସଂଘ ଯେଉଁ ପ୍ଲାଷ୍ଟିକମୁକ୍ତ ବିଶ୍ୱର ଅନୁଚିନ୍ତା ପାଇଁ ବିଚାରବିମର୍ଶ ଲୋଡିଥିଲା, ସେଥିରେ ବିଶ୍ୱ ସମୁଦାୟକୁ ଭାରତ ପ୍ଲାଷ୍ଟିକ ପ୍ରଦୂଷଣର କୁପରିଣାମରୁ ମୁକ୍ତି ପାଇବାର ଆହ୍ୱାନ ରଖିଛି। ପ୍ଲାଷ୍ଟିକ ଯେପରି ଆମ ପରିବେଶ, ବନ୍ୟଜନ୍ତୁ ଓ ସମଗ୍ର ମାନବ ଜାତିର ଭୟଙ୍କର ଶତ୍ରୁ ସାଜି ସମସ୍ତଙ୍କୁ ବିନାଶ କରିବାକୁ ବସିଲାଣି ସେଥିନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ଧୀରେ ଧୀରେ ଏକକ ବ୍ୟବହାରର ହ୍ରାସ ଘଟାଇ ପ୍ଲାଷ୍ଟିକ୍‌ର ପୁନଃଚକ୍ରଣ ଉପରେ ଅଧିକ ଗୁରୁତ୍ୱାରୋପ କଲେ ଗୋଟିଏ ସବୁଜ ଓ ସୁନ୍ଦର ପୃଥିବୀରେ ଆମେ ବଞ୍ଚିବାର ସୌଭାଗ୍ୟ ଲାଭ କରିପାରିବା। ଅପରପକ୍ଷରେ ଆମ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଯେପରି କାୟା ବିସ୍ତାର କରିଛି, ତାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅସମ୍ଭବ। ବିଗତ ଦଶନ୍ଧି ଧରି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏଇ ପ୍ଲାଷ୍ଟିକର ବ୍ୟବହାର ପୂରାପୂରି ବନ୍ଦ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଚଳାଇ ଶେଷରେ ବିଫଳ ହୋଇଛନ୍ତି।

୨୦୧୨ ବର୍ଷର ଆକଳନ ଅନୁସାରେ ଭାରତୀୟ ପ୍ଲାଷ୍ଟିକ ବଜାରରେ ପ୍ରାୟ ୨୫ ହଜାର କମ୍ପାନୀ ଓ ୩.୫ ମିଲିୟନ ଲୋକ ଜଡ଼ିତ। ଏହି ସଂଖ୍ୟା ୨୦୧୮ରେ ଢେର ଅଧିକ ହେବ। ସମ୍ପ୍ରତି ୨୪% ପ୍ଲାଷ୍ଟିକ ସାମଗ୍ରୀ କେବଳ ପ୍ୟାକେଜିଙ୍ଗ କମ୍ପାନୀଗୁଡ଼ିକରେ ବ୍ୟବହୃତ ହେଉଛି। ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀକୁ ନେଇ ଛୋଟ ବଡ ବ୍ୟବସାୟ କରି ଅନେକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ହଠାତ୍ ପ୍ଲାଷ୍ଟିକ ତିଆରି କାରଖାନଗୁଡ଼ିକ ଉପରେ ରୋକ ଲଗାଇଲେ ଏଥିରେ କାର୍ଯ୍ୟକରି ଚଳୁଥିବା ଅନେକ ଲୋକ ରୋଜଗାର ହରେଇବେ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚାଷ। ଅଧିକାଂଶ ଭାରତୀୟ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ପ୍ରାୟ ୨୩% ପ୍ଲାଷ୍ଟିକ ସାମଗ୍ରୀ କୃଷିଭିତ୍ତିକ ଶିଳ୍ପରେ ବ୍ୟବହୃତ ହେଉଛି। ବିହନ, ଔଷଧ ଓ କୀଟନାଶକ ଇତ୍ୟାଦି ଦ୍ରବ୍ୟଗୁଡିକୁ ଦୀର୍ଘଦିନ ଧରି ସୁରକ୍ଷିତ ଭାବରେ ସାଇତି ରଖିବାରେ ଏହା ସାହାଯ୍ୟ କରୁଛି। ଏହିସବୁ ପ୍ଲାଷ୍ଟିକ ବସ୍ତୁର ବିକଳ୍ପ ସୃଷ୍ଟି ହେବାକୁ ଅନେକ ଦିନ ଲାଗିପାରେ। ଯେଉଁମାନେ ପ୍ଲାଷ୍ଟିକ ସମ୍ବନ୍ଧୀୟ ବସ୍ତୁରେ ଜ୍ଞାନକୌଶଳ ନେଇଛନ୍ତି ଓ ଉଚ୍ଚଶିକ୍ଷା ଲାଭ କରିଛନ୍ତି, ସେମାନଙ୍କୁ ଆଉଥରେ ଅନ୍ୟ କୌଣସି ବସ୍ତୁରେ ଜ୍ଞାନ ଆହରଣ କରିବା ସହଜ ହେବ ନାହିଁ। ଭାରତରେ ଲକ୍ଷ ଲକ୍ଷ ସଂଖ୍ୟାରେ ଆଇଟି ପ୍ଲାଷ୍ଟିକ ଇଞ୍ଜିନିୟର କାର୍ଯ୍ୟରତ ଓ କାର୍ଯ୍ୟ ଅନ୍ୱେଷଣରେ ସଂଘର୍ଷ ଜାରି ରଖିଛନ୍ତି। ହଠାତ୍ ପ୍ଲାଷ୍ଟିକ ବନ୍ଦ ହୋଇଗଲେ, ଦେଶରେ ବେକାରି ଓ ବେରୋଜଗାରୀ ବଢିବ ହିଁ ବଢିବ।

ଉପରୋକ୍ତ ଅସୁବିଧା ସତ୍ତ୍ୱେ ଆମକୁ ଆମ ପରିବେଶ ପାଇଁ ଚିନ୍ତା କରିବାକୁ ହେବ। ଏହାକୁ ସକାରାତ୍ମକ ଭାବେ ନେଇ ଏକାସାଙ୍ଗରେ ସବୁ କ୍ଷେତ୍ରରୁ ପ୍ଲାଷ୍ଟିକକୁ ବିଦାୟ ଦେବା ଠିକ୍ ହେବ ନାହିଁ। ଧୀରେ ଧୀରେ ଗୋଟିଏ ଗୋଟିଏ କ୍ଷେତ୍ରରୁ ଏହାକୁ ବନ୍ଦ କରିବା ସହ ଏହାର ବିକଳ୍ପ ତିଆରି କରାଯାଇପାରିବ ସେଥିନେଇ ଚିନ୍ତା କରିବା ଜରୁରୀ। ବିଭିନ୍ନ ପ୍ରକାର ଜୀବାଣୁ ଓ ବୃକ୍ଷରୁ ମଧ୍ୟ ପ୍ଲାଷ୍ଟିକର ବିକଳ୍ପ ସନ୍ଧାନ କରାଯାଇପାରେ। ସେହିପରି ପ୍ରବଳ ମାତ୍ରାରେ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ଦରକୁ ରୋକିବାକୁ ମଧ୍ୟ ଜୈବ ବିଜ୍ଞାନ ମାଧ୍ୟମରେ ପଲିମର ପେଟ୍ରୋଲ ସୃଷ୍ଟି କଥା ଏବେ ଚିନ୍ତା କରାଗଲାଣି। ଏକସୂତ୍ରୀ ବ୍ୟବହାର ପ୍ଲାଷ୍ଟିକ ବଦଳରେ ସାମଗ୍ରିକ ଭାବେ ବହୁଥର ବ୍ୟବହାର ହୋଇପାରୁଥିବା ଜୈବ ପ୍ଲାଷ୍ଟିକର ଅଧିକ ଆବିଷ୍କାର ପାଇଁ ଏବେ ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ୟୁରୋପର ଜୈବ ପ୍ଲାଷ୍ଟିକ ଅନୁସନ୍ଧାନର ହାର ସମ୍ପ୍ରତି ବିଶ୍ୱର ସମୁଦାୟ ପଲିମର ପ୍ଲାଷ୍ଟିକ ହାର ସହ ସମାନ। ବିଶ୍ୱର ଜୈବ ପ୍ଲାଷ୍ଟିକ ଉତ୍ପାଦନ ୬.୬ ମିଲିୟନ ଟନ ହାରରେ ବୃଦ୍ଧିପାଇ ୨୦୨୧ ମସିହା ସୁଦ୍ଧା ୮.୫ ମିଲିୟନ ଟନ ହାରରେ ପହଞ୍ଚିବ ବୋଲି ଜୈବ ବିଜ୍ଞାନୀମାନେ ମତ ଦିଅନ୍ତି। ଜୈବଭିତ୍ତିକ ପ୍ଲାଷ୍ଟିକ, ଶ୍ୱେତସାର, ଉଦ୍ଭିଦ ତୈଳ, ପିଏଲଏ ମଞ୍ଜି ଏବଂ ପିଏଚ୍‌ଏ ଇତ୍ୟାଦି ଜୈବ ପ୍ଲାଷ୍ଟିକ ହିସାବରେ ବିଭିନ୍ନ ପ୍ଲାଷ୍ଟିକ ଓ ଲେପର ବିକଳ୍ପ ଭରଣା କରିପାରିବ। ୟୁରୋପୀୟ ଦେଶଗୁଡିକରେ ଅଧିକ ଜୈବ ପ୍ଲାଷ୍ଟିକ ନିର୍ମିତ ବସ୍ତୁର ବ୍ୟବହାର କରାଯାଉଥିବାରୁ ଏଠାକାର ପରିବେଶ ସ୍ୱଚ୍ଛ ଓ ନିର୍ମଳ ରହୁଛି। ଆମ ସରକାର ମଧ୍ୟ ସେଇ ସବୁ ପଦ୍ଧତି ଆପଣାଇ ଜୈବ ପ୍ଲାଷ୍ଟିକ ଉପରେ ଗବେଷଣା କ୍ଷେତ୍ରକୁ ବୃହତ୍ ଓ ତ୍ୱରାନ୍ୱିତ କରିବା ଦରକାର। ସେହିପରି ବୈଜ୍ଞାନିକ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏ ଦିଗରେ ବିଚାରବିମର୍ଶ ଜାରି ରଖିବା ଉଚିତ। କିନ୍ତୁ ସବୁଠାରୁ ବଡ କଥା ହେଲା ଲୋକମାନଙ୍କ ମନରୁ ପ୍ଲାଷ୍ଟିକ ବ୍ୟବହାରର ନିଶାକୁ ବିଦାୟ ଦେବା। ଏଥିପାଇଁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଶେଷରେ ଅପରାଜେୟ ପ୍ଲାଷ୍ଟିକକୁ ପରାଜିତ କରିବା ପାଇଁ ଆମକୁ ବ୍ୟକ୍ତିଗତ ସ୍ତରରେ ହିଁ ବଦଳିବାକୁ ପଡିବ।

ବୈଜ୍ଞାନିକ, ଏମ୍‌ଏସ୍‌ଟିଡି, ସିଏସ୍‌ଆଇଆର, ଥିରୁଭାନନ୍ତପୁରମ୍, ମୋ– ୭୮୭୩୭୧୯୦୫୬, ଇମେଲ–sushantanano@gmail.com

## ଏଇ ଭାରତରେ

ଜନସାଧାରଣ ଦାବି ହାସଲ ଲାଗି ବିକ୍ଷୋଭ ପ୍ରଦର୍ଶନ ଅଥବା ଆନ୍ଦୋଳନ କରନ୍ତି। ତେବେ ଦାବି ହାସଲ ପାଇଁ ଲୋକେ ଭିନ୍ନ ଭିନ୍ନ ତରିକା ଆପଣାଇ ଥାଆନ୍ତି। ବର୍ଷାଦିନେ ସଡ଼କ ପଥ କର୍ଦ୍ଦମାକ୍ତ ହୋଇ ଯାତାୟାତରେ ବାଧା ସୃଷ୍ଟିହେଲେ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରାଯାଏ। ଲୋକେ ରାସ୍ତାରେ ତଳି ରୋଇ ପ୍ରତିବାଦ ଜଣାଇଥାଆନ୍ତି। ଓଡ଼ିଶାରେ ଇଞ୍ଜିନିୟରିଂ ପାସ୍ କରିଥିବା ଛାତ୍ରୀଛାତ୍ର ଚାକିରି ନ ପାଇ ବିଧାନସଭା ସମ୍ମୁଖରେ ଜୋତା ପଲିସି କରିବାର ଦୃଷ୍ଟାନ୍ତ ରହିଛି। କିନ୍ତୁ ଗୁଜରାଟର ଏକ କେନାଲରେ ପାଣି ନ ଆସିବାରୁ ସେଠାରେ ସ୍ଥାନୀୟ ଲୋକମାନେ ଅଭିନବ ଉପାୟରେ ପ୍ରତିବାଦ ଜଣାଇଛନ୍ତି। କୃଷକମାନେ ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରି ଶୁଖିଲା କେନାଲରେ ଫୁଟବଲ୍ ଖେଳିଥିଲେ। ଏହାକୁ ଦେଖିବାପାଇଁ ଆଖପାଖର ଲୋକେ ବି ଜମା ହୋଇଯାଇଥିଲେ। ସ୍ଥାନୀୟ କେତେକ ଖବରଦାତାଙ୍କୁ ମଧ୍ୟ ଡକାଯାଇ ଏ ସମ୍ପର୍କିତ ଖବର ଛାପିବାକୁ ଅନୁରୋଧ କରାଯାଇଥିଲା। କାରଣ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କୁ ଅବହେଳା ସମ୍ପର୍କରେ ଅବଗତ କରାଇବା। ଗୁଜରାଟ ଭାବନଗର ଜିଲା ଅନ୍ତର୍ଗତ ଗଧଡା ତହସିଲରେ ଥିବା ପାଟଣ ଅଞ୍ଚଳରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ସୁଜଳାମ୍ ସୁଫଳାମ୍ କେନାଲରେ ପାଣି ଛଡାଯାଇ ନାହିଁ। ଜଳସେଚନ ଅଭାବରୁ ଖେତରେ ଫସଲ ମରିବାକୁ ବସିଲାଣି। ଏହାର ବିରୋଧ କରି ସ୍ଥାନୀୟ କୃଷକମାନେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଥିଲେ। ପ୍ରତିବାଦ ସ୍ୱରୂପ ସେମାନେ ଏକତ୍ରିତ ହୋଇ ଶୁଖିଲା କେନାଲରେ ଭଲିବଲ୍ ଖେଳିଥିଲେ। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୩

- ଜୋର୍ଡାନ ଇସ୍ରାଏଲ ସହିତ କୌଣସି ସ୍ୱତନ୍ତ୍ର ଶାନ୍ତି ରାଜିନାମା ସ୍ୱାକ୍ଷର କରିବ ନାହିଁ ବୋଲି ଦେଶର ସୂଚନା ମନ୍ତ୍ରୀ ଆବୁ ନାଓ୍ୱାର କହିଛନ୍ତି।
- ପେଟ୍ରୋଲ ଉତ୍ପାଦନକାରୀ ଦେଶ ସମୂହ ସଙ୍ଗଠନ (ଓପେକ୍)ର ଦୁଇଦିନିଆ ସମ୍ମିଳନୀରେ ପ୍ରତିଦିନ ୨୪.୫୨ ମିଲିୟନବ୍ୟାରେଲତୈଳଉତ୍ପାଦନକରିବାନେଇସହମତି।

## ଆମ ସମସ୍ୟା

### ଆମ ବସ୍

ମହାଶୟ,

ଓଡ଼ିଶା ସରକାର ଭୁବନେଶ୍ୱର ସହର ମଧ୍ୟରେ ଆମ ବସ୍ ସେବା ପ୍ରଚଳନ କରିଛନ୍ତି। ଏହା ପୂର୍ବରୁ ସିଟି ବସ୍ ସେବା ମଧ୍ୟ ଆରମ୍ଭ କରାଯାଇଥିଲା। ଯେତେବେଳେ ସିଟି ବସ୍ ସେବା ଆରମ୍ଭ ହେଲା ସେହି ସମୟରେ କିଛିଦିନ ପାଇଁ ଜିଜିପି କଲୋନୀ ରୁଟ୍‌ରେ ସିଟି ବସ୍ ଯିବାଆସିବା ହେଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ବନ୍ଦ କରିଦିଆଗଲା। ବର୍ତ୍ତମାନ ଆମ ବସ୍‌ର ମଧ୍ୟ ଜିଜିପି କଲୋନୀକୁ କୌଣସି ରୁଟ୍ ଦିଆଯାଇପାରି ନାହିଁ। ବସ୍ ସେବା ନ ପାଇ ଜିଜିପି କଲୋନୀ, ପାଣ୍ଡରା ଏବଂ ଆଖପାଖ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ନଗର ଉନ୍ନୟନ ବିଭାଗ ଏଥି ପ୍ରତି ଦୃଷ୍ଟି ଦିଅନ୍ତୁ।

କେ. ରବି, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

### ଡାକ ବିତରଣରେ ଅବହେଳା

ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱରପାଟଣା (ଟଙ୍କପାଣି) ଅଞ୍ଚଳଟି କେବଳ ଜନବହୁଳ ନୁହେଁ ଏଠାରେ ୧୦୦୦ ବର୍ଷ ତଳର ପ୍ରାଚୀନ କୀର୍ତ୍ତିରାଜି ବିଦ୍ୟମାନ। ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କଳାକାର ଏଠାରେ ରହିବା ସ୍ଥଳେ ଏଠାରେ ଡାକଘରଟିଏ ନାହିଁ। ବିଗତ ଦୁଇମାସ ହେବ ଘର ଘର ବୁଲି ବଣ୍ଟା ଯାଉଥିବା ସାଧାରଣ ଚିଠି, ବୁକପୋଷ୍ଟ, ପ୍ରିଣ୍ଟେଡ ବୁକ୍, ଦୈନିକ ଖବରକାଗଜକୁ ଏବେ ବନ୍ଦ କରାଯାଇ କିଛି ଡାକଘରେ ପାହାଡ ପରି ଜମାଇ ରଖାଯାଇଛି। ଅଭିଯୋଗ କଲେ ନୂଆ ଡାକବାବୁ ନୀରବ। ତେଣୁ ମହାଡାକପାଳ ବ୍ରହ୍ମେଶ୍ୱରପାଟଣାରେ ସ୍ୱତନ୍ତ୍ର ଉପଡାକଘରଟିଏ ଖୋଲିବାକୁ ଅନୁରୋଧ।

ଲାବଣ୍ୟ ଚନ୍ଦ୍ର ସାହୁ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୧୮–ଉତ୍ତରାଖଣ୍ଡରେ ୧୫୦ ମିଟର ଗଭୀର ଖାଇକୁ ଏକ ବସ୍ ଖସିପଡ଼ିବା ଫଳରେ ୧୪ ଯାତ୍ରୀଙ୍କ ମୃତ୍ୟୁ।
୧୯– ହାଇକୋର୍ଟର ନୂଆ ବିଚାରପତି ଭାବେ ଅକ୍ଷୟ କୁମାର ମିଶ୍ର ଓ ଶତ୍ରୁଘ୍ନ ପୂଜାହାରୀ ଶପଥ ନେଲେ।
୨୦– କଟକ–ଜଗତପୁର ମହାନଦୀ ପୋଲ ଉପରେ ଏକ ଯାତ୍ରୀବାହୀ ବସ୍ ନଦୀକୁ ଖସି ପଡ଼ିବାର ୧୦ ଜଣଙ୍କ ମୃତ୍ୟୁ ଓ ୪୬ ଆହତ।
୨୧– ଜମ୍ମୁ–କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ରାଜ୍ୟ ବିଧାନ ସଭାକୁ ଭଙ୍ଗ କରିଛନ୍ତି।
୨୨– ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଶିଷ୍ଟ ସାହିତ୍ୟିକ ଓ ସାମାଜିକ କର୍ମୀ ବୈଷ୍ଣବ ପରିଡ଼ାଙ୍କର ୭୭ ବର୍ଷ ବୟସରେ କର୍କଟ ରୋଗରେ ପରଲୋକ।
୨୩– ନାଇଜେରିଆର ଉତ୍ତର–ପୂର୍ବାଞ୍ଚଳରେ ଥିବା ବୋର୍ନୋରେ ଦୁର୍ଦ୍ଦାନ୍ତ ବୋକୋ ହାରାମ ଆତଙ୍କବାଦୀମାନେ ଏକ ସେନା ଶିବିର ଉପରେ ଆକ୍ରମଣ କରି ୭୦ ସୈନିକଙ୍କୁ ହତ୍ୟା କରିଛନ୍ତି।

**ଖାରବେଳଙ୍କୁ ଆକ୍ରମଣ ଘଟଣା**

# ଆଜି କାଶୀପୁର ଯିବ କ୍ରାଇମ୍‌ବ୍ରାଞ୍ଚ ଟିମ୍

## ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାର ତଦନ୍ତ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିପାଇଁ ଜଣେ ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସୋମବାର ରାୟଗଡ଼ା ଜିଲାର କାଶୀପୁର ଯିବେ। ଏହି ଘଟଣାରେ ଏକ ମାମଲା(୨୬/୧୮) ରୁଜୁ ହୋଇଛି। ଏଥିରେ ଯେଉଁମାନଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତରୁ ଜଣାପଡ଼ିବ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ଖାରବେଳଙ୍କୁ ମାଡ଼ ମାରିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଡିଜିପି କହିଛନ୍ତି। ଅନ୍ୟପଟେ ଖାରବେଳ ରବିବାର ସକାଳେ ନିଜ ସମର୍ଥକଙ୍କ ସହ ରାୟଗଡା ଯାଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ ଶନିବାର ରାୟଗଡା ଜିଲା କାଶୀପୁରରେ ପଥପ୍ରାନ୍ତ ପ୍ରଚାର କରୁଥିବା ବେଳେ କେତେଜଣ ଯୁବକ ତାଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସୁମନ୍ତଙ୍କୁ ୭ ଦିନ ରିମାଣ୍ଡରେ ନେବ ପୋଲିସ

ରାୟଗଡା ଅଫିସ୍, ୨୫।୧୧

ରାୟଗଡ଼ା ଜିଲା କାଶିପୁରଠାରେ ଶନିବାର ଉତ୍କଳ ଭାରତ ସଭାପତି ଶ୍ରୀ ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ। ଗିରଫ ହୋଇଥିବା ଯୁବକ ସୁମନ୍ତ ନାୟକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ କୌଣସି ରାଜନୈତିକ ଦଳର ସମ୍ପୃକ୍ତି ଅଛି ନା ନାହିଁ ତାହା ଜାଣିବା ନିମନ୍ତେ ପୁନର୍ବାର ତଦନ୍ତ କରିବାକୁ ସୁମନ୍ତଙ୍କୁ ୭ ଦିନ ରିମାଣ୍ଡରେ ଅଣାଯିବ। ଏଥିସହ ବିଶୃଙ୍ଖଳା ଭିଆଇଥିବା ଅନ୍ୟ ୩ ଜଣଙ୍କୁ ପୋଲିସ ଖୋଜୁଛି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ। ରବିବାର ଏକ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ପି ରାହୁଲ ପିଆର୍ ଏହି ସୂଚନା ଦେଇଛନ୍ତି। ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପ୍ରକାରେ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବ ବୋଲି ଏସପି କହିଛନ୍ତି। ଅପରପକ୍ଷରେ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏଥିରେ ଦଳର କୌଣସି ସମ୍ପୃକ୍ତି ନ ଥିବା ବିଜେଡ଼ି କହିଛି। ଆକ୍ରମଣକାରୀ ସୁମନ୍ତ ବିଜେଡି ଦଳର ବୋଲି ଯେଉଁ ଅପପ୍ରଚାର କରାଯାଉଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ବିଧାୟକ ତଥା ରାୟଗଡା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା ଏବଂ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ କହିଛନ୍ତି।

## ଆକ୍ରମଣ ଘଟଣାକୁ ଧର୍ମେନ୍ଦ୍ରଙ୍କ ନିନ୍ଦା

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କ ଉପରେ ଆକ୍ରମଣ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢ଼ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଏକ ଭିଡିଓ ଜାରିକରି ଏହି ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରକୁ ସଜ୍ଜନଶୀଳ, ହେଲେ ତାଙ୍କ ସହ ଅସହମତି ରଖୁଥିବା ଓ ସମାଲୋଚନା କରୁଥିବା ବ୍ୟକ୍ତିବିଶେଷଙ୍କୁ ଅପମାନିତ କରିବାରେ ସେ ଆନନ୍ଦ ପାଆନ୍ତି। ଏନେଇ ତାଙ୍କର ପୂର୍ବରୁ ବହୁ ଅନୁଭବ ରହିଛି। ରାଜନୀତିରେ ସହମତି, ଅସହମତି, ଆଲୋଚନା ଓ ପର୍ଯ୍ୟାଲୋଚନା ଗଣତାନ୍ତ୍ରିକ ପ୍ରକ୍ରିୟାର ଅଙ୍ଗ। ଖାରବେଳ ସ୍ୱାଇଁ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଓ ଅନ୍ୟ ବିରୋଧୀ ନେତାମାନଙ୍କର ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାର ଅଧିକାର ଅଛି। ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ସମସ୍ତଙ୍କୁ ସମାଲୋଚନା କରିବାର ଅଧିକାର ଅଛି। ମାତ୍ର ଓଡ଼ିଶାର କିଏସବାତାମାନଙ୍କ ଅର୍ଥରେ ଗଢ଼ା ହୋଇଥିବା ବିଜୁ ଯୁବ ବାହିନୀକୁ ବ୍ୟବହାର କରି ଆକ୍ରମଣ କରିବା ନିନ୍ଦନୀୟ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସଭା କରିବା ପୂର୍ବରୁ ଖାରବେଳ ଥାନାକୁ ଯାଇ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଥିଲେ। ମାତ୍ର ସଭାସ୍ଥଳକୁ କୌଣସି ପୋଲିସ କର୍ମଚାରୀ ଆସିଲେ ନାହିଁ। କ୍ଷମତା ଚାଲିଯିବା ଡରରେ ବିଜୁ ଯୁବ ବାହିନୀକୁ ଗୁଣ୍ଡା ଭାବେ ସରକାର ବ୍ୟବହାର କରୁଛନ୍ତି। ଆଉ କିଛି ମାସ ପରେ ନିର୍ବାଚନ ହେବ। ମୁଖ୍ୟମନ୍ତ୍ରୀ ଲୋକଙ୍କ ମତାମତ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଓ ନିଜର ବଚସ୍କରମାନଙ୍କୁ ବିରୋଧୀଙ୍କ ବିରୋଧରେ ହିଂସାରୁ ନିବୃତ୍ତ ରଖନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨
ଅନୁଯାୟୀ ବ୍ୟାଙ୍କର ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେସି ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେସି ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୧୦.୧୨.୨୦୧୮**

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | ରଣଗ୍ରହୀତା: ମେସର୍ସ ସାବିତ୍ରୀ ଇନଗଟ୍ସ ପ୍ରା. ଲି., [illegible] | ଜାମିନ୍ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲ, [illegible] | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲ, ମେସର୍ସ ସାବିତ୍ରୀ ଇନଗଟ୍ସ ପ୍ରା. ଲି. | ମେସର୍ସ ସାବିତ୍ରୀ ଇନଗଟ୍ସ ପ୍ରା. ଲି. [illegible] ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲଙ୍କ ନାମରେ ଥିବା ସମ୍ପତ୍ତି [illegible] | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୯୧୭/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | ରଣଗ୍ରହୀତା: ମେସର୍ସ ଏରିକେଷ ଏଡିବିଲ ଅଏଲ ପ୍ରା. ଲି., [illegible] | ଜାମିନ୍ଦାରମାନେ: ୧) ଶ୍ରୀ ରମେଶ କୁମାର ଜୈନ, [illegible] ୨) ଶ୍ରୀ ସୁରେଶ କୁମାର ଜୈନ, [illegible] ୩) ଶ୍ରୀ ଭିକ୍ଷମ ଜୈନ, [illegible] | ମେସର୍ସ ଏରିକେଷ ଏଡିବିଲ ଅଏଲ ପ୍ରା. ଲି., ଶ୍ରୀ ରମେଶ କୁମାର ଜୈନ | (କ) ମେସର୍ସ ଏରିକେଷ ଏଡିବିଲ ଅଏଲ ପ୍ରା. ଲି.ର ନାମରେ ଥିବା [illegible] ସମୁଦାୟ କ୍ଷେତ୍ର: ଏକର୧.୯୪ଡିସିମିଲି। (ଖ) [illegible] (ଗ) ଶ୍ରୀ ରମେଶ କୁମାର ଜୈନଙ୍କ [illegible] ସମୁଦାୟ କ୍ଷେତ୍ର: ଏକର୧.୪୦ଡିସିମିଲି। | ୦୨.୦୭.୨୦୧୫ ସୁଦ୍ଧା ଟ.୫୮,୦୭,୩୫,୪୬୪/- + ୦୩.୦୭.୨୦୧୫ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୩୨,୩୦,୦୦,୦୦୦/- ଟ.୩,୨୩,୦୦,୦୦୦/- (ଖ) ଟ.୧,୧୭,୦୦,୦୦୦/- ଟ.୧୧,୭୦,୦୦୦/- (ଗ) ଟ.୭୩,୦୦,୦୦୦/- ଟ.୭,୩୦,୦୦୦/- (ଘ) ଟ.୧୩,୦୦,୦୦୦/- ଟ.୧,୩୦,୦୦୦/- (ଙ) ଟ.୩୧,୦୦,୦୦୦/- ଟ.୩,୧୦,୦୦୦/- / ୦୮.୦୭.୨୦୧୫ |
| ୩. | ରଣଗ୍ରହୀତା: ଜଗନ୍ନାଥ ସ୍ପଞ୍ଜ ପ୍ରା. ଲି., [illegible] | ଜାମିନ୍ଦାରମାନେ: ୧) ଶ୍ରୀ ସଞ୍ଜୀବ କପୁର, [illegible] | ଜଗନ୍ନାଥ ସ୍ପଞ୍ଜ ପ୍ରା. ଲି. | (କ) ଜଗନ୍ନାଥ ସ୍ପଞ୍ଜ ପ୍ରା. ଲି.ର ନାମରେ ଥିବା [illegible] ୪୭୫/୧, ୪୭୫(ଅଂଶ), ୧୭୫/୭୩୬, ୪୭୪/୭୭୪, ୪୭୪/୭୩୦/୭୭୫, ୪୭୪/୭୩୧/୭୭୬, ୪୭୫/୭୫୦/୧, ୪୭୬, ୫୦୯/୭୫୨, **ସମୁଦାୟ କ୍ଷେତ୍ର: ଏକର୭.୭୬ଡିସିମିଲି। (ଗ) ଜଗନ୍ନାଥ ସ୍ପଞ୍ଜ ପ୍ରା. ଲି.**ର ନାମରେ ଥିବା କାରଖାନା, ଯନ୍ତ୍ରପାତି ଏବଂ ସେଡ୍ (ଇଣ୍ଡକ୍ସନ୍ ୟୁନିଟ୍) ଯାହାକି ମୌଜା: ପଦଜାମପାଲ୍ଲୀ, ଜିଲ୍ଲା: ସୁନ୍ଦରଗଡ଼ରେ ଅବସ୍ଥିତ। | ନଭେମ୍ବର ୨୦୧୧ ସୁଦ୍ଧା [illegible] ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) [illegible] (ଖ) [illegible] (ଗ) [illegible] / ୦୯.୦୬.୨୦୧୨ |
| ୪. | ରଣଗ୍ରହୀତା: ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | ଜାମିନ୍ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, **ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି,** କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ। **(ଖ) ସଞ୍ଜୟ ଅଗ୍ରୱାଲଙ୍କ** ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, **ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି,** କିସମ: ଘରବାରି, **(ଗ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ**ର ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/- (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/- (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୫. | ରଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ଜାମିନ୍ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡବିଲ, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି। | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୬. | ରଣଗ୍ରହୀତା : ଶ୍ରୀ ତ୍ରିଲୋଚନ ମହାନ୍ତି, ପିତା : ଶ୍ରୀ ବାଳକୃଷ୍ଣ ମହାନ୍ତି, ସା/ପୋ: ରଙ୍ଗଢ଼ିପ, ସୁନ୍ଦରଗଡ଼, ଜିଲ୍ଲା : ସୁନ୍ଦରଗଡ଼ | ଜାମିନ୍ଦାରମାନେ : ୧) ଶ୍ରୀ ଶୈଳେଶ କିଙ୍ଗ ସୁଭନିଲ, ପିତା: ଶ୍ରୀ ସୁନିଲ କୁମାର ମହାରଣା, ସା: ବେହେରାମାଲ, ପୋ/ଜିଲ୍ଲା: ଝାରସୁଗୁଡ଼ା, ୨) ଶ୍ରୀମତୀ ଗୋଲାପି ମେହେର, ସ୍ୱାମୀ: ୰ ରାଧେଶ୍ୟାମ ମେହେର, ୩) ଶ୍ରୀ ବଂଶୀଧର ମେହେର, ପିତା: ୰ ରାଧେଶ୍ୟାମ ମେହେର, ୪) ଶ୍ରୀ ବିନୋଦ ମେହେର, ପିତା: ୰ ଘନଶ୍ୟାମ ମେହେର, କ୍ର.ନଂ.: ୨ ରୁ ୪ଙ୍କର ବାସସ୍ଥାନ ଠିକଣା: ସା/ପୋ: ସମଦା, ବେଲପାହାଡ଼, ଜିଲ୍ଲା: ଝାରସୁଗୁଡ଼ା | ଶ୍ରୀ ଶୈଳେଶ କିଙ୍ଗ ସୁଭନିଲ | ଶ୍ରୀ ଶୈଳେଶ କିଙ୍ଗ ସୁଭନିଲଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚିଠୁଆପଡା, ଝାରସୁଗୁଡ଼ା ଟାଉନ୍, ୟୁନିଟ୍ ନଂ.: ୦୪, ଖାତା ନଂ.: ୧୪୬/୮୮, ପ୍ଲଟ୍ ନଂ.: ୪୯୬/୧୦୪୮, କ୍ଷେତ୍ର: ଏକର ୦.୩୯୦ଡ଼ିସିମିଲି, ପ୍ଲଟ୍ ନଂ.: ୪୯୫/୧୦୪୯, ଏକର ୦.୧୨୦ଡିସିମିଲି, (ସମୁଦାୟ କ୍ଷେତ୍ର: ଏକର୦.୫୧ଡିସିମିଲି)। | ୩୧.୦୩.୨୦୧୦ ସୁଦ୍ଧା ଟ.୭୭,୭୫,୩୧୨/- + ୦୧.୦୪.୨୦୧୦ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯,୦୦,୦୦୦/- / ଟ.୯୦,୦୦୦/- / ୧୫.୦୫.୨୦୧୦ |
| ୭. | ରଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୁ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, (୧) ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., (୨) ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡ଼ିସିମିଲି, କିସମ: ଘରବାରି, ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/- (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/-/ ୨୦.୦୧.୨୦୧୪ |
| ୮. | ରଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ., ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, ନିର୍ଦ୍ଦେଶକମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ଅଂଶୁମାନ ସାମନ୍ତାରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, ୪) ଶ୍ରୀ ବିଧୂ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ଜାମିନଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ଅଂଶୁମାନ ସାମନ୍ତାରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, ୪) ଶ୍ରୀ ବିଧୂ ଭୂଷଣ ନାୟକ, ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି,** କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- (ଖ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୯. | ରଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ., କାରଖାନା: ସା: କୁଟୁଗାଁ, ପୋ: ଚିପିଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | ଜାମିନ୍ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୨) ଶ୍ରୀ ଗଣେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୩) ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ଜାମିନ୍ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, ୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, କର୍ପୋରେଟ୍ ଜାମିନ୍ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ. | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା। ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଗଣେଶ ସ୍ପଞ୍ଜ ପ୍ରା.ଲିଃ. ନାମରେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। **(ଗ) ଶ୍ରୀ ମହେଶ କୁମାର ଶର୍ମା**ଙ୍କ ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। **(ଘ) ଶ୍ରୀ ଗଣେଶ କୁମାର ଶର୍ମା**ଙ୍କ ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

*** କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍ସର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।**

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୨(ଗ), ୨(ଘ), ୨(ଙ), ୫, ୬, ୮(କ), ୮(ଖ), ୮(ଗ), ୯(ଗ) ଏବଂ ୯(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡିକ ନିମନ୍ତେ - ଟ.୫୦,୦୦୦/-**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୦୭.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୫.୧୨.୨୦୧୮ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା**

ଇ-ନିଲାମ ତାରିଖ ଏବଂ ସମୟ: **ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରଦର୍ଶିତ ତା୧୦.୧୨.୨୦୧୮ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://bankeauctions.com** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନକମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଠାରେ **ତା୦୭.୧୨.୨୦୧୮ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://bankeauctions.com** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର.ନଂ. ୧ ଏବଂ ୨ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୩, ୪, ୫ ଏବଂ ୬ ନିମନ୍ତେ - Mob: 9437186669, ସମ୍ପତ୍ତି କ୍ର.ନଂ. ୭ ଏବଂ ୮ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୯ ନିମନ୍ତେ - Mob: 7377977178** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୬) **ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୨୩.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୨୬ ନଭେମ୍ବର, ୨୦୧୮



# ଲୋକଙ୍କଠାରୁ ପରାମର୍ଶ ସଂଗ୍ରହ

ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ପଞ୍ଚାୟତରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରାମର୍ଶ ପତ୍ର ଜରିଆରେ ଲୋକଙ୍କଠାରୁ ବିଭିନ୍ନ ପରାମର୍ଶ ଲିଖିତ ଆକାରରେ ସଂଗ୍ରହ ହୋଇଥିଲା। ଏହି ଅବସରରେ ଦଳୀୟ କର୍ମୀମାନେ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଓ ସାଇ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ପରେ ସାତଶୋଳାସ୍ଥିତ ଶିବମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଶତାଧିକ ଦଳୀୟ କର୍ମୀ ସାତଶୋଳା, ଗୁଆଗଡିଆ, ହାଟସାହି, ମିଲସାହିରେ ଘରକୁ ଘର ବୁଲି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ନେଇ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ବସନ୍ତ ରାଉତ, ପ୍ରକାଶ ମହାପାତ୍ର, ରୁକ୍ମିଣୀ ଦାସ, ଅଜୟ ପାତ୍ର, ସତ୍ୟବ୍ରତ ଦାସ, ଶିବାନନ୍ଦ ସାହୁ, ତପସ୍ୱିନୀ ମହାପାତ୍ର ପ୍ରମୁଖ ବହୁ ନେତୃବୃନ୍ଦ ପଦଯାତ୍ରାରେ ସାମିଲ ଥିଲେ। ପରେ ବେଲମଳାସ୍ଥିତ ବିନୋବା ସେବା ସଦନଠାରେ ଗ୍ରାମସଭା ହୋଇଥିଲା।

# ଜବରଦଖଲରେ ସରକାରୀ ରାସ୍ତା

ତିହିଡ଼ି, ୨୫।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୁବେରା ଗ୍ରାମରେ ସରକାରୀ ରାସ୍ତା ଜବରଦଖଲ ନେଇ ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ସମ୍ପର୍କରେ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରେ ସେମାନେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଏନେଇ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ଦୋଳସାହି ବଜାରଠାରୁ ବୋଡ଼କ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରନ୍ତି। କୁବେରା ମୌଜାରେ ଥିବା ଏହି ରାସ୍ତାକୁ ଜବରଦଖଲ କରାଯାଇଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଲୋକଙ୍କ ଯାତାୟାତ ଓ ଯାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଅବରୋଧ ସ୍ଥାନରେ ପାଚେରି ନିର୍ମାଣ ଲାଗି ଉଦ୍ୟମ ସହ ପାଇଖାନା ଟାଙ୍କି ନିର୍ମାଣ କରାଯାଇ ରାସ୍ତା ଉପରକୁ ଦୂଷିତ ପାଣି ଛଡ଼ା ଯାଉଛି। ଏହାଦ୍ୱାରା ଖାଲ ସୃଷ୍ଟି ହୋଇ ରାସ୍ତା ବିପଦସଙ୍କୁଳ ହୋଇଥିବା ସରପଞ୍ଚ ରୀନାରାଣୀ ବେହେରା, ଶ୍ରୀଧର ପ୍ରସାଦ ନାଥ, ଭାଗୀରଥି ନାଥ, ଶଙ୍କର୍ଷଣ ବାରିକ, ମାୟାଧର ରାଉଳ, ରମେଶ ଚନ୍ଦ୍ର ବେହେରା, ଅଶୋକ ବେହେରା ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଜବରଦଖଲକାରୀ ଗ୍ରାମର ବୀରକିଶୋର କରଙ୍କ ଯାତାୟାତ ରାସ୍ତାରେ ଉଦ୍ଦେଶ୍ୟମୂଳକ ଭାବେ ବାଡ଼ ବୁଜି ଅବରୋଧ କରିଥିବା ସେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର କୈଳାସ ଚନ୍ଦ୍ର ମହାଳିକଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ସରକାରୀ ଯୋଜନା ସମ୍ପର୍କିତ ସଚେତନତା

ତିହିଡ଼ି, ୨୫।୧୧(ଡି.ଏନ.ଏ.)

ତିହିଡି ବ୍ଲକ ବ୍ଲକ କାର୍ଯ୍ୟାଳୟ ସ୍ଥିତ ନୀଳମଣି ସଭାଗୃହରେ ବ୍ଲକ ସ୍ତରୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଡିଓ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ପୌରୋହିତ୍ୟ କରିଥିଲେ। ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ, ଏମପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପଣ୍ଡା, ଧାମନଗର ବିଧାୟକଙ୍କ ପ୍ରତିନିଧି ଚିନ୍ତାମଣି ଦାସ, କାର୍ଯ୍ୟକ୍ରମର ଜିଲା ସଂଯୋଜକ କ୍ଷିତିଶ ଚନ୍ଦ୍ର ଯୋଗଧର୍ମା ଏଥିରେ ଯୋଗ ଦେଇ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେବା ଉପରେ ଆଲୋଚନା କରିଥିଲେ। ଏଥି ସହିତ ଯୋଜନା ଠିକ୍ ରୂପେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତଦାରଖ କରିବା ଲୋକମାନଙ୍କର ଦାୟିତ୍ୱ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫାଲୁଆ ଫାଲୁଆ ଗୁଣ୍ଡା**
**ମାରି ଦେଉଥାଏ ପିହାଣମୁହାଁ**
**ଚାହିଁ ବସିଥାଏ ଭେଣ୍ଡା ।**

ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା ଭଳି ମାରି ଖାଇବା ଲୋକ ସବୁ ଖାଇଯାଉଥିବା ବେଳେ ଚାହିଁବା ଲୋକ କେବଳ ଚାହିଁ ରହିବା ହିଁ ସାର ହୋଇଥାଏ। ପରୋକ୍ଷରେ ଜଣକୁ ଭକୁଆ ବନେଇ ଅନ୍ୟଜଣେ ସକଳ ସୁବିଧା ସୁଯୋଗ କୌଶଳ କରି ହାତେଇନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫୁଟିଲା ଛତୁ**
**କିଛି ନ ହେଉଣୁ ଆଜହୁଁ ମାତୁ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ କିଛି ବ୍ୟକ୍ତି ତୁଚ୍ଛାକୁ ଫୁଲିଉଠନ୍ତି। ମଣିଷର ଉଦ୍‌ବାର୍ଯ୍ୟ ପଣିଆର ରୂପ। କୁଆଡୁ କିଛି ନ ହେଉଣୁ ବା ନ ଘଟୁଣୁ ବ୍ୟକ୍ତି ଧରାକୁ ସରା ମଣି ନିଜ ଆତ୍ମବଡ଼ିମା ଦେଖେଇ ହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗାୟତ୍ରୀ ପରିବାର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଆରଡ଼ି, ୨୫।୧୧ (ଡି.ଏନ.ଏ.)



ଗାୟତ୍ରୀ ପରିବାର ସଦସ୍ୟ ଆଖଣ୍ଡଳମଣି ପୀଠ ପରିସରରେ ସଫେଇ କରୁଛନ୍ତି।

ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ପରିସରକୁ ପଲିଥିନମୁକ୍ତ କରିବା ସହ ଏଠାରେ ସ୍ୱଚ୍ଛ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଜଳଙ୍ଗା ଶାନ୍ତିଧାମ ଗାୟତ୍ରୀ ଶକ୍ତିପୀଠ ତରଫରୁ ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଗାୟତ୍ରୀ ପରିବାର ସଦସ୍ୟମାନେ ମନ୍ଦିର ବେଢା, ପୋଖରୀ ଘାଟ, ବେଢା ଚତୁଃପାର୍ଶ୍ୱ, ପୀଠ ରାସ୍ତା ଆଦି ସଫେଇ କରିଥିଲେ। ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ନୃସିଂହ ତରାଇ, ସଭ୍ୟ ପ୍ରକାଶ ବେହେରା, ଆଲୋକ ରଞ୍ଜନ ମୁଖାର୍ଜୀ, ଉମାକାନ୍ତ ସାହୁ, ପରମାନନ୍ଦ ନାୟକ, ସୁବ୍ରତ ମହାନ୍ତି, ବନାନୀ ବାରିକ, ସୁହାସିନୀ ଜେନା ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଥିବା ଦେବାଳୟ, ମେଡିକାଲ, ବିଦ୍ୟାଳୟ ପରିସରକୁ ମଧ୍ୟ ସଫା କରାଯାଏ। ଏଥିସହିତ କର୍ମକର୍ତ୍ତାମାନେ ନିଶାମୁକ୍ତ ଅଭିଯାନରେ ସାମିଲ ହୋଇ ସମାଜରେ ସଚେତନତା ସୃଷ୍ଟି କରିବା ସହ ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରିଆସୁଥିବା ସଂସ୍ଥା ପକ୍ଷରୁ କୁହାଯାଇଛି ।


**DIRECTORATE OF SECONDARY EDUCATION, ODISHA**
6th Floor, Heads of Departments Building, Unit-V, Bhubaneswar-751001
E-mail : dseorissaedn@yahoo.com

**RFP : CORRIGENDUM NOTICE**

Notice No. 35956 Date : 24.11.2018

No.58-N: With reference to the Publication of RFP No. 32532 and No. 32533 on 03.11.2018, the Version-II of the RFPS have been released and made available on the website i.e. **http://opepa.odisha.gov.in/ & http://sme.odisha.gov.in**

**Sd./- Director**
**Secondary Education, Odisha**
11024/11/0008/1819

**OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR**
Email: sepwdbalangir@gmail.com, Phone No.: (06652) 231866

**OFFICE ORDER**

**Bid Identification No. SE (R&B) BGR / 07 / 2018-19**
**Ref id: 2018_EICCL_50055_2**

No. 2337 Date: 17.11.2018

(1) The work at Sl. No. 02 i.e. "Widening and strengthening from double lane to 4-lane standard of Bhawanipatna - Khariar road from 0/00 to 2/00 km in the district of Kalahandi under State Plan (Normal) for the year 2018-19" in above Bid Identification No. is hereby cancelled due to qualification of single response bidder.

**Sd./- Superintending Engineer,**
**Balangir (R&B) Circle, Balangir**
34131/11/0035/18/19

**GOVERNMENT OF ODISHA**
**e-Procurement Notice**
**ANGUL (R&B) DIVISIOIN**
**Bid Identification No. - 35 of 2018 - 19**
e-mail ID: angulrbdivision@yahoo.co.in
No.879-B

1. Number of Works : 3 (Three) numbers of Building works, 2 (Two) number of Road works
2. Approximate estimated cost : Varies from Rs.8.00 lakh to Rs.62.00 lakh
3. Period of completion : Varies from 02 (Two) to 06 (Six) Calendar months
4. Date & Time of availability of bid document in the portal : Dt. 28.11.2018 at 10.00 A.M.
5. Last date / Time for receipt of bid in the portal : Dt. 12.12.2018 up to 5.00 P.M.
6. Date of opening of Bid : Dt. 13.12.2018 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- Er. S. N. Acharya**
**Executive Engineer,**
**Angul (R&B) Division**
34074/11/0029/1819

**ତହସିଲଦାରଙ୍କ କାର୍ଯ୍ୟାଳୟ, ଓଡ଼ଗାଁ, ଜିଲ୍ଲା-ନୟାଗଡ଼**
ବିଜ୍ଞାପନ ସଂଖ୍ୟା: ୪୩୯୯ ତା.୧୯।୧୧।୧୮

**ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ**

**No.75-F:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ତହସିଲ୍ ଅଧୀନସ୍ଥ ନିମ୍ନଲିଖିତ ସୂଚୀ ବର୍ଣ୍ଣିତ ଲଘୁ ଖଣିଜ ଖାଦାନଗୁଡ଼ିକ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ଅନ୍ୟୂନ ୫(ପାଞ୍ଚ) ବର୍ଷ ପାଇଁ ଲିଜ୍ ଆକାରରେ ତହସିଲଦାରଙ୍କ ଦ୍ୱାରା ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ O.M.M.C. (Amendment) Rules-2016, Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଦଲିଲ/ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ତା.୦୭।୧୨।୨୦୧୮ରିଖ ଅପରାହ୍ଣ ୦୪ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ଉକ୍ତ ଦରଖାସ୍ତଗୁଡ଼ିକୁ ତା୧୦।୧୨।୨୦୧୮ରିଖ ଦିନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୨ୟ ଥର ପାଇଁ ତା୨୬।୧୨।୨୦୧୮ରିଖ ଅପରାହ୍ଣ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ସେହିପରି ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତା'ହେଲେ ୩ୟ ଥର ପାଇଁ ତା.୧୬।୦୧।୨୦୧୮ ରିଖ ଦିନ ୦୨ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡ଼ିକ ଉକ୍ତ ଦିନ ୦୪ ଘଟିକା ସମୟରେ ସମସ୍ତ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ। କର୍ତ୍ତୃପକ୍ଷଙ୍କର କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି।

ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ତହସିଲ୍ କାର୍ଯ୍ୟାଳୟ, ଓଡଗାଁ ତଥା ଜିଲ୍ଲାପାଳ, ନୟାଗଡଙ୍କ website: www.Nayagarh.nic.in ରେ ଉପଲବ୍ଧ ଅଟେ।

**24036/11/0001/1819** **ସ୍ୱା./- ତହସିଲଦାର, ଓଡ଼ଗାଁ**

**GOVERNMENT OF ODISHA**
**DEPARTMENT OF TOURISM**
No.11887/TSM, Bhubaneswar Dt.22.11.18
TCT-COOD-MISC-22/2018

**Expression of Interest for operation of Jet Skies, Speed Boats & other water sports equipment at Barkul, Tampara & Gopalpur**

No.24-R: Department of Tourism (DoT), Government of Odisha in its endeavour to optimize the tourism potential of the State envisage to operate water sports facilities in different potential tourist destinations on PPP mode. Department of Tourism has procured / process of procurement boating equipments out of financial assistance from Ministry of Tourism, Govt. of India under Swadesh Darshan Scheme to promote water sports facilities at Barkul on Chilka Lake, Tampara Lake and Gopalpur-on-Sea.

Expression of Interest (EOI) is invited from cruise/ water sports operators / other tourism service providers for O&M on operate, maintain, share & transfer mode. The detail EOI can be downloaded from our website www.odishatourism.gov.in. The last date for submission of proposal is **11.12.2018 upto 4.00 PM**.

**Sd./- Director, Tourism & Spl. Secy. to Govt.**
37001/11/0057/1819

OFFICE OF THE
**BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703
Email:-baripadam.hud@nic.in, Website- www.baripadamunicipality.in
No: 9697 Date: 22.11.2018

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

No.355-C: The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
Tender Reference No: BPDM- 05 of 2018-2019 Tender I.D No :

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt. 26.11.2018 (11.00 A.M.) to Dt. 10.12.2018 (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. 10.12.2018 (5.00 P.M.) |
| (iii) | Date & time of opening of the Bids received on-line | Dt. 12.12.2018 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detail Tender Call Notice (DTCN) may also be seen from the Baripada Municipality Website i.e. **www.baripadamunicipality.in**.

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer,**
**Baripada Municipality**
13078/11/0031/1819

**GOVERNMENT OF ODISHA** No.849-A
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER,**
**KALAHANDI IRRIGATION DIVISION, BHAWANIPATNA**
e-mail address: - eekldbpt2008@hotmail.com
**e-PROCUREMENT NOTICE No- 04 (KID) / 2018-19**

**PERCENTAGE RATE e-TENDER**

1. The Executive Engineer, Kalahandi Irrigation Division, Bhawanipatna, Dist-Kalahandi, PIN-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.
2.

| | |
|---|---|
| Package No. | BID ID No. 01 (KID) / 2018-19 |
| Name of Work | Improvement to Service Road of R.F.B. of River Tel near village Mankarsoal from RD. 00mtr. to 2700mtr. |
| Approximate value of work | Rs.95.49 Lakhs (Excluding GST) |
| Period of Completion | 03, (Three) calendar Months. |
| Classification of Bidder | 'B' & 'A' class Contractor only |
| Tender documents available on website | Can be downloaded from Website (http://www.tendersodisha.gov.in) |
| Bid documents available Date and Time | 26.11.2018 at11.00Hrs |
| Bid clarification start date & Closing date | 26.11.2018 to 30.11.2018 during office hours |
| On Line Bid submission closing date and time | 10.12.2018 at17.00 Hrs |
| Last date and time of Receipt of relevant document in hard copy | 10.12.2018 during office hours |
| Date, Time and Venue of opening of bid online | 11.12.2018 at 11.30Hrs office of the Executive Engineer, Kalahandi Irrigation Division, Bhawanipatna |
| Date / Time of Opening of Financial Bid | To be intimated after evaluation of Technical Bid |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- (P.K.Das)**
**Executive Engineer,**
**Kalahandi Irrigation Division, Bhawanipatna**
32007/11/0006/1819

GOVERNMENT OF ODISHA
DEPARTMENT OF HIGHER EDUCATION

**ACTIVATION OF MEDHABRUTI PORTAL FOR ONLINE VALIDATION OF FRESH "E-MEDHABRUTI" APPLICATIONS PERTAINING TO THE YEAR 2016-17 & 2017-18 IN RESPECT OF TECHNICAL & PROFESSIONAL MERIT ONLY**

**No.N:-** It is hereby informed to all Principals / Heads of Technical and Professional Colleges/ Institutions in the State of Odisha and outside Odisha that there are certain un-validated data of students who have applied for e-medhabruti for the year 2016-17 and 2017-18 under the above Fresh category and due to non-validation by the concerned authorities of the Colleges, Institutions etc. some students are deprived of getting scholarship for whole duration of the course.

Now, Government have been pleased to activate the window for online validation of un-validated date of students pertaining to the year 2016-17 & 2017-18 who are continuing in the study as per the guidelines of the concerned years as a one-time measure.

The Principal's validation window for 2016-17 (Fresh) & 2017-18 (Fresh) shall remain open from 26.11.2018 to 26.12.2018.

All Principals/ Heads of Technical and Professional Colleges/ Institutions in the State of Odisha and outside Odisha are hereby advised to validate the records of students within the above stipulated period. Otherwise, they will be personally held responsible in case they failed to validate the student records following which the student looses out the scholarship benefits. Further, it is requested to ensure disposal of all left out online applications displayed in their log in either by validating the eligible applicants or by rejecting the ineligible applicants mentioning the reason thereof in the appropriate column.

In case of any problem faced by the Institutes at the time of online validation, they may take the help of Sanjog Helpline (Toll Free) No. 155335 / 18003456770/ 0674-2396550 or e-mail on emedhabruti1819@gmail.com.

**Sd./-**
11001/11/0049/1819 **Additional Secretary to Government**

## ସଂକ୍ଷେପରେ

### ନିଖୋଜ ଦୁଇ ନାବାଳକଙ୍କ ମୃତଦେହ ଉଦ୍ଧାର

ଜଳେଶ୍ୱର/ ବସ୍ତା, ୨୫।୧୧ (ଡି.ଏନ.ଏ./ସ୍ୱ.ପ୍ର.): କାର୍ତ୍ତିକ ପୂର୍ଣ୍ଣିମାଠାରୁ ୩ଦିନ ହେଲା ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଯାଇ ନିଖୋଜ ଥିବା ୨ଜଣ ନାବାଳକଙ୍କ ମୃତଦେହ ରବିବାର ଅପରାହ୍ନରେ ବସ୍ତା ବ୍ଲକ ଦାରବୁଢ଼ୀ ଘାଟରୁ ଉଦ୍ଧାର କରାଯାଇଛି। ଏହି ଦୁଇ ବାଳକ ହେଲେ ଜଳେଶ୍ୱର ଥାନା ଗୋବର୍ଦ୍ଧନପୁର ଗାଁର ଗୁରୁବାରୀ ନାଥଙ୍କ ପୁଅ ଶ୍ୟାମଳ(୧୨) ଓ ଶ୍ରୀପତି ନାଥଙ୍କ ପୁଅ ପଙ୍କଜ (୧୩)। ସେମାନେ ବୋଇତ ବନ୍ଦାଣ ଉତ୍ସବ ଦେଖିବାକୁ ଆସି ନଦୀରେ ଭାସୁଥିବା ଡଙ୍ଗାରୁ ଟଙ୍କା ସଂଗ୍ରହ କରୁଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ୩ ଦିନ ଧରି ଓଡ୍ରାଫ ଓ ଏନଡ଼ିଆର୍‌ଏଫ୍ ଟିମ୍ ସଦସ୍ୟମାନେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ସ୍ଥାନୀୟ ଗ୍ରାମବାସୀ ପିଲାଦ୍ୱୟଙ୍କ ମୃତଦେହ ଭାସୁଥିବା ଦେଖି ଡଙ୍ଗାରେ ଯାଇ କୂଳକୁ ଆଣିଥିଲେ।

### ଶିଶୁଙ୍କ ସଲିଳ ସମାଧି

ଜଳେଶ୍ୱର, ୨୫।୧୧(ଡି.ଏନ.ଏ.): ରବିବାର ସକାଳେ ଜଳେଶ୍ୱର ଥାନା ବର୍ତ୍ତନା ଗ୍ରାମର ଅକ୍ଷୟ କୁମାର ବେହେରାଙ୍କ ୪ ବର୍ଷର ଝିଅ ତେଜସ୍ୱିନୀ ଘର ଆଗରେ ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏନେଇ ଜଳେଶ୍ୱର ଥାନାରେ ଅପମୃତ୍ୟୁ ମାମଲା (ନଂ.୩୪/୨୦୧୮) ରୁଜୁ ହୋଇଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

ରେମୁଣା, ୨୫।୧୧(ଡି.ଏନ.ଏ.): ରେମୁଣା ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ଭାଜପାର ବିଶାଳ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳପୁର ପଞ୍ଚାୟତର ଶାସନବାଡ ମଠ ଠାରୁ ପଦଯାତ୍ରା ବାହାରିଥିଲା । ଏଥିରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, ଉପାଧକ୍ଷା ମଞ୍ଜୁଲତା ଦାସ, ସରପଞ୍ଚ ଉମାକାନ୍ତ ପଣ୍ଡା, ନାଏବ ସରପଞ୍ଚ ସରସ୍ୱତୀ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ, ୱାର୍ଡ ସଭ୍ୟାସଭ୍ୟ ଏବଂ ବହୁ ସଂଖ୍ୟକ ମହିଳା ସାମିଲ ହୋଇଥିଲେ । ପାରମ୍ପରିକ ବାଦ୍ୟ ଏବଂ ଦଳ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ମନଲୋଭା ଗୀତର ତାଳରେ ନୃତ୍ୟ କରି ଯୁବକମାନେ ପଦଯାତ୍ରାରେ ଯାଇଥିଲେ। ପଦଯାତ୍ରା ମଙ୍ଗଳପୁର, ଶାସନବାଡ, ନୂଆଗାଁ, ଘାଗରାପାଳ, ହରିଷପୁରା ହୋଇ ପାଟଣାରାଇପୁର ସ୍କୁଲ ନିକଟରେ ପହଞ୍ଚିଥିଲା । ସେଠାରେ ସାଧାରଣ ସଭା ସହିତ ଉଦଯାପିତ ହୋଇଥିଲା ।

### ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ଆଲୋଚନାଚକ୍ର



ରୂପ୍‌ସା, ୨୫।୧୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶନିବାର ‘ଓଡ଼ିଆ ଭାଷା, ସାହିତ୍ୟ ଓ ସମାଲୋଚନା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧାପିକା ରେଣୁବାଳା ଦାସ ପୌରୋହିତ୍ୟ କରିଥିଲେ। ବରିଷ୍ଠ ଅଧାପକ ଡ. ତପନ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରବନ୍ଧ ପାଠ କରିବା ସହ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଦିଗରେ ଆଲୋଚନା କରିଥିଲେ। ଛାତ୍ରୀ ରାଜଶ୍ରୀ ପରିଡ଼ା ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ କ୍ରମ ସମ୍ପର୍କରେ ନିବନ୍ଧ ପାଠ କରିଥିଲେ। ଛାତ୍ର ସୁରେନ୍ଦ୍ର ଗିରି, ଦ୍ୱିତୀକୃଷ୍ଣ ନାୟକ ପ୍ରମୁଖ ଶାସ୍ତ୍ରୀୟ ଓଡ଼ିଆ ଭାଷାର ସ୍ୱରୂପ ଓ ଛାତ୍ରୀ ସସ୍ମିତା ବେହେରା ଚର୍ଯ୍ୟାସାହିତ୍ୟ ଦିଗରେ ଆଲୋକପାତ କରିଥିଲେ। ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

---

■ ହାତୀପଲ ଫେରିଯିବାର ୨ଦିନ ବିତିଲାଣି

# କ୍ଷୟକ୍ଷତି ଆକଳନ କରୁନି ବନବିଭାଗ

■ ବସିଲା ବନାଞ୍ଚଳବାସୀଙ୍କ ବୈଠକ
■ ପ୍ରତିଶ୍ରୁତି ପୂରଣ ନ ହେଲେ ଆନ୍ଦୋଳନ



ଗ୍ରାମବାସୀଙ୍କ ପକ୍ଷରୁ ବୈଠକ।

ସଜନାଗଡ଼, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ତିନିକୋଶିଆ ଜଙ୍ଗଲକୁ ଲାଗି ରହିଥିବା ଭଉଁରିଆବାଡ଼ ପଞ୍ଚାୟତର ହାତୀମୁଣ୍ଡାଠାରେ ବାରମ୍ବାର ଝାଡଖଣ୍ଡ ହାତୀ ପଶି ଉପଦ୍ରବ ଚଳାଇବା ସହ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଚଳିତବର୍ଷ ହାତୀପଲଙ୍କୁ ଘଉଡାଯିବା ପରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହାତୀ ଚଳପ୍ରଚଳ ଅଞ୍ଚଳରେ ଚାଷଜମିକୁ ବୀମାଭୁକ୍ତ କରାଯିବା, ଏକର ପିଛା ୧୦ହଜାର ଟଙ୍କା ପରିବର୍ତ୍ତେ ୨୦ହଜାର ଦିଆଯିବା, ଗ୍ରାମବାସୀଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର, କ୍ଷୟକ୍ଷତିର ସଠିକ୍ ଆକଳନ କରାଯାଇ ମାସକ ଭିତରେ କ୍ଷତିପୂରଣ ଆଦି ଦାବି ନେଇ ରବିବାର ମଧାହ୍ନରେ ଆଖପାଖ ୫ ଗ୍ରାମର ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିଥିଲା। ବଣସୀମା ଅଞ୍ଚଳର ଯୁବନେତା ରମେଶ ଚନ୍ଦ୍ର ବାରିକ, ଭଉଁରିଆବାଡ଼ର ସରପଞ୍ଚ ଶକୁନ୍ତଳା ମଲ୍ଲିକ, ଆଦିବାସୀ ନେତା ରତିକାନ୍ତ ମଲ୍ଲିକ, ଭରତ ଚନ୍ଦ୍ର ପାତ୍ର, ଗଣେଶ୍ୱର ମାଝି, ପିତାମ୍ବର ମାଝି, ନରେନ୍ଦ୍ର ପାତ୍ର, ହରିଶ୍ଚନ୍ଦ୍ର ପାତ୍ର, ସୋମନାଥ ମାଝି ପ୍ରମୁଖ ଯୋଗଦେଇ ଦାବିଗୁଡିକ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବନବିଭାଗ ଓ ଗ୍ରାମବାସୀଙ୍କ ପକ୍ଷରୁ ବସିଥିବା ଶାନ୍ତି କମିଟି ବୈଠକରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ ପୂରଣ କରା ନ ଗଲେ ଆନ୍ଦୋଳନ କରାଯିବା ନେଇ ବୈଠକରେ ଚେତାବନୀ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଝାଡଖଣ୍ଡ ହାତୀଙ୍କ ଉପଦ୍ରବରେ ଅତିଷ୍ଠ ହୋଇ ସ୍ଥାନୀୟ ବାସିନ୍ଦା ଗତ ୧୬ ତାରିଖ ରାତିରେ ବନବିଭାଗ କର୍ମଚାରୀଙ୍କଠାରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଗ୍ରାମବାସୀ ବନବିଭାଗର ୨ଟି ଗାଡି ଭଙ୍ଗାରୁଜା କରିବା ସହ ଯୁକ୍ତିତର୍କ, ଠେଲାପେଲା କରିଥିଲେ। ବନବିଭାଗ ରେଞ୍ଜର ସୁକୁମାର ଦାସ ୧୨ଜଣ ଗ୍ରାମବାସୀଙ୍କ ନାମରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ୧୭ ତାରିଖରେ ହାତୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଗ୍ରାମବାସୀ ଏବଂ ବନବିଭାଗ ମଧ୍ୟରେ ଏକ ଶାନ୍ତି କମିଟି ବୈଠକ ବସିଥିଲା। ଏଥିରେ ନୀଳଗିରି ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା, ବ୍ଲକ ଅଧିକାରୀ ରାମଦାସ ଟୁଡୁ, ୱାଇଲ୍ଡ ଲାଇଫ୍ ୱାର୍ଡ଼େନ୍ ପ୍ରକାଶ ମର୍ଦ୍ଦରାଜ ପ୍ରମୁଖ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏଥିରେ ଆଗାମୀ ଦିନରେ ଶାନ୍ତିଶୃଙ୍ଖଳା ସହିତ ହାତୀମାନଙ୍କୁ ଘଉଡ଼ାଇବା ଏବଂ ବନବିଭାଗ ଅଧିକାରୀମାନଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗ୍ରାମବାସୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଗ୍ରାମବାସୀ ବନବିଭାଗ କର୍ମଚାରୀ ସହାୟତା କରିଥିଲେ। ହାତୀପଲ ଫେରିଯିବାର ୨ଦିନ ବିତିଯାଇଥିଲେ ମଧ କୌଣସି କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଏନେଇ ଅଞ୍ଚଳବାସୀଙ୍କ ମନରେ ଆନ୍ଦୋଳନ ଦାନା ବାନ୍ଧୁଛି।

---

■ ପୀଡ଼ିତାଙ୍କ କକାଙ୍କୁ ହତ୍ୟା ଘଟଣା

# ୭ ଗିରଫ, ୩ ଫେରାର

ନୀଳଗିରି, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳର ବଳାତ୍କାର ଉଦ୍ୟମ ହୋଇଥିବା ପୀଡ଼ିତାଙ୍କ କକାଙ୍କୁ ହତ୍ୟା ଘଟଣାରେ ଗିରଫ ହୋଇଥିବା ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର ନୀଳଗିରି କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଛି। ସେମାନେ ହେଲେ ଜଗନ୍ନାଥ କବାଟ, ପଣ୍ଡେଶ୍ୱର କବାଟ, ବାବୁଜୀ କବାଟ, ବୈର କବାଟ, ତୈଳ କବାଟ, ରୁନୁଲତା କବାଟ ଓ ବାସନ୍ତୀ କବାଟ। ଅନ୍ୟ ୩ଜଣ ଫେରାର ହୋଇଯାଇଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ବର୍ଷକ ତଳେ ମୃତକଙ୍କ ଝିଆରିଙ୍କୁ ଜଗନ୍ନାଥ କବାଟଙ୍କ ପୁଅ ବାପୁନ ବଳାତ୍କାର ଉଦ୍ୟମ କରିଥିଲେ। ପୋକ୍ସୋ ଦଫାରେ ଥାନାରେ ମାମଲା (ନଂ.୪୦/୧୭) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ବାପୁନଙ୍କୁ କୋର୍ଟରେ ହାଜର କରିଥିଲା। ଏକ ମାସ ପରେ ବାପୁନ ଜାମିନରେ ଆସିଥିଲେ। ବର୍ତ୍ତମାନ ଉକ୍ତ ମାମଲା ବାଲେଶ୍ୱର ସେସନ୍ସ ଜଜ୍ ପୋକ୍ସୋ କୋର୍ଟରେ ବିଚାରାଧୀନ ରହିଛି। ଏହି ଘଟଣାକୁ କେନ୍ଦ୍ର କରି ଉଭୟ ପରିବାର ଭିତରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ପୀଡିତାଙ୍କ କକା ଅଭିଯୁକ୍ତଙ୍କ ଘର ସମ୍ମୁଖ ରାସ୍ତାରେ ଯାଉଥିବା ବେଳେ ପରିବାର ଲୋକ ସଂଘବଦ୍ଧ ହୋଇ ହାତଗୋଡ଼ ବାନ୍ଧି ଆକ୍ରମଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ରାତିରେ ମୃତ୍ୟୁ ଘଟିଥିଲା।

## ଗୁରୁତର ଅବସ୍ଥାରେ ଯୁବତୀଯୁବକ ଉଦ୍ଧାର

ବସ୍ତା, ୨୫।୧୧(ସ୍ୱ.ପ୍ର.)

ରବିବାର କୌଣସି ଏକ ଟ୍ରେନ ଧକ୍କାରେ ଗୁରୁତର ହୋଇଥିବା ଜଣେ ଯୁବତୀ ଓ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଦୀପକ ସାହୁ, ଭାରତୀ ସାହୁ। ତେବେ ଭାରତୀଙ୍କ ଗୋଟିଏ ଗୋଡ଼ ଆଣ୍ଠୁ ଉପରକୁ କଟିଯାଇଥିବାରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

---

# ତାପୁଣ୍ଡିଆ–ଗୁଆପାଡ଼ା ରାସ୍ତା ଲାଗି ଭିତ୍ତିପ୍ରସ୍ତର



ବସ୍ତା ବିଧାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଭିତ୍ତିପ୍ରସ୍ତର ସ୍ଥାପନ।

ବାଲିଆପାଳ, ୨୫।୧୧(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ତାପୁଣ୍ଡିଆ–ଗୁଆପାଡ଼ା ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ରାସ୍ତାକୁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଶନିବାର ଭିତ୍ତିପ୍ରସ୍ତର କରିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, କୁମ୍ଭାରୀ ସରପଞ୍ଚ ଜୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । କୁମ୍ଭାରୀ ବିଜେଡି ସଭାପତି ରାଧାକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ଆରଡିର କନିଷ୍ଠଯନ୍ତ୍ରୀ, ଏସ୍‌ଡ଼ିଓ ପ୍ରମୁଖ ଯୋଗଦେଇଥିଲେ। କୁମ୍ଭାରୀ ପଞ୍ଚାୟତ ଝଲଝଲିଆଠାରୁ ଗୁଆପଡ଼ା ରାସ୍ତା ବନ୍ୟା ସମୟରେ ବୁଡ଼ି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥାଏ। ଏହାଛଡ଼ା ଏହି ରାସ୍ତା ବାଲିଆପାଳ ଏବଂ ଜଳେଶ୍ୱର ବ୍ଲକକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ନିର୍ମାଣ ପାଇଁ କୁମ୍ଭାରୀ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ବିଧାୟକ ସାହୁଙ୍କ ଉଦ୍ୟମରେ ଏହି ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅର୍ନ୍ତଭୁକ୍ତ ହେବା ସହ ଏହାର ନିର୍ମାଣ ପାଇଁ ୧କୋଟି ୬୮ଲକ୍ଷ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି।

## ଗଛରେ ପିଟି ହୋଇ ୨ ବାଇକ୍ ଆରୋହୀ ଗୁରୁତର

ସଜନାଗଡ଼, ୨୫।୧୧ (ଡି.ଏନ.ଏ.): ରବିବାର ଅପରାହ୍ନରେ ୧୯ନଂ. ରାଜ୍ୟ ରାଜପଥ ଶେରଗଡ଼–ଉଦଳା ରାସ୍ତାରେ ସଜନାଗଡ଼ ଛକରୁ ଏକ ବାଇକ୍ (ନଂ. ଓଡ଼ି୦୧ୱାଇ–୬୦୬୪) ଯୋଗେ ତପନ ବେହେରା ଓ ହିମାଂଶୁ ବେହେରା ଦୁଇ ଯୁବକ ନୀଳଗିରି ଆଡ଼କୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ସେମାନେ ଛିଟିକି ପଡିଥିଲେ। ପରିବାର ଲୋକେ ସେମାନଙ୍କୁ ନୀଳଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ୧୯ ନଂ. ରାଜ୍ୟ ରାଜପଥର ଶେରଗଡ଼ରୁ ଉଦଳା ରାସ୍ତାର ପୁନରୁଦ୍ଧାର ହୋଇଥିଲେ ସୁଦ୍ଧା ରାସ୍ତାକଡ଼ରୁ ଗଛ କଟା ଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

---

# ‘ନାରୀ ନିର୍ଯାତନା ରୋକିବାକୁ ସଚେତନତା ଜରୁରୀ’



ମହିଳା ନିର୍ଯାତନା ନିରୋଧୀ ଦିବସ ପାଳନ ଅବସରରେ ବିଭିନ୍ନ ମହିଳା ନେତ୍ରୀଙ୍କ ଗହଣରେ ବିଧାୟକ ଓ ଅନ୍ୟ ଲୋକପ୍ରତିନିଧି।

ଖଇରା, ୨୫।୧୧(ଡି.ଏନ.ଏ.)

ସରକାରୀ ଓ ବେସରକାରୀ ସ୍ତରରେ ମହିଳାମାନଙ୍କୁ ଆରକ୍ଷଣ ପ୍ରଦାନ ସତ୍ତ୍ୱେ ସେମାନେ ଆଜି ବି ଅବହେଳିତ ହୋଇରହିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ନାରୀ ଅଧିକ ଅବହେଳିତ। ସେମାନଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ଲାଗି ସଚେତନତା ଆବଶ୍ୟକ। ସଚେତନତା ଆବଶ୍ୟକ। ଖଇରା ବ୍ଲକ ପରିସରରେ ରବିବାର ଆନ୍ତର୍ଜାତିକ ମହିଳା ନିର୍ଯାତନା ନିରୋଧୀ ଦିବସ ପାଳନ ଅବସରରେ ଶତାଧିକ ମହିଳାଙ୍କ ସମାବେଶ ହୋଇଥିଲା। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଜୟନ୍ତ ରାଉତ, ଜିଲାପରିଷଦ ସଭ୍ୟ ଲୋପାମୁଦ୍ରା ଧର, ସୁଷମା ମହାପାତ୍ର, ଜୟନ୍ତୀ ମହଲା ଓ ବିଭିନ୍ନ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇଥିଲେ।

## କୁଇଜ୍ ପ୍ରତିଯୋଗିତାରେ ୬୫ ଛାତ୍ରୀଛାତ୍ର



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ସିମୁଳିଆ, ୨୫।୧୧(ଡି.ଏନ.ଏ.)–ବାଟୀ ପଞ୍ଚାୟତ ହାଇସ୍କୁଲ ପରିସରରେ ରବିବାର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ‘ଶକ୍ତି ସଂରକ୍ଷଣ’ ବିଷୟବସ୍ତୁ ଉପରେ ବିଭିନ୍ନ ବିଦ୍ୟାଳୟର ୭ମରୁ ୧୦ମ ଶ୍ରେଣୀ ମଧ୍ୟରେ ୬୫ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ବାଟୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସୂର୍ଯ୍ୟକାନ୍ତ ପାଢ଼ୀ ଓ ଦେବେନ୍ଦ୍ର ଓ କ୍ଷୀରକୋଣା ଉପେନ୍ଦ୍ର ନାଥ ନୋଡ଼ାଲ ହାଇସ୍କୁଲର ନିହାର ରଞ୍ଜନ ଶତପଥି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ।

ଏହି ଅବସରରେ ବାଟୀ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃପାସିନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଓଷ୍ଟା ବ୍ଲକ ସଭାପତି କମଳାକାନ୍ତ ପତି, ସମ୍ମାନିତ ଅତିଥି ରୂପେ ବରି ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ଯୋଗଦେଇଥିଲେ। କୃତୀ ପରିକ୍ଷାର୍ଥୀଙ୍କୁ ଯଥାକ୍ରମେ ୧ହଜାର, ୭ଶହ ଓ ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାହାବଳପୁରରେ ଅଗ୍ନିକାଣ୍ଡ

ରୂପ୍‌ସା, ୨୫।୧୧ (ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ବାହାବଳପୁର ନୂଆସାହି ଗାଁରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ନରେନ୍ଦ୍ର ପ୍ରଧାନଙ୍କର ୨ ବଖରା ବାସଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ତାଙ୍କ ଘରେ ନିଆଁ ଲାଗିଥିଲା। ଘରର ସମସ୍ତ ଆସବାବପତ୍ର, ଧାନଚାଉଳ, ବାସନକୁସନ, ଲୁଗାପଟା ସାଙ୍ଗକୁ ୪ଟି ଦେଶୀ କୁକୁଡ଼ା ପୋଡ଼ି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାର ସହଯୋଗ କରିଥିବା ବେଳେ ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

---

# ହକି ବିଶ୍ୱକପ୍ ଲାଗି ମିନି ମାରାଥନ୍

ବାଲେଶ୍ୱର ଅଫିସ, ୨୫।୧୧

ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପ୍ ଲାଗି ରବିବାର ପୂର୍ବାହ୍ନରେ ମିନି ମାରାଥନ୍ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲା ପରିଷଦ ଅଧକ୍ଷା ନିବେଦିତା ମହାନ୍ତି, ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରମୁଖ

**ଭାଗ ନେଲେ ୫ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**

ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ସାମିଲ ହୋଇ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନରୁ ବାହାରି ପୋଲିସ ଲାଇନ, ଏଡିଏମ୍ ଛକ, ଫାଣ୍ଡି ଛକ ଏବଂ ଫକୀରମୋହନ ଗୋଲେଇ ଦେଇ ୫ କି.ମି. ରାସ୍ତା ଅତିକ୍ରମ କରିବା ପରେ ଗାନ୍ଧୀ ସ୍ମୃତି ଭବନରେ ପହଞ୍ଚିଥିଲେ।

ଏହିଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧକ୍ଷତା କରି ଓଡ଼ଶାରେ ପୁରୁଷ ହକି ବିଶ୍ୱକପ୍‌ର ଆୟୋଜନ ଏକ ଐତିହାସିକ ମୁହୂର୍ତ୍ତ। ରାଜ୍ୟରେ ହକିର ଲୋକପ୍ରିୟତା ବଢ଼ିବା ସହିତ ଓଡ଼ିଶା ଏବେ ଦେଶର କ୍ରୀଡ଼ା ରାଜଧାନୀ ପାଲଟିବାକୁ ଯାଉଥିବା ଜିଲାପାଳ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ରବୀନ୍ଦ୍ର କୁମାର ଜେନା କ୍ରୀଡ଼ା ପ୍ରତି ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତା ଏବଂ ଏ କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମିନି ମାରାଥନ୍ ଦୌଡ଼ରେ ସଫଳତା ଲାଭ କରିଥିବା ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ୮ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହିଳା ବିଭାଗରେ ପ୍ରିୟଙ୍କା ସିଂ, ଗାୟତ୍ରୀ ଦାସ ଦ୍ୱିତୀୟ ଓ ସୁଭଦ୍ରା ପାଢ଼ୀ ତୃତୀୟ ଏବଂ ପୁରୁଷ ବିଭାଗରେ ମନୋରଞ୍ଜନ ଦଳେଇ ପ୍ରଥମ, ରାଜୁ ସିଂ ଦ୍ୱିତୀୟ ଏବଂ ଜୟକୃଷ୍ଣ ରାଉଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨ହଜାର, ୧ହଜାର ଏବଂ ୫ଶହ ଟଙ୍କାର ପୁରସ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଉଭୟ ପୁରୁଷ ଓ ମହିଳା ବିଭାଗରେ ୫ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ୩ଶହ ଟଙ୍କା ଲେଖାଏଁ ଦିଆଯାଇଥିଲା। ପରେ ଭାରତୀୟ ପୁରୁଷ ହକି ଦଳକୁ ଶୁଭକାମନା ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ହସ୍ତାକ୍ଷର ଅଭିଯାନରେ ଅତିଥିମାନେ ସନ୍ଦେଶ ପ୍ରଦାନ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲା ପ୍ରଶାସନ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ ଓ ବିଜୁ ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲାର କ୍ରୀଡ଼ା ଶିକ୍ଷକ ତଥା ବିଜୁ ଯୁବବାହିନୀର ସଦସ୍ୟା ସଦସ୍ୟମାନେ ପରିଚାଳନା କରିଥିଲେ।



ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନପ୍ରଦୀପ ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ ପତାକା ଦେଖାଇ ମିନି ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

---

■ ଶକ୍ତି ସଂରକ୍ଷଣ ଲିଖିତ କୁଇଜ୍ ପ୍ରତିଯୋଗିତା

# ଜିଲାସ୍ତରକୁ ଗଲେ ୩ ଛାତ୍ରୀଛାତ୍ର



କୁଇଜ୍ ପ୍ରତିଯୋଗିତାର ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବାହାନଗା, ୨୫।୧୧(ଡି.ଏନ.ଏ.)

ବାହାନଗା ବ୍ଲକ ତାଳକୁରୁରିଆଁ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଲିଖିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ ଜଣ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଛାତ୍ରୀ ରଶ୍ମିତା ବେଜ୍ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ବାବଦରେ ୧ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଜୀବେଶ କୁମାର ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ୭ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ମନୋରଞ୍ଜନ ପୃଷ୍ଟିଙ୍କୁ ପାଞ୍ଚଶହ ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃତିବାସ ଚନ୍ଦ୍ର ବେଜ୍ , ସହକାରୀ ଶିକ୍ଷକ ଶ୍ରୀବାସ ଚନ୍ଦ୍ର ପାଢୀ, ଶରତ କୁମାର ଶତପଥୀ ପରିଚାଳନା କରିଥିଲେ। ସହଯୋଗ କରିଥିଲେ ବିଦ୍ୟାଳୟର ଶିକ୍ଷା କର୍ମଚାରୀ ପ୍ରସନ୍ନ, ଡମ୍ବୁର, ପୀତାମ୍ବର ପ୍ରମୁଖ ।

ଧରିତ୍ରୀ DHARITRI
ବାଲେଶ୍ୱର, ସୋମବାର, ୨୬ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ
## ଡିସି ଆଣ୍ଡ ଡିସି ଚାମ୍ପିୟନ



ବାରିପଦା ଅଫିସ,୨୫।୧୧- ମୟୂରଭଞ୍ଜ ଜିଲା ବାରିପଦା ଲକ୍ଷ୍ମୀପୋଷି ଜୟ ମା' ଦୁର୍ଗା ଯୁବକ ସଂଘ ଆନୁକୂଲ୍ୟରେ ୨୭ତମ ଦୁଇ ଦିନିଆ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମୁର୍ମୁ ଷ୍ଟାର ଫୁଟବଲ ଦଳ ଓ ଡିସି ଆଣ୍ଡ ଡିସି ଫୁଟବଲ ଦଳ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଟ୍ରାଇବ୍ରେକର ସହାୟତାରେ ଡିସି ଆଣ୍ଡ ଡିସି ଫୁଟବଲ ଦଳ ୫-୩ ଗୋଲରେ ମୁର୍ମୁ ଷ୍ଟାର ଫୁଟବଲ ଦଳକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ ପାଇଁ ଏକ ପୁରସ୍କାର ବିତରଣୀ ଉତ୍ସବ ଦାସ ମାର୍ଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଶିନୀ ସରେନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ସମ୍ମାନିତ ଅତିଥି ଭାବେ ଜେଏମ୍ଏମ୍ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ପ୍ରମୁଖ ଉପସ୍ଥିତ ରହି ଚାମ୍ପିଆନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଛନ୍ତି । ଅନ୍ୟମାନଙ୍କ ମଧରେ ସଂଘର ସଭାପତି ସଞ୍ଜିତ ଟୁଡୁ, ସମ୍ପାଦକ ଦାଖିନ ହାଁସଦା, ଜଗଲ ମୁର୍ମୁ, ଶ୍ୟାମ ସୁନ୍ଦର ମାର୍ଣ୍ଡି, ବାପୁନ ମୁର୍ମୁ, ସେରାଲ ହାଁସଦା, ସାଲଖାନ ମାର୍ଣ୍ଡି, ରାଜୁ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି ।

## ୪୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଠାକୁରମୁଣ୍ଡା,୨୫।୧୧**-ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ରବିବାର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚିକିତ୍ସା ଶିବିରରେ ଡା. ଗିରିଶ ଚନ୍ଦ୍ର ଅଧିକାରୀ, ଡା. ଲୋକନାଥ ମହାନ୍ତ ଯୋଗ ଦେଇ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବିଭାଗ ପକ୍ଷରୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ୪୧ ଜଣ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ଏହି ଅବସରରେ ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର ସମସ୍ତ କର୍ମଚାରୀଙ୍କୁ ବ୍ୟାଗ ଓ ଶୀତ ପାଇଁ ଜ୍ୟାକେଟ ପ୍ରଦାନ କରିଥିଲେ। ବନପାଳ ପରମେଶ୍ୱର ମହାନ୍ତ, ଲୋକନାଥ ରାଉତ,ବିଶ୍ୱଜିତ ମହାନ୍ତ, ବନରକ୍ଷୀ ସୁରମୋହନ ବେହେରା ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

## ୧୬୧ ୟୁନିଟ୍ ରକ୍ତ ସଂଗୃହୀତ

ବାରିପଦା ଅଫିସ,୨୫।୧୧- ବାରିପଦା ଭଞ୍ଜପୁର ଠାରେ ଚାଲିଥିବା ଜଗଦ୍ଧାତ୍ରୀ ମେଳା କମିଟି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଟ୍ଟନାୟକ, ଉପାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଏସଡିପିଓ ଅଭିମନ୍ୟୁ ନାୟକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୬୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ସେଥି ମଧ୍ୟରୁ ୭୫ଜଣ ମହିଳା ରକ୍ତଦାନ କରିଛନ୍ତି।

# ପୁନରୁଦ୍ଧାର ହେବ ଐତିହାସିକ ହରିପୁରଗଡ଼

**ବଡ଼ସାହି,୨୫।୧୧(ସ୍ୱ.ପ୍ର.)**

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର। କଳା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ ଓ ଚଳଣୀକୁ ନେଇ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ରହିଛି। ଅତୀତର ନିଦର୍ଶନ ବହନ କରୁଥିବା ରସିକରାୟ ମନ୍ଦିର ଓ ରାଜବାଟୀର ଭଗ୍ନାବଶେଷ ଆଜି ବି ଜନମାନସରେ ପୂର୍ବ କଳାକୃତିର ଗୌରବ ଗାଥା ମନେ ପକାଇଥାଏ। ରକ୍ଷଣା ବେକ୍ଷଣ ଅଭାବରୁ ପୂର୍ବ କଳାକୃତି ଧୀରେ ଧୀରେ ଧ୍ୱଂସାଭିମୁଖୀ ଆଡେ ଅଗ୍ରସର ହୋଇଛି । ଭଗ୍ନ ରାଜବାଟୀ କଳାକୃତିର ପୁନରୁଦ୍ଧାର ସହ ପାଇଁ ଆର୍କଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସଆଇ) ପକ୍ଷରୁ ଗଡର ପାରିପାର୍ଶ୍ୱିକ ବିକାଶ କରିବା ସହ ପୁନରୁଦ୍ଧାର କରିବା ପାଇଁ ପ୍ରସ୍ତୁତି ହୋଇଛି। ଆସନ୍ତା ଡିସେମ୍ବର ମାସ ଠାରୁ କାର୍ଯ୍ୟ ଆରମ୍ଭ ହେବ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ.ମହେଶ ଶର୍ମାଙ୍କ ଠାରୁ ସୂଚନା ମିଳିବା ପରେ ଅଞ୍ଚଳରେ ଖୁସିର ବାତାବରଣ ଦେଖାଦେଇଛି ।

ବଡ଼ସାହି ବ୍ଲକ ପ୍ରତାପପୁର ପଞ୍ଚାୟତ ହରିପୁରଠାରେ ରହିଛି ତତ୍କାଳୀନ ମୟୂରଭଞ୍ଜ ଜିଲାର ରାଜଧାନୀ ହରିପୁରଗଡ। ଏହି ଗଡରେ ରସିକରାୟ ମନ୍ଦିର ଓ ରାଜବାଟୀର ଭଗ୍ନାବଶେଷ ରହିଛି। ୧୪ଶହ ଖ୍ରୀଷ୍ଟାବ୍ଦରେ ମହାରାଜାମାନଙ୍କର ବାରମ୍ବାର ଆକ୍ରମଣରେ ଅତିଷ୍ଠ ହୋଇ



ସୌନ୍ଦର୍ଯ୍ୟକରଣ ଅପେକ୍ଷାରେ ହରିପୁରଗଡ଼।

- ଡିସେମ୍ବରରୁ ଆରମ୍ଭ ହେବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ
- ସ୍ପଷ୍ଟ କଲା ଏଏସ୍ଆଇ
- ଉଜ୍ଜୀବିତ ହେବ ଅଦ୍ୱିତୀୟ କୀର୍ତ୍ତିରାଜି

ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଖିଚିଂରୁ ବାରିପଦାର ଦକ୍ଷିଣ ପୂର୍ବ ଦିଗରେ ୧୦ମାଇଲ ଦୂରକୁ ସ୍ଥାନାନ୍ତର କରାଯାଇଥିଲା । ନରେନ୍ଦ୍ର ନାଥ ବସୁଙ୍କ ଆର୍କଲୋଜିକାଲ ସର୍ଭେ ଅଫ ମୟୂରଭଞ୍ଜ ପୁସ୍ତକରେ ଲେଖାଯାଇଥିବା ତଥ୍ୟ ମୁତାବକ ବୁଢାବଳଙ୍ଗ ନଦୀ ହରିପୁରକୁ ଘେରି ରହିଥିବାରୁ ଶତ୍ରୁ ମାନଙ୍କ ଆକ୍ରମଣ କମ୍ ହେବା ଆଶଙ୍କା କରାଯାଇ ରାଜଧାନୀ ଏଠାକୁ ସ୍ଥାନାନ୍ତର କରାଯାଇଥିଲା । ମହାରାଜା ହରିହର ଭଞ୍ଜ ସେତେବେଳେ ଶକ୍ତିଶାଳୀ ରାଜା ଥିଲେ । ପରେ ୧୫ଶହ ଖ୍ରୀଷ୍ଟାବ୍ଦ ବେଳକୁ ବୈଦ୍ୟନାଥ ରାଜା ହୋଇଥିଲେ। ସେ ସମୟର ଭଞ୍ଜ ପରିବାର ରସିକାନନ୍ଦ ଗୁରୁ ଥିଲେ । ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜା ରସିକରାୟ ମନ୍ଦିର ନିର୍ମାଣ କରିଥିଲେ ବୋଲି ଜନଶ୍ରୁତି ରହିଛି । ପତଳା ଇଟାରେ ନିର୍ମିତ ଏହି ମନ୍ଦିର ଆଜି ବି ସମଗ୍ର ରାଜ୍ୟରେ ଅଦ୍ୱିତୀୟ ମନ୍ଦିର ଭାବେ ବିରାଜମାନ। ପତଳା ପତଳା ମାର୍ବଲ ଖଣ୍ଡ ଭଳି ଇଟାରେ ଏହି ମନ୍ଦିର ନିର୍ମିତ ହୋଇଛି। ଇଟା ପୋଡାଯିବା ପୂର୍ବରୁ ଏଥିରେ ବିଭିନ୍ନ ପ୍ରକାର କଳାକୃତି କରାଯାଇଛି । ପ୍ରତି ଇଟାରେ ଭିନ୍ନ ଭିନ୍ନ ଚିତ୍ର ଅଙ୍କାଯାଇଛି । କେବଳ ରସିକରାୟ ମନ୍ଦିର ନୁହେଁ ଏଠାରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର,ରାଧାମୋହନ ମନ୍ଦିର ଓ ରାଜବାଟୀର ଭଗ୍ନାବଶେଷ ଆଜି ବି ସେହି ପୂର୍ବ ଗୌରବର କଥା ବଖାଣୁଛି । ମାଟି ତଳେ ଥିବା ଏହି ଘରକୁ ଅନେକ ରାଣୀ ହଂସପୁରୀ କହନ୍ତି । ତେବେ ସେଠାରେ ଥିବା ତେଲେଙ୍ଗା ଦରବାଜା (ତେଲଗୁ ଗେଟ), ସ୍ନାନାଗାର ଓ ନୃତ୍ୟଶାଳା ଆଜି ମାଟିରେ ମିଶି ଯାଇଛି । ଏଥିରେ ଯେଉଁ କଳାକୃତି ଥିଲା ତାହା ଦେଖିବା ଭଳି ସ୍ଥାନୀୟ ଲୋକେ କହନ୍ତି । ବହୁ ବର୍ଷ ପୂର୍ବେ ମରହଟ୍ଟାଙ୍କ ଆକ୍ରମଣରେ ମାଟି ତଳେ ପୋତି ହୋଇ ରହିଥିବା ରାଜବାଟୀର ସମ୍ପୂର୍ଣ୍ଣ ଭଗ୍ନବଶେଷ ଖୋଳାଗଲେ ଆହୁରି ଅନେକ ଅନାଲୋଚିତ ତଥ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଗ୍ରାମର ଚତୁର୍ଭୁଜ ପଣ୍ଡିତ, ସୃଷ୍ଟିଧର ମହାପାତ୍ର, ଦେବେନ୍ଦ୍ର କାଣ୍ଡ କହନ୍ତି, ଏଏସଆଇ ପକ୍ଷରୁ ହରିପୁର ଗଡର ପୁନରୁଦ୍ଧାର ସହିତ ସୌନ୍ଦର୍ଯ୍ୟକରଣ, ଗଡ ଭିତରେ ଥିବା କୁଞ୍ଜ ପୋଖରୀ ଓ ରାଣୀ ପୋଖରୀର ପୁନରୁଦ୍ଧାର କରାଗଲେ ଦର୍ଶକ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବଢନ୍ତା ବୋଲି ପ୍ରକାଶ କରିଛନ୍ତି । ସେହିପରି ବିଭାଗ ପକ୍ଷରୁ ଏକ ଶିଶୁ ଉଦ୍ୟାନ ସହିତ ୱାଟର ଫାଉଣ୍ଟେସନ, ଆଲୋକୀକରଣ କରିବା ପାଇଁ ସରପଞ୍ଚ ସସ୍ମିତା ନାୟକ ଦାବି କରିଛନ୍ତି। ଦୂର ଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏକ ପାନ୍ଥଶାଳା ନିର୍ମାଣ କରାଗଲେ ପର୍ଯ୍ୟଟକ ମାନେ ଆସିବେ ବୋଲି ହରେକୃଷ୍ଣ ଜେନା, ହରିଶଙ୍କର ଦାଶ । ଗଡକୁ ସୁରକ୍ଷା ଦେବା ପାଇଁ ଚାରିପଟେ ପାଚେରୀର ଆବଶ୍ୟକତା ରହିଛି ବୋଲି ସମିତି ସଭ୍ୟ ପାର୍ଥସାରଥୀ ପଣ୍ଡା ପ୍ରକାଶ କରିଛନ୍ତି ।

### ମେଧା ଅନ୍ୱେଷଣ ଅଭିଯାନ
## ୬ ଶ୍ରେଷ୍ଠ ପ୍ରକଳ୍ପ ମନୋନୀତ

**ବାରିପଦା ଅଫିସ,୨୫।୧୧**

ମୟୂରଭଞ୍ଜ ଜିଲା ଆହ୍ୱାନ ଅନୁଷ୍ଠାନ ପକ୍ଷରୁ ବୈଜ୍ଞାନିକ ମେଧା ଶକ୍ତିର ବିକାଶ ନିମନ୍ତେ ଏକ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ କ୍ରୀଡା ସଂସଦ ସମ୍ମିଳନୀ କକ୍ଷରେ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଛାତ୍ର ବୈଜ୍ଞାନିକ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା । ଏଥିରେ ଗ୍ରୀନ ଏନର୍ଜି, ଅର୍ଗାନିକ ଫାର୍ମିଂ, କ୍ଲାୟମେଟିକ ଚେଞ୍ଜେସ୍ ଓ ଡିଜିଟାଲ ଟ୍ରାନ୍ସଫରମେଶନ ଆଦି ବିଷୟ ସମ୍ପର୍କିତ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ବୈଜ୍ଞାନିକ ଡକ୍ଟର ହିମାଂଶୁ ଶେଖର ପଣ୍ଡା, ଡକ୍ଟର କେ. କେ. ଚାନ୍ଦ, ନୀଳାଦ୍ରି ରାୟ ଓ ଡ. ରଞ୍ଜନ କୁମାର ଦ୍ୱାରୀ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଛନ୍ତି। ଯୁଗ୍ମ ଭାବେ ୬ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଭାବେ ମନୋନୀତ କରି ଛାତ୍ରୀଛାତ୍ରଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ଅନୁଷ୍ଠାନର ଆବାହକ ସତ୍ୟଦୀପ ନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର କୁଳପତି ଡା. ପ୍ରଦୀପ କୁମାର ଚାନ୍ଦ, କୃଷି ବୈଜ୍ଞାନିକ ତଥା ଜୈବ ଫାର୍ମିଂ ବିଶେଷଜ୍ଞ ଅଜିତ କୁମାର କବାଟ, ଅନୁଷ୍ଠାନର ପ୍ରତିନିଧି ଡା. ମନୋଜ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାଧାପକ ଡା. ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମେଧା ଅନ୍ୱେଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ଉଦଳା,୨୫।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ସପ୍ତମରୁ ଦଶମ ଶ୍ରେଣୀର ସମୁଦାୟ ୮୫ ଜଣ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ର ଆଶିଷ କୁମାର ନାୟକ ପ୍ରଥମ ସ୍ଥାନ, ଆଦିତ୍ୟ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଉଦଳା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅପୂର୍ବ ରଞ୍ଜନ ଧଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ମନୋନୀତ ଛାତ୍ରମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସମରଜିତ୍ ମହାପାତ୍ର ସଂଯୋଜନା କରିଥିବା ମୃତ୍ୟୁଞ୍ଜୟ ମହାନ୍ତି, କମଳା ମୁଦୁଲି, ନିବେଦିତା ଘୋଷ, ପଦ୍ମଲୋଚନ ପାଣି ଏବଂ କର୍ମଚାରୀ ବଙ୍କିମ ଚରଣ ପାତ୍ର, ମନବାହାଦୁର ସୁନାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମନ୍ଦିରରୁ ମୂର୍ତ୍ତି ଚୋରି

**ବହଳଦା,୨୫।୧୧(ଡି.ଏନ.ଏ.)**– ମୟୂରଭଞ୍ଜ ଜିଲା ବହଳଦା ବ୍ଲକ୍ ଚକ୍ରଧରପୁର ନିକଟ କେରା ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମା'ଙ୍କ ପ୍ରତିମାକୁ ମେସିନ ଦ୍ୱାରା କାଟି ନେଇଯାଇଛନ୍ତି। ଏହା ଅଷ୍ଟଧାତୁରେ ତିଆରି ହୋଇଥିବାରୁ ମୂର୍ତ୍ତିର ଆନୁମାନିକ ମୂଲ୍ୟ ବହୁତ ଅଧିକ। ଘଟଣାସ୍ଥଳରେ ଚକ୍ରଧରପୁର ଥାନା ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ବହଳଦା ଓ ଖିଚିଂଠାରେ ମା' କିଚକେଶ୍ୱରୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଆନ୍ତଃରାଜ୍ୟ ମୂର୍ତ୍ତି ଚୋରି ର୍‍ୟାକେଟ ସକ୍ରୀୟ ଥିବାରୁ ମନ୍ଦିର ଓ ମା'ଙ୍କ ସୁରକ୍ଷା ଲାଗି ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହେଉଛି।

## ଧାନଗଦା ଜଳିଗଲା


**କୋଷ୍ଟା,୨୫।୧୧(ଡି.ଏନ.ଏ.)**– ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ କୁଜିଡିହି ପଞ୍ଚାୟତର କାଳିଆଶୋଳ ଗ୍ରାମର ଖଗେଶ୍ୱର ତୁଙ୍ଗଙ୍କ ଧାନଖଳାରେ ଶନିବାର ବିଳମ୍ବିତ ରାତିରେ ହଠାତ୍ ନିଆଁଲାଗି ଧାନଗଦା ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଯାଇଛି । ଫଳରେ ତାଙ୍କର ବର୍ଷକର ଚାଷର ସମସ୍ତ ଉପାର୍ଜନ ନଷ୍ଟ ହୋଇ ଯାଇଛି। ତେବେ କେଉଁ କାରଣରୁ ନିଆଁ ଲାଗିବାର କାରଣ ଅସ୍ପଷ୍ଟ। ପାଖରେ ପାଣିର ସୁବିଧା ନ ଥିବାରୁ କୁଅରୁ ପାଣିକାଢି ନିଆଁକୁ ଆୟତ୍ତ କରିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା । ଶୁଳିଆପଦାରୁ ଦମକଳ ବାହିନୀ ଖବର ପାଇ ଆସି ନିଆଁକୁ ଆୟତ୍ତ କରିଥିଲେ ମାତ୍ର ଗୋଟିଏ ବି ଧାନଶସ୍ୟ ରକ୍ଷା ହୋଇ ପାରି ନ ଥିଲା।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଅଜୟ



@ ଆତିଶ



@ ଲିପିକା



@ ପ୍ରଦୀପ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଏନ୍‌ସିସି ଦିବସ ପାଳିତ

**ଉଦଳା,୨୫।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଉଚ୍ଚ ବିଦ୍ୟାଳୟରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ଥାନାଧିକାରୀ ସନାତନ ସାହୁ ଯୋଗ ଦେଇ ଏନସିସି ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଏନସିସି ଅଧିକାରୀ ନାରାୟଣ ଚନ୍ଦ୍ର ହାତୀଙ୍କ ସଂଯୋଜନାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ୧୪ ବାଟାଲିୟନ୍ କେନ୍ଦୁଝରର ଏନସିସି ହାବିଲଦାର ନରେନ୍ଦ୍ର ପାଲ ସିଂ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମରଜିତ୍ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଏନସିସି ବିଦ୍ୟାର୍ଥୀଙ୍କ କର୍ତ୍ତବ୍ୟ, ଉପକାରିତା ସହିତ ଏହାର ଆଭିମୁଖ୍ୟ ଏବଂ ଦେଶରେ ଏନସିସି ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଏନ୍‌ସିସି ଛାତ୍ର ଉପସ୍ଥିତ ଥିଲେ।




ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବିଶ୍ୱ କପ ହକି ଲାଗି ବିଭିନ୍ନ ସ୍ଥାନରେ ଗଣଦୌଡ଼

**ବାରିପଦା ଅଫିସ,୨୫।୧୧**

ଓଡିଶାରେ ଆୟୋଜିତ ବିଶ୍ୱ ହକି ପ୍ରତିଯୋଗିତାକୁ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲାର ଗାଁ ଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ସଚେତନ ସୃଷ୍ଟି କରାଯାଉଛି। ଏହି ଅବସରରେ ମୟୂରଭଞ୍ଜ ଜିଲାପ୍ରଶାସନ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡାବିତଙ୍କୁ ନେଇ ଗଣଦୌଡ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା ସ୍ଥିତ ସଂସ୍କୃତି ଭବନ ପରିସରରୁ ସକାଳ ୮ଟାରେ ଏହି ଗଣଦୌଡ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଲୋକସଭା ସାଂସଦ ରାମଚନ୍ଦ୍ର ହାସଁଦା, ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଅବୋଲି ନରଅଣେ, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଏହି ଗଣଦୌଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ପରିସରରୁ ଗଣଦୌଡ ବାହାରି ଫାୟାରଷ୍ଟେଶନ, ଅମ୍ବିକା ମନ୍ଦର ହୋଇ ବାଲେଶ୍ୱର ଗୋଲେଇ, ପାଲବଣି, ଦାରଗାଡାହି ହୋଇ ସତ୍ୟସାୟୀ ଛକ, ଷ୍ଟିଲ ଗୋଲେଇ, ଭଞ୍ଜପୁର ହୋଇ ଛଉପଡ଼ିଆ ଠାରେ ସମାପନ ହୋଇଥିଲା। ଏହି ଅବସରରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବିଭାଗରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ଯୋଗେନ୍ଦ୍ର ତିରିଆଙ୍କୁ ୨ହଜାର ଟଙ୍କା, ଦ୍ୱିତୀୟ ପ୍ରତିଯୋଗୀ ନରେଶ ଚନ୍ଦ୍ର ହେମ୍ବ୍ରମଙ୍କୁ ୧ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଗୋବିନ୍ଦ ଟୁଡୁଙ୍କୁ ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ସାନ୍ତ୍ୱନା ମୂଳକ ଭାବେ ଦିନେଶ ମହାନ୍ତ, କିଶାନ ସୋରେନ, ସୁଦାମ ମୁର୍ମୁ, ରଘୁ ସିଂ ଏବଂ ତ୍ରିନାଥ ନାଏକ ଆଦି ୫ଜଣ ପ୍ରତିଯୋଗୀଙ୍କୁ ୩ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ବାଳିକା ବିଭାଗରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ଇତିଶ୍ରୀ ମହାନ୍ତଙ୍କୁ ୨ହଜାର ଟଙ୍କା, ଦ୍ୱିତୀୟ ପ୍ରତିଯୋଗୀ ସନ୍ଧ୍ୟା ମୁର୍ମୁଙ୍କୁ ୧ହଜାର ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ସ୍ୱର୍ଣ୍ଣପ୍ରିୟା ମହାନ୍ତଙ୍କୁ ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବାଳିକା ବିଭାଗରେ ସାନ୍ତ୍ୱନା ମୂଳକ ଭାବେ ମାହୀ ସୋରେନ, ସରସ୍ୱତୀ ମୁର୍ମୁ, ସାକ୍ରା ମୁର୍ମୁ, ରୀନା ମହାନ୍ତ ଏବଂ ଅନୀତା ଦାସ ଆଦି ୫ଜଣ ପ୍ରତିଯୋଗୀଙ୍କୁ ୩ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଏଆଇଟିଡିଏ, ଏପିଡି ସଙ୍ଗିତା ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସହ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଉଦଳା** ଆସନ୍ତା ୨୭ରୁ ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ହକି– ୨୦୧୮ ଉଦଘାଟିତ ହେବା ଅବସରରେ ରବିବାର ଦିନ ସାରା ରାଜ୍ୟରେ ବିଜୁ ଯୁବ ବାହିନୀ ପକ୍ଷରୁ ମାରାଥନ୍ ଦୌଡର ଆୟୋଜନ ହୋଇଥିବା ବେଳେ ଉଦଳା ବ୍ଲକ କୋଚିଳାଡିହା ଠାରେ ମଧ୍ୟ ଏହି ମାରାଥନ୍‌ର ଆୟୋଜନ କରାଯାଇଥିଲା। ବିଜୁ ଯୁବ ବାହିନୀର ସଂପାଦକ ଦୀପକ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଗଣଦୌଡ କାର୍ଯ୍ୟକ୍ରମ ଡିମଗଡିଆ ହାଇସ୍କୁଲ ଠାରୁ ହାଟଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଉଦଳା ଥାନାଧିକାରୀ ସନାତନ ସାହୁ ଯୋଗ ଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ମାରାଥନ୍ ପରେ ଡିମଗଡିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୀତିକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଭାକର ସେଠୀ, ସୁରେନ୍ଦ୍ର ନାଥ ପୃଷ୍ଟି ଯୋଗ ଦେଇଥିଲେ ।

ସେହିପରି ଉଦଳା ଏନଏସି ବିଜୁ ଯୁବ ବାହିନୀ ତରଫରୁ ମଧ୍ୟ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ପ୍ରମୁଖ ଯୋଗ ଦେଇ ଫିତା କାଟି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡିର ନଗର ସଭାପତି ବନମାଳୀ ବେହେରା, ବିଜୁ ଯୁବ ବାହିନୀ କ୍ଲଷ୍ଟର–୧ର ସଭାପତି ମାନସ ରଞ୍ଜନ ପୁହାଣ, କ୍ଲଷ୍ଟର–୨ର ଚନ୍ଦନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଗଣଦୌଡ଼ରେ ସାମିଲ ଥିବା ଅତିଥି ଓ ପ୍ରତିଯୋଗୀ।

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରକ ଜବତ: ଚାଳକ ଗିରଫ

**ବନ୍ତ, ୨୫।୧୧ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବଜାରଠାରେ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଚୋରା କୋଇଲା ବୋଝେଇ ଟ୍ରକକୁ ସ୍ଥାନୀୟ ପୋଲିସ ରବିବାର ଜବତ କରିଛି। ଏଥିସହ ଗାଡ଼ି ଚାଳକଙ୍କୁ ପୋଲିସ ଗିରଫ କରିଛି। ଏନେଇ ବନ୍ତ ଥାନାରେ ଏକ ମାମଲା(ନଂ.୧୦୧/୧୮) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଟ୍ରକଟି ତାଳଚେରରୁ କୋଇଲା ବୋଝେଇ କରି କେନ୍ଦୁଝର ଆସିଥିଲା। କିନ୍ତୁ ସେଠାରେ କୋଇଲା ଅନଲୋଡ ନ କରି ଚୋରାରେ ବିକ୍ରି ପାଇଁ ଭଦ୍ରକକୁ ଯାଉଥିଲା। ରବିବାର ମଧ୍ୟାହ୍ନ ସମୟରେ ବନ୍ତ ବଜାରଠାରେ ପୋଲିସ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଚୋରା ମାଲ ରଖିଥିବା ଅଭିଯୋଗରେ ପୋଲିସ ଟ୍ରକ ଜବତ କରିଥିଲା।

### ଦୁର୍ଘଟଣାରେ ମାଛ ବେପାରୀ ମୃତ

**ପଦ୍ମପୁର, ୨୫।୧୧ (ଡି.ଏନ.ଏ.):** ଭଦ୍ରକ-ପଦ୍ମପୁର ରାସ୍ତାର ସାବରଙ୍ଗ ବଜାରଠାରେ ସଡ଼କ ଦୁର୍ଘଟଣାରେ ଜଣେ ମାଛ ବେପାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାସୁଦେବପୁର ଥାନା ଅଧୀନ ଚିରଳ ଗ୍ରାମର ଖଗେଶ୍ୱର ମଲିକ। ସେ ରବିବାର ଭୋର ସମୟରେ ମାଛ ବିକ୍ରି କରିବା ଲାଗି ବାଇକ୍‌ରେ ଭଦ୍ରକ ଯାଉଥିଲେ। ସାବରଙ୍ଗ ବଜାର ସ୍ଥିତ ପୋଲରେ ଧକ୍କା ହେବାରୁ ସେ ଧନନ୍ତରି ନଦୀକୁ ଖସି ପଡ଼ିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ଧନୁର୍ଜୟ ମୁଣ୍ଡା ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୫୭୫/୧୮) ରୁଜୁ ହୋଇଛି।

### ପ୍ରତିଭା ଅନ୍ୱେଷଣ: ୬ ପ୍ରତିଯୋଗୀ ପୁରସ୍କୃତ

**ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତରେ 'ମୁଁ ହିରୋ ମୁଁ ଓଡ଼ିଶା' ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାସ୍କର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଣିତକାନ୍ତ ସାମଲ, ବିଡିଓ ବନମାଳୀ ତରାଇ, ମୁକ୍ତିକାନ୍ତ ଜେନା, ସୌଦାଗର ଜେନା ପ୍ରମୁଖ ଯୋଗ ଦେଇଥିଲେ। ୩୦ ପ୍ରତିଯୋଗୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୬ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ବିଦ୍ୟାଧର ରାଉତ, ଧନେଶ୍ୱର ଜେନା, ଶ୍ରୀଧର ଜେନା, ପ୍ରତାପ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଯୁବବାହିନୀ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜନପରାମର୍ଶ ପଦଯାତ୍ରା, ପଥପ୍ରାନ୍ତ ସଭା

**ଧାମନଗର, ୨୫।୧୧ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ଭାଜପା ଜୋନ୍ ଅଧୀନ ସାହାସପୁରଠାରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ବିଷ୍ଣୁଚରଣ ସେଠୀ ଯୋଗଦେଇ ଏହି ପଦଯାତ୍ରା ମାଧ୍ୟମରେ ଭାଜପାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସାହାସପୁର ଗ୍ରାମରୁ ବିଶାଳ ପଦଯାତ୍ରା ବାହାରି ପୋଖରିଆ ଗ୍ରାମରେ ପହଞ୍ଚିଥିଲା। ସେଠାରେ ବ୍ଲକ ମିଡିଆ ସେଲ୍ ଅଧ୍ୟକ୍ଷ ଅନିରୁଦ୍ଧ ସାହୁଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ହୋଇଥିଲା। ରାଜ୍ୟ ଉପସଭାପତି ସେଠୀ, ଜିଲା ସମ୍ପାଦକ ଚତୁର୍ଭୁଜ ନାୟକ, ସଦାଶିବ ପୋଥାଳ, ସାବିତ୍ରୀ ଦାସ, ଅନ୍ତର୍ଯ୍ୟାମୀ ପତି, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷେ ରାଜ୍ୟରେ ବିଜେଡି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ନେଇ ସଚେତନ କରାଇଥିଲେ। ଏହି ଅବସରରେ ଅନ୍ୟ ଦଳରୁ ୨୦ ଜଣ ଭାଜପାରେ ସାମିଲ ହୋଇଥିଲେ।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଭଣ୍ଡାରିପୋଖରୀ, ୨୫।୧୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ଶୁକଦେବ ଜେନା ହାଇସ୍କୁଲ ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ବ୍ଲକ ବିଜ୍ଞାନ ସଂଯୋଜକ ସୁବଳ ପତ୍ରୀ ମୁଖ୍ୟବକ୍ତା ଏବଂ ଶିକ୍ଷା ସଂଯୋଜକ ଭାଗବତ ବେହେରା, ମମିତା ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ସାହୁ ପ୍ରଦର୍ଶିତ ୨୫ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ଓ ଇନ୍ଦ୍ରଜିତ ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ମୋନାଲିସା କର, ଅମୂଲ୍ୟ ମଲିକ, ଦାମୋଦର ଶତପଥୀ, ଶୁଭେନ୍ଦୁ ମଲିକ, ବିକଶୀ ସାହୁ, ସେକ୍ ଏମାମୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ




ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।




ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

## ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ। ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିରେ ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

# ଭଲିବଲ ଟୁର୍ନାମେଣ୍ଟ



ଭଲିବଲ ଲିଗ୍ ମ୍ୟାଚ୍‌ରେ ଖେଳାଳିମାନେ।

**ଧାମନଗର, ୨୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଖେଳପଡ଼ିଆରେ ସ୍ୱାସ ପ୍ରୋ ଭଲିବଲ ଲିଗ୍-୨୦୧୮ ଉଦ୍‌ଘାଟିତ ହୋଇଛି। ଯୁବ ଶିଳ୍ପୋଦ୍ୟୋଗୀ ଅଶୋକ କୁମାର ବସନ୍ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଧାମନଗରର ହେଲ୍ଥ ଲାଇନ କ୍ଲବ ଏବଂ ତଳଗୋପବିନ୍ଧାର ମା' ଐଶାନଚଣ୍ଡି କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଐଶାନଚଣ୍ଡି କ୍ଲବ ୨-୧ ରେ ବିଜୟଲାଭ କରିଛି। ଅମୂଲ୍ୟ ପଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିଲେ ଏବଂ ପ୍ରଦୀପ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଭାତ ନାୟକ, ସୁଧାଂଶୁ, ରବୀନ୍ଦ୍ର, ପ୍ରମୋଦ, ରଶ୍ମି, ବିଭୁତି, ପପୁ, ଶିବରାମ, ଆଲୋକ, ଅଜିତ, ଲିଟୁ, ଧନ, ସିପୁନ, ରାଜା, ଅମିତ, ରାଜୁ, ବାପୁନି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

## ୪୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବାସୁଦେବପୁର, ୨୫।୧୧ (ଡି.ଏନ.ଏ.)**

ବାସୁଦେବପୁର ମିରାକିଲ୍ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଂ. ମହେଶ ଚନ୍ଦ୍ର ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ କରିବା ସହିତ ଆଗକୁ ବଢ଼ିବାକୁ ଏହି ମେଳା ବାଟ ଦେଖାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୁନ୍ନୁବାଳା ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ରେବତୀ ପାଢୀ, ରାଜେଶ ମହାନ୍ତି ବିଜ୍ଞାନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ଶିକ୍ଷାନୁଷ୍ଠାନ ସମ୍ପାଦକ ରାହାସ ବିହାରୀ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ମିରାକିଲ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦୁଃଶାସନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରୀତିରଞ୍ଜନ ସାହୁ, ସୁଚିସ୍ମିତା ନନ୍ଦ, ପ୍ରଭାତ ବାରିକ, କିରଣ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଭାରତୀୟ ଯୁବ କୃଷକ ସଂଘର ଆନ୍ଦୋଳନ ସ୍ଥଗିତ

**ଭଦ୍ରକ ଅଫିସ, ୨୫।୧୧**

ଭାରତୀୟ ଯୁବ କୃଷକ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଆସନ୍ତା ୨୮ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଡାକରା ସ୍ଥଗିତ ରଖାଯାଇଛି। ସଂଘର ଜିଲା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ନେତୃତ୍ୱରେ ଜିଲା ଓ ବ୍ଲକ କାର୍ଯ୍ୟକର୍ତ୍ତା ବିସ୍ତୃତ ଆଲୋଚନା କରିଥିଲେ। ୧୦ ଦଫା ଦାବି ମଧ୍ୟରୁ ଜିଲାପାଳଙ୍କ ଅଧୀନରେ ଯେଉଁ ଦାବିଗୁଡ଼ିକ ପୂରଣ ହୋଇପାରିବ ତାହା କାର୍ଯ୍ୟକାରୀ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ପ୍ରବକ୍ତା ରାଜ୍ୟ କମିଟି ଅଧ୍ୟକ୍ଷ ନାୟକ କୃଷକଙ୍କ ସମସ୍ୟା ଓ ଦାବି ପୂରଣ ପାଇଁ ଖୁବ୍‌ଶୀଘ୍ର ରାଜ୍ୟସ୍ତରୀୟ ବିକ୍ଷୋଭ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ଜିଲାପାଳଙ୍କ ସହ ଆଲୋଚନାରେ କୃଷକ ସଂଘର ଜିଲା କାର୍ଯ୍ୟକାରୀ ସଭାପତି ସାହୁ, ହରିଜନ ସେଲ୍ ଆବାହକ ଚନ୍ଦ୍ରମଣୀ ସେଠୀ, ତିହିଡ଼ି ବ୍ଲକ ସଭାପତି ଚକ୍ରଧର ନାୟକ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଅଶୋକ ଦାସ, ବ୍ଲକ କାର୍ଯ୍ୟକାରୀ ସଭାପତି ଅତୁଲ୍ୟ କୁମାର ବେହେରା, ଜିଲା ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର, ଅଶୋକ କୁମାର ବେହେରା, ଗୟାଧର ଦାସ, ଭଦ୍ରକ ବ୍ଲକର ଲକ୍ଷ୍ମୀଧର ଆରନଙ୍କ ସମେତ ବହୁ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## 'ଚିତ୍ତ ଜେନାଙ୍କ ସଙ୍ଗୀତ ଶ୍ରୋତାଙ୍କ ମଧ୍ୟରେ ଅଭୁଲା ଇତିହାସ'

**ଭଦ୍ରକ ଅଫିସ, ୨୫।୧୧**

ବିଶିଷ୍ଟ କଣ୍ଠଶିଳ୍ପୀ, ନିର୍ଦ୍ଦେଶକ ଚିତ୍ତ ଜେନାଙ୍କ ସ୍ମୃତି ସମାରୋହ କଳାତୀର୍ଥ ଆନନ୍ଦବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗୀତକାର ଚିତ୍ତ ଜେନାଙ୍କ ଘଟଣାବହୁଳ କଳାତ୍ମକ ଜୀବନ ଓ ତାଙ୍କର କାଳଜୟୀ ସଂଗୀତ ଶ୍ରୋତାଙ୍କ ମଧ୍ୟରେ ଅଭୁଲା ଇତିହାସ ହୋଇ ରହିବ ବୋଲି ସମାରୋହରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟସାଥୀ ସାରଥି ପଣ୍ଡା ଆୟୋଜିତ ଚିତ୍ତ ଜେନା ସ୍ମୃତିସନ୍ଧ୍ୟା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଳାକାର ଯୋଗେନ୍ଦ୍ର ପରିଡ଼ା, ସନ୍ତୋଷ ଦାସ, ନାଟ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ, ପ୍ରଫୁଲ୍ଲ ସେଠୀ, ବୈକୁଣ୍ଠନାଥ ସାହୁ, ବେଣୁଧର ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ସନ୍ତୋଷ କୁମାର, କଳାକାର କାଳନ୍ଦୀ ମଲ୍ଲିକ, ଅଶ୍ୱିନୀ କୁମାର ଦାସ ପ୍ରମୁଖ ଚିତ୍ତ ଜେନାଙ୍କ ଅଭୁଲା ସଂଗୀତ ପରିବେଷଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ପଣ୍ଡା, ଅଧ୍ୟାପକ ବିଭୁତି ଭୂଷଣ ପଣ୍ଡା, ମନୋଜ କୁମାର ପଣ୍ଡା ବାଦ୍ୟକଯନ୍ତ୍ର ପରିଚାଳନା କରିଥିଲେ।

# ହକି ପାଇଁ ଦୌଡ଼: ଉତ୍ସାହର ସହ ଭାଗ ନେଲେ

**ଭଦ୍ରକ ଅଫିସ, ୨୫।୧୧**

ହକି ବିଶ୍ୱକପ୍ ଉଦ୍ଦେଶ୍ୟରେ ରବିବାର ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ସାତଭଉଣୀଠାରେ ଜିଲାସ୍ତରୀୟ ମିନି ମାରାଥନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପତାକା ହଲାଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାତଭଉଣୀ ଛକଠାରୁ ମହତାବ ଛକ ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ଦୌଡ଼ରେ ଶତାଧିକ କ୍ରୀଡ଼ାପ୍ରେମୀ ଉତ୍ସାହର ସହ ସାମିଲ ହୋଇଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ସାମାଜିକ କର୍ମୀ ସଞ୍ଜୀବ ମଲିକ, ବିଧାୟକଙ୍କ ପ୍ରତିନିଧି ରାଧାକାନ୍ତ ସାମଲ, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମିନି ମାରାଥନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ଭଦ୍ରକଠାରେ ଆୟୋଜିତ ମିନି ମାରାଥନ୍।

**ବାସୁଦେବପୁର, (ଡି.ଏନ.ଏ.)**

ବାସୁଦେବପୁରର ବିଭିନ୍ନ ସ୍ଥାନରେ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ପୌରପାଳିକାର ୨୦, ୨୧, ୨୨, ୨୩ ନମ୍ବର ୱାର୍ଡରେ ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ମିନି ମାରାଥନ ଗୋପାଳପୁର ଛକରୁ ଆରମ୍ଭ ହୋଇଥିଲା। ବିଜେଡିର ନଗର ସଭାପତି ମାନସ ରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନରେନ୍ଦ୍ର ପ୍ରସାଦ ବାରିକ, ଦୁର୍ଯ୍ୟୋଧନ ବାରିକ, ଶାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଯୁବବାହିନୀ ସଭାପତି ସତ୍ୟନାରାୟଣ ଦାସ, ସମ୍ପାଦକ ଅଭିଜିତ ମହାନ୍ତିଙ୍କ ସମେତ ପୌରପାଳିକା ସଂଯୋଜକ ଶୀତ ମହାଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବରଣ୍ଡୁଆ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମିନି ମାରାଥନକୁ ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ ଉଦ୍‌ଘାଟନ କରିଥିଲେ।

**ପଦ୍ମପୁର, (ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ରାଜଘରପୋଖରୀ, ବିରସ, ଲକ୍ଷ୍ମୀଦାସପୁର ପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ଗଣଦୌଡ଼ ହୋଇଥିଲା। ଶତାଧିକ ବ୍ୟକ୍ତି ଗଣଦୌଡ଼ରେ ସାମିଲ ହୋଇ ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିରସ ପଞ୍ଚାୟତରେ ଯୁବବାହିନୀ ସଭାପତି ଭାବଗ୍ରାହୀ ରାଉତ, ସମ୍ପାଦକ ଦୀପକ କୁମାର ରାଉତ, ରାଜଘରପୋଖରୀ ଯୁବବାହିନୀ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଶରତ ପାତ୍ର, ଲକ୍ଷ୍ମୀଦାସପୁର ଯୁବବାହିନୀ ସଭାପତି ପବିତ୍ର ରଞ୍ଜନ ପୁହାଣ, ସମ୍ପାଦକ ବ୍ରହ୍ମାନନ୍ଦ ବାରିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

**ବନ୍ତ, (ସ୍ୱ.ପ୍ର.)**

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତରେ ସରପଞ୍ଚ କିଶୋର କିଙ୍କର ପଡିଆରୀ, ଏମ୍ପିଙ୍କ ପ୍ରତିନିଧି ଶଶିକାନ୍ତ ଜେନା, ଯୁବବାହିନୀ ସଭାପତି କୀର୍ତ୍ତିଶଙ୍କର ମହାନ୍ତି, ସମ୍ପାଦିକା ମୀନତି ବେହେରାଙ୍କ ନେତୃତ୍ୱରେ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ୪୦ରୁ ଅଧିକ ଯୁବତୀ ଯୁବକ ପଞ୍ଚାୟତର ସରମରା ସ୍କୁଲ ନିକଟରୁ ଦୌଡ଼ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶେଷ କରିଥିଲେ। ଏଥିରେ ୩ ଯୁବତୀ ଓ ୩ ଯୁବକଙ୍କୁ ୧ମ, ୨ୟ, ୩ୟ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସରପଞ୍ଚ ଧନେଶ୍ୱର ପଡିଆରୀ, ବାବୁଲା ମଲିକ, ସତ୍ୟପ୍ରକାଶ ରାଉତ, ସୁଧୀର ରାଉତ, ରାଜେଶ ବିଶ୍ୱାଳ, ମାନସ କୁମାର ଜେନାଙ୍କ ସମେତ ଯୁବବାହିନୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

**ଭଣ୍ଡାରିପୋଖରୀ, (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଏନେଇ ସଚେତନତା ସଭା କରାଯାଇଥିଲା। ମାଳଦା ପଞ୍ଚାୟତଠାରେ ସରପଞ୍ଚ ରୀତାଞ୍ଜଳି ସାମଲଙ୍କ ସଭାପତିତ୍ୱରେ ସମିତିସଭ୍ୟ ମୋହନ ରାୟ, ଉତ୍କଳ କେଶରୀ ମହାନ୍ତି, ପ୍ରତ୍ୟୁଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଯୁବବାହିନୀ କର୍ମକର୍ତ୍ତା ମାଳଦା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଜଳହରି ଛକ ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇଥିଲେ।

## ଲେଖିକା ରତ୍ନମଣିଙ୍କ ସ୍ମୃତିଚାରଣ

**ଭଦ୍ରକ ଅଫିସ, ୨୫।୧୧**

ଭଦ୍ରକର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ନାୟକଙ୍କ ଧର୍ମପତ୍ନୀ ଲେଖିକା ରତ୍ନମଣି ନାୟକଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ସଭାପତିତ୍ୱ ଓ ଖବରଦାତା ଅମର ନାୟକ ସଂଯୋଜନା କରିଥିଲେ। ଭଦ୍ରକ ଓକିଲ ସଂଘ ସମ୍ପାଦକ ଗଦାଧର ବଳ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଓ ରାଜେନ୍ଦ୍ର ଦାସ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ପ୍ରାଧ୍ୟାପକ ପ୍ରସନ୍ନ ବିଶ୍ୱାଳ, ଜିଲା ବିଜେଡି ଉପସଭାପତି ଇଂ. ପ୍ରୟାସକାନ୍ତି ସାମଲ, ଭଦ୍ରକ ବାର୍ ଆସୋସିଏଶନ ସଭାପତି ବିଷ୍ଣୁମୋହନ ମହାପାତ୍ର, ଆଇନଜୀବୀ ଦିଲୀପ ମହାପାତ୍ର, ଦେବେନ୍ଦ୍ର କୁମାର ପଣ୍ଡା, ଜତିକାନ୍ତ ନାୟକ, ସନ୍ତୋଷ କୁମାର ମହାପାତ୍ର, ରାଧା ଦାସ, ଲଲାଟେନ୍ଦୁ ଦୀକ୍ଷିତ, ଦୀପକ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ରତ୍ନପ୍ରଭା ରତ୍ନମଣି'କୁ ଲୋକାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ହାଟଡିହୀ,୨୫। ୧୧(ଡି.ଏନ୍.ଏ.)** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଙ୍ଖୋ ବାଲିଆ ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁର୍ବ୍ୟହାର କରାଯାଇ ବଳାତ୍କାର ଉଦ୍ୟମ କରାଯାଇଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଘରେ ଏକୁଟିଆ ଥିବାର ସୁଯୋଗ ନେଇ କେତେଜଣ ବ୍ୟକ୍ତି ଶନିବାର ରାତିରେ ଘରେ ପଶି ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ମହିଳାଙ୍କ ପାଟି ଶୁଣି ପଡିଶା ଲୋକ ଦୌଡି ଆସିବାରୁ ଅଭିଯୁକ୍ତମାନେ ପଳାଇଯାଇଥିଲେ। ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ଅଭିଯୁକ୍ତ ଗିରଫ

**ବଡବିଲ,୨୫।୧୧ (ସ୍ୱ.ପ୍ର.)**- କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ଉକ୍ତ ଥାନା ଅଧୀନ ଆଜାଦ ବସ୍ତିର ଏମଡି ସୋନୁ ନାମକ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

### 'ସମାଜସେବା ଲାଗି ବ୍ରତୀ ହୁଅ'

**ଚମ୍ପୁଆ,୨୫।୧୧(ଡି.ଏନ.ଏ.)**- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଠାରେ ୫୪ ଦିନ ଧରି ଅନୁଷ୍ଠିତ ହେଉଥିବା ଡି.ଇ.ଏଲ.ଇଡି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ବିକାଶ ସମିତି ସଂଯୋଜିକା ଦମୟନ୍ତୀ ସାମଲ ଏବଂ ଡି.ଆଇ.ଇ.ଟି ଶିକ୍ଷକ ପ୍ରଶିକ୍ଷକ ସଞ୍ଜିତ କୁମାର ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାକରାଯାଇଥିଲା। ମୁଖ୍ୟଅତିଥି ମହିଳା ଶିକ୍ଷା ଓ ଶୈଶବ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ସମାଜ ସେବା କାର୍ଯ୍ୟରେ ସମସ୍ତେ ନିଜକୁ ଉତ୍ସର୍ଗ କରିବା ଉଚିତ ବୋଲି କହିଥିଲେ। ପ୍ରଶିକ୍ଷକ ପୂର୍ଣ୍ଣାନନ୍ଦ ସିଂହ ବିରଣୀ ପାଠ କରିଥିଲେ। ରମାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

### ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଆନନ୍ଦପୁର, ୨୫।୧୧(ସ୍ୱ.ପ୍ର.)**-କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୟଲମୁଣ୍ଡାଠାରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମ ଏଥିରେ ସଂଯୋଜନା କରିଥିଲେ। ଚାଇଲ୍‌ଡ ଲାଇନ୍ ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୟଲମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାଲି କରାଯାଇ ଶିଶୁ ଅଧିକାରର ସୁରକ୍ଷା, ବାଳିକା ଶିକ୍ଷାର ପ୍ରସାର, ଶିଶୁ ନିର୍ଯାତନା ଶୋଷଣ ବନ୍ଦ କରିବା, ବାଲ୍ୟ ବିବାହ ରୋକିବା, ଶିଶୁଙ୍କ ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପୁଚି ଓ ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୟଲମୁଣ୍ଡା ଉଚ୍ଚ ପ୍ରାଥମିକ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଆପଟଙ୍କ ଅଧ୍ୟକ୍ଷତାରେ ଶିଶୁଙ୍କ ସୁରକ୍ଷା ଓ ଏହାର ବିଭିନ୍ନ ଦିଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିଶୁ ନିର୍ଯାତନା, ଶିଶୁ ଶ୍ରମିକ , ବାଲ୍ୟ ବିବାହ, ପରିତ୍ୟକ୍ତ ଶିଶୁ ଭଳି ଘଟଣା ଦୃଷ୍ଟିକୁ ଆସିଲେ ସଙ୍ଗେ ସଙ୍ଗେ ଚାଇଲ୍‌ଡ ଲାଇନ୍‌ର ୧୦୯୮ ନମ୍ବରକୁ ଫୋନ୍ କରି ସହାୟତା ଲୋଡ଼ିବା ପାଇଁ ପରାମର୍ଶ ଦିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଖଣି ଖାଦାନ ଦେଇଛି ଅସରନ୍ତି ଦୁଃଖ

- ଅବହେଳିତ, ଉପେକ୍ଷିତ ଉଞ୍ଚବାଲୀ ଗାଁ
- ଲୋକଙ୍କୁ ମିଳୁନି ମୌଳିକ ସୁବିଧା
- କାରଖାନା ବର୍ଜ୍ୟବସ୍ତୁରେ ପୋତିହୋଇ ଗଲାଣି ଗାଁ ପାଖ ଝରଣା
- ସରକାରୀ ବିକାଶ ଯୋଜନା ଏଠି ଅପହଞ୍ଚ

**ଯୋଡ଼ା, ୨୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଏକ ଅବହେଳିତ ଗାଁ ଉଞ୍ଚବାଲୀ । ଖଣିଖାଦାନ ଘେରା ଇଲାକା ହୋଇଥିଲେ ବି ସରକାରଙ୍କ ବିକାଶ ଯୋଜନା ଏଠି ଅପହଞ୍ଚ ରହିଛି। ଖଣି ସଂସ୍ଥାର ଅବହେଳା ଓ ଉପେକ୍ଷା ଯୋଗୁ ବିଜୁଳି, ପିଇବା ପାଣି, ରାସ୍ତାଘାଟ ଓ କାମଧନ୍ଦା ଅଭାବ ଭଳି ମୌଳିକ ସମସ୍ୟାରେ ଘାଣ୍ଟି ହୋଇ ଦୁର୍ଦ୍ଦଶାରେ ଦିନ ବିତାଉଛନ୍ତି। ଜିଲା ପ୍ରଶାସନ ନିକଟରେ ଗ୍ରାମର ବାସିନ୍ଦାମାନେ ଫେରାଦ ହୋଇଥିଲେ ବି କୌଣସି ସୁଫଳ ପାଇ ନାହାନ୍ତି।

ଭୌଗୋଳିକ ଦୃଷ୍ଟି କୋଣରୁ ଉଞ୍ଚବାଲୀ ଗ୍ରାମର ଦକ୍ଷିଣରେ ଚିରସ୍ରୋତା ଉଞ୍ଚବାଲୀ ଝରଣା ରହିଛି। ଉତ୍ତରରେ ଚାଷଜମି ଥିବା ବେଳେ ପୂର୍ବ ଦିଗରେ କାରଖାନା ଓ ପଶ୍ଚିମ ଦିଗରେ ଏକାଧିକ ଖଣି ରହିଛି। ଉଞ୍ଚବାଲୀ ଗ୍ରାମବାସୀଙ୍କ ପ୍ରାୟ ୧୦୦୦ ଏକରରୁ ଅଧିକ ଚାଷଜମି ଅଣଜଳସେଚିତ। ବର୍ଷା ପାଣି ଉପରେ ଭରସା କରି ଲୋକେ ଚାଷ କାର୍ଯ୍ୟ କରୁଛନ୍ତି। ଅଧିକାଂଶ ଗ୍ରାମବାସୀ ପୂର୍ବରୁ ଖଣି ଶ୍ରମିକଭାବେ କାର୍ଯ୍ୟ କରି ଚଳୁଥିଲେ। ଖଣି କାର୍ଯ୍ୟକୁ ଏବେ ଯନ୍ତ୍ରଚାଳିତ କରାଯିବା ପରେ ବହୁ କୁଶଳୀ ଓ ଅଣକୁଶଳୀ ଶ୍ରମିକ ବେକାର ହୋଇ ବସିଛନ୍ତି। ପାରିପାର୍ଶ୍ୱିକ ବିକାଶ ଯୋଜନାରେ ଖଣି ସଂସ୍ଥା ପକ୍ଷରୁ କୌଣସି କାର୍ଯ୍ୟ କରାଯାଉ ନାହିଁ । ଖଣିଦୁର୍ନୀତିର ତଦନ୍ତ ହେବା ପରେ ଏଠାକାର ଖଣି ସଂସ୍ଥା ବନ୍ଦ ହୋଇଯାଇଥିଲା। କିଛି ବର୍ଷ ବ୍ୟବଧାନରେ ଏହା ଖୋଲିଥିଲେ ମଧ୍ୟ ଏଥିରେ ଅଞ୍ଚଳବାସୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । ପୂର୍ବରୁ କାମ କରୁଥିବା ଶ୍ରମିକଙ୍କୁ ଛଟେଇ କରାଯାଉଛି। ଖଣି ଖାଦାନ ଯୋଗୁ ପ୍ରଭାବିତ ହେଉଥିବା ଗ୍ରାମବାସୀ ସ୍ୱାସ୍ଥ୍ୟ ସମସ୍ୟାଠାରୁ ଆରମ୍ଭ କରି ଜଳକଷ୍ଟ ଭଳି ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ଗ୍ରାମର ଭୀମସେନ ବାରିକ କହିଛନ୍ତି, ବିଭିନ୍ନ ଖଣିରୁ ନିର୍ଗତ ବର୍ଜ୍ୟବସ୍ତୁକୁ ଉଞ୍ଚବାଲୀ ନାଳରେ ପକାଯାଉଥିବାରୁ ଏହା କ୍ରମଶଃ ସଙ୍କୁଚିତ ହୋଇ ସତ୍ତା ହରାଇବାକୁ ବସିଲାଣି । ନାଳପାଣିରେ ସ୍ନାନ କଲେ ଚର୍ମରୋଗ ହେଉଛି । ଗ୍ରାମର ସତ୍ୟବ୍ରତ ପ୍ରଧାନ କହନ୍ତି, ୨୦୦୭-୦୮ ବେଳକୁ ଗ୍ରାମବାସୀ ବିଭିନ୍ନ ଖଣି ଓ ଶିଳ୍ପରେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ । ଏବେ ଖଣିରେ କାମ ମିଳୁ ନ ଥିବାରୁ ଅନେକ ଲୋକ କାମଧନ୍ଦା ହରାଇ ବସିଛନ୍ତି। ଗ୍ରାମର ଶିକ୍ଷିତ ଆଦିବାସୀ ଯୁବକ ମହେନ୍ଦ୍ର ମାଝି କହନ୍ତି, ଉଞ୍ଚବାଲୀ ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିଲେ ବି କେହି ଶିକ୍ଷକ ନାହାନ୍ତି। ଏଥିରୁ ଶିକ୍ଷା ସମସ୍ୟା ଅନୁଭବ କରିହେବ । ମରାମତି ଅଭାବରୁ ଗ୍ରାମର ମୁଖ୍ୟରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି।

ପଳସା ପଞ୍ଚାୟତ ଅଧୀନରେ ଥିବା ଉଞ୍ଚବାଲୀ ଗ୍ରାମର ଜନସଂଖ୍ୟା ପ୍ରାୟ ୧୨୦୦ । ସ୍ୱାସ୍ଥ୍ୟସେବା ଲାଗି କେନ୍ଦୁଝର ଓ ଯୋଡାକୁ ଯିବାକୁ ପଡିଥାଏ। ଗରିବ ଲୋକେ ନିକଟସ୍ଥ ବାମେବାରୀ ଅଞ୍ଚଳକୁ ଯାଇ ସେଠାରେ ନକଲି ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ଅଶିକ୍ଷିତ ଲୋକେ ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସକୁ ଭରସା କରୁଛନ୍ତି। ଗ୍ରାମର ଶାନ୍ତିଲତା ରାଉତ କହିଛନ୍ତି, ଖଣି ଖାଦାନ ହେବା ପରେ ଏହି ଅଞ୍ଚଳରେ ଜଳାଭାବ ସମସ୍ୟା ମୁଣ୍ଡ ଟେକିଛି। ଖଣି ସଂସ୍ଥାର ଦୟାରେ ଗ୍ରାମକୁ ଜଳ ଯୋଗାଣ ହେଉଛି। ବିଭିନ୍ନ ସରକାରୀ ଯୋଜନାଗାଁରେ ପହଞ୍ଚି ନ ଥିବାରୁ ଲୋକେ ବିଭିନ୍ନ ସମୟରେ ପଲ୍ଲିସଭାରେ ସରକାରୀ ପଦାଧିକାରୀ, ଜନପ୍ରତିନିଧିଙ୍କ ଆଗରେ ଅଭିଯୋଗ କରି ଆସୁଛନ୍ତି। ଉପଯୁକ୍ତ ହିତାଧିକାରୀଙ୍କୁ ଏଯାଏ ଭତ୍ତା, ଇନ୍ଦିରା ଆବାସ ଓ ବିପିଏଲ କାର୍ଡ ମିଳିନାହିଁ । ବିଦ୍ୟୁତୀକରଣ ହେଉନାହିଁ କି ରାସ୍ତା ଦୁରବସ୍ଥା ସୁଧୁରୁନି। ଗ୍ରାମର ଯୁବସଂଗଠକ, ବାବା ଧବଳେଶ୍ୱର କମିଟିର ଅଧ୍ୟକ୍ଷ ସଞ୍ଜୟ ବାରିକ କହିଛନ୍ତି, ଉଞ୍ଚବାଲୀର ବାସିନ୍ଦାଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସକାଶେ କମିଟି ପକ୍ଷରୁ ଗାଡି ବ୍ୟବସ୍ଥା କରାଯାଇଛି । ଚାଷପାଇଁ ଟ୍ରାକ୍ଟର ଓ ଧାନ ଅମଳ ମେଶିନ୍‌ର ବ୍ୟବସ୍ଥା ମଧ୍ୟ ହୋଇଛି। ସରକାରୀ ଉଦାସୀନତା ଯୋଗୁ ଲୋକଙ୍କ ପାଖରେ ମୌଳିକ ସୁବିଧା ପହଞ୍ଚି ନାହିଁ । ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଜଣେ ପ୍ରଭାବଶାଳୀ ଲୋକପ୍ରତିନିଧିଙ୍କ ଘର ଉଞ୍ଚବାଲୀ ଗ୍ରାମଠାରୁ ୩ କି.ମି. ଦୂରରେ । ଏହା ସତ୍ତ୍ୱେ ଏହି ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉ ନାହିଁ। ପଳସା ପଞ୍ଚାୟତର ଭିଏଲଡବ୍ଲ୍ୟୁ ପୁରୁଷୋତ୍ତମ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀଙ୍କୁ କାମ ଯୋଗାଇ ଦେବା ସକାଶେ ଆବେଦନ କରାଯାଇଛି। ପର୍ଯ୍ୟାୟକ୍ରମେ କାମ ଯୋଗାଇ ଦିଆଯିବ। ଖଣି କ୍ଷତିଗ୍ରସ୍ତ ଯୋଜାନରେ ବିଜୁ ପକ୍କା ଘର ପାଇବାକୁ ୨୪୭ ଜଣ ଆବେଦନ କରିଛନ୍ତି। ଏହା ମଧ୍ୟ ଶୀଘ୍ର କାର୍ଯ୍ୟକାରୀ ହେବ। ଆସନ୍ତା ଏପ୍ରିଲରୁ ଜୁନ୍ ମଧ୍ୟରେ ସରକାରଙ୍କ ପକ୍ଷରୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ବୋଲି ସେ ସୂଚନା ଦେଇଥିଲେ ।

### କାଠଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୁଣ୍ଡ ଫାଟିଲା: ଅଭିଯୁକ୍ତ ସ୍ୱାମୀ ଗିରଫ

**ବଡବିଲ, ୨୫।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ବାଗିଆବୁରୁ ହଟିଂରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଏକ କାଠ ଫାଳିଆରେ ପିଟି ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ମାଡରେ ମହିଳାଙ୍କ ହାତ ମଧ୍ୟ ଭାଙ୍ଗିଛି। ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରି ଅଭିଯୁକ୍ତ ରାମ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ଥାନୀୟ ଡାକ୍ତରଖାନାରେ ମହିଳାଙ୍କୁ ଚିକିତ୍ସା କରାଯାଉଛି।

ପୋଲିସ ସୂଚନା ଅନୁଯାୟୀ, ପାରିବାରିକ କଳହ ଏଭଳି ହିଂସାର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ରବିବାର ରାମ ତାଙ୍କ ପତ୍ନୀଙ୍କୁ କାଠ ଫାଳିଆରେ ନିସ୍ତୁକ ପିଟିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

■ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

# ୩୦ ଜିଲାର ୪୯୫ ଛାତ୍ରୀଛାତ୍ର ସାମିଲ

**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

ସ୍ଥାନୀୟ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଶଙ୍କରପୁର ଠାରେ ୬୪ ତମ ରାଜ୍ୟସ୍ତରୀୟ ୧୪ରୁ୧୭ ବର୍ଷରୁ କମ୍ ବାଳକ/ବାଳିକା ବର୍ଗର ଦୌଡକୁଦ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଯାଇଛି । ଏଥିରେ ରାଜ୍ୟର ୩୦ ଜିଲାର ୪୯୫ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଖେଳ ପରିଚାଳନା ପାଇଁ ୮୦ ଅଧିକାରୀ ଯୋଗଦେଇଥିବା ଜଣାପଡିଛି। ଦୌଡ ଓ ଡିଆଁ ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ଆସନ୍ତା ୨୮ରେ ଏହା ଉଦଯାପିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଲାଗି ଖେଳାଳୀ ଚୟନ କରାଯିବ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର ଦୌଡକୁଦ ପ୍ରତିଯୋଗିତାକୁ ଉଦଘାଟନ କରି କହିଥିଲେ, ଖେଳର ମନ୍ତ୍ର ହେଉଛି ଶୃଙ୍ଖଳିତ ହେବା । ଏହା ଶରୀରକୁ ସୁସ୍ଥ ରଖେ। ଶରୀର ସୁସ୍ଥ ରହିଲେ ସ୍ୱହାର୍ଦ୍ଦପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ । ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ସଦର ବିଧାୟକ ଅଭିରାମ ନାୟକ, ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଅତିଥି ଭାବରେ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବରେ ଜିଲାପାଳ ଅଶିଷ ଥାକରେ ଯୋଗଦେଇ ଏଭଳି ପ୍ରତିଯୋଗିତା ବହୁ ପ୍ରତିଭା ଲୋକ ଲୋଚନକୁ ଆଣିପାରବେ ବୋଲି କହିଥିଲେ । ଶାରିରୀକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ବିବରଣୀ ପାଠ କରିଥିଲେ । ଭାରପ୍ରାପ୍ତ କ୍ରୀଡା ନିରୀକ୍ଷକ ସର୍ଦ୍ଦାର ବାରିକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ ।



ଦୌଡକୁଦ ପ୍ରତିଯୋଗିତା ଉଦଘାଟନୀ ଉତ୍ସବରେ ଅତିଥି ।

# ଦେଶାତ୍ମବୋଧକ କାର୍ଯ୍ୟକ୍ରମ ମନମୋହିଲା

### ଆନନ୍ଦପୁର ମହାବିଦ୍ୟାଳୟରେ ଏନସିସି ଦିବସ ସମାରୋହ



ମହାବିଦ୍ୟାଳୟ ଏନସିସି ଦିବସରେ ଛାତ୍ରଙ୍କ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଆନନ୍ଦପୁର, ୨୫।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ୭୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦେଶର ସୁରକ୍ଷା କ୍ଷେତ୍ରରେ ସୈନ୍ୟବାହିନୀର ତ୍ୟାଗ ଓ ବଳିଦାନକୁ ଉଜ୍ଜୀବିତ ରଖିବା ଲାଗି ଏନସିସି କ୍ୟାଡେଟଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏନସିସି ଅଧ୍ୟାପକ ମେଜର ଡ. ଦିଲ୍ଲୀପ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ତଥା ଆନନ୍ଦପୁର ମହାବିଦ୍ୟାଳୟ ପ୍ରଥମ ଅଧ୍ୟକ୍ଷ ନୃସିଂହ ଚରଣ ନନ୍ଦ ଯୋଗ ଦେଇଥିଲେ। ସିନିୟର୍ ଅଣ୍ଡର ଅଫିସର୍ ତପନ କୁମାର ସାହୁ ଓ ଜୁନିୟର୍ ଅଣ୍ଡର ଅଫିସର ପିଙ୍କୁନ କୁମାର ସାହୁ , ନିଷ୍ଠା ଓ ନୈତିକତାର ସହ କ୍ୟାଡେଟମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ଏନସିସି ଛାତ୍ରୀଛାତ୍ର ପରିବେଷଣ କରିଥିବା ଦେଶାତ୍ମବୋଧକ କାର୍ଯ୍ୟକ୍ରମ ''ଅପରେଶନ୍ ଆପ୍ କେ ସାଥ୍'' ବେଶ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମରେ ସାମିଲ ହୋଇ କୃତିତ୍ୱ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ବାଳକ କ୍ୟାଡେଟ୍ ସିନିୟର୍ ଭାବେ ତପନ କୁମାର ସାହୁ ଓ ପିଙ୍କୁନ କୁମାର ସାହୁ, ଶ୍ରେଷ୍ଠ ବାଳିକା କ୍ୟାଡେଟ୍ ଭାବେ ପ୍ରଜ୍ଞା ପରମିତା ଜେନା, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀଛାତ୍ର ଭାବେ ଅଲିଭା ଦୀପାଳି ଜେନା ଓ ଶଶିକାନ୍ତ ବାରିକ, ଶ୍ରେଷ୍ଠ ଆୟୋଜକ ଭାବେ ବାଳିକା ବିଭାଗରେ ସୁନୀତା ସାମଲ, ବାଳକ ବିଭାଗରେ ସୁଦୀପ କୁମାର ସାହୁ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପାରଦର୍ଶିତା ଲାଭ କରିଥିବା ଛାତ୍ରୀ ମୀନାକ୍ଷୀ ମଲ୍ଲିକ, ଛାତ୍ର ଜଗନ୍ନାଥ ନାହାକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସୁଦୀପ କୁମାର ସାହୁ ଏବଂ ତାଙ୍କ ସାଥୀଙ୍କୁ ମହାବିଦ୍ୟାଳୟର ପୁରାତନ ଏନସିସି ଛାତ୍ରୀଛାତ୍ର ଟ୍ରଫି ଦେଇ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଏନସିସି ଛାତ୍ରୀଛାତ୍ରମାନେ ରାଲି କରି ସ୍ୱଚ୍ଛ ଭାରତ, ସଡ଼କ ସୁରକ୍ଷା, ରକ୍ତଦାନ, ନିଶାମୁକ୍ତ ସମାଜ ସମ୍ପର୍କିତ ଜନ ସଚେତନତା ସୃଷ୍ଟି କରିଥିଲେ। ପୂର୍ବତନ ଛାତ୍ର ସୌମ୍ୟ ରଞ୍ଜନ ମହାପାତ୍ର, ଶିବାନନ୍ଦ ମୁଖୀ, ବଳରାମ ଓଝା, ରାମଚନ୍ଦ୍ର ସାହୁ, ବାରିଦ୍ ବରଣ ବେହେରା,ଦେବବ୍ରତ ଦାସ, ରଘୁଦୀପ୍ତ ନାୟକ, ଚିରଞ୍ଜୀବ ପଣ୍ଡା, ପ୍ରସନ୍ନ ସାହୁ, ଛାତ୍ରୀ ପୂଜା ପୁଲ ସାହୁ, ମୀତାରାଣୀ ସାହୁ, ହେନାରାଣୀ ସାହୁ, ସନ୍ଧ୍ୟାରାଣୀ ସାହୁ, ଅସୀମା ଘଡେଇ, ମୌସୁମୀ ଦଳେଇ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଆଇନଜୀବୀ ବିଚିତ୍ର କୁମାର ଚକ୍ର ନିଜର ଅନୁଭୂତି ବର୍ଣ୍ଣନା କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ତରବରିଆ ଭାବେ ଉଠାଇ ନିଆଗଲା ଫଳକ

**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସୂଚନା ଫଳକ ଫଳକ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ଗୋଟିଏ ସ୍ଥାନରେ ଏକାଧିକ ନାମ ଥାଇ ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ଲଗାଯାଇଛି। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରବରିଆ ଭାବେ ଫଳକ ଉଠାଇ ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏପରିକି ରାସ୍ତାକଡରେ ଲାଗିଥିବା ଫଳକରେ କୌଣସି ତୀର ଚିହ୍ନ ଦିଆଯାଇ ନାହିଁ । ନିମ୍ନ ମାନର କାମ ତିଆରି ହୋଇ ଅନେକ ସ୍ଥାନରେ ଫଳକ ଲାଗୁ ଲାଗୁ ଭାଙ୍ଗି ଗଲାଣି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଗୋଟିଏ ଗୋଟିଏ ଫଳକ ଲାଗି ପାଖାପାଖି ୪୨ ହଜାର ଟଙ୍କା ଯାଏ ଖର୍ଚ୍ଚ ହୋଇଛି। ସହରରେ ବିଭିନ୍ନ ସ୍ଥାନରେ ମୋଟ ୩୫୫ ଟି ସୂଚନା ଫଳକ ବସାଇବାକୁ ପଦକ୍ଷେପ ନିଆଯାଇଥିଲା । ମାସକ ମଧ୍ୟରେ ଅଦ୍ୟାବଧି ୫୫ ଟି ଫଳକ ଲାଗାଯାଇଛି। ଏ ବାବଦରେ ପାଖାପାଖି ୨୩ ଲକ୍ଷ ଖର୍ଚ୍ଚ ହୋଇଥିବା ଜଣାପଡିଛି । ସହରର ପ୍ରବେଶ ପଥରେ ୨ ଟି ସ୍ୱାଗତ ତୋରଣ ବାବଦକୁ ୨୭ ଲକ୍ଷ ୩୨ ହଜାର ୧୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଉଛି। ସହର ରାସ୍ତାରେ ଆଲୋକବ୍ୟବସ୍ଥା ସହ ସୌନ୍ଦର୍ଯ୍ୟକରଣ ବାବଦକୁ ୧୦ ଲକ୍ଷ ୩୫ ହଜାର ୧୪୦ ଟଙ୍କା ଖର୍ଚ୍ଚ ହୋଇଛି। ଏସବୁ କାମ ସମେତ ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ ଖୁଣ୍ଟି ବସାଯିବା ନାମରେ ବ୍ୟାପକ ଅନୟମିତତା ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ସହରରେ ବିଜ୍ଞାପନ ବାବଦକୁ ଗତ ୫ ବର୍ଷରେ ୨୩ ଲକ୍ଷ ୭୪ ହଜାର ୫୩୦ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏଥିରେ ପ୍ରିୟାପ୍ରତି ତୋଷଣ ହୋଇଥିବା ଅଭିଯୋଗ ହେଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତା କଡରେ ନିମ୍ନମାନର ତ୍ରୁଟିପୂର୍ଣ୍ଣ ଫଳକ।

### ଚୋରାମଦର ସୁଅ ଛୁଟୁଛି

**ଯୋଡା,୨୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଅଞ୍ଚଳରେ ଚୋରା ମଦର କାରବାର ବଢି ଚାଲିଛି। ଏ ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଘଟି ଆଇନଶୃଙ୍ଖଳା ସ୍ଥିତି ଉପୁଜୁଛି। ଏଭଳି ଅଭିଯୋଗ ପାଇବା ପରେ ପୋଲିସ ଚୋରା ମଦ କାରବାର ଧରପଗଡ ଆରମ୍ଭ କରିଛି। ବାମେବାରୀ ଅଞ୍ଚଳର ତାପସ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିବା ସହିତ ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଓ ବାଇକ ଜବତ କରିଛି । ତାପସ ଏକ ବାଇକ୍‌ରେ ଦେଶୀ ମଦ ନେଉଥିବା ବେଳେ ପୋଲିସ ଚଢାଉ କରି ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଭଳି ଚଢାଉ ଜାରି ରହିବ ବୋଲି ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# କୃଷିଭିତ୍ତିକ ନୃତ୍ୟ ମେଘାଳୟର ଓଙ୍ଗଲା

**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

ଓଙ୍ଗଲା ମେଘାଳୟ ରାଜ୍ୟର ଅନ୍ୟତମ ପ୍ରମୁଖ ଲୋକନୃତ୍ୟ। । ଫସଲ ଅମଳ ସମୟରେ ଏହି ନୃତ୍ୟ ପରିବେଷଣ କରାଯାଇଥାଏ। ଏଥିଲାଗି ଏହାକୁ କଷିଭିତ୍ତିକ ନୃତ୍ୟ କୁହାଯାଏ । ମେଘାଳୟରେ ସାଧାରଣତଃ ୩ ସମ୍ପ୍ରଦାୟର ଆଦିବାସୀ ବସବାସ କରିଥାନ୍ତି। ସେମାନଙ୍କ ମଧ୍ୟରେ ଗାରୋ ସମ୍ପ୍ରଦାୟର ଆଦିବାସୀଙ୍କ ସଂଖ୍ୟା ଅଧିକ। ଫସଲ ଅମଳ ପରେ ସେମାନେ ପାରମ୍ପରିକ ଓଙ୍ଗଲା ନୃତ୍ୟ ପରିବେଷଣ କରି ଖୁସି ମନାଇଥାନ୍ତି। କେନ୍ଦୁଝର ଆଦିରଙ୍ଗା ଆଦିବାସୀ ମହୋତ୍ସବରେ ଯୋଗଦେବାକୁ ଆସିଥିବା ଓଙ୍ଗଲା ଲୋକ ନତ୍ୟଦଳର ମୁଖ୍ୟ ମାନସିଙ୍ଗ ଧରିତ୍ରୀ ସହିତ ଆଳପ ବେଳେ ଏହି ସୂଚନା ଦେଇଛନ୍ତି। ।

ଗାରୋ ସଂପ୍ରଦାୟର ଲୋକେ ବିଶେଷତଃ ଚାଷକାର୍ଯ୍ୟ କରି ଜୀବିକା ନିର୍ଭର କରିଥାନ୍ତି । କୃଷି ହିଁ ସେମାନଙ୍କ ଜୀବନ ଜୀବିକା। ପରମ୍ପରାକୁ ସେମାନେ ଭଲ ପାଇ ଆସୁଥିବାରୁ ଏଯାଏ ଆଧୁନିକ ଜୀବନଧାରାରେ ବଞ୍ଚିବା ଲାଗି କୌଣସି ଉଦ୍ୟମ କରି ନାହାନ୍ତି। ପ୍ରତିବର୍ଷ ଚାଷରୁ ଭଲ ଅମଳ ପାଇବା ଲାଗି ସେମାନେ ଭଗବାନ( ଗଡ୍ ଅଫ ଫର୍ଟିଲିଟି) ଙ୍କୁ ନୃତ୍ୟଗୀତ ଗାଇ ଆରାଧନା କରିଥାନ୍ତି । ମହିଳା ଓ ପୁରୁଷ ମିଶି ନୃତ୍ୟ କରୁଥିବା ବେଳେ କେବଳ ପୁରୁଷମାନେ ପାରମ୍ପରିକ ଡ୍ରମ ବାଦ୍ୟ ବଜାଇଥାନ୍ତି । ଦଳର ମୁଖ୍ୟଙ୍କୁ ଗ୍ରିକଜିପା ବା ଟୋରେଜିପା କୁହାଯାଏ। ସେ ନୃତ୍ୟଦଳର ନେତୃତ୍ୱ ନେଇଥାନ୍ତି। ଓଙ୍ଗଲା ନୃତ୍ୟ ପରିବେଷଣ ବେଳେ କଳାକାରମାନେ ହାତରେ ଚାଷ ଉପଯୋଗୀ ପାରମ୍ପାରିକ କୁଲା, ଡାଲା ଆଦି ସାମଗ୍ରୀ ଧରିଥାନ୍ତି। ମହିଳାମାନେ ହାତରେ ତାଳି ମାରି ପ୍ରସ୍ତୁତ ଧ୍ୱନର ତାଳେ ତାଳେ ନାଚିଥାନ୍ତି । ଡ୍ରମ ବଜାଉଥବବା ପୁରୁଷମାନେ ମଝିରେ ମଝିରେ ଡ୍ରମ ବାଦ୍ୟକୁ ବୁଲାଇ ନୃତ୍ୟ କରିଥାନ୍ତି। ଏହି ନୃତ୍ୟ ଶୈଳୀରେ ପ୍ରକୃତିର ସୌନ୍ଦର୍ଯ୍ୟ ଓ ଗାରୋ ସମ୍ପ୍ରଦାୟର ପୁରାତନ ସଭ୍ୟତାର ଝଲକ ଦେଖିବାକୁ ମିଳେ । ଏଠାରେ ଆଦିରଙ୍ଗା ଆଦିବାସୀ ମହୋତ୍ସବରେ ଏହି ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା।



ଗୋରୋ ସମ୍ପ୍ରଦାୟର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଓଭରବ୍ରିଜ୍ ନିର୍ମାଣ ଲାଗି ଏମ୍‌ପିଙ୍କୁ ଦାବିପତ୍ର

**ବାହାନଗା, ୨୫।୧୧(ଡି.ଏନ.ଏ.):** ବାହାନଗା ବଜାର ରେଲଲାଇନ୍‌ର ଲେଭଲ୍ କ୍ରସିଂଠାରେ ଏକ ଓଭରବ୍ରିଜ୍ ନିର୍ମାଣ ଲାଗି ବାଲେଶ୍ୱର ଏମ୍‌ପିଙ୍କୁ ଗୋପାଳପୁର ଅଞ୍ଚଳବାସୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଗିରିଶ୍ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଗୋପାଳପୁର ନାଗରିକ ମଞ୍ଚର ଆବାହକ ସୁଦର୍ଶନ ମହାପାତ୍ର , ଗୋପାଳପୁର ପଞ୍ଚାୟତର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ବରିଷ୍ଠ ନାଗରିକ କମଳାକାନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ଅଶ୍ୱିନୀ ମହାପାତ୍ର, ଚୌଧୁରୀ କମଳାକାନ୍ତ ଦାସ, ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଏମ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏମପି ଜେନା ଏ ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

■ ୭ରୁ ଓଡ଼ିଶା ୟୁଥ୍ ଟ୍ୟାଲେଣ୍ଟ କାର୍ଯ୍ୟକ୍ରମ

# ଗ୍ରାମୀଣ କଳାକାରଙ୍କୁ ମିଳିବ ପ୍ରୋତ୍ସାହନ

**ବାଲେଶ୍ୱର ଅଫିସ, ୨୫।୧୧**


ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।

ଓଡ଼ିଶା ୟୁଥ୍ ଟ୍ୟାଲେଣ୍ଟ ୨୦୧୮ ଆସନ୍ତା ଡିସେମ୍ବର ୭, ୮ ଓ ୯ ତାରିଖରେ ଆୟୋଜନ କରାଯିବ। ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ନେଇ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଗ୍ରାମୀଣ କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ତତ୍ପରତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରବିବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସଭାପତି ହରେକୃଷ୍ଣ ଦାସ ସୂଚନା ଦେଇଛନ୍ତି।

୩ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସବ୍‌ଜୁନିୟର ବିଭାଗରେ ଫ୍ୟାନ୍‌ସି ଡ୍ରେସ୍, ଆଧୁନିକ ନାଚ, ଚିତ୍ରାଙ୍କନ ତଥା ଶ୍ରୀମତୀ-ଶ୍ରୀଯୁକ୍ତ ଲିଟିଲ୍ ମାଷ୍ଟର ଓଡ଼ିଶା-୨୦୧୮ ଟାଇଟଲ୍‌ର ପ୍ରତିଯୋଗିତା ହେବ। ସେହିପରି ଜୁନିୟର ବିଭାଗରେ ଇଣ୍ଡିଆନ୍ କ୍ଲାସିକାଲ ଡ୍ୟାନ୍ସ, ଆଧୁନିକ ନାଚ, ସୋଲୋ ସଙ୍ଗୀତ, ଚିତ୍ରାଙ୍କନ ଏବଂ ସିନିୟର ବିଭାଗରେ ଆଧୁନିକ ନାଚ, ସୋଲୋ ସଙ୍ଗୀତ, ରଙ୍ଗୋଲି, ଅନ୍ତାକ୍ଷରୀ, ଶ୍ରୀମତୀ-ଶ୍ରୀଯୁକ୍ତ ଓଡ଼ିଶା-୨୦୧୮ ପ୍ରତିଯୋଗିତା ସହିତ ଗ୍ରୁପ୍ ଡ୍ୟାନ୍ସ, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, କଲିକତା ଡ୍ୟାନ୍ସ ଗ୍ରୁପ୍, ମମ୍ ଡ୍ୟାନ୍ସ, ବିଶେଷ ଆକର୍ଷଣ ବଲିଉଡ୍‌ରୁ ବିନୋଦ ରାଠୋର୍, ସୌରିନ୍ ଭଟ୍ଟ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ବେଣୁମାଧବ ପଣ୍ଡା, ଉପସଭାପତି ଶୁଭେନ୍ଦୁ ଦାସ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, ସଂଘମିତ୍ରା ମହାନ୍ତି, ସମ୍ପାଦକ ଆଶିଷ ସାହୁ, ସହସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ, ସନ୍ତୋଷ ରଞ୍ଜନ ଦେ, ଜ୍ୟୋତିର୍ମୟୀ ସାମଲ, ସଞ୍ଜୀବ ମିଶ୍ର, ପ୍ରକାଶ କିଶୋର ନାୟକ ଓ ଉପାସନା ପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମହିଳାଙ୍କ ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

**ବାଲିଆପାଳ, ୨୫।୧୧(ଡି.ଏନ.ଏ.)**

ବାଲିଆପାଳ ଥାନା ଚୌମୁଖ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ସନ୍ଦେହ କରି ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଉକ୍ତ ମହିଳାଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ଚୌମୁଖ ଗ୍ରାମର ଖାଡ଼େଶ୍ୱର ଭୂୟାଁଙ୍କ ଘରେ ଶନିବାର ରାତିରେ ଛାଡ଼ଖାଇ ଉପଲକ୍ଷେ ଭୋଜି ହୋଇଥିଲା। ଏହି ଭୋଜିକୁ ପଡୋଶୀ ରଞ୍ଜନ ବେହେରାଙ୍କୁ ଖାଡ଼େଶ୍ୱରଙ୍କ ପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଖାଡେଶ୍ୱରଙ୍କ ଘରକୁ ରଞ୍ଜନ ପୂର୍ବରୁ ଯିବା ଆସିବା କରୁଥିବାରୁ ତାଙ୍କ ସ୍ତ୍ରୀ ସୁଶ୍ରୀବାଳା ଏହାକୁ ପସନ୍ଦ କରୁ ନ ଥିଲେ। ଶନିବାର ରାତି ୮ଟା ବେଳେ ରଞ୍ଜନ, ଖାଡ଼େଶ୍ୱର ଓ ତାଙ୍କ ସାନଭାଇ ମୁକ୍ତେଶ୍ୱର ଖାଇ ବସିଥିବା ବେଳେ ସୁଶ୍ରୀବାଳା ତାଙ୍କ ବାପା ଗୌରାଙ୍ଗ ଦାସ ଏବଂ କକା ନୃସିଂହ ଦାସଙ୍କୁ ସାଙ୍ଗରେ ଧରି ସେଠାରେ ପହଞ୍ଚିଥିଲେ। ସେଠାରେ ସୁଶ୍ରୀବାଳା ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଉତ୍ତେଜିତ ହୋଇ ପାଖରେ ପଡ଼ିଥିବା ଏକ କାଠ ଫାଳିଆରେ ମୁକ୍ତେଶ୍ୱରଙ୍କ ସ୍ତ୍ରୀ ଆରତୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଆରତୀଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଆରତୀଙ୍କ ଶାଶୁ ବାସନ୍ତୀ (୬୧) ପହଞ୍ଚିବାରୁ ସୁଶ୍ରୀବାଳା, ଗୌରାଙ୍ଗ ଏବଂ ନୃସିଂହ ତାଙ୍କୁ ମିଳିତ ଭାବେ ଆକ୍ରମଣ କରି ପେଲି ଦେଇଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ପଛପଟେ ଆଘାତ ଲାଗି ସେ ଅଚେତ୍ ହୋଇଯାଇଥିଲେ। ତୁରନ୍ତ ଉଭୟଙ୍କୁ ବାଲେଶ୍ୱର ସଦର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ଗ୍ରାମରେ ମୃତଦେହ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିଆପାଳ ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଅଭିଯୁକ୍ତ ନୃସିଂହ ଦାସଙ୍କୁ ଥାନାକୁ ଧରି ଆଣିଥିଲେ । ଅପରାହ୍ନରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୁକ୍ତେଶ୍ୱରଙ୍କ ଏତଲା ଅନୁଯାୟୀ, ବାଲିଆପାଳ ଥାନାରେ ଏକ ହତ୍ୟା ମାମଲା (ନଂ.୩୧୫/୧୮) ରୁଜୁ ହୋଇଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

# ଏନ୍‌ସିସି କ୍ୟାଡେଟଙ୍କ ରାସ୍ତା ସଫେଇ


ରଘୁନାରାୟଣ ବିଦ୍ୟାଳୟରେ କ୍ୟାଡ଼େଟ୍‌ମାନଙ୍କ ସହିତ ବିଧାୟକ ଓ ଅନ୍ୟ ଅତିଥିମାନେ।

**ସିମୁଳିଆ,୨୫।୧୧(ଡି.ଏନ.ଏ.)**

ମାର୍କୋଣା ରଘୁନାରାୟଣ ହାଇସ୍କୁଲ ପରିସରରେ ରବିବାର ୭୨ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସି କ୍ୟାଡ଼େଟ୍‌ମାନେ ସକାଳେ ସ୍ଥାନୀୟ ମାର୍କୋଣା ଛକ ରାସ୍ତା ସଫେଇ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏନ୍‌ସିସି ଦିବସ ପାଳିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପତାକା ଉତ୍ତୋଳନ କରି ଦେଶ ଓ ଜାତିର ସେବା କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ଏନ୍‌ସିସି ଅଫିସର କୈଳାସ ଚନ୍ଦ୍ର ମାଝି ପରିଚାଳନା କରିଥିଲେ। ସେହିପରି ବରି ହାଇସ୍କୁଲ ପରିସରରେ ମଧ୍ୟ ଏନ୍‌ସିସି (ସ୍ଥଳସେନା) ଦିବସ ପାଳିତ ହୋଇଥିଲା । ଏନ୍‌ସିସି ଅଫିସ୍‌ର ବିପଦ ଭଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କ୍ୟାଡ଼େଟ୍‌ମାନେ ବିଦ୍ୟାଳୟ ରାସ୍ତା ଓ ସ୍ଥାନୀୟ ଅଞ୍ଚଳ ସଫେଇ କରିବା ସହିତ ଏହି ଦିବସ ପାଳନ କରିଥିଲେ ।

# ମରାମତି ଦାବିରେ ରାସ୍ତା ଅବରୋଧ

**ବାଲିଆପାଳ, ୨୫।୧୧(ଡି.ଏନ.ଏ.)**


କାଳିପଦା ବଜାର ନିକଟରେ ରାସ୍ତାରୋକୋ କରାଯାଇଛି।

ବାଲିଆପାଳ-କାଳିପଦା ରାସ୍ତା ମରାମତି ଦାବିରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ରବିବାର କାଳିପଦା ବଜାର ନିକଟରେ ରାସ୍ତାରୋକୋ କରାଯାଇଥିଲା। ବାଲିଆପାଳ ବ୍ଲକର ଏହା ଏକ ପ୍ରମୁଖ ରାସ୍ତା ହୋଇଥିଲେ ମଧ୍ୟ ଏହାର ମରାମତି ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ଏହା ଏବେ ମରଣଯନ୍ତାରେ ପରିଣତ ହୋଇଛି। ପୂର୍ବରୁ ରାସ୍ତାଟି ପୂର୍ତ୍ତବିଭାଗ ଅଧୀନରେ ଥିଲା। ଏବେ ଏହାକୁ ସୁବର୍ଣ୍ଣରେଖା ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରାଯାଇଛି । ତେଣୁ ପୂର୍ତ୍ତ ବିଭାଗ ଏହାର ମରାମତି କରୁନାହିଁ । ବନ୍ଦର କାର୍ଯ୍ୟ ମଧ୍ୟ ଆଗଉ ନ ଥିବାରୁ ରାସ୍ତା ମରାମତି ହେଉନାହିଁ। ପୂର୍ତ୍ତ ବିଭାଗ ପରିବହନ ବିଭାଗ ରାସ୍ତା ମରାମତି କରିବ ବୋଲି କହୁଛି ଦୁଇ ବିଭାଗ ମଧ୍ୟରେ ଚାଲିଥିବା ଏଭଳି ଟଣା ଓଟରା ମଧ୍ୟରେ ସାଧାରଣ ଲୋକ ହଇରାଣ ହେଉଛନ୍ତି। ରାସ୍ତାରୋକୋ ଯୋଗୁ କାଳିପଦା ବଜାର ସମେତ ଦକ୍ଷିଣ ବାଲିଆପାଳର ଆଭ୍ୟନ୍ତରୀଣ ଅଞ୍ଚଳକୁ କୌଣସି ବସ୍, ଚାରିଚକିଆ ଗାଡ଼ି ଯାତାୟାତ କରିପାରି ନ ଥିଲା। ଡଗରା ବେଳାଭୂମିକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା ହୋଇଥିବାରୁ ପର୍ଯ୍ୟଟକମାନେ ବେଳାଭୂମିକୁ ଯାଇ ନ ପାରି ଫେରିବାକୁ ବାଧ୍ୟ ହୋଇଥିଲେ। ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରିଙ୍କ ନେତୃତ୍ୱରେ କାଳିପଦା ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ, ବଳରାମ ଦାସ, ଅଶୋକ ସାହୁ, ଚନ୍ଦନ ଦାସ, ଶ୍ରୀନିବାସ ଦାସ, ସୁନ୍ଦର ଗୋପାଳ ଦାସ, ଅଦୈତ୍ୟ ପିଳା, ସତ୍ୟରଞ୍ଜନ ଦାସ, ହରେକୃଷ୍ଣ ମହାନ୍ତି, ଗୋଲକ ବିହାରୀ ନାୟକ, ରାମଚନ୍ଦ୍ର କୁହ୍ଲାରୀ, ଚିତ୍ତରଞ୍ଜନ କୁହ୍ଲାରୀ ପ୍ରମୁଖ ଏହି ରାସ୍ତାରୋକୋ ସାମିଲ ହୋଇଥିଲେ। ରାସ୍ତା ମରାମତି ପାଇଁ ନିର୍ଭର ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ପରିଷଦର ଆବାହକ ବିକାଶ ଗିରି କହିଛନ୍ତି।

# ବର୍ତ୍ତନାରେ ବିଜେଡିର ମିଶ୍ରଣ ପର୍ବ

**ଖଇରା,୨୫।୧୧(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ବର୍ତ୍ତନା ପଞ୍ଚାୟତରେ ଶନିବାର ବିଜେଡିର ପଦଯାତ୍ରା ଓ ମିଶ୍ରଣ ପର୍ବ ସରପଞ୍ଚ ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ପଦୁନା ଗ୍ରାମରୁ ବାହାରି ଆନ୍ଦୋଳା ଦେଇ ବର୍ତ୍ତନା ମାର୍କେଟ୍‌ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଲକ୍ଷ୍ମୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସମିତିସଭ୍ୟା ନିଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ଉପାଧ୍ୟକ୍ଷ ଜୟନ୍ତ ରାଉତ, ଯୁବ ବିଜେଡି ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ସମିତିସଭ୍ୟ ରଘୁନାଥ ପଣ୍ଡା, ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ରମେଶ ବେହେରା, ପୂର୍ବତନ ବ୍ୟାଙ୍କ ପରିଚାଳକ ରବୀନ୍ଦ୍ର ମହାନ୍ତି, ଗଜେନ୍ଦ୍ର ମହାନ୍ତି, ୱାର୍ଡ଼ସଭ୍ୟା ତିଳୋତ୍ତମା ରାଉତଙ୍କ ସମେତ ୪୦ ପରିବାର କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ।

### ହକି ବିଶ୍ୱକପ୍ ପାଇଁ ମିନି ମାରାଥାନ୍



**ଆନନ୍ଦପୁର, ୨୫।୧୧(ସ୍ୱ.ପ୍ର.)-** ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଚିରସ୍ମରଣୀୟ କରି ରଖିବା ପାଇଁ ଆନନ୍ଦପୁର ପୌରପରିଷଦ କ୍ଲବ୍- ୭ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ମିନି ମାରାଥାନ୍ କରାଯାଇଥିଲା। ବିଜୁ ଯୁବ ବାହିନୀ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶଙ୍କ ସଂଯୋଜନାରେ କ୍ଲବର ସଭାପତି ତୋଫାନ୍ କୁମାର ସାହୁ ଓ ସମ୍ପାଦକ ସତ୍ୟନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି ମିନି ମାରାଥାନ୍ ଘସିପୁରା ମେଡିକାଲ ଛକଠାରୁ ବାହାରି ଶୈଳଙ୍କ ପର୍ଯ୍ୟନ୍ତ ଯାଇଥିଲା। ପ୍ରାରମ୍ଭରେ ହକି ବିଶ୍ୱକପ୍ ବ୍ୟାନରରେ ଦସ୍ତଖତ ସଂଗ୍ରହ କରାଯାଥିଲା। ସେହିପରି ଘସିପୁରା ବ୍ଲକ ସଂଯୋଜକ ହିମାଂଶୁ କୁମାର ରଥ ଓ ଆନନ୍ଦପୁର ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମଙ୍କ ସଂଯୋଜନାରେ ବିଭିନ୍ନ ବିଜୁ ଯୁବ ବାହିନୀ ପକ୍ଷରୁ ମିନି ମାରାଥାନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ବ୍ଲକ ସ୍ତରୀୟ କୁଇଜ: ଭାଗ ନେଲେ ୮୯ ଛାତ୍ରୀଛାତ୍ର

**ହାଟଡ଼ିହି, ୨୫।୧୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହି ହାଇସ୍କୁଲରେ ଶକ୍ତି ସଂରକ୍ଷଣ ବିଭାଗ ତରଫରୁ ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୫ଟି ହାଇସ୍କୁଲ ଓ ୭ଟି ନୋଡ଼ାଲ ଏମଇ ସ୍କୁଲର ୮୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ଶିଶିର କୁମାର କର ଓ ଇକୋ କ୍ଲବ କୋଅଡିନେଟର ଶିକ୍ଷକ ଅଶୋକ କୁମାର ଜେନା ଏହାକୁ ପରିଚାଳନା କରିଥିଲେ । ଶିକ୍ଷକ ପ୍ରମୋଦ କୁମାର ବେହେରା, ମାନସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ହାଟଡିହି ହାଇସ୍କୁଲ ଛାତ୍ର ରାଧାମାଧବ ପଟ୍ଟନାୟକ ୧ମ, ତେଜସ୍ୱି ଜେନା ୨ୟ, କେଶବ ଜେନା ୩ୟ ସ୍ଥାନ ଅଧିକାର କରିଥିବା ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

# ହକିକୁ ଲୋକପ୍ରିୟ କରିବା ଲକ୍ଷ୍ୟରେ ସଭିଏ ଦୌଡ଼ିଲେ

**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

■ ଭାଗନେଲେ ବହୁ ଛାତ୍ରୀଛାତ୍ର ଓ ନାଗରିକ

■ ସଫଳ ପ୍ରତିଯୋଗୀଙ୍କୁ ମିଳିଲା ପୁରସ୍କାର

ଓଡ଼ିଶାରେ ହକିକୁ ଲୋକପ୍ରିୟ କରିବା ଏବଂ ଗୌରବମୟ ବିଶ୍ୱକପ୍ ହକି ପ୍ରତିଯୋଗିତାକୁ ଅଧିକ ସ୍ମରଣୀୟ ଏବଂ ଜନସାଧାରଣଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ରବିବାର ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏଡି ଗଣଦୌଡରେ ବହୁଛାତ୍ରୀଛାତ୍ର ଓ ବିଭିନ୍ନ ବର୍ଗର ନାଗରିକ ଉତ୍ସାହର ସହିତ ଭାଗ ନେଇଥିଲେ। ରବିବାର କେନ୍ଦୁଝର ପୂର୍ବାହ୍ନରେ ୯ଟାରେ ପ୍ରଶାସନ ତରଫରୁ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୌଡର ଶୁଭାରମ୍ଭ କରିଥିଲେ। ଏହା ରିଜର୍ଭ ପୋଲିସ୍ ଛକ, ଚର୍ଚ୍ଚଛକ, ମେଡିକାଲ୍ ରୋଡ୍, ଆଟୋପୁର, ସ୍ୱର୍ଣ୍ଣଲତା ପାଠାଗାର ଛକ, ନୂଆ ବସ୍‌ଷ୍ଟାଣ୍ଡ ପାଖ ଧାଙ୍ଗଡପଡା ଜାତୀୟ ରାଜପଥ ଓ ଧରଣୀଧର ଛକ ପୋଲିସ୍ ରିଜର୍ଭ ଲାଇନ୍ ଦେଇ ପୁଣି କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଶେଷ ହୋଇଥିଲା । ମାରାଥନ ଦୌଡରେ ପୁରୁଷ ବର୍ଗରେ ଚମ୍ପୁଆ ବ୍ଲକ୍‌ର ଚନ୍ଦନ ମହାନ୍ତ ୧ମ , କେନ୍ଦୁଝର ସଦର ବ୍ଲକର ମଣିନାଥ ମୁର୍ମୁ ୨ୟ, ଆନନ୍ଦପୁର ବ୍ଲକର ଜୟଦେବ ନାଏକ ୩ୟ ସ୍ଥାନ ହାସଲ କରିଥିଲେ । ମହିଳା ବର୍ଗରେ ସଦର ବ୍ଲକର ମିଲି ମାଝୀ ୧ମ ସ୍ଥାନ ହାସଲ କରିଥିବାବେଳେ, ସଦର ବ୍ଲକ୍‌ର ସୁକୁମତୀ ଲାଗୁରୀ ୨ୟ ଏବଂ ସଦର ବ୍ଲକ୍‌ର ଗୀତାଳି ମହାନ୍ତ ୩ୟ ସ୍ଥାନ ହାସଲ କରିଥିଲେ । ସଫଳ ପ୍ରତିଯୋଗୀଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା।

## ଯୋଡା

ଆମ ଯୋଡା ପ୍ରତିନିଧି ଜଣାଇଛନ୍ତି ଯେ, ରବିବାର ସ୍ଥାନୀୟ ପୌରପାଳିକା ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଥିଲା। କଳାପାହାଡ ଛକଠାରୁ ଗଣଦୌଡ ଆରମ୍ଭ ହୋଇଥିଲା। ଏହା ଧରଣୀଧର ଛକ ଦେଇ ଯୋଡା ଲକ୍ଷ୍ମୀ ମନ୍ଦିରଠାରେ ପହଞ୍ଚିଥିଲା। ଏଥିରେ ବହୁ ମହିଳା, ପୁରୁଷ ଓ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ତ୍ରିବେଣୀ ସ୍ପୋର୍ଟସ ଏକାଡେମୀ କମାରଯୋଡାର ମନୀଶ ଚାମ୍ପିଆ ୧ମସ୍ଥାନ ଅଧିକାର କରିଲେ। ଲିକୁନ୍ ପାତ୍ର ୨ୟ ଓ ବାଟୁ ହାଟିଂର ସୁରଜ ଲୋହାର ୩ୟ ସ୍ଥାନ ଅଧିକାର କରିଥିଲେ । ମହିଳା ବର୍ଗରେ ତ୍ରିବେଣୀ ସ୍ପୋର୍ଟସ ଏକାଡେମୀ ହୁଡିସାହିର ସରସ୍ୱତୀ ବାରିକ ୧ମ , ଦୀପୁ ହଟିଂର ଟିକେଶ୍ୱରୀ ପାତ୍ର ୨ୟ ଓ ଶହୀଦନଗରର ଲକ୍ଷ୍ମୀପ୍ରିୟା ନାଏକ ୩ୟସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ନାଗରିକ ବର୍ଗରେ ଶାସ୍ତ୍ରୀ ନଗରର କମଳାକାନ୍ତ ସେଠୀ ୧ମ, ଆଜାଦ ବସ୍ତିର ବାବୁଲ ବିରୁଆ ୨ୟ ଓ ବନେଇକଳାର ଦେବରାଜ ସାମନ୍ତ ୩ୟ ସ୍ଥାନ ଅଧିକାର କରିଥିଲେ। ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ନିହାର ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଚମ୍ପୁଆ

ଆମ ଚମ୍ପୁଆ ପ୍ରତିନିଧି ଜଣାଇଛନ୍ତି ଯେ, ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ବିଜୁ ଯୁବ ବାହିନୀ ପକ୍ଷରୁ ଓଡିଶା ହକି ବିଶ୍ୱକପ ନିମନ୍ତେ ଗଣଦୌଡ ଆୟୋଜିତ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ମମତା ନାଏକ, ସଂଯୋଜିକା ସେବତୀ ମହାକୁଡ ଓ ସମ୍ପାଦକ ଛତ୍ରପତି ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଗଣଦୌଡରେ ଏନଏସି ଅନ୍ତର୍ଗତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆକାଶ ଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଚନ୍ଦ୍ରଶେଖର ମହାବିଦ୍ୟାଳୟର ଶତାଧିକ ଛାତ୍ରଙ୍କ ସମେତ ବହୁ ନାଗରିକ ସାମିଲ ହୋଇଥିଲେ । ସକାଳ ୬ ଟା ସମୟରେ ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଏହି ଗଣଦୌଡକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୁପୁର ଚାନ୍ଦଗୋଟିଆ ଓ ଏନଏସି ଚେୟାରମ୍ୟାନ ଗୀତାରାଣୀ ନାଏକ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଏହା ୫ କିମି ଦୂର ନିକଲସନ ବନ ବିଦ୍ୟାଳୟଠାରେ ଶେଷ ହୋଇଥିଲା।

## କୋଳିମାଟି

ଆମ କୋଳିମାଟି ପ୍ରତିନିଧି ଜଣାଇଛନ୍ତି ଯେ, ଆନନ୍ଦପୁର ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ରବିବାର ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। କୋଳିମାଟି ଛକଠାରୁ ୫ କି.ମି ପର୍ଯ୍ୟନ୍ତ ଦୌଡ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭିଏଲଡବ୍ଲ୍ୟୁ ସରୋଜ କୁମାର ସେଠୀ, କୋଳିମାଟି ସରପଞ୍ଚ ଉତରା ଧିର , ଜିଲା ପରିଷଦ ସଦସ୍ୟା ନିବେଦିତା ପୃଷ୍ଟି ଯୋଗ ଦେଇଥିଲେ। ମାରାଥାନ ଦୌଡରେ ଭାଗନେଇ କରଡାବଣି ସାହିର ପପୁନ ହେମ୍ବ୍ରମ ୧ମ, କୋଳିମାଟି ଗ୍ରାମର ପ୍ରମୋଦ ନାଏକ ୨ୟ, ବିଜ୍ଞାନ ନାଏକ ୩ୟ ସ୍ଥାନ ଅଧିକାର କରିଥିଲେ। । ଝିଅଙ୍କ ମଧ୍ୟରେ ଫୁଲ ପ୍ରଧାନ ୧ମ, ସୁଲୋଚନା ଦାସ୨ୟ ଓ ଆଶା ପ୍ରଧାନ ୩ୟ ହୋଇଥିଲେ। ବିଜୁ ଯୁବ ବାହିନୀ ତରଫରୁ ସଭାପତି ପ୍ରମିଳା ନାଏକ, ତପନ କୁମାର ନାଏକ,ଅଜୟ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


## ଢେଙ୍କିକୋଟ

ଆମ ଢେଙ୍କିକୋଟ ପ୍ରତିନିଧି ଜଣାଇଛନ୍ତି ଯେ, ବିଜୁ ଯୁବବାହିନୀର ସଭାପତି ଦିନେଶ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବବାହିନୀଙ୍କୁ ନେଇ ପଞ୍ଚାୟତର ରାଞ୍ଚି-ବିଜୟୱାଡ଼ା କରିଡ଼ର ରାସ୍ତା କପାସପଡ଼ାଠାରୁ ଢେଙ୍କିକୋଟ କଲେଜ ପର୍ଯ୍ୟନ୍ତ ୩ କି.ମି. ଦୂର ଏକ ଗଣଦୌଡ଼ ଅନୁଷ୍ଠିତ ହୋଥିଲା। ଏଥିରେ ଢେଙ୍କିକୋଟ, ଲଙ୍ଗଳକଣ୍ଟି, ଟିକିରା, କପାସପଡ଼ା ଗ୍ରାମର ଶତାଧିକ ଯୁବକ ସାମିଲ ହୋଇଥିଲେ। ଏହି ଦୌଡ଼ରେ କପାସପଡ଼ା ଗ୍ରାମର ପପିନା ନାୟକ ୧ମ ସ୍ଥାନ ଅଧିକାର କରି ୫ଶହ ଟଙ୍କା ପୁରସ୍କାର ଜିତିଥିଲେ। ଢେଙ୍କିକୋଟ ଗ୍ରାମର ସ୍ୱାଧୀନ ନାୟକ ୨ୟ ଏବଂ କପାସପଡ଼ାର ତ୍ରିନାଥ ନାଏକ ୩ୟ ସ୍ଥାନ ଅଧିକାର କରି ଯଥାକ୍ରମେ ୩ ଓ ୨ ଶହ ଟଙ୍କା ପୁରସ୍କାର ପାଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଢେଙ୍କିକୋଟ ପଞ୍ଚାୟତ ଅଧିକାରୀ ଚିତ୍ରସେନ ମହାନ୍ତ ମୁଖ୍ୟ ଅତିଥି, ଟିକିରା ଗ୍ରାମର ଅର୍ଜୁନ ଚରଣ ବେହେରା ମୁଖ୍ୟବକ୍ତା ଏବଂ ମହେଶ୍ୱର ସାହୁ, ବିଶ୍ୱନାଥ ନାଏକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

## ପାଟଣା

କେନ୍ଦୁଝର ଜିଲା ପାଟଣା ବ୍ଲକ ବିଜୁ ଯୁବବାହିନୀ ତରଫରୁ ରବିବାର ସକାଳେ ଟାଙ୍ଗରାପଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରୁ ପାଟଣା ମୁଖ୍ୟାଳୟ ସ୍ଥିତ ଆନ୍ଦେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ନଭେମ୍ବର ୨୭ରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ କପ୍ ହକିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ କ୍ରୀଡା ପ୍ରତି ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଗଣଦୌଡ଼ର ଆୟୋଜନ କରାଯାଇଛି ବୋଲି ବିଜୁ ଯୁବବାହିନୀ ବ୍ଲକ ସଂଯୋଜିକା ବେବୀରାଣୀ ମହାପାତ୍ର କହିଛନ୍ତି। ଟାଙ୍ଗରାପଡା ଠାରେ ଏହିକାର୍ଯ୍ୟକ୍ରମକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଓ ବିଡିଓ କୁଶଳ ଚନ୍ଦ୍ର ନାଏକ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ ଶତାଧିକ ଯୁବବାହିନୀ, କଲେଜ ଛାତ୍ରୀ ଛାତ୍ର ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ଗଣଦୌଡ଼ରେ ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବବାହିନୀର ବ୍ଲକ ସଭାପତି ଅବିନାଶ ଦାଶ , ଏପିଓ ଦୀପକ ବେହେରା, ପିଏ ନିତ୍ୟାନନ୍ଦ ଦାଶ, ସାମାଜିକ କର୍ମୀ ନବକିଶୋର ପୃଷ୍ଟି, ଜାମିଲ ଆଂସାରି, ସରପଞ୍ଚ ନିତ୍ୟାନନ୍ଦ ମହାପାତ୍ର, ପଞ୍ଚାୟତରାଜ ବିଭାଗର କର୍ମଚାରୀ ଓ ବ୍ଲକର ସମସ୍ତ ସରପଞ୍ଚମାନଙ୍କ ତଦାରଖରେ ଏହି ଗଣ ଦୌଡ଼ ଆୟୋଜିତ ହୋଇଥିଲା।





କେନ୍ଦୁଝର ଜିଲାର ଯୋଡ଼ା, ଚମ୍ପୁଆ, ଢେଙ୍କିକୋଟ ଓ କେନ୍ଦୁଝର ଆଦି ସ୍ଥାନରେ ଅନୁଷ୍ଠିତ ଦୌଡ଼ ପ୍ରତିଯୋଗିତାରେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ନାଗରିକ ସାମିଲ ହୋଇଛନ୍ତି।



“ଆମେରିକାକୁ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଧରି ଅଟକ ରଖାଯିବ। ଏଭଳି ପ୍ରବାସୀଙ୍କ ଦାବିକୁ କୋର୍ଟ ବ୍ୟକ୍ତିଗତ ଭାବେ ମଞ୍ଜୁରୀ ନ ଦେବା ଯାଏ ସେମାନଙ୍କୁ ଛଡ଼ାଯିବ ନାହିଁ।

–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

## ସଂକ୍ଷେପରେ

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜାଫର ସରିଫଙ୍କ ପରଲୋକ



**ନୂଆଦିଲ୍ଲୀ,୨୫।୧୧(ପି.ଟି.):** ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସି.କେ. ଜାଫର ସରିଫଙ୍କର ରବିବାର ସକାଳେ ବେଙ୍ଗାଲୁରୁର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ନମାଜ ପାଠ ଲାଗି ଯିବା ବେଳେ ସେ ସଂଜ୍ଞାହୀନ ହୋଇପଡିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସରିଫ ବେଙ୍ଗାଲୁରୁ ଉତ୍ତର ଏବଂ ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଲୋକ ସଭା ଆସନରୁ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ ଏବଂ ପି.ଭି. ନରସିଂହ ରାଓ ସରକାରରେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ରେଳମନ୍ତ୍ରୀ ଥିଲେ। ସେ ଜଣେ ଜାତୀୟ ସ୍ତରର ନେତା ଥିଲେ, ଯାହାଙ୍କର ସବୁ ସମ୍ପ୍ରଦାୟ ସହ ସମ୍ପର୍କ ରହିଥିଲା। ପ୍ରକୃତରେ ସେ ଜଣେ ଧର୍ମନିରପେକ୍ଷ ନେତା ଥିଲେ।

### ନଦୀରେ ବସ୍ ଖସି ୯ ମୃତ

**ନାହାନ(ହିମାଚଳପ୍ରଦେଶ)୨୫।୧୧(ପି.ଟି.):** ହିମାଚଳପ୍ରଦେଶର ସିରମୌର ଜିଲାରେ ବସ୍ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ରେଣୁକାଜୀରୁ ନାହାନ ଯାଉଥିବା ବସ୍‌ଟି ୪୦ ଫୁଟ ଉଚ୍ଚ ବ୍ରିଜରୁ ଜଲାଲ ନଦୀ ମଧ୍ୟକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଗୁରୁତର ଥିବା ଅନ୍ୟ ୫ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ଆହତମାନଙ୍କୁ ନାହାନ ମେଡିକାଲ କଲେଜ ଏବଂ ଡାଡୁହୁ ସବ୍‌ଡିଭିଜନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡ୍ରାଇଭରର ବେପରୁଆ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଏଏସ୍‌ପି କହିଛନ୍ତି। ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି।

### ମୋଜାମ୍ବିକରେ ହମଲା :୧୨ ନିହତ

**ମାପୁଟୋ,୨୫।୧୧(ପି.ଟି.)** ଉତ୍ତର ମୋଜାମ୍ବିକର ନାଙ୍ଗାନେ ଜିଲାରେ ଇସଲାମୀୟ ମୌଳବାଦୀଙ୍କ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି। ଆକ୍ରମଣ ପରେ ଉକ୍ତ ଅଞ୍ଚଳରୁ ହଜାର ହଜାର ଲୋକ ଭୟଭୀତ ହୋଇ ପଡୋଶୀ ତାଞ୍ଜାନିଆକୁ ପଳାଇ ଯାଇଥିବା ପୋଲିସ କହିଛି।

### ଉଗାଣ୍ଡାରେ ବୋଟ ବୁଡ଼ି ୨୨ ମୃତ

**ମୁଟିମା,୨୫।୧୧(ପି.ଟି.):** ଉଗାଣ୍ଡାର ଉଗାଣ୍ଡାର ଭିକ୍ଟୋରିଆ ଲେକ୍‌ରେ ଏକ ବୋଟ ବୁଡିଯିବାରୁ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୬୦ରୁ ଅଧିକ ଲୋକ ବୁଡ଼ି ଯାଇଥିବା ଆଶଙ୍କା କରାଯାଉଛି। ବୋଟରେ ପାଖାପାଖି ୧୦୦ ଜଣ ଲୋକ ଯାଉଥିଲା ବେଳେ ଓଭରଲୋଡିଂ ଏବଂ ଖରାପ ପାଗ ଯୋଗୁ ତାହା ବୁଡିଯାଇଥିବା କୁହାଯାଉଛି। ୨୨ ଜଣଙ୍କ ମୃତଦେହ ମିଳିଥିଲା ବେଳେ ୨୬ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଲୋକମାନେ ପାର୍ଟି ମନାଇବା ଲାଗି ବୋଟ ଯାତ୍ରା କରୁଥିଲେ।

### [ଇତିହାସର ଆଇନାରେ]

### ନଭେମ୍ବର ୨୬ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହାକୁ ୨୬/୧୧ ଆକ୍ରମଣ ଭାବରେ ଅଭିହିତ କରାଯାଏ। ପାକିସ୍ତାନର ଏଲ୍-ଇ-ଟି ଗୋଷ୍ଠୀର ୧୦ଜଣ ଆତଙ୍କବାଦୀ ସମୁଦ୍ର ପଥରେ ଆସି ମୁମ୍ବାଇର ତାଜ୍ ହୋଟେଲ ସମେତ ବିଭିନ୍ନ ସ୍ଥାନରେ ବୋମା ବର୍ଷଣ କରିବା ସହିତ ଗୁଳିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ୧୬୪ ନିରୀହ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦୮ ଆହତ ହୋଇଥିଲେ।

୧୯୯୭ ନଭେମ୍ବର ୨୬ରେ ଟୋନି ବ୍ଲେୟାର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୫୩ ମେ ୬ରେ ଜନ୍ମଗ୍ରହଣ କରିଥିବା ଟୋନି ୧୯୯୭ରୁ ୨୦୦୭ ପର୍ଯ୍ୟନ୍ତ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୪ରୁ ୨୦୦୭ ପର୍ଯ୍ୟନ୍ତ ସେ ଲେବର ପାର୍ଟିର ନେତୃତ୍ୱ ନେଇଥିଲେ।

## ■ ରାମମନ୍ଦିର ନିର୍ମାଣ ନେଇ ଧର୍ମସଭାର ନିଷ୍ପତ୍ତି

# କୁମ୍ଭମେଳାରେ ତାରିଖ ଘୋଷଣା

**ଅଯୋଧ୍ୟା,୨୫।୧୧**





ଅଯୋଧ୍ୟାରେ ରାମମନ୍ଦିର। ନବେ ଦଶକରୁ ଏହା ହେଉଛି ଅଧିକାଂଶ ହିନ୍ଦୁଙ୍କ ସ୍ୱପ୍ନ। ସମ୍ଭବତଃ ଏଇଥିପାଇଁ ପ୍ରତି ୫ ବର୍ଷରେ ନିର୍ବାଚନ ଆସିଲେ ଭାଜପାକୁ ମନେପଡ଼େ ଏହି ପ୍ରସଙ୍ଗ। ଏଥର ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ଗୈରିକ ଦଳ ୨୦୧୯ରେ ପୁଣି କ୍ଷମତାସୀନ ହେବା ପାଇଁ ଏହାକୁ କରିଛି ଅସ୍ତ୍ର। ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକୁ ନେଇ ଏକ ଚାପ ଗୋଷ୍ଠୀ ତିଆରି କରିଛି ଏନ୍‌ଡିଏ। ସେପଟେ ଭାଜପାଠାରୁ ହିନ୍ଦୁ ଭୋଟ ଛଡ଼ାଇନେବା ପାଇଁ ତା’ର ତଥାକଥିତ ଏକଚାଟିଆ ଅଧିକାରକୁ କ୍ଷୁଣ୍ଣ କରିବାକୁ ଗୋଟି ଚଳାଇଛି ଅମାନିଆ ସହଯୋଗୀ ଶିବସେନା। ଏହି ପରିପ୍ରେକ୍ଷୀରେ ଅଯୋଧ୍ୟାରେ ଆୟୋଜିତ ହୋଇଛି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି)ର ‘ଧର୍ମସଭା’। ହଜାର ହଜାର ସାଧୁସନ୍ଥ, ଭାଜପା କର୍ମୀ ଓ ଶିବ ସୈନିକଙ୍କ ରଣହୁଙ୍କାରରେ ଅଯୋଧ୍ୟା ଉଠୁଛି ପଡୁଛି। ୧୯୯୨ ଡିସେମ୍ବର ୬ରେ ବାବ୍ରି ମସ୍‌ଜିଦ ଭଙ୍ଗାଯିବା ପରଠାରୁ ଅଯୋଧ୍ୟାରେ ଏହା ହେଉଛି ସବୁଠୁ ବଡ଼ ସମାବେଶ। ବହୁ ପ୍ରତୀକ୍ଷିତ ରାମମନ୍ଦିର କେବେ ନିର୍ମାଣ କରାଯିବ ସେନେଇ ପ୍ରୟାଗରେ ଆସନ୍ତା ଜାନୁୟାରୀରେ ହେବାକୁ ଥିବା କୁମ୍ଭମେଳାରେ ଘୋଷଣା କରାଯିବ ବୋଲି ରବିବାର ଭିଏଚ୍‌ପିର ‘ଧର୍ମସଭା’ରେ ସାଧୁସନ୍ଥମାନେ ସ୍ପଷ୍ଟ କରିଛନ୍ତି।

ରାମମନ୍ଦିର ନିର୍ମାଣ ଦାବିରେ ଅଯୋଧ୍ୟାର ବଡ଼େ ଭକ୍ତ ମାଲ କୀ ବଗିଆରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ଏହି ଅବସରରେ ଧର୍ମସଭାକୁ ସମ୍ବୋଧିତ କରି ନିର୍ମୋହି ଆଖଡ଼ାର ରାମଜୀ ଦାଶ କହିଛନ୍ତି, ରାମମନ୍ଦିର ନିର୍ମାଣ ଆଉ ବିଳମ୍ବିତ ହେବ ନାହିଁ। ପ୍ରୟାଗ କୁମ୍ଭମେଳାରେ ଏହାର ନିର୍ମାଣ ଆରମ୍ଭ ତାରିଖ ଘୋଷଣା କରାଯିବ। ରାମଜନ୍ମଭୂମି ନ୍ୟାସ ଅଧ୍ୟକ୍ଷ ନୃତ୍ୟଗୋପାଳ ଦାଶ କହିଛନ୍ତି, ଅଦାଲତକୁ ଆମେ ସମ୍ମାନ କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କଠାରୁ ବଡ଼ ଆଶା କରାଯାଉଛି। ଉଭୟେ ମିଶି ଯଥାଶୀଘ୍ର ସମ୍ଭବ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରନ୍ତୁ। ଅନ୍ୟପକ୍ଷରେ ‘ଧର୍ମସଭା’ ଅବସରରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ ସହରକୁ ସୁରକ୍ଷା ଛାଉଣିରେ ପରିଣତ କରାଯାଇଛି। ଏହାସତ୍ତ୍ୱେ ସଂଖ୍ୟାଲଘୁ ମୁସଲିମ ସମ୍ପ୍ରଦାୟର ବହୁ ମହିଳା ଓ ଶିଶୁ ଭୟ ଓ ଆତଙ୍କରେ ଅଯୋଧ୍ୟା ଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ବାଧ ହୋଇଛନ୍ତି। ଅନେକ ମୁସଲମାନଙ୍କ ଘରେ ତାଲା ଝୁଲୁଛି। କେବଳ ଅଯୋଧ୍ୟା ନୁହେଁ, ବରଂ ସମଗ୍ର ଉତ୍ତରପ୍ରଦେଶ ଓ ଜାତୀୟ ରାଜନୀତି ଏହାକୁ ନେଇ ସରଗରମ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପାକୁ ଟାର୍ଗେଟ କରିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥିପାଇଁ ମୁସଲମାନ ସଙ୍ଗଠନଗୁଡ଼ିକ ଚିନ୍ତାବ୍ୟକ୍ତ କରିଛନ୍ତି। ୧୨ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ସଙ୍ଗଠନକୁ ନେଇ ଗଠିତ ଅଲ୍ ଇଣ୍ଡିଆ ମୁସ୍‌ଲିମ ମଜ୍‌ଲିସ୍-ଇ-ମୁଶାୱରାତ୍ (ଏଆଇଏମ୍‌ଏମ୍‌ଏମ୍) ରବିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

**ଉଠୁଛି ପଡୁଛି ଅଯୋଧ୍ୟା**

- ■ ୧୯୯୨ ପରେ ଭିଏଚ୍‌ପି, ଶିବସେନାର ସବୁଠୁ ବଡ଼ ସମାବେଶ
- ■ ୨୨୧ ମିଟର ଉଚ୍ଚ ରାମ ମୂର୍ତ୍ତି ମଡେଲକୁ ଯୋଗୀଙ୍କ ମଞ୍ଜୁରୀ
- ■ ଭୟରେ ଘର ଛାଡ଼ୁଛନ୍ତି ସଂଖ୍ୟାଲଘୁ
- ■ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ମୁସଲିମ୍ ସଙ୍ଗଠନ

“ଅଯୋଧ୍ୟା ମାମଲାର ଶୁଣାଣି କରୁଥିବା ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଧମକ ଦେଇଥିଲା କଂଗ୍ରେସ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



“ଏଥର ରାମମନ୍ଦିର ନିର୍ମାଣ କରିବା ପାଇଁ କେନ୍ଦ୍ରର ସମ୍ପୂର୍ଣ୍ଣ ଅଧିକାର ରହିଛି। ମନ୍ଦିର ନିର୍ମାଣ ନ କଲେ ଏହି ଏନ୍‌ଡିଏ ସରକାର ପୁନଃ କ୍ଷମତାସୀନ ହୋଇପାରିବ ନାହିଁ।

-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ



“ନିର୍ବାଚନ ପାଖେଇ ଆସୁଥିବାରୁ ଭାଜପା ରାମଙ୍କ ନାମରେ ଭୋଟ ମାଗି ଲୋକଙ୍କ ଧାର୍ମିକ ଭାବାବେଗ ସହିତ ଖେଳୁଛନ୍ତି। ଏଭଳି ବିଭାଜନକାରୀ ରାଜନୀତିକୁ ପ୍ରତିହତ କରାଯିବ।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



“ବିଶ୍ୱହିନ୍ଦୁ ପରିଷଦର ‘ଧର୍ମସଭା’ ଓ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ଅଯୋଧ୍ୟା ଗସ୍ତ ସୁପ୍ରିମକୋର୍ଟଙ୍କୁ ଏକ ଖୋଲା ଚ୍ୟାଲେଞ୍ଜ।

-ମୌଲାନା ୱାଲି ରେହମାନି, ଏଆଇଏମ୍‌ପିଏଲ୍‌ବି ସାଧାରଣ ସମ୍ପାଦକ



## ■ ସିଆଇସିଙ୍କ ନିର୍ଦ୍ଦେଶକୁ ବେଖାତିର

# କଳାଧନ ତଥ୍ୟ ଦେଉନି ପିଏମ୍‌ଓ

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**



କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବିଦେଶରୁ କେତେ ପରିମାଣରେ କଳାଧନ ଫେରିଛି ତାହାର ତଥ୍ୟ ଦେଉନାହିଁ। କୌଣସି ତଥ୍ୟ ଉପରେ ତଦନ୍ତ ଏବଂ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ଭାବନା ଥିଲେ ସେପରି ସ୍ଥଳରେ ତଥ୍ୟ ପ୍ରଦାନ ନ କରିବାକୁ ଆରଟିଆଇ ଆଇନରେ ବ୍ୟବସ୍ଥା ରହିଥିବା ପିଏମ୍‌ଓ ସଫେଇ ଦେଉଛି। ଗତ ଅକ୍ଟୋବର ୧୬ରେ ସିଆଇସି କଳାଧନ ତଥ୍ୟ ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବା ଲାଗି ପିଏମ୍‌ଓକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉତ୍ତରରେ ପିଏମ୍‌ଓ କହିଛି, କଳାଧନର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି ଏବଂ ଏହା ତଦନ୍ତାଧୀନ ରହିଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ତଥ୍ୟ ପ୍ରକାଶ କଲେ ତାହା ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ପ୍ରଭାବିତ କରିବ। ଏଭଳି ସମ୍ଭାବନା ଥିଲେ ଆରଟିଆଇ ଆଇନର ଧାରା ୮(୧)(ଏଚ)ରେ ତଥ୍ୟ ନଦେବା ଲାଗି କୁହାଯାଇଥିବା ପିଏମ୍‌ଓ କହିଛି। ହ୍ୱିସିଲବ୍ଲୋୟର ପ୍ରଶାସନିକ ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ଆରଟିଆଇରେ ତଥ୍ୟ ମାଗିଥିଲେ। ୨୦୧୪ ଜୁନ୍ ୧ ତାରିଖଠାରୁ ବର୍ତ୍ତମାନ ସୁଦ୍ଧା ବିଦେଶରୁ କେତେ ପରିମାଣର କଳାଧନ ଫେରିଆସିଛି, ତାହା ଜଣାଇବାକୁ ଭାରତୀୟ ଜଙ୍ଗଲ ସେବା ଅଧିକାରୀ ଚତୁର୍ବେଦୀ ଆବେଦନ କରିଥିଲେ। ତାଙ୍କୁ ଉତ୍ତର ନ ମିଳିବାରୁ ସେ ସିଆଇସିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ■ ୫୦ତମ ମନ୍ କୀ ବାତ୍

# ଅଧିକାର, କର୍ତ୍ତବ୍ୟ ମଧ୍ୟରେ ସମନ୍ୱୟ ରହୁ

**ନୂଆଦିଲ୍ଲୀ,୨୫।୧୧(ପି.ଟି.)**

ପ୍ରଧାନମନ୍ତ୍ରୀ ରବିବାର ତାଙ୍କର ୫୦ତମ ମନ୍ କୀ ବାତ୍ ରେଡିଓ ବାର୍ତ୍ତାରେ ପରିବାରର ବୟୋଜ୍ୟେଷ୍ଠ ଏବଂ କନିଷ୍ଠ ସଦସ୍ୟମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ ଖୋଲା ଆଲୋଚନା ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଆଲୋଚନାରୁ ପିଲାଙ୍କୁ ଅନେକ କିଛି ଶିଖିବାକୁ ମିଳିଥାଏ ତଥା ଅନେକ ସମସ୍ୟା ସମାଧାନ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ସମ୍ବିଧାନ ପ୍ରଦତ୍ତ ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଯଦି ଆମେ ଅନ୍ୟର ଅଧିକାରକୁ ସମ୍ମାନ ଦେବା ତେବେ ଆମର ଅଧିକାର ସ୍ୱତଃ ସୁରକ୍ଷିତ ହେବ। ସେହିପରି ଆମେ ଯଦି ନିଜର କର୍ତ୍ତବ୍ୟ ପୂରଣ କରିବା ତେବେ ଆମ ଅଧିକାର ମଧ୍ୟ ସୁରକ୍ଷିତ ରହିବ ବୋଲି ସେ କହିଥିଲେ।

ଯୁବସମାଜ ପାଖରେ ଧୈର୍ଯ୍ୟ ନାହିଁ କହିବା ଠିକ ନୁହେଁ। ତାଙ୍କ ବିଚାରରେ ସମୟ ନଷ୍ଟ କରିବା ପାଇଁ ନୁହେଁ ଚିନ୍ତାଧାରା ଆଜିର ପିଲାଙ୍କୁ ଅଧିକ ଇନୋଭେଟିଭ୍ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମନ୍ କି ବାତ୍ ଏକ ଅଣରାଜନୈତିକ କାର୍ଯ୍ୟକ୍ରମ। ଏହି ମାସିକ ରେଡିଓ ବାର୍ତ୍ତାରୁ ସେ ରାଜନୀତିକୁ ଜାଣିଶୁଣି ବାହାରେ ରଖିଥିଲେ, କାରଣ ଏହା ଲୋକମାନଙ୍କ ଆଶା ଆକାଂକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ। ନିଜର କିମ୍ବା ସରକାରଙ୍କ ସଫଳତା ବଖାଣିବାର ପ୍ଲାଟଫର୍ମ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁର୍‌ସତ

### ରାତି ଯାଏ ଖୋଲାରହିବ ଐତିହାସିକ ସ୍ମାରକୀ




**ନୂଆଦିଲ୍ଲୀ:** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀନରେ ଥିବା ପାଖାପାଖି ୪,୦୦୦ ଐତିହାସିକ ସ୍ମାରକୀ ସ୍ଥଳ ରାତି ୯ଟା ପର୍ଯ୍ୟନ୍ତ ଉନ୍ମୁକ୍ତ ରଖିବାକୁ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବା ସମ୍ଭାବନା ଅଛି। ଜଣେ ବରିଷ୍ଠ ଅଫିସରଙ୍କ କହିବାନୁଯାୟୀ, ଏହିସବୁ ସ୍ମାରକୀସ୍ଥଳଗୁଡିକ ଉଭୟ ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଆକର୍ଷଣୀୟ କ୍ଷେତ୍ର। ଏଗୁଡ଼ିକୁ ରାତ୍ରି ପର୍ଯ୍ୟନ୍ତ ଖୋଲିବା ସହିତ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ କରାଗଲେ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆକୃଷ୍ଟ ହୋଇପାରିବେ। ଭାରତର ଐତିହାସିକ ସ୍ଥଳଗୁଡ଼ିକୁ ସୂର୍ଯ୍ୟାସ୍ତ ପରେ ବନ୍ଦ କରିଦିଆଯାଏ। ଅର୍ଥାତ୍ ପର୍ଯ୍ୟଟକଙ୍କୁ ସନ୍ଧ୍ୟା ପରେ ପ୍ରବେଶ ଅନୁମତି ମିଳେନାହିଁ। କିନ୍ତୁ ଏହି କ୍ଷେତ୍ରଗୁଡ଼ିକୁ ଅଧିକ ଆଲୋକ ଏବଂ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ର, ପ୍ରଦର୍ଶନୀ ଏବଂ ଖେଳ ଦ୍ୱାରା ସମୃଦ୍ଧ କରାଗଲେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରାଯାଇ ପାରିବ।

# କସବଙ୍କୁ ଦିଆଯାଇଥିଲା ‘ସମୁଦ୍ର ତାଲିମ’



**୨୬/୧୧ ଆକ୍ରମଣ**

**ନୂଆଦିଲ୍ଲୀ:** ଗଭୀର ସମୁଦ୍ରରେ କିପରି ମାଛ ଧରିବାକୁ ହେବ ସେ ସମ୍ପର୍କରେ ୨୬/୧୧ ଆକ୍ରମଣର ଅନ୍ୟତମ ଆତଙ୍କବାଦୀ ଅଜମଲ କସବଙ୍କୁ କରାଚୀରେ ତାଲିମ୍ ଦିଆଯାଇଥିଲା। ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ‘ଲଶ୍କର-ଇ-ତଇବା’(ଏଲ୍‌ଇଟି) ଆତଙ୍କବାଦୀମାନଙ୍କୁ ସମୁଦ୍ର ତାଲିମ ଦେଉଥିଲା ବୋଲି ନୂତନ ପୁସ୍ତକ ‘ଫ୍ରାଜାଇଲ୍ ଫ୍ରଣ୍ଟିୟର୍ସ: ଦି ସିକ୍ରେଟ ହିଷ୍ଟ୍ରି ଅଫ୍ ମୁମ୍ବାଇ ଟେରର ଆଟାକ୍’ରେ ପ୍ରକାଶ ପାଇଛି। ତାଲିମ ପାଇ ସାରିବା ପରେ ଭଲ ବେତନରେ ଚାକିରି ମିଳିବ ବୋଲି କସବଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହି ତାଲିମ ଆତଙ୍କବାଦ ଘଟାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କସବଙ୍କୁ ଆଦୌ ଜଣା ନ ଥିଲା। ଜେରା ସମୟରେ କସବ ଏହା ପ୍ରକାଶ କରିଥିବା ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଐତିହାସିକ ସରୋଜ କୁମାର ରଥଙ୍କ ଦ୍ୱାରା ଲିଖିତ ଉକ୍ତ ପୁସ୍ତକରେ ପୁଣି ଲେଖାଯାଇଛି, ପ୍ରଘଟ ହୋଇଯିବା ଆଶଙ୍କାରେ ମୁମ୍ବାଇ ଆକ୍ରମଣ ଯୋଜନାକୁ ଏଲ୍‌ଇଟି କମାଣ୍ଡର ହାଫିଜ ସୟିଦ, ଜାକିର-ଉର ରେହମନ୍ ଲାଖ୍‌ଭି, ଅବୁ ହାମ୍‌ଜା ଏବଂ ଅନ୍ୟମାନେ ନଭେମ୍ବର ୨୦୦୮ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଗୋପନ ରଖିଥିଲେ। ମୁମ୍ବାଇରେ ଆକ୍ରମଣ ଲାଗି ଆତଙ୍କବାଦୀଙ୍କୁ ଏଲ୍‌ଇଟି ଏବଂ ଆଇଏସ୍‌ଆଇ ମିଳିତ ଭାବେ ତାଲିମ ଦେଉଥିଲେ। ମୁମ୍ବାଇ ଆକ୍ରମଣ ପାଇଁ ୧୦ଆତଙ୍କବାଦୀଙ୍କୁ ୪ ପର୍ଯ୍ୟାୟରେ ତାଲିମ ପ୍ରଦାନ ପରେ ସମୁଦ୍ର ତାଲିମ ଦିଆଯାଇଥିଲା। ମାନଚିତ୍ରରୁ ସ୍ଥାନ ନିରୂପଣ, ସମୁଦ୍ରର ଗଭୀରତା ମାପ, ସମୁଦ୍ରପଥରେ ଜିପିଏସ୍ ବ୍ୟବହାର ଏବଂ ନୌକା ଚଳାଇବା ତାଲିମ ଦିଆଯାଉଥିଲା। ଭାରତୀୟ ନୌସେନାକୁ ବିପଥଗାମୀ କରାଇବା ପାଇଁ ଧୀବରଙ୍କ ଭଳି କିପରି ମାଛ ଧରିବାକୁ ହେବ ସେ ସମ୍ପର୍କରେ ତାଲିମ ଦିଆଯାଉଥିଲା ବୋଲି ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୪.୨ |
| ଚାନ୍ଦବାଲି | ୨୮.୬ | ୧୫.୫ |
| କଟକ | --- | ୧୫.୦ |
| ପାରାଦ୍ୱୀପ | ୨୯.୬ | ୧୬.୭ |
| ଭୁବନେଶ୍ୱର | ୩୧.୧ | ୧୩.୬ |
| ଗୋପାଳପୁର | ୩୧.୨ | ୧୫.୮ |
| ପୁରୀ | ୨୯.୬ | ୧୮.୦ |
| ଅନୁଗୋଳ | ୨୮.୭ | ୧୧.୦ |
| ବାରିପଦା | ୨୭.୬ | ୧୪.୪ |
| ଝାରସୁଗୁଡ଼ା | ୨୯.୦ | ୧୨.୧ |
| କେନ୍ଦୁଝର | ୨୫.୬ | ୧୨.୪ |
| ସମ୍ବଲପୁର | ୨୯.୮ | ୧୩.୨ |
| ସୁନ୍ଦରଗଡ଼ | ୩୧.୦ | ୧୨.୦ |
| ହୀରାକୁଦ | ୨୯.୬ | ୧୩.୬ |
| ତାଳଚେର | ୩୨.୨ | ୧୩.୦ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୩୦.୦ | ୧୨.୫ |
| କୋରାପୁଟ | ୨୭.୦ | ୧୦.୦ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୨.୦ | ୧୧.୧ |
| ସୋନପୁର | ୨୯.୮ | ୧୧.୨ |
| ଦାରିଙ୍ଗିବାଡ଼ି | ୩୦.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରିୟଙ୍କାଙ୍କୁ ପ୍ରି-ୱେଡ଼ିଂ ପାର୍ଟି



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ଭାବି ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ଉଦ୍ଦେଶ୍ୟରେ ଏକ ପାର୍ଟି ଆୟୋଜିତ ହୋଇଥିଲା। ପ୍ରିୟଙ୍କାଙ୍କ ଅଭିନୀତ ଆଗାମୀ ଫିଲ୍ମ ‘ଦି ସ୍କାଏ ଇଜ୍ ପିଙ୍କ୍’ ଟିମ୍ ଦ୍ୱାରା ଏହି ପାର୍ଟି ଦିଆଯାଇଥିଲା। ଉକ୍ତ ଫିଲ୍ମ ପ୍ରସ୍ତୁତ କରୁଥିବା ପ୍ରଯୋଜନା ସଂସ୍ଥା ଏହାର ଅଫିସିଆଲ୍ ଟୁଇଟର୍‌ରେ ଉଲ୍ଲେଖ କରିଛି, ‘ବିବାହ କରିବାକୁ ଯାଉଥିବା ଏହି ସୁନ୍ଦରୀ କନ୍ୟାର ଜୀବନ ସବୁବେଳେ ପ୍ରେମମୟ, ହସହସ ଏବଂ ସୁଖକର ହେଉ।’ ପ୍ରିୟଙ୍କା, ନିକ୍, ନିର୍ଦ୍ଦେଶକ ସୋନାଲି ବୋଷ୍ ଏବଂ ପ୍ରଯୋଜକ ସିଦ୍ଧାର୍ଥ ରଏ କପୁରଙ୍କୁ ନେଇ ଏକ ଫଟୋଗ୍ରାଫ୍ ପୋଷ୍ଟ କରାଯାଇଛି। ଏଥିସହିତ ଗୋଟିଏ କେକ୍ ଉପରେ ଅନେକ କ୍ୟାଣ୍ଡେଲ୍ ପ୍ରଜ୍ୱଳିତ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଉକ୍ତ କେକ୍‌ରେ ‘ପ୍ରିୟଙ୍କା ଓ ନିକ୍‌ଙ୍କୁ ଅଭିନନ୍ଦନ’ ବୋଲି ଉଲ୍ଲେଖ ରହିଛି। ଉକ୍ତ ଭାବି ଦମ୍ପତି ଶନିବାର ଅପରାହ୍ଣରେ ଦିଲ୍ଲୀ ଛାଡି ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲେ। ଯୋଧପୁର ରାଜପ୍ରାସାଦରେ ନଭେମ୍ବର ୨୯ରୁ ଡିସେମ୍ବର ୨ ମଧ୍ୟରେ କୌଣସି ଦିନ ଶୁଭ ପରିଣୟ ହେବାକୁ ଯାଉଛି।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଓଡ଼ିଶା ସେନାର ବୀରତ୍ୱର ବୁନିଆଦି

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ରୋଡଙ୍ଗଗଡ଼ର ଦ୍ୱାର । (ଫଟୋ: ସ୍ୱାଧୀନ ଚମ୍ପତିରାୟ)



ଦିବ୍ୟସିଂହ ଦେବଙ୍କ ଅଭିଷେକ । (ଫାଇଲ ଫଟୋ)

ପୂର୍ବସଂଖ୍ୟାର ଆଲୋଚନାରୁ ଜଣାଯାଉଛି 'ରାଜବିଦ୍ରୋହ' ଶବ୍ଦ ଉଦ୍ଦେଶ୍ୟହୀନ ଭାବରେ ପ୍ରୟୋଗ ହୋଇଅଛି । ବକ୍ସିଙ୍କର ପାରିବାରିକ ସମସ୍ୟା ପାଇକବିଦ୍ରୋହ ସହିତ ଯୋଡ଼ି ହୋଇ ଯାଇଥିବାରୁ ଭାରତରେ ସାମ୍ରାଜ୍ୟବାଦ ବିରୋଧରେ ହୋଇଥିବା ୧୮୦୪ ମସିହାର ପ୍ରଥମ ଯୁଦ୍ଧକୁ ମନେହୁଏ 'ରାଜବିଦ୍ରୋହ' ଶବ୍ଦରେ ହାଲକା କରି ଦିଆଯିବାର ପ୍ରୟାସ ହୋଇଅଛି । ଆମେ ବକ୍ସିଙ୍କର ପାଇକବିଦ୍ରୋହ ସହିତ ଯୋଡ଼ିହେବାର ଇତିହାସକୁ ସାମାନ୍ୟ ଆଲୋଚନା କଲେ ଜାଣିପାରିବା । ଇତିହାସରୁ ଜଣାଯାଉଛି ଗଡ଼ରୋଡଙ୍ଗ ଇଲାକା ବକ୍ସିଙ୍କ ପରିବାର ଜମିଦାରି ସୂତ୍ରରେ ବହୁବର୍ଷ ପର୍ଯ୍ୟନ୍ତ ଭୋଗଦଖଲ କରି ଆସୁଥିଲେ । ଗଜପତିଙ୍କର ସେନାପତି ଭାବରେ ବକ୍ସିଙ୍କର ସ୍ୱତନ୍ତ୍ର ମର୍ଯ୍ୟାଦା ଥିଲା । ସେନାପତି ଦାୟିତ୍ୱ ଗ୍ରହଣ କଲା ପରେ ସେ ଯେତେଗୁଡ଼ିଏ ଦାୟିତ୍ୱରେ ରହନ୍ତି, ତାହା ମଧ୍ୟରେ ଏକ ସମ୍ମାନଜନକ ବିଧି ଥିଲା ନୂତନ ଭାବରେ ଗଜପତି ସିଂହାସନ ଆରୋହଣ କରିବା ସମୟରେ ପାରମ୍ପରିକ ସେନାପତି ବେଶରେ ଗଜପତିଙ୍କ ଅଙ୍ଗଲାଗି ହୋଇ ରହିବା । ଏହା ସାମରିକ ସମୃଦ୍ଧି ଓ ବୀରତ୍ୱ ପରାକାଷ୍ଠାର ବାର୍ତ୍ତା ଦେଇଥାଏ । ଗଜପତିଙ୍କ ଶାସନ ଯିବା ପରେ ମଧ୍ୟ ସ୍ୱାଧୀନ ଭାରତରେ ପୁରୀ ଗଜପତିଙ୍କର ଏହି ପରମ୍ପରା ପ୍ରଚଳିତ ଅଛି ।

ଫିରିଙ୍ଗି ଶାସନ ଆସିବା ପରେ ୧୮୦୪ ମସିହା ସେପ୍ଟେମ୍ବର ମାସରେ ଜମିଜମା ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ସେତେବେଳେ ଗଡ଼ରୋଡ଼ଙ୍ଗ ଜମିଦାରି ବକ୍ସିଙ୍କ ନାମରେ ବନ୍ଦୋବସ୍ତ ହୋଇଥିଲା, ମାତ୍ର ଏହା ଗୋଟିଏ ବର୍ଷ ପାଇଁ ଥିଲା, ପରେ ୩ ବର୍ଷ ଲାଗି ହୋଇଥିଲା । ସେ ରୋଡ଼ଙ୍ଗ ଦଖଲରେ ଥାଇ ସରକାରଙ୍କୁ ଖଜଣା ଦେଉଥିଲେ । 'କୀଚକ ବାହୁବଳେ ବିରାଟ ରାଜା' ହେବା ଭଳି ଇଂରେଜମାନଙ୍କ ବଳରେ ବଙ୍ଗାଳୀ ପ୍ରଶାସକମାନେ ଓଡ଼ିଶାରେ ରାତାରାତି ନିଜକୁ ରାଜା ବୋଲି ମନେକରି ବସିଲେ । କୃଷ୍ଣଚନ୍ଦ୍ର ସିଂହ ସେହିପରି ଜଣେ, ସେ ସମୟରେ ନିଜକୁ ସର୍ବେସର୍ବା ମନେକରୁଥିଲେ । ଅମଲା ଥିଲେ ତାଙ୍କ ହାତରେ । ରାତାରାତି ଗଡ଼ରୋଡ଼ଙ୍ଗ ଜମିଦାରିର ମାଲିକାନା ସ୍ୱତ୍ୱ ବଦଳିଗଲା । ଦଲାଲଗିରିରେ ବାବୁ କୃଷ୍ଣ ସିଂହ ଆଗୁଆ ଥିଲେ । ତମ ଜମିକୁ ସନ୍ଧ୍ୟା ପରେ ହଡ଼ପ କରି କିଛିଦିନ ବାଦ ତମରି ଭାଇମାନଙ୍କୁ ବିକି ପବନରୁ ପଇସା ଆଦାୟ କରି ଆଜି ଏ ଧାମରେ କୋଠା, କାଲି ସେ ଶୈଳନିବାସରେ କୋଠି ତିଆରି କରି ଜମିଦାର ହୋଇଯାଉଥିଲେ । ପ୍ରକୃତରେ ଏମାନେ ବର୍ତ୍ତମାନ ବାଂଲାଦେଶର ମୂଳ ବାସିନ୍ଦା ଥିଲେ । କଲିକତା କହିଲେ ୩୬୦ ବର୍ଷ ତଳେ କେତୋଟି ଘାଟ ଗାଁର ସମାହାର ଥିଲା । କେବେ କେବେ ଓଡ଼ିଆ ସୈନ୍ୟବାହିନୀ ପଦ୍ମାନଦୀକୂଳ ପର୍ଯ୍ୟନ୍ତ ଅକ୍ତିଆର କରିଯାଉଥିଲେ ମଧ୍ୟ ସ୍ଥିର ଭାବରେ ଶହ ଶହ ବର୍ଷ ପର୍ଯ୍ୟନ୍ତ ହୁଗୁଳି ନଦୀର ଦକ୍ଷିଣ ସୀମା ଓଡ଼ିଶାର ଇଲାକାରେ ଅନ୍ତର୍ଭୁକ୍ତ ଥିଲା । ଏକଥା କାହୁଁ ଜାଣିବେ ଆୟାର ଓ ମିତ୍ର ସାଙ୍ଗ ଧରି ନାରେ-ନାରେ ହେଉଥିବା ମାନନୀୟ ମିତ୍ର ମହାଶୟ ! ସେ କାହୁଁ ଜାଣିବେ ଲାଙ୍ଗୁଳା ନରସିଂହ ଦେବ ଲକ୍ଷ୍ମଣାବତୀ ନଗ୍ର (ଢାକା)କୁ ଦିନ-ଦିନ ଧରି ଅକ୍ତିଆର କରି ହୁସିଆର କରିଦେଇ ଆସିଥିଲେ ଯେ ଆଉ ଆକ୍ରମଣକାରୀମାନେ ଦୁଇଶହ ବର୍ଷ ଧରି ଓଡ଼ିଶାରେ ଆଖି ମେଲେଇ ଚାହିଁବାକୁ ସାହସ କରୁ ନଥିଲେ ! ଢାକା ଯେତେବେଳେ 'ଡାକେ'ବାଟ ମଧ୍ୟରେ ସୀମିତ ଥିଲା, ସେତେବେଳେ ଆମ ରାଇଜର ପାଇକ ସେନା ଦକ୍ଷିଣରେ କାବେରୀ ନଦୀ କୂଳରେ ପତିଆରା ଜମେଇ ଶିବିର ପକେଇଥିଲେ । ଓଡ଼ିଆ ସୈନ୍ୟବାହିନୀ ହୁଗୁଳି ନଦୀ କୂଳରେ ପହଞ୍ଚିଯିବା ପରେ କାଳୀଘାଟରେ ଶତ୍ରୁଙ୍କର କଳାବାଦଲ ସଦୃଶ ଶିହରଣ ସୃଷ୍ଟି ହେଉଥିଲା । ଯେ ସ୍ଥିତି ସୂର୍ଯ୍ୟବଂଶର ଗଜପତି କପିଳେନ୍ଦ୍ର ଦେବଙ୍କ ନାତି ଗଜପତି ପ୍ରତାପରୁଦ୍ର ଦେବଙ୍କ ଶାସନ ପର୍ଯ୍ୟନ୍ତ ଅତୁଟ ରହିଥିଲା ।

ଏଇ ପ୍ରସଙ୍ଗରେ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଗୋଟିଏ ମତ ପ୍ରସଙ୍ଗ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେ ଲେଖିଛନ୍ତି ଧର୍ମରଥଙ୍କ ଦିଗ୍‌ବିଜୟ ବର୍ଣ୍ଣନା କରିବାକୁ ଯାଇ ପରବର୍ତ୍ତୀ ସୋମବଂଶୀ ମହାରାଜା ଉଦ୍ୟତ କେଶରୀଙ୍କ ପ୍ରଶସ୍ତିକାର ଲେଖିଅଛନ୍ତି ଯେ ତାଙ୍କର ସୈନ୍ୟମାନେ ଦକ୍ଷିଣରେ ସେତୁବନ୍ଧ ରାମେଶ୍ୱରଠାରୁ ଆରମ୍ଭ କରି ସୁଦୂର ଉତ୍ତରସୀମା ହିମାଳୟ ପର୍ଯ୍ୟନ୍ତ ଏବଂ ପୂର୍ବ ସାଗରଠାରୁ ପଶ୍ଚିମସାଗର ପର୍ଯ୍ୟନ୍ତ ଅଶ୍ୱଚାଳନା କରିଥିଲେ ।

ସେତୁପାନ୍ତବନାନ୍ତରେ ହିମବତଃ
ପର୍ଯ୍ୟନ୍ତଭୂସୀମନି ।
ପ୍ରାଗାମ୍ଭୋଧିତଟୀ-ବନେଷୁ କଟକେ
ପୂର୍ବେତରସ୍ମାଭୃତଃ ॥

\+ + +

ଅନେକ ଭାବିପାରନ୍ତି ଯେ, ଏହା ରାଜପ୍ରଶସ୍ତିକାରଙ୍କ ଅତିରିକ୍ତ ଓ ମିଥ୍ୟା ପ୍ରଶଂସା । କିନ୍ତୁ ଯେଉଁ ସମୟରେ ପ୍ରଶସ୍ତିକାର ଓଡ଼ିଶାରେ ଏହି ପ୍ରଶଂସା ଲେଖିଥିଲେ, ସେ ସମୟରେ ରାଷ୍ଟ୍ରକୂଟ, ଚୋଳ ପ୍ରଭୃତି ଅନ୍ୟାନ୍ୟ ଅଂଚଳର ରାଜପ୍ରଶସ୍ତିକାରଙ୍କ ଲିଖିତ ପ୍ରଶଂସାତ୍ମକ ବିଷୟକୁ ତ ମିଥ୍ୟା ଓ ଅତିଶୟୋକ୍ତି ବୋଲି ଭାରତ ଇତିହାସରୁ କେହି କାଟିଦେଇ ନାହାନ୍ତି, ତେବେ ଓଡ଼ିଶାର ଆଧୁନିକ ଦୁଃସ୍ଥ ଅବସ୍ଥାକୁ ଲକ୍ଷ୍ୟକରି ଏ ଦେଶର ପ୍ରାଚୀନ ବୀରତ୍ୱ ଅମୂଳକ ବୋଲି ଏଡ଼ାଇଦେବା କେତେଦୂର ସଙ୍ଗତ ହେବ, ତାହା କେହି ଐତିହାସିକ ବିଚାରକୁ ନେଇ ନ ଥିବା ବିସ୍ମୟକର ।

ଧର୍ମରଥ ଥିଲେ ସୋମବଂଶୀୟ ମହାରାଜା । ଯୁଦ୍ଧରେ ସେ ପାଳବଂଶୀୟ ଅଜାପାଳଙ୍କୁ ଜୟ କରି ତାଙ୍କଠାରୁ କାମପାଳ ନାମକ ଏକ ବିରାଟ ଯୁଦ୍ଧହସ୍ତୀ ସମେତ ୩୨ ଘର ହାତୀ ବଳପୂର୍ବକ ଛଡ଼ାଇ ଆଣିଥିଲେ ।

ଜିତ୍ୱାଜାପାଳମାଜୌ ଜନିତ ସୁରବଧୂ
ବିସ୍ମରସ୍ମେରବକ୍ତ୍ରଃ ।
ଦ୍ୱାତ୍ରିଂଶତ୍ ସଃ କରୀନ୍ଦ୍ରାନ୍
ଶରନିକରହତାରୋହୋକାନଗ୍ରହୀଦ୍ ଯଃ ॥

\+ + +

ତାଙ୍କରି ପ୍ରଭାବରେ ଗୌଡ଼ଦେଶ ଓ ଆନ୍ଧ୍ରା ନଗରୀ ଭସ୍ମରେ ପରିଣତ ହୋଇଥିଲା । ସେତେବେଳେ ଗୌଡ଼ର ରାଜା ଥିଲେ ବିଗ୍ରହପାଳ (୨ୟ) । ସୋମବଂଶୀ ମହାରାଜା ଧର୍ମରଥଙ୍କ ଭାରତ ଦିଗ୍‌ବିଜୟ ଯେପରି ଓଡ଼ିଶାର ବୀରତ୍ୱର ପରିଚାୟକ ହୋଇଥିଲା, ସେପରି ମହାରାଜା ଯଯାତି କେଶରୀ (୨ୟ) ମହାଶିବଗୁପ୍ତଙ୍କ ଦିଗ୍‌ବିଜୟ ମଧ୍ୟ ଅଧିକ ବୀରତ୍ୱର ପରିଚାୟକ ଅଟେ । ଡ. ରାଜଗୁରୁଙ୍କର ଏହି ମତକୁ ଆମେ ଉଦାହରଣ ଦେବାର ଉଦ୍ଦେଶ୍ୟ ସ୍ପଷ୍ଟ । ଆମେ ଆମର ଦିଗ୍‌ବିଜୟକୁ ଭାରତ ଇତିହାସରେ ଉପସ୍ଥାପିତ ଲାଗି ଯେପରି ଆନମନା ହୋଇଥିଲୁ, ସେପରି ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ସ୍ୱୀକାର ନ କରି ରାଜଦ୍ରୋହ ଆଖ୍ୟା ଦେଇ ୧୮୧୭ ମସିହାର ଯୁଦ୍ଧକୁ ମଧ୍ୟ 'ବିଦ୍ରୋହ' ଶବ୍ଦରେ ପାଣିଚିଆ କରିବାର ପ୍ରୟାସରେ ଏବେ ଡିଣ୍ଡିମ ପିଟୁଛୁ ।

## ଛତିଶଗଡ଼କୁ ଧାନ ଚୋରା ଚାଲାଣ

### ୩ ଧାନ ବୋଝେଇ ପିକଅପ୍ ଭ୍ୟାନ ଜବତ

**ଧର୍ମଗଡ,୨୫।୧୧(ଡି.ଏନ.ଏ.)**

ଗତ ୧ ତାରିଖରୁ କଳାହାଣ୍ଡି ଜିଲାରେ ମଣ୍ଡି ଖୋଲିବା ନେଇ ଘୋଷଣା ହୋଇଥିଲେ ସୁଦ୍ଧା ଆଜି ଯାଏ ଖୋଲିନାହିଁ । ଏହାର ଫାଇଦା ଚୋରା ଧାନ ବେପାରୀମାନେ ନେଉଛନ୍ତି । ଚାଷୀମାନଙ୍କଠାରୁ କମ ଦରରେ ଧାନ କିଣି ଛତିଶଗଡକୁ ଟ୍ରକ ଟ୍ରକ ଧାନ ଚୋରା ଚାଲାଣ କରୁଛନ୍ତି । ଜିଲାର ବିଜମରା ଓ ଜୟପାଟଣା ଅଞ୍ଚଳରୁ ଛତିଶଗଡର ଝାକରପଡାକୁ ଧାନ ଚୋରା ଚାଲାଣ ହେଉଥିବା ବେଳେ ପର୍ଲା ଗ୍ରାମଠାରେ ରବିବାର ପ୍ରଶାସନ ଚଢ଼ାଉ କରି ଧାନ ବୋଝେଇ ୩ଟି ପିକଅପ୍ ଭ୍ୟାନକୁ ଜବତ କରିଛି । ଜବତ ଧାନ ସବୁ ଧର୍ମଗଡ ଥାନାରେ ଜିମା ଦିଆଯାଇଛି । ଏଥିରେ ପାଖାପାଖି ୧୫୦ କୁଇଣ୍ଟାଲ ଧାନ ଗଚ୍ଛିତ ଥିବା ଜଣାପଡ଼ିଛି । ଏହି ସମ୍ବନ୍ଧୀୟ କୌଣସି କାଗଜପତ୍ର ନ ଥିବାରୁ ଏହା ଚୋରା ଧାନ ବୋଲି ଯୋଗାଣ ବିଭାଗ ସ୍ପଷ୍ଟ କରିଛି । ଜବତ ଧରାଯାଇଥିବା ଧାନ ସବୁ ବିଜମରା ଅଞ୍ଚଳର ଜଣେ ଅଣଓଡିଆ ବେପାରୀଙ୍କ ବୋଲି ଜଣାପଡିଛି । ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଯୋଗାଣ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖଙ୍କ ମିଳିତ ଚଢାଉରେ ଏହି ସବୁ ଜବତ କରାଯାଇଛି ।


RAIN, SUN AND FIREPROOF
KONARK IS THE RIGHT ROOF
USE
KONARK Right at the top
KONARK AC SHEETS & ACCESSORIES

UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Phone : (06762) 228231, Fax : (06762) 228263
EPABX : (06762) 228879, 228880, 228881
E-mail : ual_dkl@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.


## ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

### ନିବେଦନ

୧. ପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପୌର ସଂସ୍ଥାରୁ ମଞ୍ଜୁର କରାଇ ନିଅନ୍ତୁ ।
୩. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ଲାଇସେନ୍ସ କରାଇ ନିଅନ୍ତୁ ।
୪. ନୂତନ ଗୃହ ନିର୍ମାଣ ପରେ ପରିଷଦରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ ।
୫. ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାନ୍ତୁ ।
୬. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ ।
୭. ନିଜ ନିଜ ଗୃହର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖି ପରିଷଦର ପରିମଳ ଓ ସଫେଇ କାର୍ଯ୍ୟରେ ସାହାଯ୍ୟ କରନ୍ତୁ ।
୮. ସର୍ବସାଧାରଣ ରାସ୍ତା ଉପରେ ମଇଳା ଆବର୍ଜନା ଜମା ରଖନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
୯. ପତିତ ଜମି ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରି ପରିବେଶ ନିର୍ମଳ କରନ୍ତୁ ।

**ଶ୍ରୀଯୁକ୍ତ ସମ୍ପଦ କୁମାର ସ୍ୱାଇଁ**
(ଓଡ଼ିଶା ରାଜସ୍ୱ ସେବା)
ନିର୍ବାହୀ ଅଧିକାରୀ

**ଶ୍ରୀଯୁକ୍ତ ବସନ୍ତ କୁମାର ରାଉତ**
ଓ.ପ୍ର.ସେ. (ବରିଷ୍ଠ)
ଅତିରିକ୍ତ ଜିଲ୍ଲାପାଳ, କେନ୍ଦ୍ରାପଡ଼ା ତଥା
ପ୍ରଶାସକ ପୌର ପରିଷଦ, ପଟ୍ଟାମୁଣ୍ଡାଇ

## ବାରିପଦା ପୌରପାଳିକା

### ନିବେଦନ

- ସରକାରଙ୍କ ଆର୍ଥିକ ସହାୟତା ନେଇ ନିଜକୁ ସୁହାଇଲା ଭଳି ପାଇଖାନାଟିଏ ନିର୍ମାଣ କରି ନିଜ ପରିବାରକୁ ରୋଗ ଦାଉରୁ ରକ୍ଷା କରନ୍ତୁ ଓ ବାରିପଦା ସହରକୁ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ ରୂପେ ଘୋଷଣା କରିବାରେ ସହାୟକ ହୁଅନ୍ତୁ ।
- ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ମୁଖ୍ୟ କାରଣ ହୋଇଥିବାରୁ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ ରୁହନ୍ତୁ ଓ ବାରିପଦା ସହରକୁ ପ୍ଲାଷ୍ଟିକ ମୁକ୍ତ ସହର ରୂପେ ଘୋଷଣା କରିବାରେ ସହଯୋଗ କରିବାକୁ ଅନୁରୋଧ ।
- ନିଜ ଘରୁ ବାହାରୁଥିବା ଆବର୍ଜନାକୁ ତରଳ ଓ କଠିନ ଭାବେ ଭାଗ କରି ଅଲଗା ଅଲଗା କୁଣ୍ଡରେ ରଖନ୍ତୁ ଏବଂ ଆବର୍ଜନା ସଂଗ୍ରହକାରୀଙ୍କୁ ଦିଅନ୍ତୁ ।
- ଆପଣଙ୍କ ପାଇଖାନା ଟାଙ୍କିକୁ ହାତରେ ସଫା ନ କରାଇ ପୌର ପାଳିକା ଦ୍ୱାରା ପ୍ରଚଳିତ ସୁଲଭ ଦରରେ ଉପଲବ୍ଧ ସେସପୁଲ ଗାଡ଼ି ବ୍ୟବହାର କରନ୍ତୁ ଏବଂ ନିଜ ପାଇଖାନା ଟାଙ୍କିକୁ ଅତିକମରେ ତିନି ବର୍ଷ ବ୍ୟବଧାନରେ ସଫା କରନ୍ତୁ । ଯୋଗାଯୋଗ ନମ୍ବର - ୦୬୭୯୨-୨୫୩୩୬୬ ।
- ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ରେ ବାରିପଦା ସହରକୁ ୧ ନମ୍ବର କରିବାରେ ପୌର ପରିଷଦକୁ ସହଯୋଗ କରନ୍ତୁ ।
- ଗୃହ ଓ ଦୋକାନ ଟିକସ ସଠିକ୍ ସମୟରେ ପୈଠ କରିବାରେ ସାହାଯ୍ୟ କରନ୍ତୁ ।
- ନୂତନ ଗୃହ ଏବଂ ପୁନଃନିର୍ମାଣ ବାବଦରେ କାର୍ଯ୍ୟାଳୟରୁ ଅନୁମୋଦନ କରାଇ କାର୍ଯ୍ୟ କରନ୍ତୁ ।
- ସଠିକ୍ ସମୟରେ ଜନ୍ମ ଏବଂ ମୃତ୍ୟୁ ପ୍ରମାଣ ପତ୍ର କରାଇ ନିଅନ୍ତୁ ।
- ନିଜର ଯେ କୌଣସି ବ୍ୟବସାୟ ପାଇଁ ପୌର କାର୍ଯ୍ୟାଳୟରୁ Trade Licence କରାଇ ନିଅନ୍ତୁ ।
- ବିନା ଅନୁମତିରେ ସରକାରୀ ଜାଗାକୁ ଦଖଲ କରନ୍ତୁ ନାହିଁ ।

## ପ୍ରଗତି ପଥେ ପଞ୍ଚାୟତ ସମିତି, ସୋନପୁର

| ଯୋଜନା | ଅନୁଦାନ | ଖର୍ଚ୍ଚ | ଲକ୍ଷ୍ୟ ଧାର୍ଯ୍ୟ | ଲକ୍ଷ୍ୟ ହାସଲ |
|---|---|---|---|---|
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା | | | ୮୮୦ | ୨୮୦ |
| ବିଜୁ ପକ୍କା ଘର | | | ୨୦ | ୧୮ |
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୭୨.୫୦ ଲକ୍ଷ<br>୧୨୦.୫୦ | ୫୨.୪୦<br>୪୪.୦୦ | ୨୬<br>୪୯ | ୧୮<br>୧୮ |
| ବିଜୁ କେ.ବି.କେ | ୧୨୦.୫୦ ଲକ୍ଷ<br>(୨୦୧୮-୧୯)<br>୯୭.୫୦ ଲକ୍ଷ | ୨୦.୦୦<br>୪୦.୫୦ | ୪୯<br>୨୮ | ୦୮<br>୧୨ |

**ମନ୍ଦାକିନୀ ନାଗ, ଅଧ୍ୟକ୍ଷ**
**ପଞ୍ଚାୟତ ସମିତି, ସୋନପୁର**

**ନିରଞ୍ଜନ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ପଞ୍ଚାୟତ ସମିତି, ସୋନପୁର**

## ପ୍ରଗତିପଥେ ଜଳବିଭାଜିକା ଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ସୁବର୍ଣ୍ଣପୁର

ଆମ ସୁବର୍ଣ୍ଣପୁର ଜିଲ୍ଲାରେ ବର୍ଷାଜଳ ଉପରେ ନିର୍ଭର କରୁଥିବା ଅଞ୍ଚଳରେ ଆୟ ବୃଦ୍ଧି, ଉତ୍ପାଦିକା ଶକ୍ତି ବୃଦ୍ଧି ଓ ଜୀବିକା ନିରାପତ୍ତାକୁ ଧାରଣକ୍ଷମ କରିବାପାଇଁ ସହଯୋଗମୂଳକ ଜଳବିଭାଜିକା ଉନ୍ନୟନ ତଥା ଏହାର ପ୍ରାଣବସ୍ତୁ ସମନ୍ୱିତ ଚାଷ ପଦ୍ଧତି ମାଧ୍ୟମରେ ଗ୍ରାମୀଣ ଜୀବିକାର ବିକାଶ ପାଇଁ ସମନ୍ୱିତ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକରେ ୨୦୧୨-୧୩ ମସିହାରେ ୩ଟି କ୍ଲଷ୍ଟରରେ ୭୩ଟି ଗ୍ରାମକୁ ନେଇ ଗଠିତ ୨୪ଟି କ୍ଷୁଦ୍ର ଜଳ ବିଭାଜିକା ଦ୍ୱାରା ୧୬୭୫୪ ହେକ୍ଟର ଜମି ଉପଚାର ପାଇଁ ହେକ୍ଟର ପିଛା ୧୨୦୦୦ ରୁ ୧୫୦୦୦ ଟଙ୍କା ଖର୍ଚ୍ଚ କରିବାପାଇଁ କାର୍ଯ୍ୟ ହାତକୁ ନିଆଯାଇଥିଲା । ଜଳ ବିଭାଜିକା କାର୍ଯ୍ୟ ପର୍ଯ୍ୟାୟରେ ୨୦୧୮-୧୯ ଆର୍ଥିକ ବର୍ଷରେ ଜଳବିଭାଜିକା ସମିତି (WC), ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଓ ବ୍ୟବହାରକାରୀ ଗୋଷ୍ଠୀ (UG) ଆଦି ଲୋକ ସଂଗଠନମାନ (CBO) ଙ୍କ ଦ୍ୱାରା ୨୧ଟି ନିର୍ଝରିଣୀ ଜଳାଶୟ (Percolation Tank), ୨ଟି ବହମାନ ଜଳର ପରିଚାଳନା କାର୍ଯ୍ୟ (Run-off Management Structure), ୨୮ଟି କ୍ଷେତ ଜଳାଶୟ (Farm Pond), ୪୪ଟି ଜଳ ଅମଳ ନିର୍ମାଣ କାର୍ଯ୍ୟ (Water Harvesting Structure), ଗୋଟିଏ ପ୍ରତିରୋଧକ ବନ୍ଧ (Check Dam) ଏବଂ ୧୧ଟି ଜଳ ଅମଳ ନିର୍ମାଣ କାର୍ଯ୍ୟର ଉନ୍ନତୀକରଣ ହୁଡ଼ାଠାରୁ ଉପତ୍ୟକା ରଣନୀତି ଅବଲମ୍ବନ କରାଯାଇ ୨୮୦.୯୪ ଲକ୍ଷ ଟଙ୍କାର କାର୍ଯ୍ୟ ସମ୍ପାଦନ ଦ୍ୱାରା ୭୩୨ ଜଣ ଚାଷୀ ଉପକୃତ ହୋଇଛନ୍ତି । ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟବହାରକାରୀ ଗୋଷ୍ଠୀ/ଚାଷୀଙ୍କ ଠାରୁ ଜଳବିଭାଜିକା ଉନ୍ନୟନ ପାଣ୍ଠି (WDF) ବାବଦରେ ମୋଟ ୧୭.୨୬ ଲକ୍ଷ ଟଙ୍କା ଆଦାୟ ହୋଇଅଛି ।

**ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା**
**ସୋନପୁର, ଜିଲ୍ଲା-ସୁବର୍ଣ୍ଣପୁର**

**ଜିଲ୍ଲାପାଳ ତଥା ମିଶନ ମୁଖ୍ୟ**
**ଜଳବିଭାଜିକା ଉନ୍ନୟନ ମିଶନ, ଜିଲ୍ଲା: ସୁବର୍ଣ୍ଣପୁର**

## ପ୍ରଗତି ପଥେ ପୋଲସରା ବ୍ଲକ, ଗଞ୍ଜାମ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ୨୬ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ଏହି ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଓ କଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ ହେଉଛି ଏବଂ ଯୋଜନାଗୁଡ଼ିକର ଲକ୍ଷ୍ୟଧାର୍ଯ୍ୟ ଓ ସଫଳତା ଉପରେ ନିମ୍ନମତେ ଏକ ଦୃଷ୍ଟିପାତ କରାଗଲା ।

ଏହି ବ୍ଲକରେ ୧୪୪ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରର କାମ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨୫ ଗୋଟି କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ସେହିପରି ଚଳିତ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଦ୍ୟାବଧି ୩,୩୫,୭୫୧ ଶ୍ରମ ଦିବସ ସୃଷ୍ଟି କରାଯାଇ ଶ୍ରମ ବାବଦକୁ ଟ୭,୧୩,୯୮୦୦୦/- ବ୍ୟୟ ହୋଇଅଛି । ଆର୍ଥିକ ବର୍ଷ ୨୦୧୭-୧୮ରେ ଆସିଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଟ୮୨.୫୭ ଲକ୍ଷ ମଞ୍ଜୁରୀ ହୋଇଥିବାବେଳେ ଅଦ୍ୟାବଧି ଟ୧୫.୫୩ ଲକ୍ଷ ଖର୍ଚ୍ଚ ହୋଇଅଛି ।

ଏହି ବ୍ଲକରେ ୨୦୧୩-୧୪ଠାରୁ ୨୦୧୮-୧୯ ଆର୍ଥିକବର୍ଷ ମଧ୍ୟରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ମୋଟ ୪୫୯୪ ଗୋଟି ଗୃହ ନିର୍ମାଣ ସକାଶେ ଲକ୍ଷ୍ୟଧାର୍ଯ୍ୟ ଥିବାସ୍ଥଳେ ୩୯୫୧ ଗୋଟି ଗୃହ ନିର୍ମାଣ ଶେଷ ହୋଇଅଛି । ଯାହାକି ଲକ୍ଷ୍ୟ ଧାର୍ଯ୍ୟର ୮୬% ଅଟେ । ଚଳିତ ବର୍ଷ ନିମନ୍ତେ ବିଜୁ ପକ୍କାଘର ଯୋଜନାରେ ୯୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସହ ପ୍ରଥମ କିସ୍ତିର ଅଗ୍ରିମ ଟଙ୍କା ପ୍ରଦାନ କରାଯାଇଛି ।

ଜାତୀୟ ପରିବାର ମଙ୍ଗଳ କାର୍ଯ୍ୟକ୍ରମ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ୭୧ ଗୋଟି ପରିବାରକୁ ମୋଟ ଟ୪,୨୦,୦୦୦/- (ଚଉଦ ଲକ୍ଷ କୋଡ଼ିଏ ହଜାର) ପ୍ରଦାନ କରାଯାଇଅଛି ଏବଂ ସେହିପରି ମଧୁବାବୁ ଭତ୍ତା ଯୋଜନା ମାଧ୍ୟମରେ ଏହି ବ୍ଲକରେ ୫୨୦ ଓ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ମୋଟ ୨୩୯ ଜଣ ହିତାଧିକାରୀଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଇଅଛି ।

ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମାଧ୍ୟମରେ ୨୪୫୫୬ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଅଛି ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ମାଧ୍ୟମରେ ୩୦୬୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଅଛି ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ପୋଲସରା**

## ପ୍ରଗତି ପଥେ ଆତ୍ମା, ପୁରୀ

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୁଅନ୍ତୁ ଏବଂ ଫସଲ କ୍ଷତି ସହାୟତା ପାଆନ୍ତୁ । (ବୀମା ସହାୟତା ରାଶି - ଟ.୬୦,୦୦୦/- ହେକ୍ଟର ପ୍ରତି ଓ ବୀମା ପ୍ରିମିୟମ ରାଶି - ଟ.୧୨୦୦/- ହେକ୍ଟର ପ୍ରତି) । ବୀମା ପଞ୍ଜୀକରଣର ଶେଷ ତାରିଖ ତା୩୧।୦୭।୨୦୧୮ ନିର୍ଦ୍ଧାରଣ କରାଯାଇଛି ।
- ମାଟି ପରୀକ୍ଷା କରନ୍ତୁ ଓ କାର୍ଡ଼ ଅନୁଯାୟୀ ଫସଲରେ ଅନୁମୋଦିତ ପରିମାଣର ସାର ପ୍ରୟୋଗ କରନ୍ତୁ । ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଫସଲକୁ ଏକ ପ୍ରକାର ରୋଗପୋକ ଦାଉରୁ ରକ୍ଷା କରନ୍ତୁ ।
- ଚାଷୀମାନେ ଆଧାରକାର୍ଡ଼, ଆଧାର ପଞ୍ଜୀକରଣ ସହିତ ଭୋଟର ପରିଚୟ ପତ୍ର କିମ୍ବା ଚାଷୀ ଋଣ ଖାତା ନେଇ 'POS' ଯନ୍ତ୍ର ମାଧ୍ୟମରେ ସାର କ୍ରୟ କରିବା ବାଧ୍ୟତାମୂଳକ ।
- ସାର କ୍ରୟ ସମୟରେ 'POS' ଯନ୍ତ୍ରରୁ ବାହାରୁଥିବା ବିକ୍ରୟ ରସିଦ୍‌ର ନକଲ ସଂଗ୍ରହ କରନ୍ତୁ ।
- ନିମ୍ବ ଆବରଣଯୁକ୍ତ ବଡ଼ଦାନା ୟୁରିଆ ସାର ବ୍ୟବହାର କରନ୍ତୁ ଓ ସାର ଖର୍ଚ୍ଚ ଓ କ୍ଷୟ କମ୍ କରନ୍ତୁ ।
- ବିହନ ବୁଣିବା ଆଗରୁ ବିହନ ବିଶୋଧନ ନିମନ୍ତେ ଟ୍ରାଇକୋଡ଼ର୍ମା ପାଉଡର, କାର୍ବେଣ୍ଡାଜିମ୍ କିମ୍ବା ଥିରାମ ବ୍ୟବହାର କରନ୍ତୁ ।
- ଧାନଚାଷ ପୂର୍ବରୁ ଧଇଞ୍ଚା ବୁଣନ୍ତୁ ଏବଂ ୪୫ ଦିନରେ ମାଟିରେ ମିଶାଇ ଧାନଚାଷରେ ସାର ଖର୍ଚ୍ଚ କମ୍ କରି ଲାଭବାନ ହୁଅନ୍ତୁ । ଧଇଞ୍ଚା ଉତ୍ପାଦନ କରନ୍ତୁ ଓ ବିହନ ବିକ୍ରକରି ଲାଭବାନ ହୁଅନ୍ତୁ ।
- ନୂତନ ଫଳ, ଫୁଲ ଓ ଔଷଧୀୟ ବଗିଚା ସୃଷ୍ଟି ନିମନ୍ତେ ରିହାତି ପାଇଁ ଉଦ୍ୟାନ ବିଭାଗ କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରନ୍ତୁ ।
- ଗୃହପାଳିତ ପ୍ରାଣୀମାନଙ୍କର ଟିକାକରଣ ଓ କୃମିନାଶ ନିମନ୍ତେ ନିକଟସ୍ଥ ପ୍ରାଣୀ ଧନ ସହାୟକ (L.I.) ଙ୍କ ସହିତ ଯୋଗାଯୋଗ କରନ୍ତୁ ।
- ପ୍ରାଣୀପାଳନ କ୍ଷେତ୍ରରେ ଅଧିକ ଲାଭ ପାଇବା ପାଇଁ ଘର ଅଗଣାରେ ବନରାଜା କୁକୁଡ଼ା ପାଳନ କରନ୍ତୁ ।
- ଅଧିକ ଦୁଗ୍ଧ ଉତ୍ପାଦନ ନିମନ୍ତେ ଘାସ ଚାଷ କରନ୍ତୁ ।
- ମାଛଚାଷ ବିଷୟରେ ସମସ୍ତ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।
- ଜୈବିକ ପଦ୍ଧତିରେ ଚାଷ କରି ଜମିକୁ ଉର୍ବର କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ଚାଷୀମାନଙ୍କ ଫସଲ ଉତ୍ପାଦନ ବୃଦ୍ଧି ଓ ସଚେତନ କରିବା ନିମନ୍ତେ DAESI ମାଧ୍ୟମରେ ସାମଗ୍ରୀ ଡିଲରମାନଙ୍କୁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦିଆଯାଉଛି ।
- ସୁଇଟ୍ କର୍ନ ଓ ବେବି କର୍ନ ଉତ୍ପାଦନ ନିମନ୍ତେ ଆତ୍ମା ତରଫରୁ ପ୍ରୋତ୍ସାହନ ପ୍ରଦାନ ।

**ସୌଜନ୍ୟ: ପ୍ରକଳ୍ପ ନିର୍ଦ୍ଦେଶକ, କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା), ପୁରୀ**

## ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

### ପୌରବାସୀଙ୍କୁ ନିବେଦନ :

୧. ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ ଭିତରେ ନ ପକାଇ 'ଡଷ୍ଟବିନ୍'ର ବ୍ୟବହାର କରନ୍ତୁ ।
୨. ହୋଟେଲ/ବହୁତଳପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ବର୍ଜ୍ୟବସ୍ତୁଗୁଡ଼ିକୁ ହସ୍ତାନ୍ତର କରନ୍ତୁ ।
୩. ରାସ୍ତା ଉପରକୁ ଗାଈ, ଗୋରୁ ତଥା ଗୃହପାଳିତ ପ୍ରାଣୀଙ୍କୁ ଛାଡ଼ନ୍ତୁ ନାହିଁ ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ତଥା ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ ରଖନ୍ତୁ ନାହିଁ ।
୫. ପରିଷଦର ଟିକସ ଯଥା ସମୟରେ ପୈଠ କରନ୍ତୁ ।
୬. ପଲିଥିନ୍ ବ୍ୟାଗ୍ ବ୍ୟବହାର କରନ୍ତୁ ନାହିଁ ।
୭. ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଠିକ୍ ସମୟରେ କରନ୍ତୁ ।
୮. ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସରକାରଙ୍କ ତରଫରୁ ଆର୍ଥିକ ସହାୟତାରେ ପାଇଖାନା ନିର୍ମାଣ କରନ୍ତୁ ।
୯. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ଼ ଲାଇସେନ୍ସ ଯଥା ସମୟରେ କରାଇ ନିଅନ୍ତୁ ।
୧୦. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୧୧. ଜନସାଧାରଣଙ୍କୁ ଅନୁରୋଧ, ବାହ୍ୟଶୌଚରୁ ନିବୃତ୍ତ ରୁହନ୍ତୁ ।

### ହାତକୁ ନିଆଯାଇଥିବା ଉନ୍ନତିମୂଳକ କାର୍ଯ୍ୟ:

୧. ସଂସ୍କୃତି ଭବନ ନିର୍ମାଣ ।
୨. ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ପୌର ପରିଷଦ କାର୍ଯ୍ୟାଳୟର ରସିକଲାଲ୍ ବିଲ୍ଡିଂରେ ନୂତନ ଗୃହ ନିର୍ମାଣ ଓ ମରାମତି ।
୩. ସନ୍ତରା ମୌଜା, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପାଖରେ ଏକ ନୂତନ 'ଶିଶୁ ଉଦ୍ୟାନ' ନିର୍ମାଣ ।
୪. ମିନି ଷ୍ଟାଡ଼ିୟମ୍ ନିର୍ମାଣ ।
୫. ଜଗନ୍ନାଥ ପାର୍କର ଉନ୍ନତୀକରଣ ।
୬. ବ୍ୟାସ ସରୋବର ପର୍ଯ୍ୟଟନ ସ୍ଥଳୀର ବିକାଶ ।
୭. ସହରର ମୁଖ୍ୟ ଛକ ଗୁଡ଼ିକରେ ୦୭ଗୋଟି ହାଇମାଷ୍ଟ ଓ ମିନିମାଷ୍ଟ ଲାଇଟର ବ୍ୟବସ୍ଥା ।
୮. ଗରିବ ପରିବାରମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ (PMAY) ଗୃହ ନିର୍ମାଣ କରି ଥଇଥାନ କରଣ ଓ ୬୪୦୭ ପରିବାରକୁ ରେସନକାର୍ଡ଼ ପ୍ରଦାନ ।
୯. ନୂତନ ଏଲ୍.ଇ.ଡ଼ି. ଲାଇଟ୍ ମାଧ୍ୟମରେ ବିଭିନ୍ନ ମୁଖ୍ୟ ରାସ୍ତା ଓ ସମସ୍ତ ୱାର୍ଡ଼ରେ ଆଲୋକୀକରଣ ବ୍ୟବସ୍ଥା ।
୧୦. ବ୍ୟାସନଗର ପୌର ପରିଷଦ ଅଧୀନସ୍ଥ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ମୁଖ୍ୟ ସ୍ଥାନମାନଙ୍କରେ ଶୌଚାଳୟ ନିର୍ମାଣ ।
୧୧. ପୌର ପରିଷଦ ବସ୍‌ଷ୍ଟାଣ୍ଡ ଠାରେ ନୂତନ ଯାତ୍ରୀ ବିଶ୍ରାମାଗାର ଓ ୨୧ଗୋଟି ଦୋକାନ ଘର ନିର୍ମାଣ ।
୧୨. ଚୋରଦା ଛକଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ ।
୧୩. ବ୍ୟାସନଗର ଷ୍ଟାଡ଼ିୟମର କ୍ଲବ ଘର ମରାମତି ଓ ଟାଉନହଲର ପୁନଃଉଦ୍ଧାର ଏବଂ ଟାଉନହଲ୍‌ଠାରେ ଶୌଚାଳୟ ଏବଂ ରୋଷେଇ ଘର ନିର୍ମାଣ ।
୧୪. ପୌର ପରିଷଦର ବିଭିନ୍ନ ୱାର୍ଡ଼ର ୪୭ଗୋଟି ଅଙ୍ଗନୱାଡ଼ି କାର୍ଯ୍ୟକ୍ଷମ କରାଇବା ସହିତ ୧୮ଗୋଟି କେନ୍ଦ୍ରର ଗୃହ ନିର୍ମାଣ ।
୧୫. ବ୍ୟାସନଗର ବସ୍‌ଷ୍ଟାଣ୍ଡ ଜମିର ଅବମୂଲ୍ୟାଙ୍କନ ୨୫ ଲକ୍ଷ ଟଙ୍କା ବ୍ୟୟରେ ପୁନଃଉଦ୍ଧାର ଓ ଚତୁଃପାର୍ଶ୍ୱ ପାଚେରି ନିର୍ମାଣ ।
୧୬. ଗୋଶାଳାଠାରେ ନୂତନ ଶ୍ମଶାନର ପାଚେରି ନିର୍ମାଣ ଓ ଉନ୍ନତୀକରଣ ।
୧୭. ଓଡ଼ିଶା ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଅଧିନିୟମ-୨୦୧୭ ଅନୁଯାୟୀ ଭୂମିହୀନ ବସ୍ତି ବାସିନ୍ଦାମାନଙ୍କୁ ପଟ୍ଟା ବଣ୍ଟନ ।

**ଶ୍ରୀଯୁକ୍ତ ମୋହନ ଚରଣ ଜେନା, ଓ.ରା.ସେ.**
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

**ଶ୍ରୀ ନାରାୟଣ ଚନ୍ଦ୍ର ଧଳ, ଓ.ପ୍ର.ସେ. (ବରିଷ୍ଠ)**
ପ୍ରଶାସକ
ବ୍ୟାସନଗର ପୌର ପରିଷଦ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ...

## ପ୍ରଗତି ପଥେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

୧. ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୋଟ ୩୦୨ଟି ପ୍ରକଳ୍ପ ପାଇଁ ୮ କୋଟି ୧୮ ଲକ୍ଷ ଟଙ୍କା ମଞ୍ଜୁର ।
୨. ଖାଦ୍ୟ ସୁରକ୍ଷା ଯୋଜନାରେ ୨୯,୬୬୧ ଜଣ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୯୭୯, AAYରେ ୩୯୩୭ ପରିବାରକୁ ରାଶନ କାର୍ଡ଼ ଯୋଗାଣ ।
୩. ବ୍ଲକ ଅଞ୍ଚଳରେ ୬୧ଟି ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ ।
୪. ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଢଳେଇ ରାସ୍ତା ନିର୍ମାଣ ଏବଂ ଅଧିକାଂଶ ଗ୍ରାମରେ ଶଶ୍ମାନଘାଟ ଓ ଗାଧୁଆ ତୁଠ ନିର୍ମାଣ ହେବା ସହ ଅନେକ ସ୍ଥାନରେ ଏହି ପ୍ରକଳ୍ପକୁ ହାତକୁ ନିଆଯାଇଛି ।
୫. ଜୀବିକା ମିଶନ ମାଧ୍ୟମରେ ମାତ୍ରାଧିକ ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ସହ Bank Linkage ଯୋଗାଇ ଦିଆଯାଇଅଛି ।
୬. ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଏଯାବତ୍ ୫ ହଜାର ପାଇଖାନା ଗୃହ ନିର୍ମାଣ କରାଯାଇଅଛି ।

**ପବିତ୍ର ମୋହନ କାନୁନ୍‌ଗୋ**
**ବିଡ଼ିଓ, ପଟ୍ଟାମୁଣ୍ଡାଇ**

**ଜ୍ୟୋତିର୍ମୟୀ ବେହେରା**
**ଅଧ୍ୟକ୍ଷା, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି**


## ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିଃ, ପୁରୀ

**ସ୍ଥାପିତ : ୧୯୪୫**

ଦୂରଭାଷ : ମୁଖ୍ୟ କାର୍ଯ୍ୟାଳୟ- ୨୨୩୩୦୯,
ଶାଖା କାର୍ଯ୍ୟାଳୟ - ୨୨୨୯୮୧, ଫାକ୍ସ - ୨୨୫୪୨୮
(ଲୋକଙ୍କୁ ବିଶ୍ୱାସ କରୁଥିବା ଓ ଲୋକଙ୍କ ଦ୍ୱାରା ବିଶ୍ୱାସଭାଜନ ହୋଇଥିବା ଏକ ବ୍ୟାଙ୍କ)

**ବିଶେଷତ୍ୱ**

୧. ଗ୍ରାହକ ସେବା ଓ ସନ୍ତୋଷ ଆମର ମୂଳ ଲକ୍ଷ୍ୟ ।
୨. ସହଯୋଗ ପ୍ରଣାଳୀରେ କାର୍ଯ୍ୟକରେ ।
୩. ଜମା ଉପରେ ଅଧିକ ସୁଧ ପ୍ରଦାନ କରେ ।
୪. ବରିଷ୍ଠ ନାଗରିକଙ୍କ ଜମା ଉପରେ ୦.୫% ଅଧିକ ସୁଧ ପ୍ରଦାନ କରାଯାଏ ।
୫. ସୁଲଭ ହାରରେ ସେଫ୍ ଡ଼ିପୋଜିଟ୍ ଲକର ସୁବିଧା ଉପଲବ୍ଧ ।
୬. RTGS/ NEFT ସୁବିଧା ଉପଲବ୍ଧ ।
୭. ଜମାକାରୀଙ୍କ ଜମା ବୀମାଭୁକ୍ତ ।
୮. ସୁନା ଗହଣା, ସ୍ଥାୟୀଜମା ରସିଦ୍ ଓ ସ୍ଥାବର ସମ୍ପତ୍ତି ବନ୍ଧକରେ ଋଣ ପ୍ରଦାନ କରାଯାଏ ।
୯. ବ୍ୟାଙ୍କ ଜମାକାରୀ ଓ ଅଂଶୀଦାରଙ୍କ ଅର୍ଥରେ ଚାଲୁଅଛି ।
୧୦. କୌଣସି ସରକାରୀ ଅର୍ଥ ବ୍ୟାଙ୍କରେ ବିନିଯୋଗ ହୋଇନାହିଁ ।

**ନିବେଦନ :**
ଆପଣଙ୍କ ସେବାରେ ଲାଗିବା ନିମନ୍ତେ ସୁଯୋଗ ଦିଅନ୍ତୁ ।

**ଶ୍ରୀମତୀ ସଞ୍ଜବତୀ ଘଟୁଆରୀ**
ସମ୍ପାଦିକା

**ଶ୍ରୀ ଗୁଣଧର ଦାସମହାପାତ୍ର**
ସଭାପତି

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ବଦଳିବା କିଲୋଗ୍ରାମ ମାପ



–ପ୍ର. ରମେଶ ଚନ୍ଦ୍ର ପରିଡ଼ା




''ବିଗତ ବର୍ଷ(୨୦୧୭) ଅକ୍ଟୋବର ୧୯ ତାରିଖ ଦିନ ଫ୍ରାନ୍ସର ସେଭ୍ରେସଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ମାପ ବିଜ୍ଞାନ ପ୍ରତିଷ୍ଠାନ ମୁଖ୍ୟମାନଙ୍କର ଏକ ଆନ୍ତର୍ଜାତିକ ସମ୍ମିଳନୀ। ସେଇଠି ସ୍ଥିର ହେଲା ଯେ ଆସନ୍ତାବର୍ଷ (୨୦୧୯) ସୁଦ୍ଧା ଏଥିରେ ପରିବର୍ତ୍ତନ ଆଣିବାକୁ। କାରଣ, ଏହା ଭିତରେ ଲମ୍ବ ମପାଯାଉଥିବା ମିଟର, ସମୟ ମପା ଯାଉଥିବା ସେକେଣ୍ଡ, ତାପମାତ୍ରା ମପା ଯାଉଥିବା କେଲଭିନ ଇତ୍ୟାଦି ଏକକର ମାନକ ବଦଳା ସରିଛି। ତାହାକୁ ଆଉ ଭୌତିକ ପଦାର୍ଥମାନଙ୍କ ସହିତ ତୁଳନା କରାଯାଉନାହିଁ।''

ଏକ କିଲୋଗ୍ରାମ କଥା କହିଲେ ଆମ ଆଖିଆଗରେ ଭାସିଉଠେ ଲୁହାରେ ତିଆରି ଛ କୋଣିଆ ପିଣ୍ଡୁଳାଟିଏ। ଏହାର ଅଧା ହେଲା ଅଧକିଲୋଗ୍ରାମ ବା ୫୦୦ ଗ୍ରାମ ଏବଂ ହଜାରେ ଭାଗରୁ ଭାଗେ ହେଲା ୧ ଗ୍ରାମ୍ ଇତ୍ୟାଦି। ତାକୁ ଆମେ ବଟକରା ବୋଲି କହୁ। ଦୋକାନୀ ତା' ତରାଜୁର ଗୋଟିଏ ପାଖରେ ତାହା ରଖି ଆର ପାଖରେ ଆମେ କିଣୁଥିବା ଜିନିଷ ଓଜନ କରିଦିଏ। ଅଧିକ ଓଜନଦାର ଜିନିଷ ପାଇଁ ଆମେ ବ୍ୟବହାର କରୁ କୁଇଣ୍ଟାଲ। ଏହା ୧୦୦ କିଲୋଗ୍ରାମ ସହିତ ସମାନ। ସେହିପରି କମ୍ ଜିନିଷ ପାଇଁ ମିଲିଗ୍ରାମ ବା ମାଇକ୍ରୋଗ୍ରାମ ବ୍ୟବହାର ହୁଏ। ହେଲେ କେବେ କ'ଣ ଆମେ ଭାବିଛେ କି ଏହି କିଲୋଗ୍ରାମଟି କଅଣ। କାହିଁକି ସେତିକି ବସ୍ତୁତ୍ୱକୁ ଆମେ ଓଜନ ପାଇଁ ମାନକ ରୂପେ ଗ୍ରହଣ କରୁଛେ।

ଆଜକୁ ପ୍ରାୟ ୧୨୬ ବର୍ଷ ତଳେ ଫରାସୀ ବୈଜ୍ଞାନିକମାନେ ସାରା ଦୁନିଆରେ ଗୋଟିଏ ପ୍ରକାର ଓଜନ ଓ ମାପ ପ୍ରଚଳନ କରିବାକୁ ମନ ବଳାଇଲେ। ସେମାନେ ତାଙ୍କ ଦେଶର ରାଜଧାନୀ ପ୍ୟାରିସର ବ୍ୟୁରୋ ଅଫ ଇଣ୍ଟରନ୍ୟାଶନାଲ ଡେସ ପଏଡସ ଏଟ ମେଜରସ (ଆନ୍ତର୍ଜାତିକ ଓଜନ ଓ ମାପ ବ୍ୟୁରୋ)ର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱସମ୍ପନ୍ନ ଧାତବ ସିଲିଣ୍ଡରଟିଏ ତିଆରି କରି ରଖିଲେ। ଏହାର ୧୦୦ରୁ ୯୦ ଭାଗ ଥିଲା ପ୍ଲାଟିନମ ଏବଂ ୧୦ ଭାଗ ଇରିଡିୟମ। ତାଙ୍କ ବିଚାରରେ ଓଜନ ପାଇଁ ମାନକ ରୂପେ ବ୍ୟବହାର କରିବା ସୁବିଧାଜନକ ହେବ। ତାହାକୁ ୧ କିଲୋଗ୍ରାମ ବୋଲି ଧରାଗଲା। ଏବେ ପୃଥିବୀର ଅଧିକାଂଶ ଦେଶ ଏହା ବ୍ୟବହାର କରୁଛନ୍ତି। ଆଗରୁ ଆମ ଦେଶରେ ସେର, ଛଟାଙ୍କି ଆଦି ବଟକରାର ପ୍ରଚଳନ ଥିଲା। କିନ୍ତୁ ୧୯୫୭ ମସିହାରୁ ତାହାକୁ ବଦଳାଇ କିଲୋଗ୍ରାମ, ଗ୍ରାମ ଆଦିର ପ୍ରଚଳନ ହେଲା। ସେଥିପାଇଁ ଅହମ୍ମଦାବାଦଠାରେ ଥିବା ନ୍ୟାଶନାଲ ଫିଜିକାଲ ଲାବରେଟୋରୀ (ଜାତୀୟ ଭୌତିକ ବିଜ୍ଞାନୀ ବିଜ୍ଞାନାଗାର) ଠାରେ ଏହି ସିଲିଣ୍ଡରର ଏକ ନକଲ ରଖାଯାଇଛି।

ବିଗତ ବର୍ଷ (୨୦୧୭) ଅକ୍ଟୋବର ୧୯ ତାରିଖ ଦିନ ଫ୍ରାନ୍ସର ସେଭ୍ରେସଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ମାପ ବିଜ୍ଞାନ ପ୍ରତିଷ୍ଠାନ ମୁଖ୍ୟମାନଙ୍କର ଏକ ଆନ୍ତର୍ଜାତିକ ସମ୍ମିଳନୀ। ସେଇଠି ସ୍ଥିର ହେଲା ଯେ ଆସନ୍ତାବର୍ଷ (୨୦୧୯) ସୁଦ୍ଧା ଏଥିରେ ପରିବର୍ତ୍ତନ ଆଣିବାକୁ। କାରଣ, ଏହା ଭିତରେ ଲମ୍ବ ମପାଯାଉଥିବା ମିଟର, ସମୟ ମପା ଯାଉଥିବା ସେକେଣ୍ଡ, ତାପମାତ୍ରା ମପା ଯାଉଥିବା କେଲଭିନ ଇତ୍ୟାଦି ଏକକର ମାନକ ବଦଳା ସରିଛି। ତାହାକୁ ଆଉ ଭୌତିକ ପଦାର୍ଥମାନଙ୍କ ସହିତ ତୁଳନା କରାଯାଉନାହିଁ। ଉଦାହରଣ ସ୍ୱରୂପ ମିଟର କଥା ବିଚାରକୁ ନିଆଯାଇପାରେ। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ଲମ୍ବର ପ୍ଲାଟିନମ–ଇରିଡିୟମ ଦଣ୍ଡକୁ ଏହାର ମାନକ ରୂପେ ରଖାଯାଇଥିଲା। କିନ୍ତୁ ୧୯୬୦ ମସିହାରେ ଏହାକୁ ବଦଳାଇ ଦିଆଗଲା। ଏବେ ୧ ମିଟର ହେଉଛି ଆଲୋକ ଶୂନ୍ୟତା ମଧ୍ୟରେ ୧/୨୯୯, ୭୯୨, ୪୫୮ ସେକେଣ୍ଡରେ ଯେତିକି ବାଟ ଯାଏ ସେତିକି (ଆଲୋକର ପରିବେଗ ସେକେଣ୍ଡ ପ୍ରତି ୨୯୯, ୭୯୨, ୪୫୮ ମିଟର)।

ସେହିପରି ସମୟର ମାନକ – ଏକକ ସେକେଣ୍ଡକୁ ନୂଆ ଢଙ୍ଗରେ ସ୍ଥିର କରାଗଲାଣି। ଆଗରୁ ଏକ ସୌର ଦିବସର ୧/୮୬୪୦୦ ଭାଗ ରୂପେ ଏହାକୁ ନିର୍ଦ୍ଧାରଣ କରାଯାଉଥିଲା। କିନ୍ତୁ, ଏବେ ଏହାକୁ ସଂପୃକ୍ତ କରାଯାଇଛି ମୌଳିକ ପଦାର୍ଥ ସିଜିୟମ୍–୧୩୩ ସହିତ। ଏହାକୁ ଭିତ୍ତିକରି ତିଆରି ହୋଇଛି ପରମାଣବିକ ଘଡ଼ି, ଯାହା କି ଏକଦମ୍ ନିର୍ଭୁଲ। ଏହି ଧାତୁଟି ନିମ୍ନତମ ଶକ୍ତିସ୍ତରରେ ଥିଲାବେଳେ ଏହାକୁ ବିଦ୍ୟୁତ ଚୁମ୍ବକୀୟ ବିକୀରଣ ଦ୍ୱାରା ଉଦ୍‌ଭାସିତ କଲେ ତହିଁରେ ଥିବା ଦୁଇଟି ପାଖାପାଖି ଶକ୍ତିସ୍ତର ମଧ୍ୟରେ ଇଲେକଟ୍ରୋନୀୟ ସଂକ୍ରମଣ ଘଟେ। ଏଥିରେ ଇଲେକଟ୍ରନ୍ ପରବର୍ତ୍ତୀ ସ୍ତରକୁ ଯାଇ ପୁଣି ତଳସ୍ତରକୁ ଫେରିଆସେ। ଏହି ସମୟରେ ତହିଁରୁ ବିକୀରଣ ନିର୍ଗତ ହୁଏ। ଏହାର ଆବୃତ୍ତି ବା ଫ୍ରିକ୍ୱେନ୍‌ସି ୯, ୧୯୨, ୬୩୧, ୭୭୦ ହର୍ଜ। ଏ ଘଟଣା ଏତିକିଥର ଘଟିବାର ସମୟ ହେଲା ଏକ ସେକେଣ୍ଡ।

ମାନକ ରୂପ ଧରାଯାଇଥିବା ଏହି ଏକକଗୁଡ଼ିକୁ ବଦଳାଇବାର କାରଣଟିଏ ରହିଛି। ତାହା ହେଲା, ସେଗୁଡ଼ିକ ଏପରି କିଛି ଜିନିଷକୁ ଆଧାର କରି ଯାହା କି ସମୟାନୁକ୍ରମେ ବଦଳିବା କିମ୍ବା କ୍ଷୟପ୍ରାପ୍ତ ହେବା ସମ୍ଭବ। ଏଣୁ ଏପରି ମାନକ ଭୁଲ୍ ହେବାର ସମ୍ଭାବନା ରହିଛି। ତେଣୁ ''ଇଣ୍ଟର୍ ନ୍ୟାଶନାଲ୍ କମିଟି ଅନ୍ ୱେଟ୍‌ସ୍ ଏଣ୍ଡ୍ ମେଜରସ୍'' (ଆନ୍ତର୍ଜାତିକ ଓଜନ ଏବଂ ମାପ କମିଟି) ଏଥିପାଇଁ ନୂଆପନ୍ଥା ଅବଲମ୍ବନ କରୁଛି। ତହିଁରେ ବ୍ୟବହାର ହେଉଛି ପ୍ରକୃତିର ବିବିଧ ସ୍ଥିରାଙ୍କ। ତା'ମଧ୍ୟରେ ଅନ୍ୟତମ ହେଲା ପ୍ଲାଂକଙ୍କ ସ୍ଥିରାଙ୍କ। ଏହାର ମୂଲ୍ୟ ହେଉଛି ଏକ ଆଲୋକ କଣିକା ବା ଫୋଟନ୍‌ରୁ ନିର୍ଗତ ବିଦ୍ୟୁତ ଚୁମ୍ବକୀୟ ବିକୀରଣ ଓ ଏହାର ଆବୃତ୍ତିର ଅନୁପାତ।

ବିଗତ ୨୦୧୭ ମସିହା ସୁଦ୍ଧା କେବଳ କିଲୋଗ୍ରାମ ବ୍ୟତୀତ ଅନ୍ୟସବୁ ମାନକ–ଏକକର ମାପ ନୂଆଢଙ୍ଗରେ ପରିବର୍ତ୍ତିତ ହୋଇ ସାରିଥିଲା। ଏଣୁ ୨୦୧୮ ମସିହାରେ ଏକ ଭୋଟ୍ ଜରିଆରେ ଏହାକୁ ପ୍ଲାଂକଙ୍କ ସ୍ଥିରାଙ୍କ ସହିତ ଯୋଡ଼ି ଦିଆଗଲା। ଅତଏବ ୨୦୧୯ ମସିହା ପରେ ପ୍ୟାରିସ୍‌ସ୍ଥିତ ପ୍ଲାଟିନମ୍–ଇ ରିଡିୟମ୍ ସିଲିଣ୍ଡରକୁ ଆଉ ମାନକ ରୂପେ ବ୍ୟବହାର କରାଯିବ ନାହିଁ। ଅନ୍ୟପକ୍ଷରେ, ଏଥିପାଇଁ ବ୍ୟବହାର ହେବ ''କିବ୍ଲ ବାଲାନସ୍'' ନାମକ ଏକ ବିଦ୍ୟୁତ–ଚୁମ୍ବକୀୟ ବଳ ବ୍ୟବହାର କରୁଥିବା ଏକ ବ୍ୟବସ୍ଥା। ଏହାରି ମାଧ୍ୟମରେ ପ୍ଲାଂକଙ୍କ ସ୍ଥିରାଙ୍କ ଠିକ୍‌ଭାବେ ମପାଯାଇ ପାରିବ ଏବଂ ତାହାକୁ ଆଧାର କରି କିଲୋଗ୍ରାମର ବସ୍ତୁତ୍ୱ ନୂତନଭାବେ ନିର୍ଦ୍ଧାରିତ ହେବ।

କିଲୋଗ୍ରାମର ଏହି ମାନକ ମାପରେ ପରିବର୍ତ୍ତନ ବଡ଼ ବଡ଼ ଓଜନରେ କିଛି ଫରକ ଆଣିବ ନାହିଁ। କାରଣ, ଏହା ଏବେକାର ମାପଠାରୁ ବିଶେଷ କିଛି ଅଲଗା ହେବାର ସମ୍ଭାବନା ନାହିଁ। ଏଣୁ ଏକ କିଲୋଗ୍ରାମ୍, ଅଧକିଲୋଗ୍ରାମ ଅଥବା ଗ୍ରାମ ଆଜିର ଓଜନ କ୍ଷେତ୍ରରେ ତାହା ପ୍ରାୟତଃ ଅପରିବର୍ତ୍ତିତ ରହିବ। ତେବେ, ମାଇକ୍ରୋଗ୍ରାମ ଭଳି ସୂକ୍ଷ୍ମଓଜନ (ମିଲିଗ୍ରାମର ୧୦୦ ଭାଗରୁ ଭାଗେ) ଏହାଦ୍ୱାରା ପ୍ରଭାବିତ ହେବ। ତାହା ହେବ ଅଧିକ ନିର୍ଭୁଲ। ଏଣୁ ଔଷଧ ଆଜି ପ୍ରସ୍ତୁତ କଲାବେଳେ ଏହା ବେଶ୍ ଉପଯୋଗୀ ହେବ। କାରଣ, ଏଥିରେ ନାନାଦି ଉପାଦାନକୁ ଏକଦମ୍ ନିର୍ଭୁଲ ଭାବେ ମାପି ମିଶାଇବାକୁ ହୁଏ। ସେଗୁଡ଼ିକ ଓଜନରେ ମାଇକ୍ରୋଗ୍ରାମ୍ ସ୍ତରରେ ବି ତ୍ରୁଟି ରହିଲେ ତାହାର ପ୍ରଭାବ ଗୁରୁତର ହୋଇପାରେ।

ଏପରିସ୍ଥଳେ କିଲୋଗ୍ରାମର ମାପ ବଦଳିବା ଦ୍ୱାରା ଆମ ନିତିଦିନିଆ ଜୀବନ ପାଇଁ କିଛି ଫରକ ପଡ଼ିବନି। ତେବେ, ଅତି ସୂକ୍ଷ୍ମସ୍ତରରେ ନିର୍ଭୁଲ ଭାବେ ଓଜନ ଦରକାର ହେଉଥିବା ବିଜ୍ଞାନାଗାରରେ ପରୀକ୍ଷା ନିରୀକ୍ଷା, ଔଷଧ ତିଆରି ଇତ୍ୟାଦି କ୍ଷେତ୍ରରେ ଏହା ଅତ୍ୟନ୍ତ ଉପଯୋଗୀ ହେବ।

*–ଉଷା ନିବାସ, ୧୨୪/୨୪୪୫,*
*ଖଣ୍ଡଗିରି ବିହାର, ଭୁବନେଶ୍ୱର,*
*ମୋ :୯୯୩୭୯୮୫୭୬୭*

DSPL-266

# ପୁରୁଷ ବନ୍ଧ୍ୟାକରଣ ପକ୍ଷ

୨୧ ନଭେମ୍ବର – ୦୪ ଡିସେମ୍ବର,୨୦୧୮

ସେହି ଦମ୍ପତି ଅଟନ୍ତି ଦାୟିତ୍ୱବାନ୍
ଯିଏ କରନ୍ତି ପରିବାର ପ୍ଲାନ୍

ପୁରୁଷ ବନ୍ଧ୍ୟାକରଣ ଆପଣେଇବା
ପରିବାର ନିୟୋଜନରେ ନୂଆ ପରିଚୟ ସୃଷ୍ଟି କରିବା



- ପୁରୁଷମାନଙ୍କ ପାଇଁ ଏନ.ଏସ୍.ଭି. ଏକ ସହଜ,ଫଳପ୍ରଦ, ସୁରକ୍ଷିତ ତଥା ସ୍ଥାୟୀ ଜନ୍ମନିୟନ୍ତ୍ରଣ ପଦ୍ଧତି ।
- ଏଥିପାଇଁ କଟାକଟି ବା ସିଲେଇର ଆବଶ୍ୟକତା ନାହିଁ ।
- ଏହାଦ୍ୱାରା ଶରୀରର ଶକ୍ତି, ପୁରୁଷତ୍ୱ କିମ୍ବା ଯୌନସୁଖ ହ୍ରାସ ହୁଏ ନାହିଁ ।



ପୁରୁଷ ବନ୍ଧ୍ୟାକରଣ କରାଇଥିବା ହିତାଧିକାରୀଙ୍କ ପାଇଁ ଟ.୨୦୦୦ଙ୍କା ଆର୍ଥିକ ପ୍ରୋତ୍ସାହନ

10003/13/0094/1819

ଏହି ସେବା ନିର୍ଦ୍ଧାରିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।

ଏ ସମ୍ପର୍କରେ ଅଧିକ ସୂଚନା ଓ ସେବାପାଇବା ପାଇଁ ନିକଟସ୍ଥ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

facebook.com/HFWOdisha http://www.health.odisha.gov.in @HFWOdisha

DADLS-198



## ଜନଗଣର ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
## ୨୬ ନଭେମ୍ବର, ୨୦୧୮

ସକାଳ ଘ.୮.୩୦ମି. ଭୁବନେଶ୍ୱର ଜୟଦେବ ବିହାର ଛକ ନିକଟସ୍ଥ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ – ସଂଧ୍ୟା ୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶିଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ମୁଖ୍ୟବକ୍ତା – ଶ୍ରୀମତୀ ମନୋରମା ମହାପାତ୍ର, ବିଶିଷ୍ଟ ସାହିତ୍ୟିକ, ସମାଜସେବିକା ତଥା ବରିଷ୍ଠ ସାମ୍ବାଦିକ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ବିଧାୟକ ତଥା ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ
ଧନ୍ୟବାଦ ଅର୍ପଣ– ଶ୍ରୀଯୁକ୍ତ ସୋମିତ ମିତ୍ର, ସାଧାରଣ ସମ୍ପାଦକ, ବୀରେନ୍ ମିତ୍ର ଫାଉଣ୍ଡେସନ୍

ମୁଖ୍ୟଅତିଥିଙ୍କ ଦ୍ୱାରା ବୀରେନ୍ ମିତ୍ରଙ୍କ ତୈଳଚିତ୍ର ଉନ୍ମୋଚନ

କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଏବଂ ସଭା ପରେ ସୁବାଷ ଦାଶ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ୍,କଟକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0441/1819

> ଦେଶର ଏକ ଖଦି ଏକ୍ସପ୍ରେସ ଚଳାଇବା ଲାଗି ରେଲୱେକୁ ଚିଠି ଲେଖାଯାଇଛି। ଏହା ଖଦି ପ୍ରଡକ୍ଟଗୁଡିକୁ ପ୍ରଦର୍ଶନ କରାଇବା ସହ ବିକ୍ରିକୁ ପ୍ରୋତ୍ସାହିତ କରିବା।
> – ବିନାୟୀ କୁମାର ସାକ୍ସେନା, ଅଧ୍ୟକ୍ଷ, ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ



> ସରକାର ପ୍ରଦୂଷଣ ନିୟମକୁ କଡାକଡି କରିଥିବାରୁ ଇଲେକ୍ଟ୍ରିକାଲ ଆଣ୍ଡ ଆପ୍ଲାଏନ୍ସ ସେକ୍ଟର ଲାଗି ପରିବେଶ ଉପଯୋଗୀ ପ୍ରଡକ୍ଟ ପ୍ୟାକେଜିଂ ଉପରେ ଧ୍ୟାନ ଦେଉଛୁ।
> – ଶେଷାଗିରି ରାଓ, ଯୁଗ୍ମ ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍



## ସଂକ୍ଷେପରେ

### ମାସକରେ ପେଟ୍ରୋଲ ୮, ଡିଜେଲ ୬ ଟଙ୍କା ଶସ୍ତା

**ନୂଆଦିଲ୍ଲୀ,୨୫-୧୧:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ଫଳସ୍ୱରୂପ ଗତ ୭ ସପ୍ତାହ ହେଲା ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମୁଛି। ଫଳରେ ଦିଲ୍ଲୀରେ ଅକ୍ଟୋବର ୧୭ରୁ ଆଜିସୁଦ୍ଧା ପେଟ୍ରୋଲ ଦର ଲିଟର ପିଛା ୮ ଟଙ୍କା ଏବଂ ଡିଜେଲ ଦର ୬ ଟଙ୍କା କମିଛି। ଏହା କେବଳ ଦିଲ୍ଲୀରେ ନୁହେଁ ବରଂ ସାରା ଦେଶରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚଳିତ ସପ୍ତାହରେ ଅଶୋଧିତ ତୈଳ ଦର(ବ୍ରେଣ୍ଟ କ୍ରୁଡ୍) ୧୧% ହ୍ରାସ ପାଇ ବ୍ୟାରେଲ ପିଛା ୬୦ ଡଲାରକୁ ଖସି ଆସିଛି। ଅକ୍ଟୋବର ୩ ପରେ ଏଥିରେ ୩୦ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ରବିବାର ଚତୁର୍ଥ ଦିନ ପାଇଁ ପେଟ୍ରୋଲ ଓ ଡିଜେଲ ଦର କମିଛି। ଦିଲ୍ଲୀରେ ପେଟ୍ରୋଲ ୪୧ପଇସା ଓ ଡିଜେଲ ୪୬ ପଇସା କମିଛି। ଫଳରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୪.୮୪ ଟଙ୍କା ଓ ଡିଜେଲ ଲିଟର ପିଛା ୬୯.୭୦ ଟଙ୍କା ରହିଛି। ଅକ୍ଟୋବର ୪ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୨.୫୦ ଟଙ୍କା ହ୍ରାସ ଘୋଷଣା କରିଥିଲେ।

### ପିସିଏରୁ ବାହାରି ଆସିବ ୪ ବ୍ୟାଙ୍କ

**ନୂଆଦିଲ୍ଲୀ,୨୫-୧୧:** ଅନାଦାୟ ଋଣ ସୀମା ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୧ ମଧ୍ୟରୁ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରମ୍ପଟ୍ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର କାର୍ଯ୍ୟକ୍ରମ ଅଧୀନକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୩ରୁ ୪ଟି ବ୍ୟାଙ୍କ ବାହାରି ଆସିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ନିଜର ଗାଇଡଲାଇନକୁ କୋହଳ କରିବା ଦ୍ୱାରା ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଲାଭ ବୃଦ୍ଧି ପାଉଥିବାରୁ ଏହା ସମ୍ଭବ ହେବ ବୋଲି ମନ୍ତ୍ରଣାଳୟ ବିଚାର କରୁଛି। ପିସିଏ ଅଧୀନକୁ ଆସିଥିବା ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଋଣ ଯୋଗାଇବା ନେଇ ଆର୍‌ବିଆଇ କଟକଣା ଜାରି କରିଛି। ତେବେ ସେମାନଙ୍କ ରିଟେଲ ଋଣ ପରିମାଣ ଗତ ବର୍ଷ ତୁଳନାରେ ୧୧% ବୃଦ୍ଧି ପାଇଥିବା ଦେଖାଯାଇଛି। ନଜରରେ ରହିଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ବୋର୍ଡ ଫର ଫାଇନାନ୍ସିଆଲ ସୁପରଭିଜନ(ବିଏଫ୍‌ଏସ୍) ବା ଆର୍ଥିକ ତଦାରଖ ବୋର୍ଡ ଯାଞ୍ଚ କରିବ। ଏହା ପରେ ହିଁ କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କୁ ପିସିଏରୁ ବାଦ୍ ଦେବା ନେଇ ନିଷ୍ପତ୍ତି ନେବ। ଏ ସମ୍ପର୍କରେ ଗତ ୧୯ ତାରିଖ ଆର୍‌ବିଆଇ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସ୍ଥାପନ ହେବ ୬୫ ହଜାର ପେଟ୍ରୋଲ ପମ୍ପ୍

# ପୁରୁଣାଙ୍କୁ ଟକ୍କର ଦେବେ ନୂଆ

**ନୂଆଦିଲ୍ଲୀ,୨୫-୧୧**

ତୈଳ କମ୍ପାନୀମାନେ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଯାଇ ସାରା ଦେଶରେ ପେଟ୍ରୋଲ ପମ୍ପ୍ ଜାଲକୁ ଆହୁରି ବିସ୍ତାର କରିବାକୁ ଯାଉଛନ୍ତି। ଦେଶରେ ୬୫ ହଜାର ନୂଆ ପେଟ୍ରୋଲ ପମ୍ପ ସ୍ଥାପନ ପାଇଁ ତୈଳ ବିପଣନ କମ୍ପାନୀମାନେ ଇତିମଧ୍ୟରେ ବିଜ୍ଞାପନ ମାଧ୍ୟମରେ ଆବେଦନ ଆହ୍ୱାନ କରିଛନ୍ତି। ତେବେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡିକରେ ବିଜ୍ଞାପନ ପ୍ରକାଶ କରାଯାଇନି। ଫଳରେ ଏ କ୍ଷେତ୍ରରେ ପମ୍ପ୍ ଡିଲରମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ିବାକୁ ଯାଉଛି। ପୁରୁଣା ପେଟ୍ରୋଲ ପମ୍ପ୍ ମାଲିକଙ୍କୁ ନୂଆମାନେ ଟକ୍କର ଦେବାକୁ ଯାଉଥିବାରୁ ପରୋକ୍ଷରେ ଖାଉଟି ଲାଭାନ୍ୱିତ ହେବେ ବୋଲି ତୈଳ ମନ୍ତ୍ରଣାଳୟ ଯୁକ୍ତି ବାଢ଼ିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ କମ୍ପାନୀମାନଙ୍କ ଉକ୍ତ ପଦକ୍ଷେପ ଯୋଗୁ ସେମାନଙ୍କ ରିଟେଲ ନେଟ୍‌ୱର୍କ ଦ୍ୱିଗୁଣା ହୋଇଯିବ। ତେବେ ବିଗତ ଅଭିଜ୍ଞତାରୁ ଏହା ସ୍ପଷ୍ଟ ହୋଇଛି ଯେ, ସମସ୍ତ ୬୫ ହଜାର ସ୍ଥାନରେ ପେଟ୍ରୋଲ ପମ୍ପ୍ ଖୋଲିବା ନେଇ ସନ୍ଦେହ ରହିଛି। କାରଣ ଡିଲରଶିପ୍ ଦେବା ବେଳେ ବହୁ ପ୍ରସଙ୍ଗ ବାଧକ ସାଜେ। କେଉଁଠି ଜମି ଅଧିଗ୍ରହଣ ସମସ୍ୟା ତ କେଉଁଠି ଅନ୍ୟ କୌଣସି ବିବାଦ ମୁଣ୍ଡ ଟେକୁଛି। ତୈଳ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ ୬୫ ହଜାରରୁ ପ୍ରାୟ ୧୫ରୁ ୨୦ ହଜାର ପମ୍ପ ସ୍ଥାପନ ବାସ୍ତବ ରୂପ ନେଇପାରେ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ବର୍ତ୍ତମାନ ୬୨,୫୮୫ ପେଟ୍ରୋଲ ପମ୍ପ୍ ରହିଛି। ଏମାନଙ୍କ ମଧ୍ୟରୁ ୬ ହଜାର ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ। ଅନ୍ୟପକ୍ଷରେ ଦେଶରେ ତେଲ ଚାହିଦା ୨୦୧୭-୧୮ରେ ମାତ୍ର ୫ % ବୃଦ୍ଧି ପାଇ ୨୦.୫ କୋଟି ଟନରେ ପହଞ୍ଚିଛି।

ଅପରପକ୍ଷରେ ବର୍ତ୍ତମାନର ଡିଲରମାନେ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରୁଛନ୍ତି। ଅଲ୍ ଇଣ୍ଡିଆ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ ପ୍ରେସିଡେଣ୍ଟ ଅଜୟ ବଂଶଲ କହିଛନ୍ତି ଯେ, ପୂର୍ବେ ପ୍ରତି ପେଟ୍ରୋଲ ପମ୍ପରେ ଦୈନିକ ୧୭୦ କିଲୋ ଲିଟର ତେଲ ବିକ୍ରି ହେଉଥିଲା, ଯାହା ଆଜି ୧୪୦ କିଲୋ ଲିଟରକୁ ଖସି ଆସିଛି। ଅନ୍ୟପକ୍ଷରେ ପମ୍ପ୍ ଚଳାଇବା ଖର୍ଚ୍ଚ ବଢୁଥିବା ବେଳେ ଲାଭ କମିବାରେ ଲାଗିଛି। ଅନ୍ୟପକ୍ଷରେ ସଂରକ୍ଷଣ ମାନଦଣ୍ଡ ଅନୁଯାୟୀ ପେଟ୍ରୋଲ ପମ୍ପ୍ ଖୋଲିବା ଲାଗି ସରକାର ଅନୁମତି ଦେଇଛନ୍ତି। ଏଥିରେ ଡିଲରଶିପ୍ ସର୍ତ୍ତକୁ କୋହଳ କରାଯାଇ ଆବେଦନକାରୀଙ୍କ ନିକଟରେ ଏକ ନିଶ୍ଚିତ ପାଣ୍ଠି ରଖିବା ନେଇ ଥିବା ନିୟମକୁ ପ୍ରତ୍ୟାହାର କରିନିଆଯାଇଛି। ଏହାଛଡା ଜମି ସଂକ୍ରାନ୍ତ ନିୟମକୁ ସରକାର ଆହୁରି ନମନୀୟ କରିଛନ୍ତି। ନୂଆ ଗାଇଡଲାଇନ ଅନୁଯାୟୀ ନିଜ ଜମି ନ ଥିଲେ ଏବଂ ଜମି ମାଲିକଙ୍କ ସହ ଚୁକ୍ତିବଦ୍ଧ ହେବା କ୍ଷେତ୍ରରେ ମଧ୍ୟ ଆବେଦନ କରାଯାଇପାରିବ। ସୂଚନାଥାଉ କି, ପୂର୍ବରୁ ବ୍ୟାଙ୍କରେ ଅତିକମ୍‌ରେ ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଦାଖଲ କରିବା ପରେ ହିଁ ଜଣେ ଆବେଦନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ଗ୍ରାମାଞ୍ଚଳ ପାଇଁ ଏହି ସୀମା ୧୨ ଲକ୍ଷ ଟଙ୍କା ଥିଲା। ଏହାପରେ ବିଜେତାଙ୍କୁ ୧୦ ପ୍ରତିଶତ ସିକ୍ୟୁରିଟି ଅର୍ଥ ବ୍ୟାଙ୍କରେ ଜମା କରିବା ପରେ ହିଁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ନୂଆ ବ୍ୟବସ୍ଥାରେ ଡିଲରଶିପ୍ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନରେ କରାଯିବ।

### ରାଜ୍ୟରେ ଖୋଲିବ ନୂଆ ୨୬୩୬ ପେଟ୍ରୋଲ ପମ୍ପ




**ଭୁବନେଶ୍ୱର,୨୫-୧୧**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକ ଓଡ଼ିଶାରେ ୨୬୩୬ ନୂଆ ପେଟ୍ରୋଲ ପମ୍ପ୍ ଖୋଲିବେ। ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ୧୪୯୮, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ୬୧୩ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍) ୫୨୫ ନୂଆ ପେଟ୍ରୋଲ ପମ୍ପ୍ ଖୋଲିବା ନେଇ ବିଜ୍ଞାପନ ପ୍ରକାଶ କରିଛନ୍ତି। ତୈଳ ବିପଣନ କମ୍ପାନୀ(ଓଏମ୍‌ସି)ଗୁଡିକ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଆଇଓସିଏଲ୍‌ର ସିଜିଏମ୍ ପ୍ରତିଶ ଭରତ ଏହି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ଆଇଓସିର ୭୮୨, ବିପିସିର ୪୪୧, ଏଚ୍‌ପିସିର ୩୩୧ ପେଟ୍ରୋଲ ପମ୍ପ୍ ରହିଛି। ସହଜ ଓ ସରଳ ବ୍ୟବସ୍ଥାରେ ଅନଲାଇନରେ ଦରଖାସ୍ତ ସହ ଆବେଦନ ଫର୍ମକୁ ସରଳ କରାଯାଇଛି। ଯୋଗ୍ୟତା ନିୟମରେ ମଧ୍ୟ କୋହଳ କରାଯାଇଥିବା କମ୍ପାନୀଗୁଡିକ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ଆଇଓସିଏଲ୍ ଡିଜିଏମ୍ (ଆର୍‌ଏସ୍) ଦେବଯାତୀ ବିଶ୍ୱାସ, ବିପିସିଏଲ୍ ଓଡିଶା-ଝାଡଖଣ୍ଡ ରାଜ୍ୟ ରିଟେଲ ମୁଖ୍ୟ ଦେବାଶିଷ ପାଲିତ, ବିପିସିଏଲ୍‌ର ରିଟେଲ ବିଜନେସ ଏବଂ ନେଟ୍‌ୱର୍କ ପ୍ଲାନିଂ ସୁରେଶ ସେଜୱାନି, ଏଚ୍‌ପିସିଏଲ୍ ରିଟେଲ ଡିଜିଏମ୍ ଅଭୟଙ୍କର ଦାସ ଏବଂ ସିନିୟର କର୍ପୋରେଟ କମ୍ୟୁନିକେଶନ ମ୍ୟାନେଜର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଏସ୍ ସାକ୍ଷାତ୍‌କାର ପାଇଁ ଲିସାସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୫-୧୧**




ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଓଏଏସ୍ ସାକ୍ଷାତକାର କାର୍ଯ୍ୟକ୍ରମ ଡିସେମ୍ବର ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହାକୁ ନଜରରେ ରଖି ଭୁବନେଶ୍ୱରସ୍ଥିତ ଲିସାସ୍ ଆଇଏସ୍ ପ୍ରତିଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରୋଗ୍ରାମ ସମ୍ପର୍କରେ ଘୋଷଣା କରାଯାଇଛି। ଓଏଏସ୍ ଲିଖିତ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ। ପ୍ରତିଷ୍ଠାନ ପକ୍ଷରୁ ଏ ନେଇ ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ଆଶାୟୀ ନେଇପାରିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ଲିନୁ ଚୟନୀ ସୂଚନା ଦେଇଛନ୍ତି।

## ମାର୍ଚ୍ଚ ସୁଦ୍ଧା ବଢ଼ି ନ ପାରେ ସୁଧ ହାର

**ନୂଆଦିଲ୍ଲୀ,୨୫-୧୧**

**ଡିବିଏସ୍ ରିପୋର୍ଟ**

ଚଳିତ ଆର୍ଥିକ ବର୍ଷର ଶେଷ କ୍ୱାର୍ଟର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତିରେ ସୁଧ ହାର ବୃଦ୍ଧି ପାଇବାର ସମ୍ଭାବନା କମ୍ ରହିଛି। ସିଙ୍ଗାପୁର ବ୍ୟାଙ୍କ ଡିବିଏସ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏ ସମ୍ପର୍କରେ ଅନୁମାନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ମାର୍ଚ୍ଚ ପର୍ଯ୍ୟନ୍ତ ଆର୍‌ବିଆଇ ସୁଧ ହାର ବଢ଼ାଇ ନ ପାରେ। ତେବେ ମୁଦ୍ରାସ୍ଫୀତି ବଢ଼ିଲେ ୨୦୧୯-୨୦ ଆର୍ଥିକ ବର୍ଷରେ ଯୋଜନାବଦ୍ଧ ରଣନୀତି ଅନୁଯାୟୀ ସୁଧ ହାର ବୃଦ୍ଧି କରିପାରେ। ସୂଚନାଥାଉ କି, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଓ ଟଙ୍କାର ମୂଲ୍ୟ କେଉଁ ଆଡକୁ ଯାଉଛି ତାହାକୁ ଦେଖି ରିଜର୍ଭ ବ୍ୟାଙ୍କ ସୁଧ ହାର ସ୍ଥିର କରନ୍ତି। ଏହାକୁ ଅର୍ଥନୀତିଜ୍ଞମାନେ ସ୍ପୋର୍ଟ୍ସ ଭାଷାରେ ୱାଇଲ୍ଡକାର୍ଡ କହିଥାନ୍ତି। ସୂଚନାଥାଉ କି, ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ଆଶ୍ଚର୍ଯ୍ୟଜନକ ଭାବେ ୩.୩୧ ପ୍ରତିଶତକୁ ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ୪.୪ ପ୍ରତିଶତରୁ ୪ ପ୍ରତିଶତକୁ ହ୍ରାସ କରିଛି। ତେବେ ଆସନ୍ତା ଆର୍ଥିକ ବର୍ଷରେ ଏହା ୪.୨ପ୍ରତିଶତକୁ ବୃଦ୍ଧି ପାଇଲେ ସୁଧ ହାର ବୃଦ୍ଧି ପାଇଁ ଆର୍‌ବିଆଇ ଚିନ୍ତା କରିପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ମହଙ୍ଗା ପଡ଼ିବ ବିଳମ୍ବରେ ଇଏମ୍‌ଆଇ ପ୍ରଦାନ

**ମୁମ୍ବାଇ,୨୫-୧୧:** ଋଣ ନେଇଥିବା ବ୍ୟକ୍ତି ମାସିକ କିସ୍ତି ଦେବାରେ ବିଳମ୍ବ କରିବା ଯୋଗୁ ସେ ଦେଉଥିବା ଦଣ୍ଡାତ୍ମକ ସୁଧ ଉପରେ ୧୮% ଜିଏସ୍‌ଟି ଆଦାୟ କରାଯିବ ବୋଲି ମହାରାଷ୍ଟ୍ର ଜିଏସ୍‌ଟି ଅଥରିଟି ଫର୍ ଆଡଭାନ୍ସ ରୁଲିଂ ପକ୍ଷରୁ ଏକ ମାମଲାର ଶୁଣାଣି କରି କୁହାଯାଇଛି। ତେବେ ଏହି ରୁଲିଂକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରେ ବୋଲି ଟିକସ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ରୁଲିଂରେ କୁହାଯାଇଛି ଯେ, ଆର୍ଥିକ ଋଣପ୍ରଦାମନକାରୀ ସଂସ୍ଥା ଜିଏସ୍‌ଟି ଅଧୀନରେ ପାଉଥିବା ସୁଧ ଉପରେ ଟିକସ ଛାଡ ପାଇବେ। କିନ୍ତୁ ବିଳମ୍ବରେ କିସ୍ତି ପ୍ରଦାନ ପାଇଁ ଯେଉଁ ଦଣ୍ଡାତ୍ମକ ସୁଧ(ପେନାଲ ଇଣ୍ଟ୍ରେଷ୍ଟ) ଆଦାୟ କରୁଛନ୍ତି ସେଥିରୁ ଜିଏସ୍‌ଟି ଆଦାୟ କରାଯିବ।

### ବିତ୍ତଶାଳୀଙ୍କୁ ଭିଜା ଦେବ ୟୁଏଇ

**ନୂଆଦିଲ୍ଲୀ,୨୫-୧୧:** ଅଶୋଧିତ ତେଲରୁ ଆୟ କମିବା ପରେ ସଂଯୁକ୍ତ ଆରବ ଏମିରେଟ୍(ୟୁଏଇ) ରୋଜଗାର ବଢ଼ାଇବାକୁ ନୂଆ ପନ୍ଥା ଧରିଛି। ରିଏଲ ଇଷ୍ଟେଟ୍‌ରେ ନିବେଶ କରିଥିବା ଧନୀ ବ୍ୟକ୍ତି, ବରିଷ୍ଠ ବୈଜ୍ଞାନିକ ଏବଂ ଉଦ୍ୟୋଗୀଙ୍କୁ ଦୀର୍ଘମିଆଦୀ ଭିଜା ଦେବାକୁ ଏହା ନିଷ୍ପତ୍ତି ନେଇଛି। ୟୁଏଇ ସରକାର ଭିଜା ନିୟମକୁ କୋହଳ କରିବାକୁ ଯାଉଛି। ତଦନୁଯାୟୀ ୫୦ ଲକ୍ଷ ଦିରହମ୍(ୟୁଏଇ ମୁଦ୍ରା) ରିଏଲ ଇଷ୍ଟେଟ୍‌ର ନିବେଶ କରିଥିବା ବିଦେଶୀ ବ୍ୟକ୍ତିଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ରହିବାକୁ ସୁଯୋଗ ମିଳିବ। ଏହାଛଡା ୧ କୋଟି ଦିରହମର ସମ୍ପତ୍ତି ଥିବା ବିଦେଶୀଙ୍କୁ ୧୦ ପର୍ଯ୍ୟନ୍ତ ୟୁଏଇରେ ରହିବାର ସୁଯୋଗ ମିଳିବ। ଏହାବ୍ୟତୀତ ଏହାର ୬୦ ପ୍ରତିଶତ ସମ୍ପତ୍ତି ଥିଲେ ବ୍ୟକ୍ତି ନିଜ ପରିବାରକୁ ସେ ଦେଶରେ ରଖିପାରିବେ। କେବଳ ଏତିକି ନୁହେଁ ପ୍ରତିଭାଶାଳୀ ଛାତ୍ରୀଛାତ୍ରଙ୍କୁ ୫ ବର୍ଷ, ବୈଜ୍ଞାନିକଙ୍କୁ ୧୦ ବର୍ଷ ଓ ଉଦ୍ୟୋଗପତିଙ୍କୁ ୫ ବର୍ଷ ଭିଜା ମିଳିବ।


**PURI MUNICIPALITY**

**E-PROCUREMENT NOTICE**

No. 8424 Dtd.22.11.18

**Bid Identification No. P.M.-05/2018-19**

1. Type of work: Civil work, 2. Total No. of works: 01 No. of individual works, 3. Estimated cost: 447136, 4. Period of completion: 60 days, 5. Date & time of availability of bid document in the portal: from **03 PM** of **26.11.18** to **05 PM** of **05.12.18**, 6. Last date / time for receipt of bid in the portal: upto **05 PM** of **05.12.18**, 7. Date of opening of bid **11 AM** of **dtd.06.12.18**, 8. Name & address of the Officer inviting bid: Executive Officer, Puri Municipality, Puri. Further detail can be seen from the e-procurement portal **www.tendersorissa.gov.in**.

**Sd./- Executive Officer,**
**Puri Municipality, Puri**

**GOVT. OF ODISHA**
**OFFICE OF THE EXECUTIVE ENGINEER**
**POTTERU CANAL DIVISION, M.V-79**

Phone/FAX No.06859271010, e-mail ID- eepcdbhuba65@gmail.com

**e-Procurement Notice**

**IDENTIFICATION NO.EE-PCD-MV.79-02/2018-19**

No.838-A: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **www.tendersodisha.gov.in**.

| | | |
|---|---|---|
| 1. | Name of the work: | Improvement works of Canal Roads uner RCER |
| 2. | No. of Works: | 1(One) No. |
| 3. | Estimated Cost: | Approximately 80.09 Lakhs |
| 4. | Period of completion: | 60(Sixty) days |
| 5. | Date and time of availability of bid documents in the portal: | From 30.11.2018 (10.00AM) to 15.12.2018 (5.00PM). |
| 6. | Last date/time for receipt of bids in the portal: | 15.12.2018 (5.00PM) |
| 7. | Date of opening of Bid: | 17.12.2018 at 11.00 AM onwards |
| 8. | Name of the Officer inviting Bid: | Executive Engineer, Potteru Canal Division, M.V-79 |

Further details can been seen from the e-procurement portal **www.tendersodisha.gov.in**.
Any addendum/corrigendum/cancellation of tender can also be seen in the said website.

32038/11/0004/1819 **Executive Engineer, Potteru Canal Division, M.V-79**

OFFICE OF THE HEADMISTRESS
KASTURABA GANDHI BALIKA VIDYALAYA, JODINGA
BLOCK- RAIGHAR, DIST- NABARANGPUR, PIN: 764088
Cell: 8658967876 (HM), E-mail: kgbvjodinga@rediffmail.com

Letter No.81/2018 ଶିକ୍ଷା ଅଧିକାର Date: 17.11.2018

**TENDER CALL NOTICE**

Sealed tenders are invited from the registered/ reputed firms who having valid PAN, GST registration for supply of Reading Writring Materials & Dress Material to (KGBV) Kasturaba Gandhi Balika Vidyalaya, Jodinga, Block- Raighar under district of Nabarangpur (Odisha). Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress KGBV Jodinga, Block-Raighar, Dt-Nabarangpur (Odisha) during office hours by 5.00 PM of 17.12.2018. The bid document shall be opened at 10.00 AM on Dt 18.12.2018 in the office of the Headmistress, KGBV Jodinga, Raighar, Nabarangpur in the presence of the bidders or their authorised representatives. Any SMC Member/ Official staffs related to the KGBV not allowed to participate as abider in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website **http://www.opepa.in** and **nabarangpur.nic.in**.

**Sd./- Headmistress, K.G.B.V, Jodinga**

**OFFICE OF THE PRINCIPAL**
**EKALAVYA MODEL RESIDENTIAL SCHOOL, NUAPADA**

(Supported by Govt. of Odisha, ST/SC Dev. Deptt.)
(Affiliated to CBSE, Delhi) Affiliation No. 1520009
Email: emrs.nuapada@gmail.com

Letter No. 535/2018-19 Date: 24.11.2018

**NOTICE**

Principal, Staff & Students of Ekalavya Model Residential School, Nuapada invite all the Alumni (Ekalavyans of EMRS, Nuapada) to attend the

**1st ALUMNI MEET-2018**

On Sunday, 2nd December 2018 at 10AM to 1PM in Ekalavya Model Residential School, Nuapada.

Your gracious presence is highly solicited.

***Sd./- Principal, EMRS***
***Nuapada***

**GOVERNMENT OF ODISHA**
**Office of the Superintending Engineer**
**Central Minor Irrigation Circle, Bhubaneswar**

Tel. No.- (0674) 2540559, e-Mail ID: cmic.bbsr@yahoo.com

**"e" Procurement Notice**

**Identification No. SECMIC 07/2018-19**
No. 3623/CMIC., Dated 19.11.2018

**No. 845-A:-** The Superintending Engineer, Central Minor Irrigation Circle, Bhubaneswar on behalf of Governor of Odisha invites percentage rate bids through e-Procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works | Civil Construction, Improvement & Renovation works (Detailed as per annexure) |
| 2. | Total No. of works | 5 (Five) nos. |
| 3. | Estimated Cost | Rs. 103.00 Lakhs to Rs. 216.16 Lakhs (As per annexure attached) |
| 4. | E.M.D. | 1% of estimated cost put to tender |
| 5. | Class of Contractor | B & A Class |
| 6. | Period of Completion | 11 (Eleven) Calendar Months including Monsoon |
| 7. | Date & time of Availability of Bid document in the portal | 28.11.2018 at 10.00AM to 13.12.2018 upto 5.00PM |
| 8. | Last date/time for receipt of Bids in the portal | 13.12.2018 upto 5.00PM |
| 9. | Date/time of opening of Technical Bid | 14.12.2018 at 11AM |
| 10. | Date/time of opening of Financial Bid | To be intimated after evaluation of Technical Bid |
| 11. | Date of open lottery If required | On 26.12.2018 at 11.30AM in Office of the Superintending Engineer, Central M.I. Circle, Plot No.A-8/2, Bhoinagar, Bhubaneswar-22 |
| 12. | Name and address of the officer inviting Bid | Superintending Engineer, Central M.I. Circle, Plot No.A-8/2, Bhoinagar, Bhubaneswar-22 |
| 13. | Mode of Payment of Bid cost & Security | Online |
| | Further details can be seen from the "e" Procurement Portal https://tendersorissa.gov.in | |
| 14. | Mode of submission of Tenders: Tender should be submitted online in "https://tendersodisha.gov.in". | |

***Sd./- Superintending Engineer***
32179/11/0012/1819 ***Central Minor Irrigation Circle, Bhubaneswar***

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, BERHAMPUR**

(e mail = ee.dd.bam@gmail.com)

No.841-A

**INVITATION FOR BIDS (IFB)**

**e –procurement Notice No. 01 /2018-19 Dt : 22.11.2018**

**Bid Identification No. EE-DD-BER-NO. 01 /2018-19**

| | | | |
|---|---|---|---|
| 1. | Name of Works | : | Improvement to Drainage System of Bukua Nalla and its branches under Polosara Block of Ganjam District under D.I.P |
| 2. | Total number of Packages | : | 1 no. package |
| 3. | Estimated Cost of Individual Packages | : | Rs. 92,27,131/- |
| 4. | Bid Identification No. | : | EE-DD-BER-NO. 01 /2018-19 |
| 5. | Period of completion | : | 09(Nine) Calendar months |
| 6. | Availability of Tender On - Line | : | 29.11.2018, 10.00 Hours to 11.12.2018, 17.00 Hours |
| 7. | Date of Opening of Technical Bid | : | 12.12.2018 at 11.30 hours in the O/o the Executive Engineer, Drainage Division, Berhampur, Ganjam, Odisha |
| 8. | Procurement Officer | : | Executive Engineer, Drainage Division, Berhampur, Ganjam, Odisha |

Further details can be seen from the Govt. website www.tendersorissa.gov.in.

**Executive Engineer**
32225/11/0004/1819 **Drainage Division, Berhampur**

**Government of Odisha, e- Procurement Notice**

**INVITATION FOR BIDS (IFB)**

**Bid Identification No. S.E.Dkl.(R&B) 10/2018-19**

Email Id-sedklpwd@gmail.com

Letter No........ Dt....................

No.890-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | | |
|---|---|---|---|
| 1. | Name of the work | : | Road work |
| 2. | No. of works | : | 1 (One) No. |
| 3. | Estimated Cost | : | Rs.2,70,45,275 |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'B' & 'A' Class |
| 6. | Period of Completion of work | : | 6 (Six) Calendar months |
| 7. | Date and time of availability of bid Document in the website | : | From Dt.26.11.2018 to 16.00 hours of Dt.10.12.2018 |
| 8. | Date of opening of bid | : | Dt.11.12.2018 at 15.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
34132/11/0018/1819 **Dhenkanal (R&B) Circle, Dhenkanal**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**
**OFFICE OF THE NOTIFIED AREA COUNCIL, CHAMPUA**

Mail: **champuanac@gmail.com**, Ph: 06767-240050

ବିଜ୍ଞାପନ ନଂ. ୨୮୧୩/୨୦୧୮ ତାରିଖ: ୨୨।୧୧।୨୦୧୮

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚମ୍ପୁଆ ଜେଲ ସମ୍ମୁଖରେ ନିର୍ମିତ ହେବାକୁ ଥିବା ଉପର ମହଲାରେ ୨୫ଗୋଟି ଦୋକାନ ଗୃହରୁ ବଳକା-୧୮ ଗୋଟି ଦୋକାନଗୃହ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି (ଜେଲରୋଡ଼ଠାରୁ Money Spot ATM ପର୍ଯ୍ୟନ୍ତ ଏବଂ ସେଠାରୁ ରାମମନ୍ଦିର ପର୍ଯ୍ୟନ୍ତ)। ସେମାନେ ଆସନ୍ତା ତା୧୨।୧୨।୨୦୧୮ରିଖ ଅପରାହ୍ନ ଘ୩.୦୦ଣ୍ଟା ସୁଦ୍ଧା ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟଠାରେ ନିର୍ଦ୍ଧାରିତ ଫର୍ମସହ ନିମ୍ନବର୍ଣ୍ଣିତ କାଗଜପତ୍ର ସଂଲଗ୍ନ କରି ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟରେ ବନ୍ଦ ଲଫାପାରେ ଆବେଦନ କରନ୍ତୁ ଓ ଲଫାପା ଉପରେ 'ଦୋକାନ ଗୃହ ପାଇଁ ଦରଖାସ୍ତ' ବୋଲି ଉଲ୍ଲେଖ କରନ୍ତୁ। ଧାର୍ଯ୍ୟତାରିଖ ଓ ସମୟ ପରେ ଆଉ କୌଣସି ବ୍ୟବସାୟୀ କିମ୍ବା ବ୍ୟବସାୟ ପାଇଁ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମ ଟ.୧,୦୦୦/-ଙ୍କା (ଏକହଜାର ଟଙ୍କା ମାତ୍ର) ଦାଖଲ କରି ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟାଳୟଠାରୁ ପାଇପାରିବେ। ଉକ୍ତ ଦରଖାସ୍ତକୁ ଯାଞ୍ଚ କରାଯାଇ ତା୧୨।୧୨।୨୦୧୮ରିଖ ଅପରାହ୍ନ ଘ୪.୦୦ଣ୍ଟା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ କାର୍ଯ୍ୟାଳୟଠାରେ ଲଟେରି ମାଧ୍ୟମରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଆବଣ୍ଟନ କରାଯିବ। ଆବେଦନକାରୀଙ୍କୁ ନିଶ୍ଚିତ ଭାବରେ ଦୋକାନ ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି ଏବଂ ଏଥିନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।

ଯେଉଁ ବ୍ୟବସାୟୀମାନଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯିବ, ସେମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ନିର୍ମିତ ହେବାକୁ ଥିବା ଦୋକାନ ଗୃହଗୁଡ଼ିକୁ ନିର୍ମାଣ ଶେଷ ହେବା ପରେ ଅକ୍ତିଆରକୁ ନେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (Agreement) କର୍ତ୍ତୃପକ୍ଷ ସେମାନଙ୍କ ସହିତ କରିବେ। ସେମାନଙ୍କୁ ଦୋକାନଗୃହ ଦେଇସାରିବା ପରେ କର୍ତ୍ତୃପକ୍ଷ ସେମାନଙ୍କଠାରୁ ମାସିକିଆ ସୂତ୍ରରେ ଧାର୍ଯ୍ୟ ଭଡ଼ା ଆଦାୟ କରିବେ। ଯେଉଁ ବ୍ୟବସାୟୀମାନଙ୍କୁ ଦୋକାନଗୃହ ଆବଣ୍ଟନ କରାଯିବ, ସେମାନେ ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦର ନୀତିନିୟମ ମାନିବାକୁ ବାଧ୍ୟ ହେବେ।

| | | |
|---|---|---|
| ଦରଖାସ୍ତ ଗ୍ରହଣର ଶେଷ ତାରିଖ | : | ୧୨।୧୨।୨୦୧୮ରିଖ ଅପରାହ୍ନ ଘ୩.୦୦ଣ୍ଟା ସମୟରେ |
| ଦରଖାସ୍ତ ଯାଞ୍ଚ କରାଯିବା ତାରିଖ | : | ୧୨।୧୨।୨୦୧୮ରିଖ ଅପରାହ୍ନ ଘ୪.୦୦ଣ୍ଟା ସମୟରେ |
| ଅମାନତ ଟଙ୍କାର ପରିମାଣ (Security Money) | : | ଟ.୧,୫୦,୦୦୦/- (ଏକ ଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) |
| ମାସିକ ଭଡ଼ା | : | ଟ.୬୦୦/- (ଛଅଶହ ଟଙ୍କା ମାତ୍ର) |
| ସ୍ଥାୟୀ ଜମା (୧ବର୍ଷ ପାଇଁ) ଟଙ୍କାର ପରିମାଣ | : | ଟ.୨,୦୦,୦୦୦/- (ଦୁଇଲକ୍ଷ ଟଙ୍କା ମାତ୍ର) |

**ଦରଖାସ୍ତ ସହିତ ଆବଶ୍ୟକୀୟ କାଗଜପତ୍ର:**

୧. ଆବେଦନକାରୀଙ୍କ ଚିହ୍ନଟ ପ୍ରମାଣପତ୍ରର ଅବିକଳ ନକଲ।
୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ଆବେଦନକାରୀ କେବଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆର ବାସିନ୍ଦା ହୋଇଥିବେ)ର ଅବିକଳ ନକଲ।
୩. ଆବେଦନକାରୀଙ୍କ ୨(ଦୁଇ)ଗୋଟି ପାସ୍‌ପୋର୍ଟ ସାଇଜ୍ ଫଟୋ।
୪. ଆବେଦନକାରୀ ନିଜେ କିମ୍ବା ନିଜର କୌଣସି ସମ୍ପର୍କୀୟଙ୍କ ନାମରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ/ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆଠାରୁ ଚମ୍ପୁଆ ବଜାରରେ କୌଣସି ଦୋକାନ ଘର ଭଡ଼ା ସୂତ୍ରରେ ପାଇନଥିବାର ସତ୍ୟପାଠ (Affidavit) ଯାହା Executive Magistrateଙ୍କଠାରୁ ପ୍ରାପ୍ତ ହୋଇଥିବ, ତାହା ଦାଖଲ କରିବା ବାଧ୍ୟତାମୂଳକ ଅଟେ।
୫. ଦରଖାସ୍ତ ଫର୍ମର ଖର୍ଦ୍ଦିର ମୂଳ ରସିଦ୍ (Original Money Receipt)।
୬. ଅମାନତ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ।
୭. ସ୍ଥାୟୀଜମା ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ।

**ବି.ଦ୍ର.:** (୧) ଆବେଦନକାରୀଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ଖାରଜ କରିପାରିବେ।
(୨) (i) ବ୍ୟାଙ୍କ ଡ୍ରାଫ୍ଟ Executive Officer, Champua NAC ସପକ୍ଷରେ ଦାଖଲ କରିବେ।
(ii) ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାରଯୋଗ୍ୟ ନୁହେଁ ଏବଂ ଏହା ସୁଧବିହୀନ ଅଟେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

# କଳିଙ୍ଗରେ ହେବ କଡ଼ା ଟକ୍କର

ଓଡ଼ିଶା ହକି ବିଶେଷଜ୍ଞଙ୍କ ମତ

**ଆଧୁନିକ ହକିର ପରିଭାଷା ବଦଳି ଯାଇଛି। ଏବେ କୌଣସି ଦଳକୁ ହେୟ ମନେ କରି ହେବନି। ଭାରତ ସମେତ ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ ଓ ଆର୍ଜେଣ୍ଟିନା ଉପରେ ମୁଖ୍ୟତଃ ନଜର ରହିବ। ଘରୋଇ ପରିବେଶରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଯିବାର ଦକ୍ଷତା ରଖିଛି। ତେବେ ଏହି ବିଶ୍ୱକପ କୌଣସି ଦଳ ପାଇଁ ସହଜ ହେବନାହିଁ। କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁ ଯାଉଥିବା ବିଶ୍ୱକପରେ କଡ଼ା ଟକ୍କର ହେବ ବୋଲି ଓଡ଼ିଶା ବିଶେଷଜ୍ଞଙ୍କ ମତ।**

ପ୍ରସ୍ତୁତି:ତପନ ସ୍ୱାଇଁ

## ଭାରତୀୟ ଦଳକୁ ଶୁଭେଚ୍ଛା

ହକି ବିଶ୍ୱକପ ସମ୍ପର୍କରେ ପୂର୍ବାନୁମାନ କରିବା ପ୍ରକୃତରେ କଷ୍ଟକର। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଭାଗ ନେଉଛନ୍ତି। ସବୁ ଦଳର ପ୍ରଦର୍ଶନ ସବୁବେଳେ ଭିନ୍ନ ରହିଛି। ଜଣେ ଭାରତୀୟ ଭାବେ ମୋ ଦଳ ସେମିଫାଇନାଲ ଏବଂ ଫାଇନାଲ ଖେଳୁବୋଲି ମୁଁ ନିଶ୍ଚିତ ଚାହିଁବି। ଭାରତୀୟ ଦଳ ଏବଂ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ମୋର ଶୁଭେଚ୍ଛା। ହେଲେ ଏଥିପାଇଁ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଆର୍ଜେଣ୍ଟିନା, ଜର୍ମାନୀ ଏବଂ ନେଦରଲାଣ୍ଡ ପରି ଟପ୍ ଟିମ୍ ଗୁଡ଼ିକ ବିପକ୍ଷରେ ଶ୍ରେଷ୍ଠ ଖେଳ ଦେଖାଇବାକୁ ପଡ଼ିବ। ତେବେ ଏହି ସବୁ ଦଳ ଗୁଡ଼ିକ ସହ ଭାରତ ମଧ୍ୟ ସେମିଫାଇନାଲ ଖେଳି ପାରିବ ବୋଲି ମୋର ଆଶା। ବୀରେନ୍ଦ୍ର ଓ ଅମିତ ହୋମ୍ ଗ୍ରାଉଣ୍ଡଠରେ ଖେଳିବାକୁ ଯାଉଥିବାରୁ ଭାଗ୍ୟବାନ। ଆମେ କେବେ ଜୀବନରେ ନିଜ ପରିବେଶରେ ଖେଳିବା ସୁଯୋଗ ପାଇ ନ ଥିଲୁ। ବିଶ୍ୱର ଏପରି ଏକ ଶ୍ରେଷ୍ଠ ଷ୍ଟାଡିୟମ ଏବଂ ଦର୍ଶକ କୋଳାହଳ ମଧ୍ୟରେ ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ଆମେ ଖେଳିବାବେଳେ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲୁ ଯେ ଓଡ଼ିଶାରେ ହକି ବିଶ୍ୱକପ ହେବ। କିନ୍ତୁ ତାହା ଏବେ ସତରେ ପରିଣତ ହୋଇଛି ଏବଂ ବିଶ୍ୱ ହକି ଜଗତରେ ଏକ ନୂଆ ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏଥିପାଇଁ ସରକାରଙ୍କୁ ପ୍ରଶଂସା କରିବାକୁ ହେବ।

**-ପଦ୍ମଶ୍ରୀ ଦିଲୀପ ତିର୍କୀ, ଭାରତୀୟ ଦଳର ପୂର୍ବତନ ଅଧିନାୟକ**



ଦିଲୀପ ତିର୍କୀ



ସୁନୀତା ଲାକ୍ରା

## ମୋ ପାଇଁ ସ୍ୱପ୍ନ ଭଳି

ଏହା ମୋ ପାଇଁ ଏକ ସ୍ୱପ୍ନ ଭଳି। କାରଣ ମୁଁ ଖେଳିବା ସମୟରେ ଓଡ଼ିଶାରେ ଏଭଳି କିଛି ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ନ ଥିଲା। ଏପରି ଏକ ଟୁର୍ନାମେଣ୍ଟ ଭାରତ ବିଶେଷ କରି ଓଡ଼ିଶାରେ ଆୟୋଜନ ହେବାକୁ ଯାଉଥିବାରୁ ଆମେ ବହୁତ ଖୁସି ଅଛୁ। ଏଥିରେ ଭାରତ ପାଇଁ ନିଶ୍ଚିତ ଭଲ ସୁଯୋଗ ରହିବ। ଆମ ରାଜ୍ୟର ଯୁବ ଖେଳାଳିମାନେ ଅତି ନିକଟରୁ ଏପରି ଏକ ବଡ଼ ଟୁର୍ନାମେଣ୍ଟ ଦେଖି ଅନେକ କିଛି ଶିଖି ପାରିବେ। ୨୦୦୭-୦୮ସିଜନରେ ମୁଁ ଭାରତୀୟ ଦଳର ଅଧିନାୟକ ଥିଲି। ନିଜ ନେତୃତ୍ୱରେ ଭାରତକୁ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବା ମୋ ପାଇଁ ସ୍ମରଣୀୟ ସ୍ମୃତି। ଏହି ବର୍ଷ ଅଲିମ୍ପିକ୍ସ କ୍ୱାଲିଫାୟର ଟୁର୍ନାମେଣ୍ଟରେ ଭାରତ ସଫଳ ହୋଇପାରି ନ ଥିଲେ ହେଁ ଉଭୟ ଟୁର୍ନାମେଣ୍ଟରେ ଅଧିନାୟକ ଦାୟିତ୍ୱକୁ ମନଭରି ଉପଭୋଗ କରିଥିଲି। ହକିରେ ଅଧିନାୟକଙ୍କ ଉପରେ ବିଶେଷ ଚାପ ନ ଥାଏ। ଦଳର ସବୁ ସଦସ୍ୟ ସମସ୍ତଙ୍କୁ ସହଯୋଗ କରିଥାନ୍ତି। ସବୁପିଲାମାନେ ଅଧିନାୟକଙ୍କୁ ସମର୍ଥନ କରିଥାନ୍ତି। ତେଣୁ ନିଜ ଉପରେ କେବେ ଚାପ ଥିବାପରି ଅନୁଭବ କରିନାହିଁ। ଭବିଷ୍ୟତରେ ଏକ ହକି ଏକାଡେମୀ ଗଠନ କରିବା ମୋର ସ୍ୱପ୍ନ ରହିଛି। ଲୋକଲୋଚନକୁ ଆସି ପାରୁ ନ ଥିବା ପିଲାଙ୍କୁ ଏକାଡେମୀ ମାଧ୍ୟମରେ ପରିଚିତ କରାଇବା ମୋର ଉଦ୍ଦେଶ୍ୟ। ସରକାରୀ ସହଯୋଗ ମିଳିଲେ ମୋର ସ୍ୱପ୍ନ ସାର୍ଥକ ହୋଇ ପାରିବ।

-ପ୍ରବୋଧ ତିର୍କୀ, ପୂର୍ବତନ ଭାରତୀୟ ଅଧିନାୟକ



ପ୍ରବୋଧ ତିର୍କୀ



କାଳୁ ଚରଣ ଚୌଧୁରୀ

## ଭଲ ସମର୍ଥନ ମିଳିବ

"ଭାରତୀୟ ହକି ଦଳ ଏବେ ବହୁତ ଭଲ ଖେଳୁଛି। ଗତ ୨ଟି ଟୁର୍ନାମେଣ୍ଟରେ ମଧ୍ୟ ଦଳର ପ୍ରଦର୍ଶନ ଆଶାନୁରୂପ ରହିଥିଲା। ଘରୋଇ ଦର୍ଶକଙ୍କ କୋଳାହଳ ମଧ୍ୟରେ ଖେଳିବାରେ ମଧ୍ୟ ଭିନ୍ନ ଜୋଶ୍ ଥାଏ। ତେଣୁ ଭାରତ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତୁ ବୋଲି ମୋର ଇଚ୍ଛା। ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଏଥିରେ ଭାଗ ନେବାକୁ ଯାଉଥିବାରୁ କୌଣସି ଦଳ ପାଇଁ ସହଜ ହେବନାହିଁ। ୟୁରୋପୀୟ ଦଳ ଗୁଡ଼ିକ ପାଇଁ ମଧ୍ୟ ସୁଯୋଗ ରହିଛି। ମୁକାବିଲା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ମିଳିବାପରେ ମୁଁ ବହୁତ ଖୁସି ଥିଲି। ଦଳର ସବୁ ଖେଳାଳି ମୋତେ ସମର୍ଥନ ଜଣାଇଥିଲେ। ଦଳ ମଧ୍ୟ ସେହି ଟୁର୍ନାମେଣ୍ଟରେ ଭଲ ଖେଳିଥିଲା। ଫଳରେ ବିନା ଚାପରେ ମୁଁ ଅଧିନାୟିକା ଦାୟିତ୍ୱକୁ ମନଭରି ଉପଭୋଗ କରିଥିଲି। କୋଚ୍ ହରେନ୍ଦ୍ର ସିଂ ଏବଂ ଜୋର୍ଡ ମାରିଜନେଙ୍କ ଟେକ୍‌ନିକ ମଧ୍ୟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ। ଫଳରେ ମାରିଜ୍‌ନେ କୋଚ୍ ହେବାପରେ ମଧ୍ୟ କିଛି ଅସୁବିଧା ହୋଇନାହିଁ। ପୂର୍ବରୁ ଯେପରି ଟ୍ରେନିଂ ଚାଲିଥିଲା ଏବେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି। ଏବେ କ୍ୟାମ୍ପ ବାଙ୍ଗାଲୋରରେ ଚାଲିଛି। ଆସନ୍ତାବର୍ଷ ଅଲିମ୍ପିକ୍ସ କ୍ୱାଲିଫାୟର ଟୁର୍ନାମେଣ୍ଟରୁ ଆମର ଅଭିଯାନ ଆରମ୍ଭ ହେବ"।

**-ସୁନୀତା ଲାକ୍ରା, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା**

## ଓଡ଼ିଶା ପାଇଁ ସମ୍ମାନର କଥା

ମୁଖ୍ୟତଃ ୬ଟି ଦଳ ମଧ୍ୟରେ କଡ଼ା ମୁକାବିଲା ହେବ। ତାହା ହେଲା ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ, ଭାରତ ଓ ଆର୍ଜେଣ୍ଟିନା। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ହୋଇଗଲେ କାହାର ଦକ୍ଷତା କେତେ ସ୍ପଷ୍ଟ ଜଣା ପଡ଼ିଯିବ। ତେଣୁ ଏବେ ଏହି ୬ଟି ଦଳ ମଧ୍ୟରୁ କାହାକୁ କମ୍ କହି ହେବନି। ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ସରକାର ସବୁକିଛି ବ୍ୟବସ୍ଥା କରିଛନ୍ତି। ପିଲାମାନଙ୍କ ରହିବା, ଖାଇବା, ଖେଳିବା ଆଦିରେ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ସ୍ୱତନ୍ତ୍ରଭାବେ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ଏହା ହେଉଛି ଓଡ଼ିଶା ଏବଂ ଭୁବନେଶ୍ୱରର ସମ୍ମାନର କଥା। ତେଣୁ ଖେଳାଳି, ଅଫିସିଆଲ ଏବଂ ଦର୍ଶକଙ୍କୁ ଯେତେ ପରିମାଣରେ ସୁବିଧା ସୁଯୋଗ ଦେଇ ହେବ ତା' ଉପରେ ଗୁରୁତ୍ୱାରୋପ କରୁଛୁ। ଆମର ପୂର୍ବରୁ ବ୍ୟକ୍ତିଗତଭାବେ ଖେଳାଳି ବଲ୍ ନେଇ ଆଗକୁ ବଢୁଥିଲେ, ଯେଉଁଥିପାଇଁ ସମସ୍ୟା ହେଉଥିଲା। ମାତ୍ର ଏବେ ପୂରା ଟିମ୍ ଆକ୍ରମଣାତ୍ମକ ପନ୍ଥା ଆପଣାଉଛି ଏବଂ ଆବଶ୍ୟକସ୍ଥଳେ ଡିଫେନ୍ସରେ ଖେଳୁଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଆମର ମୁଖ୍ୟ ସମସ୍ୟା ଥିଲା । ଏବେ ସେହି ସମସ୍ୟା ସୁଧୁରିଛି। ଏଥି ସହିତ ପ୍ରତିପକ୍ଷ ଦଳକୁ କିପରି ପେନାଲ୍ଟି କର୍ନର ସୁଯୋଗ ଦିଆ ନ ଯିବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। **-କାଳୁ ଚରଣ ଚୌଧୁରୀ, ବିଶିଷ୍ଟ ହକି କୋଚ**



ହକି ବିଶ୍ୱକପ ଉଦ୍‌ଘାଟନୀ ସମାରୋହ ପାଇଁ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଜ୍ ରିହର୍ସାଲ।



ଅଶୋକ ମହାନ୍ତି

## ଶେଷ ମୁହୂର୍ତ୍ତ ଉପରେ ଫୋକସ ଆବଶ୍ୟକ

ଚାମ୍ପିୟନ୍ସ ଟ୍ରଫି ପରେ ବର୍ଷେ ହେବ ଭାରତ କୌଣସି ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଟିମ୍ ସହିତ ଖେଳିନାହିଁ। ଭାରତ ଏବେ ୫ମ ର୍ୟାଙ୍କିଙ୍ଗରେ ଥିବାବେଳେ ଉପର ୪ ର୍ୟାଙ୍କ ଦଳ ସହିତ ବିଶେଷ ମୁକାବିଲା ହୋଇନାହିଁ। ତେଣୁ ପ୍ରକୃତରେ ୟୁରୋପିଆନ ଦଳ ଗୁଡ଼ିକ ବିପକ୍ଷରେ ଆମର କ'ଣ ଶକ୍ତି ତାହା ପରୀକ୍ଷା ହୋଇନାହିଁ। ବିଶ୍ୱକପ ୱାର୍ମଅପ୍ ମ୍ୟାଚରେ ଆମେ ଆର୍ଜେଣ୍ଟିନାକୁ ୫-୦ରେ ହରାଇଛୁ ସତ, ମାତ୍ର ଏହାକୁ ନେଇ ଉଲ୍ଲସିତ ହେବାରେ କିଛି ନାହିଁ। କାରଣ ଅଭ୍ୟାସ ମ୍ୟାଚ ଓ ପ୍ରକୃତ ମ୍ୟାଚ ମଧ୍ୟରେ ଅନେକ ଫରକ ରହିଥାଏ। ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଭାରତ ୮-୧ ଗୋଲରେ ଜର୍ମାନୀକୁ ହରାଇଥିଲା। ମାତ୍ର ଏହା ପୂର୍ବରୁ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ତେଣୁ ଆମେ ଏଥିରେ ଆର୍ଜେଣ୍ଟିନାକୁ ହରାଇଲୁ ବୋଲି ଆଗକୁ ମଧ୍ୟ ହରାଇ ପାରିବୁ ବୋଲି କିଛି ମାନେ ନାହିଁ। ତେବେ ଦଳରେ ସନ୍ତୁଳନ ରହିଥିବା ଏଥିରୁ ସ୍ପଷ୍ଟ ହୋଇଗଲା, ଯାହାକି ସବୁଠାରୁ ବଡ଼ କଥା। ଗତ ୨-୩ ବର୍ଷରେ ଆମେ ଯେତେ ବଡ଼ ଟୁର୍ନାମେଣ୍ଟରେ ହାରିଛୁ ସବୁଥିରେ ଶେଷ ୨-୩ ମିନିଟରେ ହିଁ ଫଳାଫଳ ଓଲଟିଛି। ଶେଷ ମୁହୂର୍ତ୍ତ ଗୋଲ ବରଣ ଭାରତକୁ ସବୁବେଳେ ଅସୁବିଧାରେ ପକାଇଛି। ତେଣୁ ଶେଷ ୨ କିମ୍ବା ୧ ମିନିଟ ଉପରେ ଆମକୁ ଅଧିକ ଫୋକସ କରିବାକୁ ପଡ଼ିବ। ବାଲାନ୍ସ ଦଳ ଥିବାରୁ ଭାରତ ସେମିଫାଇନାଲରେ ପ୍ରବେଶ କରିବା ଆଶା ରହିଛି। ଗ୍ରୁପ ପର୍ଯ୍ୟାୟରେ ବେଲଜିୟମ ବ୍ୟତୀତ ଅନ୍ୟ କୌଣସି ଦଳ ଭାରତକୁ ଚ୍ୟାଲେଞ୍ଜ ଦେଇପାରିବା ଜଣା ପଡୁନାହିଁ। ଏପର୍ଯ୍ୟନ୍ତ ୧୩ଟି ବିଶ୍ୱକପ ହୋଇଥିଲେ ହେଁ ୫ଟି ଦଳ ମଧ୍ୟରେ ଟାଇଟଲ ସୀମିତ ରହିଛି। ସେମାନେ ହେଲେ ପାକିସ୍ତାନ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଜର୍ମାନୀ ଓ ଭାରତ। ତେଣୁ ଆଗାମୀ ବିଶ୍ୱକପରେ ଭାରତ ଛଡ଼ା ଅଷ୍ଟ୍ରେଲିଆ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ବେଲଜିୟମର ପଲା ଭାରି ରହିବ। ଡାର୍କହର୍ସ ଭାବେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଉଭାହେବ। ଏଥର ନିମ୍ନ ର୍ୟାଙ୍କପ୍ରାପ୍ତ ଦଳ ବିପର୍ଯ୍ୟୟ ସୃଷ୍ଟି କରିପାରିବାଭଳି ଲାଗୁନାହିଁ। ଇଂଲଣ୍ଡ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ ଦକ୍ଷତା ରଖିଛି।

**-ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ଅଧିକାରୀ**

## ବିଶ୍ୱ ମାନଚିତ୍ରରେ ଭୁବନେଶ୍ୱରକୁ ସ୍ୱତନ୍ତ୍ର ସ୍ଥାନ ମିଳିପାରିଛି

ବିଶ୍ୱକପ ଖେଳିବାକୁ ଆସିଥିବାରୁ ୧୬ଟି ଯାକ ଦଳ ଭଲଭାବେ ପ୍ରସ୍ତୁତ ହୋଇ ଆସିଛନ୍ତି। କୌଣସି ଦଳ କେବେହେଲେ ଲୁଜ୍ କରିବାକୁ ଚାହିଁବେନି। ବିଶ୍ୱକପରେ ପ୍ରତିଦ୍ୱନ୍ଦ୍ୱିତା ବହୁତ ଭଲ ହୁଏ। ଏଥର ମଧ୍ୟ ତାହାର ପୁନରାବୃତ୍ତି ହେବ। ଆଧୁନିକ ହକିରେ କେହି କାହାରିଠାରୁ କମ୍ ନୁହନ୍ତି। ତେଣୁ ସବୁ ଦଳ କଡ଼ା ଚ୍ୟାଲେଞ୍ଜ ଦେବେ ଏବଂ ଜିତିବାକୁ ଚେଷ୍ଟା କରିବେ। ଭାରତୀୟ ଦଳ ବେଶ୍ ସନ୍ତୁଳିତ, ତେଣୁ ଦଳ ପାଇଁ ଭଲ ସୁଯୋଗ ମଧ୍ୟ ରହିବ। ପ୍ରାୟ ସମସ୍ତେ ଫିଟ୍ ଅଛନ୍ତି। ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଆମେ ସମସ୍ତେ ଭାବୁଥିଲୁ, ମାତ୍ର ତାହା ହୋଇପାରି ନ ଥିଲା। ଏହା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଏଥିରୁ ପିଲାମାନେ ଅନେକ କିଛି ଶିଖିଛନ୍ତି। ଟ୍ରେନିଂରେ ପିଲାମାନେ କଠିନ ପରିଶ୍ରମ କରୁଛନ୍ତି। ଆମ ସମୟର ଖେଳ ଏବଂ ବର୍ତ୍ତମାନ ସମୟର ଖେଳ ମଧ୍ୟରେ ଅନେକ ଫରକ ଆସିଛି। ସେତେବେଳେ ଖେଳିବାବେଳେ ଫରୱାର୍ଡମାନଙ୍କୁ ବେଶି ରିଟ୍ୟାକ୍‌ଲ କରାଯାଉ ନ ଥିଲା। ଆଗରୁ ଡିଫେଣ୍ଡରମାନେ ବଲ୍ ଛଡ଼ାଇ ଫରୱାର୍ଡଙ୍କୁ ପାସ୍ ଦେବେ ଫରୱାର୍ଡମାନେ ଗୋଲ ଦେବେ। ତେଣୁ ଆମେ ସେତେବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲୁ। କାରଣ ଫରୱାର୍ଡଙ୍କଠାରୁ ସପୋର୍ଟ ପାଉ ନ ଥିଲୁ। ଏବେ କିନ୍ତୁ ଟୋଟାଲ ହକି ବା ମଡର୍ନ କହି ଖେଳାଯାଉଛି। ଏଠି ଫରୱାର୍ଡ ହେଉ କି ଡିଫେଣ୍ଡର ବଲ୍ ଯେଉଁଠି ଅଛି ସେଠାରୁ ଡିଫେଣ୍ଡ କରିବା ଷ୍ଟାର୍ଟ ହେଉଛି। ପୂର୍ବରୁ ୟୁରୋପିଆନ ଦେଶମାନେ ଏହି ରଣନୀତିରେ ଖେଳୁଥିଲେ। ଆମେ ଏହି ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ପ୍ରଦର୍ଶନରେ ଉନ୍ନତି ହୋଇଛି। ଏବେ ଯେହେତୁ ଡିଫେଣ୍ଡର ଫରୱାର୍ଡଙ୍କୁ ଏବଂ ଫରୱାର୍ଡ ଡିଫେଣ୍ଡରଙ୍କୁ ସମର୍ଥନ କରୁଛନ୍ତି ଦଳ ଭଲ ପ୍ରଦର୍ଶନ କରୁଛି। ଅଷ୍ଟ୍ରେଲିଆ ପରି ଦଳକୁ ଚ୍ୟାଲେଞ୍ଜ କରିବାକୁ ହେଲେ କର ଅବା ମର ସ୍ଥିତିରେ ଖେଳିବାକୁ ପଡ଼ିବ। ବୀରେନ୍ଦ୍ର ଲାକ୍ରା ଏବେ ଭାରତୀୟ ଦଳର ସବୁଠାରୁ ସିନିୟର ଏବଂ ଭଲ ଡିଫେଣ୍ଡର। ତାଙ୍କ ଉପରେ ନିଶ୍ଚିତ ଅଧିକ ଭାର ରହିବ। ଓଡ଼ିଶାରେ ଏପରି ଏକ ଇଭେଣ୍ଟ ହେବ ବୋଲି ଆମେ କେବେ ସ୍ୱପ୍ନରେ ଭାବି ନ ଥିଲୁ। ମାତ୍ର ଏବେ ସ୍ୱପ୍ନ ସତ ପରି କଥା ହେଲା। ରାଜ୍ୟ ସରକାର ହକିକୁ ସପୋର୍ଟ କରୁଛନ୍ତି। ହକି ପାଇଁ ଭୁବନେଶ୍ୱର ଏବେ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି।



ଲାଜରୁସ ବାର୍ଲା

**-ଲାଜରୁସ ବାର୍ଲା, ଅଲିମ୍ପିଆନ ହକି ତାରକା**

## ସଂକ୍ଷେପରେ

### ସି.କେ. ନାଇଡୁ ଟ୍ରଫି: ଓଡ଼ିଶା ପରାସ୍ତ

କଟକ ଅଫିସ,୨୫।୧୧: ନାଗପୁରରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ସି.କେ ନାଇଡୁ ଟ୍ରଫିରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦର୍ଭଠାରୁ ଇନିଂସ ଓ ୩୨ରନ୍‌ରେ ପରାସ୍ତ ହୋଇଛି । ବିଦର୍ଭର ପ୍ରଥମ ଇନିଂସ୍ ୪୧୫ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୨୮ରନରେ ଅଲଆଉଟ ହେବା ସହ ଫଲୋଅନ ପାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିଲା। ତେବେ ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ମାତ୍ର ୧୫୫ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା ।

### ସାହାଣୀ କପ୍: କଟକ-ସୁନ୍ଦରଗଡ଼ ଫାଇନାଲ

କଟକ ଅଫିସ,୨୫।୧୧: ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ସୁନ୍ଦରଗଡ଼ ପେନାଲ୍ଟି କିକ୍ ଜରିଆରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ପ୍ରଥମ ସେମିରେ ଢ଼େଙ୍କାନାଳକୁ ୪-୨ ଗୋଲରେ ହରାଇ ଫାଇନାଲରେ କଟକ ପ୍ରବେଶ କରିଥିଲା । ମଙ୍ଗଳବାର କଟକ-ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସୁନ୍ଦରଗଡ଼ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଥିଲା । ସମ୍ବଲପୁର ପକ୍ଷରୁ ରାଜୁ ଓରାମ ୪୫ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧର ୮୯ତମ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ କିଶୋର ଖାଡ଼ିଆ ଏକ ଗୋଲ ଦେଇ ସ୍କୋର ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପରେ ପେନାଲ୍ଟି କିକ ଜରିଆରେ ଫଳାଫଳ ନିର୍ଦ୍ଧାରଣ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ୬-୫ ଗୋଲରେ ବିଜୟୀ ହୋଇଛି ।

> ସିନିୟର ମହିଳା କ୍ରିକେଟର ମିଥାଲି ରାଜଙ୍କ ଭଳି ମୁଁ ମଧ୍ୟ ଏକଦା ଭଲ ଫର୍ମରେ ଥାଇ ସୁଦ୍ଧା ଭାରତୀୟ କ୍ରିକେଟ ଦଳରୁ ବାଦ୍ ପଡ଼ିଥିଲି।
>
> -ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ



> ସର୍ଫରାଜ ଅହମ୍ମଦ ଯଦି ପାକିସ୍ତାନ କ୍ରିକେଟ ଦଳର ଗୋଟିଏ ଫର୍ମାଟର ଅଧିନାୟକ ରୁହନ୍ତି ତେବେ ତାଙ୍କ ଉପରୁ ଚାପ ହ୍ରାସ ପାଇବ।
>
> -ଜାହିର ଆବାସ, ପୂର୍ବତନ ପାକିସ୍ତାନ କ୍ରିକେଟର



### ହକି ବିଶ୍ୱକପ: ଜର୍ମାନୀ, ଆୟର୍ଲାଣ୍ଡ ଦଳ ପହଞ୍ଚିଲା

# 'କୌଣସି ଦଳ ଫେଭରାଇଟ ନୁହେଁ'

ଭୁବନେଶ୍ୱର, ୨୫।୧୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି ଟାଇଟଲ ଦାବିଦାର ଜର୍ମାନୀ ଓ ଯୁବ ଦଳ ଆୟର୍ଲାଣ୍ଡ। ୨୦୧୪ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନକୁ ହରାଇ ଜର୍ମାନୀ ଚାମ୍ପିୟନ ହୋଇଥିଲା। ତେଣୁ କଳିଙ୍ଗ ଷ୍ଟାଡିୟମରେ ସେହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି ଜର୍ମାନୀ। ଗତବର୍ଷ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଦଳ ଭାରତଠାରୁ ହାରି ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ ହେଁ ଏଥର ଉନ୍ନତ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ। '' ଆମେ ପୁଣି ଭୁବନେଶ୍ୱର ଆସିଥିବାରୁ ଖୁସି ଅନୁଭବ ହେଉଛି। ଆମେ ଏଠାରେ ଅନେକ ମ୍ୟାଚ ଖେଳିଛୁ, ଏଠାକାର ଦର୍ଶକ ବହୁତ ଭଲ। ଆମର ପ୍ରସ୍ତୁତି ଭଲ ରହିଛି। କିଛିଟା କ୍ଳାନ୍ତ ଅନୁଭବ ହେଉଥିଲେ ହେଁ ଆମେ ଯଥାଶିଘ୍ର ଅଭ୍ୟାସ ଆରମ୍ଭ କରିବୁ'' ବୋଲି କହିଛନ୍ତି ଜର୍ମାନୀ ଅଧିନାୟକ ଫ୍ଲୋରିଆନ ଫୁଚ୍ସ। ଆଗାମୀ ବିଶ୍ୱକପ ସବୁ ଦଳପାଇଁ କଷ୍ଟସାଧ୍ୟ ହେବ। କୌଣସି ଗୋଟିଏ ଦଳକୁ ଫେଭରାଇଟ କୁହା ଯାଇ ପାରିବନାହିଁ। ଆମେ ଏଠାକୁ କିଛି ପାଇବା ଆଶାରେ ଆସିଛୁ ଏବଂ ଏଥିପାଇଁ ଆମ ଦଳର ଦକ୍ଷତା ମଧ୍ୟ ଅଛି। ପ୍ରତି ମ୍ୟାଚ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବା ଆଶା ବୋଲି ସେ କହିଛନ୍ତି। ଜର୍ମାନୀ ପୁଲ୍ 'ଡି'ରେ ପାକିସ୍ତାନ, ମାଲେସିଆ ଓ ନେଦରଲାଣ୍ଡ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ପାକିସ୍ତାନ ବିପକ୍ଷ ମ୍ୟାଚରୁ ଏହି ଦଳ ଅଭିଯାନ ଆରମ୍ଭ କରିବ।

ଆୟର୍ଲାଣ୍ଡ ଅଧିନାୟକ ଡେଭିଡ୍ ହାର୍ଟ ମଧ୍ୟ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ। ''ଆମ ଦଳରେ ଅନେକ ସିନିୟର ଖେଳାଳି ଅଛନ୍ତି, କିଛି ଜୁନିୟର ପିଲାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଅନେକ ଖେଳାଳି ଭାରତୀୟ ପରିବେଶ ସମ୍ପର୍କରେ ଜାଣି ନାହାନ୍ତି। ତେଣୁ ସମସ୍ତେ ଭୁବନେଶ୍ୱରରେ ଖେଳିବାପାଇଁ ବ୍ୟଗ୍ର ଅଛନ୍ତି'' ବୋଲି ହାର୍ଟ ପ୍ରକାଶ କରିଛନ୍ତି। ଆୟର୍ଲାଣ୍ଡ ପୁଲ୍ 'ବି'ରେ ଚାମ୍ପିୟନ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନବାଗତ ଚାଇନା ସହିତ ସ୍ଥାନ ପାଇଛି। ନଭେମ୍ବର ୩୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳି ଏହି ଦଳ ଅଭିଯାନ ଆରମ୍ଭ କରିବ। କାନାଡ଼ା ଦଳ ମଧ୍ୟ ଭୁବନେଶ୍ୱରରେ ପହଞ୍ଚି ସାରିଛି। ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ।



ଭୁବନେଶ୍ୱରରେ ପହଞ୍ଚିବା ପରେ ଆୟର୍ଲାଣ୍ଡ ଦଳର ଖେଳାଳିମାନେ ।

### ହାମିଲଟନଙ୍କୁ ଆବୁଧାବି ଗ୍ରାଁପ୍ରି ଟାଇଟଲ

ଆବୁଧାବି, ୨୫।୧୧

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଆବୁଧାବିଠାରେ ଆଉ ଏକ ପ୍ରଭାବୀ ବିଜୟ ସହ ତାଙ୍କ ଫର୍ମୁଲା ୱାନ ଗ୍ରାଁ ପ୍ରି ସିଜନ ୨୦୧୮ ଶେଷ କରିଛନ୍ତି। ଏହା ଥିଲା ଚଳିତ ସିଜନରେ ତାଙ୍କର ୧୧ ଟାଇଟଲ। ରବିବାର ଅନୁଷ୍ଠିତ ଏହି ମୋଟର ରେସ୍‌ର ଆରମ୍ଭରେ ଟିମ୍‌ମେଟ୍ ଭାଲଟେରି ବୋଟାସ ତାଙ୍କୁ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଶେଷରେ ଫେରାରିଙ୍କ ସେବାଷ୍ଟିଆନ ଭେଟେଲଙ୍କୁ ୪ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଡ୍‌ବୁଲ୍‌ର ଦୁଇ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଓ ଡାନିଏଲ ରିକାର୍ଡୋ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ହୋଇଥିବାବେଳେ ବୋଟାସ ପଞ୍ଚମ ହୋଇଥିଲେ। ସେହିପରି କାର୍ଲୋସ ସେଞ୍ଜ ଜୁନିୟର (ରେନଲ୍ଟ), ଚାର୍ଲସ ଲକ୍‌ଲେରକ୍ (ସୌବେର) ଏବଂ ସର୍ଗିଓ ପେରେଜ (ଫୋର୍ସ ଇଣ୍ଡିଆ) ଯଥାକ୍ରମେ ୬ଷ୍ଠ, ୭ମ ଓ ୮ମ ହୋଇଥିଲେ। ହାସ୍‌ର ଦୁଇ ଡ୍ରାଇଭର ରୋମେନ୍ ଗ୍ରୋସ୍‌ଜେଁ ଓ କେଭିନ ମାଗ୍ନସେନ ୯ମ ଓ ୧୦ମ ସ୍ଥାନରେ ରହିଥିଲେ।

## ଅଷ୍ଟ୍ରେଲିଆ ଚାମ୍ପିୟନ

ନର୍ଥ ସାଉଣ୍ଡ(ଆଣ୍ଟିଗୁଆ),୨୫।୧୧

**ମହିଳା ଟି୨୦ ବିଶ୍ୱକପ୍**

ଏଠାରେ ଚାଲିଥିବ ମହିଳା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଇଂଲଣ୍ଡକୁ ୮ ଉଇକେଟରେ ହରାଇ ଅଷ୍ଟ୍ରେଲିଆ ଦଳ ୪ର୍ଥ ଥର ଲାଗି ବିଶ୍ୱକପ୍ ଜିତିଛି। ଏଥିପୂର୍ବରୁ ୨୦୧୦, ୨୦୧୨ ଓ ୨୦୧୪ରେ ଦଳ ବିଶ୍ୱକପ୍ ଜିତିଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଦଳ ୧୦୫ ରନ୍‌ରେ ସୀମିତ ରହିଥିଲା। ଡାନିଏଲେ ୱାଟଙ୍କ ୪୩ ଓ ଅଧିନାୟିକା ହେଥର ନାଇଟ ୨୫ରନ୍ କରିଥିଲେ। ଏହାପରେ ମେଗ ଲାନିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ୨୯ ବଲ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଗାର୍ଡନର ୩୩ ଓ ଅଧିନାୟିକା ଲେନିଂ ୨୮* ରନ୍ କରିଥିଲେ। ବିଜୟୀ ଦଳର ଅଲରାଉଣ୍ଡର ଗାର୍ଡନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଆଲିସା ହେଲିଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ବିବେଚିତ କରାଯାଇଛି।

### ଓଡ଼ିଆ ଖେଳାଳି ପ୍ରମୋଦଙ୍କୁ ଦୁଇ ପଦକ

କଟକ ଅଫିସ, ୨୫।୧୧

ଅଷ୍ଟ୍ରେଲିଆର ଭିକ୍ଟୋରିଆ ସହରରେ ଚାଲିଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଓଡ଼ିଆ ତାରକା ଖେଳାଳି ପ୍ରମୋଦ ଭଗତ ପୁନର୍ବାର ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଅଷ୍ଟ୍ରେଲିଆର ଟୁର୍ନାମେଣ୍ଟରେ ସେ ଡବଲ ପଦକ ସଫଳତା ପାଇଛନ୍ତି। ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଡବଲ୍ସ ବିଭାଗରେ ସେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସିଙ୍ଗଲ୍ସ ବିଭାଗରେ ପ୍ରମୋଦଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଇଣ୍ଡୋନେସିଆର ଉକୁନ ରୁକାଣ୍ଡି। ଉକୁନ୍‌ଙ୍କୁ ସେ ୨୧-୧୬, ୨୧-୧୮ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ଅନ୍ୟପକ୍ଷରେ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ଅନ୍ୟତମ ଖେଳାଳି ସୁକାନ୍ତ କଦମଙ୍କ ଯୋଡ଼ି ଇଣ୍ଡୋନେସିଆର ଫେଡ୍ରି ସତ୍ୟବାନ-ଡୁୟୋକୋଙ୍କ ଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପ୍ରମୋଦଙ୍କ ଘର ବରଗଡ଼ ଅତାବିରା ଅଞ୍ଚଳରେ।

### ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ରବିବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଚ୍‌ରେ ୮୬ଜଣ ଛାତ୍ରୀ ଗତ ୧୯ରୁ ଆତ୍ମରକ୍ଷା କୌଶଳ 'ରିଆକ୍ଟ' ପ୍ରଶିକ୍ଷଣ ନେଉଥିଲେ। ଆଗାମୀ ଦିନରେ ଏହି ମାଷ୍ଟର ଟ୍ରେନରମାନେ ଯୁକ୍ତ ୨ ଛାତ୍ରୀମାନଙ୍କୁ ନିଜ ନିଜ କଲେଜରେ ଏହି ଶିକ୍ଷା ପ୍ରଦାନ କରିବେ। ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା ପ୍ରଦାନ କରାଯାଉଥିଲା।




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନେ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ପାଠକ, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ମାନସ କୁମାର ଷଡ଼ଙ୍ଗୀ
ଗୋଷ୍ଠୀ ସମ୍ବଳ ଶିକ୍ଷକ
ଦାରିଙ୍ଗବାଡ଼ି, କନ୍ଧମାଳ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ପ୍ରକୃତିର ଭୂସ୍ୱର୍ଗ ଦାରିଙ୍ଗବାଡ଼ିକୁ ଆପଣଙ୍କୁ ସ୍ୱାଗତ

HOTEL GOURA
CELL: 8917574194, 9437948194
LODGING & BOARDING: Teeni Chhaka, Daringbadi, Kandhamal

ଧରିତ୍ରୀର ୪୫ତମ ବାର୍ଷିକ ଉତ୍ସବ ଅବସରରେ ସମସ୍ତ ଧରିତ୍ରୀ ଶୁଭେଚ୍ଛୁଙ୍କୁ ଶୁଭେଚ୍ଛା ।
ବିଦୁସ୍ମିତା ସାହୁ
ମ.ରାମପୁର, କଳାହାଣ୍ଡି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ପାଠକ, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ପ୍ରଶାନ୍ତ କୁମାର ସାହୁ
ବିଏଡ୍ ଶିକ୍ଷକ ସଂଘ, ବ୍ଲକ୍ ସଭାପତି
ଦାରିଙ୍ଗବାଡ଼ି, ଜିଲ୍ଲା- କନ୍ଧମାଳ

ମାଁ ତାରିଣୀ ମହିଳା ସଞ୍ଚୟ ସମିତି, ଗଣ୍ଡପଦର, ମ.ରାମପୁର, ଜି.- କଳାହାଣ୍ଡି ତରଫରୁ ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ନିମନ୍ତେ ଅଭିନନ୍ଦନ ଜ୍ଞାପନ କରୁଛୁ।


ଧରିତ୍ରୀର ୪୫ତମ ବାର୍ଷିକ ଉତ୍ସବ ଅବସରରେ ସମସ୍ତ ଧରିତ୍ରୀ ଶୁଭେଚ୍ଛୁଙ୍କୁ ଶୁଭେଚ୍ଛା ।
ବିବେକାନନ୍ଦ ବେହେରା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଅଲେଖ ଗରଡ଼ିଆ
ଆଇ.ଆଇ.ସି., ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ

ADMISSION NOTICE FOR THE SESSION 2019-20
ST. XAVIER'S HIGH SCHOOL®
(A Unit of St. Xavier's Group of Schools)
ST. XAVIER'S HIGH SCHOOL (ICSE) Classes : Mont. I, II, III & Std. I to X, XI SCIENCE, COMMERCE, Club House Gate, Gallery No.-2, Barabati Stadium, Cuttack - 1, Ph. : 0671-2302215, Mob. : 08895613717
ST. XAVIER'S HIGH SCHOOL (CBSE) Classes Mont. I, II, III & Std. I to VIII, Gallery No. 4 & 5, Barabati Stadium, Cuttack-753001, Ph: 0671-2303578, 2304678
ST. XAVIER'S HIGH SCHOOL (CBSE) Classes Mont. I, II, III & Std. I to X, Mahima Nagar, Pota Pokhari, Naya Bazar, Cuttack-753004,Odisha, Ph.:0671-2445951
ST. XAVIER'S HIGH SCHOOL (CBSE) Classes Mont. I, II, III & Std. I to VI, Near APEX Diagnostic Center, Jobra Road, College Square, Cuttack-753003, Ph : 8658572363, 9439447200, 7205602390
ST. XAVIER'S HIGH SCHOOL (CBSE) Classes Mont. I, II, III & Std. I to VIII, Plot No. 455/4791, Patia, Bhubaneswar-31 (Odisha), Phone : 0674-2116868, 8895613709/12
ST. XAVIER'S HIGH SCHOOL (CBSE) Classes Mont. I, II, III & Std. I to VIII, Rajabati Nagar, Near G. S. College, Athagarh, Ph: 8895613713, 8280056099
★ As per RTE Norms 25%of seats in Std-I are reserved for students of socially and economically backward and weaker section.
ST. XAVIER'S PURPLE TURTLE INT. DEVELOPING LITTLE LEADERS
NOW AT CHANDI CHHAK
Classes Mont. I, II, III
Plot no- 344, Cantonment Road, Near CHANDI CHHAK, Cuttack- 753001, Odisha. Ph - 7978851402, 9439447200
Our Centres :
➤ Purple Turtle Int. Plot No. 1133, Mahanadivihar, Cuttack-753004, Ph. : 7653097301, 7327880402
➤ Purple Turtle Int. Plot No.- 4C/1424, Near Jugal Kishore Park, Sec.-9, CDA, Cuttack-14, Ph. : 7653097301/302
CDC CHILD DEVELOPMENT CENTRE
CDC Registration started from 14th November 2018
www.stxavierschools.org ▪ www.stxaviershighschool.org

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଶ୍ରୀଯୁକ୍ତ ରଞ୍ଜିତ କୁମାର ମିଶ୍ର
ସି.ଆର୍.ସି.ସି., ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ

'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜଗତ୍‌ସିଂହପୁର ଜିଲ୍ଲାର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।

ସତ୍ୟବ୍ରତ ମହାପାତ୍ର
ଜିଲ୍ଲା ସଭାପତି
ଭାରତୀୟ ଜନତା ପାର୍ଟି
ଜଗତ୍‌ସିଂହପୁର

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଜଗତ୍‌ସିଂହପୁର ଜିଲ୍ଲାର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଚିରଞ୍ଜୀବ ବିଶ୍ୱାଳ
ବିଧାୟକ
ଜଗତ୍‌ସିଂହପୁର

ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକୀ ତଥା ଧରିତ୍ରୀ ଖବରକାଗଜ ପରିବାରର ସମସ୍ତ ସଦସ୍ୟଙ୍କ ଚଲାପଥ କୁସୁମିତ ହେଉ ବୋଲି ଶୁଭେଚ୍ଛା।
ଶୁଭେଚ୍ଛା ସହିତ
କଲ୍ୟାଣୀ ମାଝୀ, ପୁଅ- ଦୀପକ, ଘନ ଓ ପରିବାର ବର୍ଗ, ଗ୍ରାମ: ବ୍ରାହ୍ମଣୀ
(ଆରଓଏମ୍)

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ପ୍ରକୃତିର ଭୂସ୍ୱର୍ଗ ଦାରିଙ୍ଗବାଡ଼ିକୁ ଆପଣଙ୍କୁ ସ୍ୱାଗତ
CELL: 7978223475 9438052336

HHT- HOTEL HILL TOP
Daringibadi, Kandhamal, Near Electric Office, Baliguda Road

GOPABANDHU CHOUDHURY COLLEGE
RAMACHANDRAPUR, JAJPUR - 755003
NAAC ACCREDIATED - GRADE 'B'
ଧରିତ୍ରୀର ୪୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପକ୍ଷରୁ 'ଧରିତ୍ରୀ'ର ଉତ୍ତରୋତ୍ତର କାମନା କରୁଛୁ।
ଅଧ୍ୟାପିକା/ଅଧ୍ୟକ୍ଷ/ଅଧ୍ୟାପକ /କର୍ମଚାରୀ/ଛାତ୍ରୀଛାତ୍ର ଏହି ଦିବସରେ ଶୁଭେଚ୍ଛା ଓ କୃତଜ୍ଞତା ଜଣାଉଛୁ।

Narayan Prasad Jena
Principal

BALASORE ALLOYS LIMITED
(Formerly known as Ispat Alloys Limited)
A Leading Manufacturer of Ferro Alloys Products
One Team One Dream
ISPAT

We are committed for a clean and green environment
OFFICE: "PARK PLAZA" 71, PARK STREET, (1ST FLOOR), KOLKATA 700016, INDIA, Tel. 0091-33-2229-2716/3716, Fax: 0091-33-2229-2278/3716, e-mail : mail@balasorealloys.com
Regd. Office & Works: BALGOPALPUR, BALASORE 756020, ORISSA, INDIA, Tel: (06782) 275781-85, Fax: (06782) 275724/837, Web : www.balasorealloys.com
**Ferro Chrome
*Ferro Chrome Tailings
A Govt. of India recognised Trading House

ଧରିତ୍ରୀର ୨୦୧୮ ବର୍ଷରେ ୪୫ବର୍ଷ ବାର୍ଷିକ ଉତ୍ସବ ପାଳନ ଅବସରରେ ଅଭିନନ୍ଦନ ଓ ଧରିତ୍ରୀର ଉତ୍ତରୋତ୍ତର ଶୁଭ କାମନା ସହିତ:
ପ୍ରଭାତୀ ମାଝୀ, ପୁତ୍ର: ପ୍ରଦୀପ ମାଝୀ ଓ ପରିବାରବର୍ଗ, ଗ୍ରାମ: ଲକ୍ଷ୍ମୀପୁର
(ଆରଓଏନ୍)

## ■ କୋହଲି, କ୍ରୁନାଲଙ୍କ କମାଲ

# ସିରିଜ ଡ୍ର' ରଖିଲା ଭାରତ

ସିଡ୍‌ନୀ, ୨୫।୧୧(ପି.ଟି.)

ଅଧିନାୟକ ବିରାଟ କୋହଲିଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକ ସାଙ୍ଗକୁ କ୍ରୁନାଲ ପାଣ୍ଡ୍ୟାଙ୍କ ଚମତ୍କାର ବୋଲିଂ ବଳରେ ଭାରତ ରବିବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ୬ ଉଇକେଟ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ବିରାଟ ବାହିନୀ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ୧-୧ରେ ଡ୍ର' ରଖିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୪ ରନରେ ଜିତିଥିବାବେଳେ ୨ୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଶିଖର ଧାୱନ ମ୍ୟାନ୍ ଅଫ୍ ଦି ସିରିଜ (ମୋଟ୍ ୧୧୭ ରନ) ଓ କ୍ରୁନାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ (୪ ଉଇକେଟ୍) ପୁରସ୍କାର ହାସଲ କରିଥିଲେ। ଦୁଇ ଦଳ ମଧ୍ୟରେ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ସିରିଜରେ ଭାରତ ୧-୦ରେ ପଛୁଆ ରହିଥିବାରୁ ରବିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ୩ୟ ଟି୨୦ ମ୍ୟାଚ୍ ଭାରତ ପାଇଁ ଜିତିବା ନିହାତି ଜରୁରୀ ଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପାଇଁ ଦୁଇ ଓପନର ଆରୋନ୍ ଫିଞ୍ଚ୍ ଓ ଡି ଆର୍ସି ଶର୍ଟ ପ୍ରଥମ ଉଇକେଟ୍ ଯୋଡ଼ିରେ ୬୮ ରନ ଭାଗୀଦାରି କରି ଭଲ ପ୍ରାରମ୍ଭ ଦେଇଥିଲେ। ତେବେ ୯ମ ଓଭରରେ କୁଲଦୀପ୍ ଯାଦବ ଅଧିନାୟକ ଫିଞ୍ଚ୍‌ଙ୍କୁ (୨୮ ରନ, ୨୩ ବଲ) ଏଲ୍‌ବିଡବ୍ଲ୍ୟୁ କରି ଭାରତକୁ ବହୁପ୍ରତୀକ୍ଷିତ ଉଇକେଟ୍ ଭେଟି ଦେଇଥିଲେ। ଏହାପର ଓଭରର ପ୍ରଥମ ୨ଟି ବଲରେ ବାମହାତୀ ସ୍ପିନର କ୍ରୁନାଲ ଅନ୍ୟତମ ଓପନର୍ ଡି ଆର୍ସି ଶର୍ଟ (୩୩ ରନ, ୨୯ ବଲ୍) ଓ ବେନ୍ ମ୍ୟାକ୍‌ଡେର୍ମଟ୍ଟଙ୍କୁ (୦) ଆଉଟ୍ କରି ଭାରତ ପାଇଁ ଡବଲ୍ ସଫଳତା ଆଣିଦେଇଥିଲେ। କ୍ରୁନାଲ ତାଙ୍କ ପରବର୍ତ୍ତୀ ଦୁଇ ଓଭରରେ ଯଥାକ୍ରମେ ବିସ୍ଫୋରକ ଗ୍ଲେନ ମ୍ୟାକ୍ସୱେଲ (୧୩ ରନ) ଓ ଉଇକେଟ୍‌କିପର ଆଲେକ୍ସ କେରୀ (୨୭ ରନ, ୧୯ ବଲ୍)ଙ୍କୁ ଆଉଟ୍ କରିବା ଫଳରେ ଅଷ୍ଟ୍ରେଲିଆ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୬ ଉଇକେଟ୍ ହରାଇ ୧୬୪ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ ୨୫ ଓ ନାଥନ କଲ୍ଟର-ସିଲ୍ ୧୩ ରନ କରି ଅପରାଜିତ ରହିଥିଲେ। ସଫଳ ବୋଲର ଭାବେ କ୍ରୁନାଲ ନିଜ ୪ ଓଭର କୋଟାରେ ୩୬ ରନ ବ୍ୟୟ କରି ୪ଟି ଉଇକେଟ୍ ନେଇଥିଲେ।




ବିଜୟ ସୂଚକ ରନ୍ ସ୍କୋର ପରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

- ■ ଅଷ୍ଟ୍ରେଲିଆ ଇନିଂସ- ୧୬୪/୬, ୨୦ ଓଭର (ଫିଞ୍ଚ୍ ୨୮, ମ୍ୟାକ୍ସୱେଲ ୧୩, କ୍ରିସ ଲିନ୍ ୧୩, ଶର୍ଟ ୩୩, କ୍ରୁନାଲ ୪/୩୬, କୁଲଦୀପ୍ ୧/୧୯)।
- ■ ଭାରତ ଇନିଂସ- ୧୬୮/୪, ୧୯.୪ ଓଭର (ବିରାଟ ୬୪*, କାର୍ତ୍ତିକ ୨୨*, ରିଷଭ ପନ୍ତ ୦, ଲୋକେଶ ରାହୁଲ ୧୪, ମ୍ୟାକ୍ସୱେଲ ୧/୨୫)।

୧୬୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲା। ଦୁଇ ଓପନର୍ ଧାୱନ (୪୧ ରନ, ୨୨ ବଲ୍, ୬ ଚୌକା, ୨ ଛକା) ଓ ରୋହିତ୍ ଶର୍ମା (୨୩ ରନ, ୧୬ ବଲ) ୩୩ ବଲରୁ ୬୭ ରନ ସଂଗ୍ରହ କରି ଭାରତର ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୮ଟି ବଲ ଅନ୍ତରରେ ଉଭୟ ଆଉଟ୍ ହେବାରୁ ଭାରତ ସାମାନ୍ୟ ଚାପକୁ ଚାଲିଆସିଥିଲା। କିନ୍ତୁ ଅଧିନାୟକ କୋହଲି ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ୨ଟି ବଲ ପୂର୍ବରୁ ବିଜୟୀ କରାଇଥିଲେ। ଅନ୍ତିମ ଓଭରରେ ୫ ରନ ଆବଶ୍ୟକ ହେଉଥିବାବେଳେ ଆଣ୍ଡ୍ରିଉ ଟାଇଙ୍କ ୪ଟି ବଲରୁ କୋହଲି ୮ ରନ ସଂଗ୍ରହ କରିଥିଲେ। କୋହଲି ୪୧ ବଲରୁ ୪ ଚୌକା ଓ ୨ ଛକା ସହାୟତାରେ ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବାବେଳେ ତାଙ୍କୁ ଦୀନେଶ କାର୍ତ୍ତିକ (ଅପରାଜିତ ୨୨ ରନ, ୧୮ ବଲ) ଉପଯୁକ୍ତ ସହାୟତା କରିଥିଲେ।

### ଅଷ୍ଟ୍ରେଲିଆରେ କ୍ରୁନାଲଙ୍କ ରେକର୍ଡ

ସିଡ୍‌ନୀ,୨୫।୧୧- ଭାରତୀୟ ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟା ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଟି୨ ମ୍ୟାଚ୍‌ରେ ରେକର୍ଡ କରିଛନ୍ତି। ସେ ନିଜ କୋଟାର ୪ ଓଭର ବୋଲିଂ କରି ୩୬ ରନ୍ ବ୍ୟୟ କରି ୪ ଉଇକେଟ ନେଇଛନ୍ତି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଏହା ଯେକୌଣସି ଭାରତୀୟ ସ୍ପିନରଙ୍କ ଲାଗି ଶ୍ରେଷ୍ଠ ପ୍ରଦର୍ଶନ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ